# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨/୨୦୨୪ (୧୪ ପୃଷ୍ଠା) Bhubaneswar, Tuesday, July 2/2024 Page 14 ₹ 7.00 | RAYAGADA

୫୦ଶ ଭାଗ ୨୧୮ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 50 ISSUE 218 ମୂଲ୍ୟ ₹୭/-




## ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମସ୍ୟା ଶୁଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୭(ଅନିଲ ଦାସ)

ଜୁଲାଇ ପହିଲା ପ୍ରଥମ ସୋମବାର ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣି ସମାଧାନର ରାସ୍ତା ଖୋଲିଛନ୍ତି। ଲୋକଙ୍କ ଅଭିଯୋଗ ମୁଖ୍ୟମନ୍ତ୍ରୀ ଶୁଣିବା ସହିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଉଥାନ୍ତି ଓ ତୁରନ୍ତ ସମାଧାନ ହେଉଥାଏ। ସମସ୍ତେ ଖୁସିରେ ଫେରୁଥାନ୍ତି। ସମସ୍ତଙ୍କ ଆଖିରେ ଥିଲା ସରକାରଙ୍କ ଉପରେ ବିଶ୍ୱାସ ଓ ଭରସାର ଝଲକ।

### ୧୬ ବର୍ଷ ପରେ ହେଲା ଶୁଣାଣି

ସୂଚନାଯୋଗ୍ୟ, ଦୀର୍ଘ ୧୬ ବର୍ଷ ପରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ଗୁହାରି ତାଙ୍କ ପ୍ରକୋଷ୍ଠରେ ଶୁଣାଣି କରିଛନ୍ତି।

ପ୍ରାୟ ୧ ହଜାରରୁ ଅଧିକ ଲୋକ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ସେମାନଙ୍କ ସମସ୍ୟା କହିଛନ୍ତି। ଗଭୀର ମନଯୋଗରେ ସମସ୍ତଙ୍କ ସମସ୍ୟା ଶୁଣି ମୁଖ୍ୟମନ୍ତ୍ରୀ ଏହାର ସମାଧାନ ପାଇଁ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଥାଆନ୍ତି ଜଣେ ବୟସ୍କା ମହିଳା ସରସ୍ୱତୀ ତ୍ରିପାଠୀ। ତାଙ୍କର ପିଲାମାନେ ☞ପୃଷ୍ଠା-୪

# ରାହୁଲ-ମୋଦି ମୁହାଁମୁହିଁ

ନୂଆଦିଲ୍ଲୀ,୧।୭(ପି.ଟି.)

### ହିନ୍ଦୁ ମନ୍ତବ୍ୟ

- ହିନ୍ଦୁଧର୍ମ ଭୟ, ଘୃଣା, ମିଥ୍ୟା ପ୍ରଚାର କରି ନ ଥାଏ: ରାହୁଲ
- ସମଗ୍ର ହିନ୍ଦୁ ସମାଜକୁ ହିଂସ୍ର କହିବା ଗମ୍ଭୀର ପ୍ରସଙ୍ଗ: ମୋଦି

ହିନ୍ଦୁଧର୍ମ ଭୟ, ଘୃଣା ଓ ମିଥ୍ୟା ପ୍ରଚାର କରି ନ ଥାଏ ବୋଲି ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଭାଜପାକୁ ଉପଲକ୍ଷ୍ୟ କରି ସେ କହିଛନ୍ତି, ଯେଉଁମାନେ ନିଜକୁ ହିନ୍ଦୁ ବୋଲି କହୁଛନ୍ତି, ସେମାନେ ହିଂସା ଓ ଘୃଣାଭାବ ପ୍ରଦର୍ଶନ କରିଚାଲିଛନ୍ତି। ବିରୋଧୀ ଦଳ ନେତାଙ୍କ ଏଭଳି ମନ୍ତବ୍ୟକୁ ଶାସକ ଦଳ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନରୁ ଉଠି ତାଙ୍କୁ ସମାଲୋଚନା କରିଛନ୍ତି। ରାହୁଲ ଯେଉଁଭଳି ଭାବେ ସମ୍ପୂର୍ଣ୍ଣ ହିନ୍ଦୁ ସମାଜକୁ ହିଂସ୍ର ବୋଲି କହିଛନ୍ତି, ତାହା ଏକ ଗମ୍ଭୀର ପ୍ରସଙ୍ଗ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାହୁଲ ଭାଷଣ ଦେଉଥିବା ବେଳେ ମୋଦି ସେଥିରେ ହସ୍ତକ୍ଷେପ କରିବା ଓ ଉଭୟ ମୁହାଁମୁହିଁ ହେବା ଭଳି ସ୍ଥିତି ଉପୁଜିଥିବାରୁ ତାହାକୁ ନେଇ ଚାରିଆଡ଼େ ଚର୍ଚ୍ଚା ସର୍ବୋଚ୍ଚରେ ପହଞ୍ଚିଛି।

ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତି କରିଥିବା ସମ୍ବୋଧନ ପରିପ୍ରେକ୍ଷୀରେ ସୋମବାର ଅନୁଷ୍ଠିତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ରାହୁଲ ଦେଇଥିବା ମନ୍ତବ୍ୟ ଗୃହରେ ଝଡ଼ ସୃଷ୍ଟି କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଇସ୍‌ଲାମ, ଖ୍ରୀଷ୍ଟ, ବୌଦ୍ଧ, ଜୈନ ଓ ଶିଖ୍ ଆଦି ଧର୍ମରେ ସାହସ ବା ବୀରତ୍ୱ ପ୍ରଦର୍ଶନ କରାଯାଇ ନିର୍ଭୟ ରହିବା ଉପରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଭାଜପା ବ୍ୟବସ୍ଥିତ ଢଙ୍ଗରେ ସମ୍ବିଧାନ ଓ ଭାରତର ମୌଳିକ ଢାଞ୍ଚା ଉପରେ ଆକ୍ରମଣ ☞ପୃଷ୍ଠା-୪



ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

(ସ୍ୱତନ୍ତ୍ର ସଂଖ୍ୟା: ପୃଷ୍ଠା-୫)

**ଆଜିର ସମ୍ପାଦକୀୟ**

**କେତେ ନୂଆ ଆଇନ**

## ଆର୍‌ଏସ୍‌ପିରେ ଗ୍ୟାସ ଲିକ୍: ୯ ଅସୁସ୍ଥ

ରାଉରକେଲା,୧।୭(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ସୋମବାର ପୂର୍ବାହ୍ନରେ ଗ୍ୟାସ ଲିକ ହୋଇ ୯ ଜଣ କର୍ମଚାରୀ ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ଆର୍‌ଏସ୍‌ପିର ସିନିୟର ମ୍ୟାନେଜର ଜୟନାରାୟଣ ବାରିକ, ସୁପରଭାଇଜର ଦୁଃଖୀଶ୍ୟାମ ଦାସ, ପ୍ରଦୀପ ସାହୁ, ଠିକା ସଂସ୍ଥା ଟିପିଏଲ୍‌ର ରାଜୁ ମାଇତି, ପି.କେ. କୁଜୁର, ଶାନ୍ତନୁ ନାୟକ, ସୁରଜ ଛତ୍ରିଆ, ମେସର୍ସ ଏସ୍.କେ ଗୌଡ଼ (କମ୍ପାନୀ)ର ମହିଳା କର୍ମଚାରୀ ଲକ୍ଷ୍ମୀ ସିଂହ, ପାନା ସୋରେନ୍। ଅସୁସ୍ଥଙ୍କୁ ପ୍ରଥମେ କାରଖାନା ମଧ୍ୟରେ ଥିବା ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ସେଠାରେ ଲକ୍ଷ୍ମୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବାରୁ ତାଙ୍କୁ ଛାଡି ଦିଆଯାଇଥିଲା। ଅନ୍ୟ ୮ ଜଣଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ରେ ଭର୍ତ୍ତି କରାଯାଇଛି। ସେଥିରୁ ୨ ଜଣ ଆଇସିୟୁରେ ଥିବା ବେଳେ ଅନ୍ୟ ୬ ଜଣଙ୍କୁ ଜେନେରାଲ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର କହିଛନ୍ତି। ଅସୁସ୍ଥଙ୍କ ମଧ୍ୟରେ ☞ପୃଷ୍ଠା-୪


ସର୍ବଜନାଦୃତ ମାସିକ ଓଡ଼ିଆ ପତ୍ରିକା

କାଦମ୍ବିନୀ

ପ୍ରିୟ ପାରିବାରିକ ବନ୍ଧନ: ଆମର, ଆପଣମାନଙ୍କର, ଆମ ସମସ୍ତଙ୍କର

୨୫ ବର୍ଷ କାଦମ୍ବିନୀ

ମୋ ଭାଷା, ମୋ ପରିଚୟ!



ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି

ଶ୍ରୀଯୁକ୍ତ ରଘୁବର ଦାସ

ମାନ୍ୟବର ରାଜ୍ୟପାଳ, ଓଡ଼ିଶା

ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରତିଷ୍ଠିତ ଓ ବିଶିଷ୍ଟ ସାହିତ୍ୟିକା ଡ. ଇତି ସାମନ୍ତଙ୍କ ଦ୍ୱାରା ସମ୍ପାଦିତ ୨୦୦୦ ମସିହାରୁ ପ୍ରତି ମାସରେ ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇଆସୁଛି ସର୍ବାଧିକ ପ୍ରସାରିତ, ସର୍ବଜନାଦୃତ ମାସିକ ଓଡ଼ିଆ ପତ୍ରିକା 'କାଦମ୍ବିନୀ'। ପ୍ରକାଶ ଆରମ୍ଭରୁ 'କାଦମ୍ବିନୀ' ଓଡ଼ିଆ ଭାଷା-ସାହିତ୍ୟ, କଳା-ସଂସ୍କୃତି, ସର୍ବୋପରି ଓଡ଼ିଆ ଅସ୍ମିତା ପ୍ରତି ପୂର୍ଣ୍ଣ ସମର୍ପିତ ରହି ବ୍ୟାପକ କାର୍ଯ୍ୟକ୍ରମମାନ କରିଆସୁଛି। ଆପଣମାନଙ୍କର ପ୍ରିୟ ପତ୍ରିକା 'କାଦମ୍ବିନୀ' ସଫଳତାର ସହିତ ପଚିଶ ବର୍ଷରେ ପଦାର୍ପଣ କରି ରୌପ୍ୟଜୟନ୍ତୀ ପାଳନ କରୁଛି। ଆମ ଭାଷା-ସାହିତ୍ୟ, କଳା-ସଂସ୍କୃତି ପାଇଁ ଏହା ଅତ୍ୟନ୍ତ ଗର୍ବ ଓ ଗୌରବର କଥା।

୨ ଜୁଲାଇ ୨୦୨୪ (ମଙ୍ଗଳବାର), ସକାଳ ୧୦ଟାରୁ ସନ୍ଧ୍ୟା ୫ଟା
ସ୍ଥାନ: ମେ ଫେୟାର୍ କନ୍‌ଭେନ୍‌ସନ୍, ଭୁବନେଶ୍ୱର



DSPL - 32

ଓଡ଼ିଶା ସରକାର



୭୫ତମ ବନମହୋତ୍ସବ ପାଳନ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ବାର୍ତ୍ତା

୭୫ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ରାଜ୍ୟବାସୀଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

ବୃକ୍ଷ ହିଁ ଜୀବନ । ଜଙ୍ଗଲ ଆମର ମା । ମା ଧରିତ୍ରୀର ସୁରକ୍ଷା ଜଙ୍ଗଲ ସୁରକ୍ଷା ଓ ପ୍ରଚୁର ବୃକ୍ଷରୋପଣ ମାଧ୍ୟମରେ ସମ୍ଭବ । ଆଜି ଦିନରେ ଆମର ବିଶ୍ୱ ଜଳବାୟୁ ପରିବର୍ତ୍ତନର ବିଭୀଷିକାକୁ ସାମ୍ନା କରୁଛି । ଏହି ସମୟରେ ବୃକ୍ଷକୁ ଭଗବାନ ଭାବରେ ପୂଜା କରୁଥିବା ଭାରତୀୟ ଓ ଓଡ଼ିଆ ସମାଜର ଯୁଗଯୁଗ ଧରି ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱକୁ ପୁଣି ଆହୁରି ଗୁରୁତ୍ୱର ସହ ନେବାର ସମୟ ଆସିଛି । ବୃକ୍ଷ ତାପମାତ୍ରା ନିୟନ୍ତ୍ରଣ ସହ ବର୍ଷାକୁ ଆକର୍ଷଣ କରିବାର ଶକ୍ତି ରଖୁଛି । ବାୟୁମଣ୍ଡଳର ଅମ୍ଳଜାନ ସ୍ତରକୁ ବୃଦ୍ଧି କରି ପରିବେଶ ପ୍ରଦୂଷଣ ମୁକ୍ତ କରୁଛି । ଆମ ରାଜ୍ୟର ଅନେକ ଜିଲ୍ଲାରେ ଆଦିବାସୀ ଭାଇଭଉଣୀମାନଙ୍କର ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିପଣନ ଆଧାରରେ ଦୁଇପଇସା ରୋଜଗାର ପରିବାର ପ୍ରତିପୋଷଣର ବଡ଼ ମାଧ୍ୟମ ।

ଜନସାଧାରଣଙ୍କୁ ଜଙ୍ଗଲ ସମ୍ପଦର କ୍ରମ ଅଭିବୃଦ୍ଧି ସକାଶେ ବନୀକରଣର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବା ପାଇଁ ଚଳିତ ବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ବର୍ଷାଋତୁରେ ରାଜ୍ୟବ୍ୟାପୀ ବନମହୋତ୍ସବ ପାଳନ କରାଯାଉଛି । ଏହି ଅବସରରେ ସାରା ରାଜ୍ୟରେ ବ୍ୟାପକ ବୀନକରଣ କରାଯିବାର ପ୍ରସ୍ତାବ ରହିଅଛି ।

ନୂଆ ସରକାର ଜନସାଧାରଣଙ୍କର ସହଯୋଗରେ ରାଜ୍ୟରେ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ପାଇଁ ନିରନ୍ତର ପ୍ରୟାସ କରିବେ । ଚଳିତ ବର୍ଷ ରାଜ୍ୟ ସରକାର ବିଭିନ୍ନ ବନୀକରଣ ଯୋଜନା ମାଧ୍ୟମରେ ବହୁଳ ସଂଖ୍ୟାରେ ଜଙ୍ଗଲ କିସମ ବୃକ୍ଷ, ଔଷଧୀୟ ବୃକ୍ଷ, ବନ୍ୟଜନ୍ତୁ ଖାଦ୍ୟ ଉପଯୋଗୀ ବୃକ୍ଷ, ସୌନ୍ଦର୍ଯ୍ୟ ବର୍ଦ୍ଧକ ବୃକ୍ଷ, ଅର୍ଥକରୀ ବୃକ୍ଷ ଇତ୍ୟାଦି ରୋପଣ ସହିତ ବୃକ୍ଷଚାରା ବଣ୍ଟନ କରି ଜଙ୍ଗଲ ମଧ୍ୟରେ ଏବଂ ଅଣଜଙ୍ଗଲ ଜମିରେ ସବୁଜ ବଳୟ ସୃଷ୍ଟି କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ ।

ମାନ୍ୟବର ପ୍ରଧାନମନ୍ତ୍ରୀ ମଧ୍ୟ ଚଳିତ ବିଶ୍ୱ ପରିବେଶ ଦିବସରେ ***ଏକ ପେଡ୍ ମା କେ ନାମ୍*** ଅଭିଯାନ ଆରମ୍ଭ କରିଛନ୍ତି । ଏହି ଅଭିଯାନ ମାଧ୍ୟମରେ ସେ ସମସ୍ତ ଦେଶବାସୀଙ୍କୁ ନିଜ ନିଜ ମା'ଙ୍କ ନାମରେ ବୃକ୍ଷରୋପଣ କରିବା ସହ ନିଜ ନିଜର ଫଟୋ, #Plant4Motherରେ ଦେବା ପାଇଁ ଅନୁରୋଧ କରିଛନ୍ତି । ତେଣୁ ମୁଁ ରାଜ୍ୟବାସୀଙ୍କୁ ଅନୁରୋଧ କରିବି, ଆମେ ବନମହୋତ୍ସବ ଉପଲକ୍ଷେ ବହୁଳ ଭାବେ ଗଛ ଲଗାଇ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ଏହି ଅଭିଯାନକୁ ମଧ୍ୟ ସଫଳ କରିବା ।

ଆସନ୍ତୁ, ଅଧିକରୁ ଅଧିକ ଗଛ ଲଗାଇ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଓଡ଼ିଶା ସରକାର



ବାର୍ତ୍ତା

ଚଳିତ ୭୫ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ମୋର ରାଜ୍ୟବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

ବିଶ୍ୱ ତାପନ, ଜଳବାୟୁରେ ପରିବର୍ତ୍ତନ ଆଜି ଏକ ସଙ୍କଟ ଭାବେ ଉଭା ହୋଇଛି । ଆମ ଦେଶ ତଥା ଆମ ରାଜ୍ୟ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ଏପରି ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷରୋପଣ କରି ଜଙ୍ଗଲ ସଂପଦର ଅଭିବୃଦ୍ଧି ଅପରିହାର୍ଯ୍ୟ ହୋଇପଡ଼ିଛି । ତେଣୁ ଆମମାନଙ୍କର କର୍ତ୍ତବ୍ୟ ହେଉଛି, ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହିତ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି କରିବା ଏବଂ ତାର ସୁରକ୍ଷା କରିବା । ସେଥିପାଇଁ ବ୍ୟାପକ ବୃକ୍ଷରୋପଣ କରି କ୍ଷୟଶୀଳ ଅରଣ୍ୟ ସମ୍ପଦର ପୁନରୁଦ୍ଧାର ଅପରିହାର୍ଯ୍ୟ ହୋଇପଡ଼ିଛି ।

ଚଳିତ ବର୍ଷ ଜୁଲାଇ ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳନ ଅବସରରେ ବ୍ୟାପକ ବନୀକରଣ କରାଯିବାର ପ୍ରସ୍ତାବ ରହିଅଛି । ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ବ୍ୟାପକ ବୃକ୍ଷରୋପଣ କରାଯାଉଛି । ଆମ ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର କ୍ରମାଗତ ଭାବେ ବୃଦ୍ଧି ଘଟୁଅଛି । ବିଭିନ୍ନ ବନୀକରଣ ଯୋଜନା ଯଥା-ଉଜୁଡ଼ା ଜଙ୍ଗଲ ଜମିର ପୁନରୁଦ୍ଧାର, କୃତ୍ରିମ ଜଙ୍ଗଲ, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ଇତ୍ୟାଦି ମାଧ୍ୟମରେ ବ୍ୟାପକ ବୃକ୍ଷରୋପଣର ଯୋଜନା କରାଯାଇଅଛି । ଏହିସବୁ ଯୋଜନା ମାଧ୍ୟମରେ ବନୀକରଣ ପାଇଁ ୨୧୬.୬୨ ଲକ୍ଷ ବୃକ୍ଷଚାରା ରୋପଣ କରାଯିବା ସହ ୨୮୦.୧୫ ଲକ୍ଷ ବୃକ୍ଷଚାରା ଜନସାଧାରଣଙ୍କୁ ସ୍ୱଳ୍ପ ମୂଲ୍ୟରେ ଓ ସରକାରୀ ଅନୁଷ୍ଠାନମାନଙ୍କୁ ବିନାମୂଲ୍ୟରେ ବିତରଣ କରାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଅଛି । ତେଣୁ ଜନସାଧାରଣ ଏହାର ସୁବିଧା ଉପଲବ୍ଧ କରି ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ପାଇଁ ଯତ୍ନବାନ ହେବେ ।

ଏହି ଅବସରରେ, ଜନସାଧାରଣଙ୍କୁ ବ୍ୟାପକ ପରିମାଣରେ ଗଛ ଲଗାଇ ନିଜ ନିଜର ଫଟୋ, #Plant4Motherରେ ଦେଇ, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ***ଏକ ପେଡ୍ ମା କେ ନାମ୍*** ଅଭିଯାନରେ ଅଂଶଗ୍ରହଣ କରିବା ପାଇଁ ମଧ୍ୟ ଅନୁରୋଧ କରୁଅଛି ।

ଆସନ୍ତୁ ମିଳିମିଶି ଅଧିକରୁ ଅଧିକ ଗଛ ଲଗାଇବା । ପରିବେଶକୁ ସୁସ୍ଥ ଓ ସୁନ୍ଦର କରିବା ।

(ଗଣେଶ ରାମ ସିଂ ଖୁଣ୍ଟିଆ)
ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ, ଓଡ଼ିଶା

OIPR-08002/13/0002/2425

# ପ୍ରିଭେସିକୁ କ୍ଷୁଣ୍ଣ କରିବ ନୂଆ ଆଇନ

**ନୂଆଦିଲ୍ଲୀ, ୧।୭**

୨୦୨୩ରେ ପାର୍ଲାମେଣ୍ଟରେ ଗୃହୀତ ୩ ନୂଆ ଫୌଜଦାରୀ ଆଇନ ଜୁଲାଇ ପହିଲାରୁ ସାରା ଦେଶରେ କାର୍ଯ୍ୟକାରୀ ହୋଇଛି। ତେବେ ଉକ୍ତ ଆଇନଗୁଡ଼ିକରେ ରହିଥିବା ନିୟମ ନାଗରିକମାନଙ୍କ ପ୍ରିଭେସି ଏବଂ ବାକ୍ ସ୍ୱାଧୀନତା ଭଳି ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ପ୍ରତି ବିପଦ ସୃଷ୍ଟି କରିବ ବୋଲି ଆଇନ ବିଶାରଦମାନେ ମତ ଦେଉଛନ୍ତି। ଅପରାଧ ସଂହିତାର ବିଭିନ୍ନ ଦିଗକୁ ଏଥିରେ ଡିଜିଟାଇଜ୍ କରିବା ପାଇଁ ଉଦ୍ୟମ ହୋଇଛି। ସେହିପରି ଡିଜିଟାଲ ପ୍ରମାଣକୁ ସାକ୍ଷ୍ୟ ଆଇନ ଅଧୀନକୁ ଅଣାଯାଇଥିବାବେଳେ ଏଥିପାଇଁ ଆବଶ୍ୟକ ପ୍ରକ୍ରିୟାଗତ ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦିଆଯାଇ ନାହିଁ। ଆଇନରୁ 'ରାଜଦ୍ରୋହ' ଶବ୍ଦକୁ ହଟାଇ ଦିଆଯାଇଥିଲେ ମଧ୍ୟ ଅସ୍ୱଷ୍ଟ ନିୟମରୁ ସେହି ଧାରଣା ବଳବତ୍ତର ରହିଛି। ଡିଜିଟାଲ ପ୍ରମାଣର ତଲାସି ଓ ଜବତ କରିବା ସମ୍ପର୍କିତ କାର୍ଯ୍ୟନିର୍ବାହୀ କ୍ଷମତାକୁ ମଧ୍ୟ ଏଥିରେ ପ୍ରଶସ୍ତ କରିଦିଆଯାଇଛି।


ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ରେ ଥିବା ରାଜଦ୍ରୋହକୁ ଅପରାଧ ତାଲିକାରୁ ବାଦ୍ ଦିଆଯାଇଛି। ଏହାକୁ ଇଣ୍ଡିଆନ ପେନାଲ କୋଡ୍ (ଆଇପିସି)ରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ବୋଲି ସରକାର କହୁଛନ୍ତି। କାଗଜ କଲମରେ ଏହା ସତ ହୋଇଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ 'ସେଡିଶନ' (ଆଇପିସି ଦଫା ୧୨୪ଏ) ଶବ୍ଦକୁ ହଟାଇ ବିଏନ୍ଏସ୍‌ରେ ଅଧିକ କାର୍ଯ୍ୟାନୁଷ୍ଠାନଯୋଗ୍ୟ ନିୟମ ଯୋଡ଼ିଛି। ତେବେ ନୂଆ ଆଇନରେ ଏହା ଅଧିକ ଅସ୍ୱଷ୍ଟ ହୋଇଯାଇଛି। ବିଏନ୍ଏସ୍‌ରେ ଉଲ୍ଲେଖ କରାଯାଇଥିବା କ୍ଲଜ୍-୧୫୦ ଅନୁଯାୟୀ ଭାରତର ସାର୍ବଭୌମତ୍ୱ, ଏକତା ଓ ଅଖଣ୍ଡତା କ୍ଷୁଣ୍ଣ କରିବା (ଇଲେକ୍ଟ୍ରୋନିକ୍ ଯୋଗାଯୋଗ ଜରିଆରେ) ଏକ ଅପରାଧ। ଏଥିରେ ସ୍ୱଷ୍ଟତା ନ ଥିବାରୁ ଦେଶ ବିରୋଧରେ ସଶସ୍ତ୍ର ବିଦ୍ରୋହ, ବିଧ୍ୱଂସକାରୀ କାର୍ଯ୍ୟକଳାପ, ପୃଥକୀକରଣ ଓ ବିଚ୍ଛିନ୍ନତାବାଦରେ ଲିପ୍ତ ଥିବା ଅଭିଯୋଗ ଆସିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଭଳି କାର୍ଯ୍ୟାନୁଷ୍ଠାନ ମୁକ୍ତ ଅଭିବ୍ୟକ୍ତି, ଅସନ୍ତୋଷର ସ୍ୱର ଏବଂ ଗଣମାଧ୍ୟମର ସ୍ୱାଧୀନତାକୁ କ୍ଷୁଣ୍ଣ କରିବ। ଇଲେକ୍ଟ୍ରୋନିକ୍ କମ୍ୟୁନିକେଶନକୁ ନୂଆ ଆଇନରେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ବା ଅଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁଯୋଗ ମିଳିଛି। ଟେଲିକମ୍ୟୁନିକେଶନ ବିଲ୍ ୨୦୨୩ ଅନୁଯାୟୀ ନୂଆ ଆଇନ ଅନ୍‌ଲାଇନ ଯୋଗାଯୋଗ ସେବା, ହ୍ୱାଟ୍ସଆପ୍ ଭଳି ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ହେବ। ଏଥିଯୋଗୁ ପ୍ରିଭେସି (ବ୍ୟକ୍ତିଗତ ଗୋପନୀୟତା) ସୁରକ୍ଷା ସକାଶେ ଆପଣାଯାଉଥିବା ଏଣ୍ଡ୍ ଟୁ ଏଣ୍ଡ୍ ଏନ୍‌କ୍ରିପ୍‌ଶନ ଉପରେ କମ୍ପାନୀର କର୍ତ୍ତୃତ୍ୱ ରହିବ ନାହିଁ। ୟୁଜର୍ସଙ୍କ ମ୍ୟାସେଜ୍‌କୁ ନିୟନ୍ତ୍ରଣ, ବନ୍ଦ ଓ ପ୍ରଘଟ କରିବା ପାଇଁ କମ୍ପାନୀଗୁଡ଼ିକ ବାଧ୍ୟ ହେବେ, ଯାହାକି ସେଡିଶନ ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ରାୟର ବିରୁଦ୍ଧାଚରଣ ବୋଲି କୁହାଯାଉଛି।

ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍ଏସ୍ଏସ୍) ଧାରା ୯୪ ଅନୁସାରେ କୋର୍ଟ ଡିଜିଟାଲ ଏଭିଡେନ୍ସ ସମେତ କୌଣସି ପ୍ରକାର ଦସ୍ତାବିଜ୍ ବା ସାମଗ୍ରୀକୁ ତଦନ୍ତ ପାଇଁ ପ୍ରମାଣ ଭାବେ ମଗାଇପାରିବେ। ଏଭଳି ପ୍ରମାଣ ରଖିଥିବା ବ୍ୟକ୍ତି ମାମଲାରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ନ ଥିଲେ ମଧ୍ୟ ତାଙ୍କ ତଲାସୀ ନିଆଯାଇପାରିବ। ତାଙ୍କଠାରୁ ଉକ୍ତ ପ୍ରମାଣକୁ ଜବତ ମଧ୍ୟ କରାଯାଇପାରିବ। ଏପରି ହେଲେ ଜଣେ ବ୍ୟକ୍ତିଙ୍କଠାରୁ ତାଙ୍କ ବ୍ୟକ୍ତିଗତ ମୋବାଇଲ ଫୋନ୍, ଲାପ୍‌ଟପ ଓ କମ୍ପ୍ୟୁଟରକୁ ପ୍ରମାଣ ଭାବେ ଜବତ କରାଯାଇପାରିବ। ଏଜେନ୍ସିଗୁଡ଼ିକ ଏଭଳି ଇଲେକ୍ଟ୍ରୋନିକ ଉପକରଣକୁ ଯାଞ୍ଚ କରି ୟୁଜର୍ସଙ୍କ ଗୋପନୀୟ ତଥ୍ୟ ଦେଖିପାରିବେ। ସାକ୍ଷ୍ୟ ଅଧିନିୟମ ଏବଂ ବିଏନ୍ଏସ୍ଏସ୍ ଅଧୀନରେ ଡିଜିଟାଲ ରେକର୍ଡକୁ ଅନ୍ତର୍ଭୁକ୍ତ କରାଯିବା ଦ୍ୱାରା ପ୍ରିଭେସି ଉପରେ ଆକ୍ରମଣ ବଢ଼ିବ। ସାକ୍ଷ୍ୟ ଅଧିନିୟମର ଏକ ଧାରା ଅନୁଯାୟୀ ଜଣେ ପୋଲିସ ଅଫିସର ବିନା କୌଣସି ଲିଖିତ ନିର୍ଦ୍ଦେଶନାମାରେ ଡିଜିଟାଲ ଉପକରଣଗୁଡ଼ିକର ତଲାସି ନେଇପାରିବେ। ଏହାଦ୍ୱାରା ପ୍ରିଭେସିରେ ପୋଲିସର ହସ୍ତକ୍ଷେପ ଅଇନତଃ ବୈଧତା ଲାଭ କରିବ ବୋଲି ଆଶଙ୍କା କରାଯାଉଛି।

## ଆଇନକୁ ଜବରଦସ୍ତ ଗୃହୀତ କରାଯାଇଥିଲା: ଖାର୍ଗେ

### ରାଜନୈତିକ ରଙ୍ଗ ଦେବା ଠିକ୍ ନୁହେଁ: ଶାହା


ମଲ୍ଲିକାର୍ଜୁନ ଖାର୍ଗେ


ଅମିତ୍ ଶାହା

ନୂଆ ଆପରାଧିକ ଆଇନ ସୋମବାରଠାରୁ କାର୍ଯ୍ୟକାରୀ ହୋଇଥିବାରୁ ଦଣ୍ଡ ସ୍ଥାନରେ ନ୍ୟାୟ ମିଳିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ସ୍ୱାଧୀନତାର ୭୭ ବର୍ଷ ପରେ ଭାରତକୁ ସମ୍ପୂର୍ଣ୍ଣ ସ୍ୱଦେଶୀ ନ୍ୟାୟିକ ବ୍ୟବସ୍ଥା ମିଳିଛି। ଦୀର୍ଘବର୍ଷ ଧରି ଚଳିଆସୁଥିବା ବ୍ରିଟିଶ ଅମଳର ଫୌଜଦାରି ଆଇନ ରଦ୍ଦ ହୋଇଛି। ନ୍ୟାୟିକ ବ୍ୟବସ୍ଥାରେ ଭାରତୀୟ ଆତ୍ମା ଯୋଡ଼ିହୋଇଛି, ଯାହା ଦ୍ୱାରା ସବୁ ବର୍ଗ ଉପକୃତ ହୋଇପାରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଗତ ଲୋକ ସଭାରେ ୧୪୬ ଜଣ ଏମ୍‌ପିଙ୍କୁ ନିଲମ୍ବନ କରାଯାଇ ଉକ୍ତ ଆଇନକୁ ଜବରଦସ୍ତ ଗୃହୀତ କରାଯାଇଥିଲା। ଦେଶର ସଂସଦୀୟ ବ୍ୟବସ୍ଥାରେ ଏଭଳି ବୁଲ୍‌ଡୋଜର ନ୍ୟାୟକୁ ପ୍ରଚଳିତ ହେବାକୁ ଇଣ୍ଡିଆ ବ୍ଲକ୍ ଦେବ ନାହିଁ। ସେହିପରି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ନୂଆ ଆପରାଧିକ ଆଇନକୁ ନେଇ କେନ୍ଦ୍ର ସରକାରଙ୍କୁ ନିନ୍ଦା କରିଛନ୍ତି। ସରକାର ପ୍ରଚଳିତ ଆଇନକୁ ଧ୍ୱଂସ କରି ବିନା ପର୍ଯ୍ୟାପ୍ତ ବିତର୍କ ଓ ଆଲୋଚନାରେ ନୂଆ ଆଇନ ଆଣିଥିବା ସେ କହିଛନ୍ତି। କଂଗ୍ରେସ ସମେତ ବିଭିନ୍ନ ଦଳ ନୂଆ ଆଇନକୁ ବିରୋଧ କରି ପ୍ରତିକ୍ରିୟା ଦେଇଛନ୍ତି। ତେବେ ନୂତନ ଆଇନକୁ ରାଜନୈତିକ ରଙ୍ଗ ଦେବାରୁ ଦୂରେଇ ରହିବା ସହ ପ୍ରଥମେ ଏହା ଉପରେ ଆଲୋଚନା କରିବା ପାଇଁ ଶାହା ବିରୋଧୀ ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଆଲୋଚନା ଜରିଆରେ ସରକାର ବିରୋଧୀ ନେତାମାନଙ୍କ ଚିନ୍ତା ଦୂର କରିବାକୁ ପ୍ରସ୍ତୁତ ଅଛନ୍ତି। ନ୍ୟାୟ ଏବଂ ନାଗରିକମାନଙ୍କ ମର୍ଯ୍ୟାଦା ପାଇଁ ଏହି ଆଇନ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଆପଣମାନଙ୍କ ସହଯୋଗ ଜରୁରୀ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ବିରୋଧୀ ଦଳଗୁଡ଼ିକୁ କହିଛନ୍ତି।

## ସଂକ୍ଷେପରେ

### ଭିଡ଼ହିଂସା ଧାରାରେ ତ୍ରୁଟି ରହିଛି: ଝାଡ଼ଖଣ୍ଡ ହାଇକୋର୍ଟ

**ରାଞ୍ଚି, ୧।୭**

ସାରା ଦେଶରେ ୩ ନୂଆ ଆପରାଧିକ ଆଇନ ସୋମବାର ଲାଗୁ ହୋଇଛି। ଇଣ୍ଡିଆନ୍ ପେନାଲ୍ କୋଡ୍ (ଆଇପିସି) ସ୍ଥାନରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍ଏସ୍) କାର୍ଯ୍ୟକାରୀ ହୋଇଛି। ୟୁନିଭର୍ସାଲ ଲେକ୍ସିସ୍‌ନେକ୍ସିସ୍ ଦ୍ୱାରା ପ୍ରକାଶିତ ଏହାର ସଂସ୍କରଣରେ ତ୍ରୁଟି ରହିଥିବା ଜାଣିବା ପରେ ଝାଡ଼ଖଣ୍ଡ ହାଇକୋର୍ଟ ସୋମବାର ନିଜଆଡ଼ୁ ଏହାକୁ ବିଚାର ପାଇଁ ନେଇଛନ୍ତି। ଉକ୍ତ ସଂସ୍କରଣରେ ବିଏନ୍ଏସ୍‌ର ଧାରା ୧୦୩(୨)ରେ ଭିଡ଼ହିଂସା ପାଇଁ ରହିଥିବା ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ବୋଲି ଜଷ୍ଟିସ୍ ଆନନ୍ଦ ସେନ୍ ଏବଂ ସୁଭାଷ ଚାନ୍ଦଙ୍କ ଖଣ୍ଡପୀଠ କହିଛନ୍ତି। ନୂତନ ଆଇନର ଧାରା ୧୦୩(୨) ଅନୁଯାୟୀ ୫ କିମ୍ବା ଅଧିକ ଲୋକ ସଂଘବଦ୍ଧ ହୋଇ ଜାତି, ଧର୍ମ କିମ୍ବା ସମ୍ପ୍ରଦାୟ, ଲିଙ୍ଗ, ଜନ୍ମସ୍ଥାନ, ଭାଷା, ବ୍ୟକ୍ତିଗତ ବିଶ୍ୱାସ କିମ୍ବା ଅନ୍ୟ କୌଣସି ଅନୁରୂପ କାରଣ ପାଇଁ ହତ୍ୟାକାଣ୍ଡ ଘଟାଇଥିଲେ, ଉକ୍ତ ଗ୍ରୁପ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ମୃତ୍ୟୁଦଣ୍ଡ ଅଥବା ଆଜୀବନ ଜେଲଦଣ୍ଡ ସହ ଅର୍ଥଦଣ୍ଡ କରାଯିବ। ତେବେ ଲେକ୍ସିସ୍‌ନେକ୍ସିନ ସଂସ୍କରଣରେ 'ଅନ୍ୟ କୌଣସି ଅନୁରୂପ କାରଣ' ସ୍ଥାନରେ 'ଅନ୍ୟ କୌଣସି କାରଣ' ଲେଖାଯାଇଛି। ଏହି ତ୍ରୁଟିର ଗମ୍ଭୀର ପରିଣାମ ହୋଇପାରେ ବୋଲି ଅନୁଭବ କରି ଖଣ୍ଡପୀଠ ପୁସ୍ତକର ପ୍ରକାଶକଙ୍କୁ ଜାତୀୟ ତଥା ଆଞ୍ଚଳିକ ଖବରକାଗଜରେ ସଂଶୋଧନ ଛାପିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ପରୀକ୍ଷଣ ବେଳେ ଚାଇନାର 'ତିଆନ୍‌ଲଙ୍ଗ୍-୩' ରକେଟ ଦୁର୍ଘଟଣାଗ୍ରସ୍ତ



**ବେଜିଂ, ୧।୭**

ଚାଇନାର ସ୍ପେସ୍ ପାୟୋନିଅର କମ୍ପାନୀ ଦ୍ୱାରା 'ତିଆନ୍‌ଲଙ୍ଗ୍-୩' ରକେଟକୁ ସୋମବାର ପରୀକ୍ଷଣ କରାଯାଉଥିବାବେଳେ ଏହା ହଠାତ୍ ଉତ୍କ୍ଷେପିତ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉକ୍ତ ରକେଟଟି ଲଞ୍ଚ୍‌ପ୍ୟାଡ୍‌ରୁ ଅଲଗା ହେବା ସହ ଆକାଶରେ ଦ୍ରୁତବେଗରେ ଗତିକରି ମଧ୍ୟ ଚାଇନାର ହେନାନ୍ ପ୍ରଦେଶର ଗୋଙ୍ଗି ସହରରେ ଥିବା ଏକ ପାର୍ବତ୍ୟାଞ୍ଚଳରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରାଥମିକ ତଦନ୍ତରୁ କେହି ଆହତ ହୋଇ ନ ଥିବା ସ୍ପେସ୍ ପାୟୋନିଅର କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଦୁର୍ଘଟଣାଗ୍ରସ୍ତ 'ତିଆନ୍‌ଲଙ୍ଗ୍-୩' ଏକ ତରଳ ବାହକ ରକେଟ ହୋଇଥିବାବେଳେ ଇଣ୍ଟରନେଟ ନେଟ୍‌ୱର୍କ ନିର୍ମାଣରେ ସାହାଯ୍ୟ କରିବା ପାଇଁ ଏହାକୁ ପ୍ରସ୍ତୁତ କରାଯାଇଥିଲା। ଗତ ଏପ୍ରିଲ ୨୦୨୩ରେ ସ୍ପେସ୍ ପାୟୋନିଅର ପକ୍ଷରୁ ସଫଳତାର ସହ 'ତିଆନ୍‌ଲଙ୍ଗ୍-୨' ରକେଟକୁ ଉତ୍କ୍ଷେପଣ କରାଯାଇଥିଲା। ସୂଚନାଯୋଗ୍ୟ, ଚାଇନାର 'ଚାଙ୍ଗ୍'ଇ-୬' ମହାକାଶ ଯାନ ଚନ୍ଦ୍ରରୁ ମାଟି ଓ ପଥର ଖଣ୍ଡ ଆଣି ପୃଥିବୀପୃଷ୍ଠକୁ ଫେରିବାର କିଛିଦିନ ପରେ ଏହି ଦୁର୍ଘଟଣା ଘଟିଛି।

## ବିଏନ୍ଏସ୍ଏସ୍‌ରେ ପୋଲିସ ରିମାଣ୍ଡ ଅବଧି ୧୫ଦିନ

ନୂଆ ଫୌଜଦାରି ଆଇନ ଭାରତୀୟ ନ୍ୟାୟ ସଂହିତା(ବିଏନ୍ଏସ୍), ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍ଏସ୍ଏସ୍) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ(ବିଏସ୍ଏ) ସୋମବାରଠାରୁ ସାରା ଦେଶରେ ଲାଗୁ ହୋଇଛି। ଏହି ଆଇନରେ ପୋଲିସ ରିମାଣ୍ଡ କ୍ଷେତ୍ରରେ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ପୋଲିସ ରିମାଣ୍ଡ ସର୍ବାଧିକ ୧୫ଦିନ ରହିଥିବାବେଳେ ନୂଆ ଆଇନରେ ମଧ୍ୟ ୧୫ଦିନ ରହିଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସ୍ୱଷ୍ଟ କରିଛନ୍ତି।

ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶାହା ପୋଲିସ ରିମାଣ୍ଡ ଅବଧିକୁ ନେଇ ସୃଷ୍ଟ ଦ୍ୱନ୍ଦ୍ୱକୁ ଦୂର କରି କହିଛନ୍ତି, ପୂର୍ବ ଆଇନ ଅନୁସାରେ କୌଣସି ଅଭିଯୁକ୍ତ ପୋଲିସ ରିମାଣ୍ଡରେ ଥିବା ସମୟରେ ଯଦି ଶାରୀରିକ ଅସୁସ୍ଥତା କାରଣରୁ ହସ୍ପିଟାଲରେ ୧୫ଦିନ ପର୍ଯ୍ୟନ୍ତ ଭର୍ତ୍ତି ହେଉଥିଲେ, ତାଙ୍କୁ ପୋଲିସ କୌଣସି ଜେରା କରିପାରୁ ନ ଥିଲା। ସେ କ୍ଷେତ୍ରରେ ପୋଲିସ ଉକ୍ତ ଅଭିଯୁକ୍ତଙ୍କୁ ଆଉ ରିମାଣ୍ଡରେ ନେଇ ପାରୁ ନ ଥିଲା। ମାତ୍ର ଏବେ ନୂଆ ଆଇନ ଅନୁସାରେ ପୋଲିସ ୬୦ଦିନ ମଧ୍ୟରେ ରିମାଣ୍ଡ ସୁବିଧା ନେଇପାରିବେ ବୋଲି ଶାହା କହିଛନ୍ତି। ପୋଲିସ ରିମାଣ୍ଡ ଅବଧି ପନ୍ଦର ଦିନ ମଧ୍ୟରେ ସୀମିତ ରଖାଯାଇଥିଲେ ସୁଦ୍ଧା ପୋଲିସ ତଦନ୍ତର ୬୦ଦିନ ମଧ୍ୟରେ ଯେକୌଣସି ସମୟରେ ରିମାଣ୍ଡ ପାଇଁ ଆବେଦନ କରିପାରିବେ। ବିଚାର ଚାଲିଥିବାବେଳେ ମାଜିଷ୍ଟ୍ରେଟଙ୍କ ଅନୁମତି ନେଇ ପୋଲିସକୁ ଅଧିକ ତଦନ୍ତ କରିବାର କ୍ଷମତା ମଧ୍ୟ ଦିଆଯାଇଛି। ଏଭଳି କ୍ଷମତାର ଅନେକ କ୍ଷେତ୍ରରେ ଦୁରୁପଯୋଗ ହେବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଆଇନବିଷାରଦ ମତ ପ୍ରକାଶ କରିଛନ୍ତି।

## ନୂଆ ଆଇନରେ ପ୍ରଥମ ଏତଲା ଗ୍ୱାଲିୟରରେ

**ନୂଆଦିଲ୍ଲୀ, ୧।୭**

ନୂଆ ଆପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବା ପରେ ଶୁକ୍ରବାର ୧୨ଟା ୧୦ ମିନିଟରେ ମଧ୍ୟପ୍ରଦେଶର ଗ୍ୱାଲିୟରରେ ପ୍ରଥମ ଏତଲା ଏକ ମୋଟରସାଇକେଲ ଚୋରି ମାମଲାରେ ଦାଏର ହୋଇଛି। ନୂଆଦିଲ୍ଲୀ ରେଳଷ୍ଟେଶନ ନିକଟ କମଳା ମାର୍କେଟରେ ରାସ୍ତା ଅବରୋଧ କରିଥିବା ଜଣେ ରାସ୍ତାପାର୍ଶ୍ୱ ବ୍ୟବସାୟୀଙ୍କ ନାଁରେ ପ୍ରଥମ ଏତଲା ହୋଇଥିବା ପୂର୍ବରୁ ପ୍ରକାଶ ପାଇଥିଲା। ଗଣମାଧ୍ୟମ ସହ ଯୋଗାଯୋଗ କରିବା ପରେ ନୂଆ ଆଇନରେ ଗ୍ୱାଲିୟରରେ ପ୍ରଥମ ମାମଲା ରୁଜୁ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସ୍ୱଷ୍ଟ କରିଛନ୍ତି। ଦିଲ୍ଲୀ ପୋଲିସ ପ୍ରାଥମିକ ତଦନ୍ତ ପରେ ଷ୍ଟ୍ରିଟ୍ ଭେଣ୍ଡରଙ୍କ ବିରୋଧରେ ଦାଏର ଏତଲାକୁ ଖାରଜ କରିଦେଇଥିବା ଶାହା କହିଛନ୍ତି।

## ଗିରଫଦାରିକୁ ହାଇକୋର୍ଟରେ କେଜରିୱାଲଙ୍କ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ, ୧।୭**

ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ହାଜତରେ ରହିଛନ୍ତି। ସେ ସୋମବାର ସିବିଆଇ ଦ୍ୱାରା ଗିରଫଦାରିକୁ ଦିଲ୍ଲୀ ହାଇକୋର୍ଟଙ୍କ ନିକଟରେ ଚ୍ୟାଲେଞ୍ଜ କରିଛନ୍ତି। ଗତ ଜୁନ୍ ୨୯ରେ ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ତାଙ୍କୁ ଜୁଲାଇ ୧୨ ପର୍ଯ୍ୟନ୍ତ ସିବିଆଇ ହାଜତକୁ ପଠାଇଥିଲେ। ଦିଲ୍ଲୀର ତଥାକଥିତ ଅବକାରୀ ନୀତିରେ ହୋଇଥିବା ଦୁର୍ନୀତି ମାମଲାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀମାନଙ୍କ ମଧ୍ୟରେ କେଜରିୱାଲଙ୍କ ନାମ ଥିବା ଦର୍ଶାଇ ଦିଲ୍ଲୀର ସ୍ୱତନ୍ତ୍ର କୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ।

## ମାନହାନି ମାମଲା: ୫୦ ଲକ୍ଷ କ୍ଷତିପୂରଣ ଦେବାକୁ ଟିଏମ୍‌ସି ନେତାଙ୍କୁ ନିର୍ଦ୍ଦେଶ


ସାକେତ୍ ଗୋଖଲେ

**ନୂଆଦିଲ୍ଲୀ, ୧।୭(ପି.ଟି.)**

ଏକ ମାନହାନି ମାମଲାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ସାକେତ୍ ଗୋଖଲେଙ୍କୁ ଏଥିପାଇଁ ପୂର୍ବତନ କୂଟନୀତିଜ୍ଞ ଲକ୍ଷ୍ମୀ ମୁର୍ଦ୍ଦେଶ୍ୱର ପୁରୀଙ୍କୁ କ୍ଷମା ମାଗିବା ସହ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଦିଲ୍ଲୀ ହାଇକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ସ୍ତ୍ରୀ ଲକ୍ଷ୍ମୀ ସୁଇଜରଲାଣ୍ଡରେ ଜମି କିଣିବା ନେଇ ଗୋଖଲେ ବିବାଦୀୟ ଟୁଇଟ୍ କରିଥିଲେ। ଏହା ବିରୋଧରେ ଜାତିସଂଘର ପୂର୍ବତନ ସହକାରୀ ମହାସଚିବ ଲକ୍ଷ୍ମୀ ହାଇକୋର୍ଟରେ ମାନହାନି ମାମଲା ଦାଏର କରିଥିଲେ।



କେନ୍ଦ୍ର ସରକାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଥିବା ପ୍ରତିବାଦରେ ସୋମବାର ପାର୍ଲାମେଣ୍ଟ ପରିସରରେ ଇଣ୍ଡିଆ ବ୍ଲକ୍‌ର ବିକ୍ଷୋଭରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମିଲ ହୋଇଛନ୍ତି।

## ସେପ୍ଟେମ୍ବର ୧୩ରେ ରିଲିଜ୍ ହେବ 'ଦି ବକିଂହାମ୍ ମର୍ଡର୍ସ'


କରୀନା କପୁର ଖାନ୍

**ମୁମ୍ବାଇ:** ହନ୍‌ସଲ ମେହତାଙ୍କ ନିର୍ଦ୍ଦେଶିତ ତଥା ଅଭିନେତ୍ରୀ କରୀନା କପୁର ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ଦି ବକିଂହାମ୍ ମର୍ଡର୍ସ'ର ରିଲିଜ୍ ତାରିଖ ସୋମବାର ଘୋଷଣା କରାଯାଇଛି। ଫିଲ୍ମ ନିର୍ମାତା ସଂସ୍ଥା ବାଲାଜୀ ମୋସନ୍ ପିକ୍ଚର୍ସ ଦ୍ୱାରା ଇନ୍‌ଷ୍ଟାଗ୍ରାମରେ ଏନେଇ ଏକ ପୋଷ୍ଟର ଜାରି କରାଯାଇ ସୂଚନା ଦିଆଯାଇଛି। ବଡ଼ ପରଦାରେ ଏହି ଚଳଚ୍ଚିତ୍ର ଚଳିତ ବର୍ଷ ସେପ୍ଟେମ୍ବର ୧୩ରେ ମୁକ୍ତିଲାଭ କରିବ। 'ଦି ବକିଂହାମ୍ ମର୍ଡର୍ସ'କୁ ଗତବର୍ଷ ଅନୁଷ୍ଠିତ ହୋଇଥିବା 'ବିଏଫ୍ଆଇ ଲଣ୍ଡନ ଚଳଚ୍ଚିତ୍ର ମହୋତ୍ସବ ୨୦୨୩'ରେ ପ୍ରଦର୍ଶିତ କରାଯାଇଥିଲା। ଏହାବ୍ୟତୀତ ଗତବର୍ଷ ଆୟୋଜିତ ହୋଇଥିବା 'ମୁମ୍ବାଇ ଫିଲ୍ମ ଫେଷ୍ଟିଭାଲ ୨୦୨୩'ରେ ଏହି ଚଳଚ୍ଚିତ୍ରର ସ୍କ୍ରିନିଂ ହୋଇଥିଲା। ଏହି ଫିଲ୍ମରେ କରୀନା ଜଣେ ମହିଳା ଗୁପ୍ତଚର ଚରିତ୍ରରେ ଅଭିନୟ କରୁଛନ୍ତି, ଯାହାଙ୍କ ନାମ ଜସ୍ ଭାମରା ରହିଛି। ସେହିପରି ଏହି ଚଳଚ୍ଚିତ୍ରରେ କରୀନା ଜଣେ ପ୍ରଯୋଜକ ଭାବରେ ମଧ୍ୟ ଡେବ୍ୟୁ କରୁଛନ୍ତି। ସେ ଶୋଭା କପୁର, ଏକତା କପୁରଙ୍କ ସହ ଏହି ଫିଲ୍ମର ସହ ନିର୍ମାତା ରହିଛନ୍ତି।

## ଏନ୍ଇଇଟି ପ୍ରସଙ୍ଗ ଆଲୋଚନା ଦାବିରେ ବିରୋଧୀଙ୍କ କକ୍ଷତ୍ୟାଗ

**ନୂଆଦିଲ୍ଲୀ, ୧।୭(ପି.ଟି.)**

ଲୋକ ସଭାରେ ସୋମବାର ବିରୋଧୀ ସଦସ୍ୟମାନେ ଏନ୍ଇଇଟି ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ସ୍ୱତନ୍ତ୍ର ଭାବେ ଗୋଟିଏ ଦିନ ଆଲୋଚନା ଦାବି କରିଥିଲେ। ଏଥିପାଇଁ ସରକାରଙ୍କଠାରୁ ସ୍ୱଷ୍ଟ ପ୍ରତିଶ୍ରୁତି ନ ମିଳିବାରୁ ସେମାନେ କକ୍ଷତ୍ୟାଗ କରିଛନ୍ତି। ନିମ୍ନ ସଦନରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏନ୍ଇଇଟି ଅନିୟମିତତା ପ୍ରସଙ୍ଗ ଉଠାଇଥିଲେ। ତେବେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଶେଷ ନ ହେବା ପର୍ଯ୍ୟନ୍ତ ଏନ୍ଇଇଟି ଉପରେ ଆଲୋଚନା ହୋଇପାରିବ ନାହିଁ ବୋଲି ଗୃହର ଉପନେତା ରାଜନାଥ ସିଂ କହିଥିଲେ। ନିଟ୍ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଏହା ଉପରେ ଆମେ ଗୋଟିଏ ଦିନ ଆଲୋଚନା ଦାବି କରୁଛୁ। ବିଭିନ୍ନ ପରୀକ୍ଷାରେ ୭୦ ଥର ପ୍ରଶ୍ନପତ୍ର ଲିକ୍ ହେଲାଣି ଏବଂ ୨ କୋଟିରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ପ୍ରଭାବିତ ହୋଇଛନ୍ତି। ତେଣୁ ଉକ୍ତ ପ୍ରସଙ୍ଗରେ ଗୋଟିଏ ଦିନ ଆଲୋଚନା ପାଇଁ ଅନୁମତି ଦେଲେ ଆମେ ଖୁସି ହେବୁ ବୋଲି ରାହୁଲ କହିଥିଲେ। ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହେବା ପରେ ଅନ୍ୟ ପ୍ରସଙ୍ଗ ଆଲୋଚନା ହେବ ବୋଲି ରାଜନାଥ କହିବାରୁ ବିରୋଧୀ ନେତାମାନେ ସରକାରଙ୍କଠାରୁ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଚାହିଁଥିଲେ। ଆଲୋଚନା ପାଇଁ ସଦସ୍ୟମାନେ ଅଲଗା ନୋଟିସ ଦେଇପାରିବେ ବୋଲି ବାଚସ୍ପତି ଓମ୍ ବିର୍ଲା କହିଥିଲେ। ଏହା ପରେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

## ଆଜି ଛାତ୍ରଙ୍କ ପାର୍ଲାମେଣ୍ଟ ଅଭିଯାନ

### ଏନ୍ଇଇଟି-ୟୁଜି ବିଭ୍ରାଟ

ଏନ୍ଇଇଟି-ୟୁଜି ସମେତ ପିଜି ଏବଂ ୟୁଜିସି ନେଟ୍ ପରୀକ୍ଷାରେ ହୋଇଥିବା ଅନିୟମିତତା ପ୍ରତିବାଦରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣାରେ ବସିଥିବା ଛାତ୍ରୀଛାତ୍ର ସେମାନଙ୍କ ଦାବିକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ପାଇଁ ମଙ୍ଗଳବାର ପାର୍ଲାମେଣ୍ଟ ଅଭିମୁଖେ ଶୋଭାଯାତ୍ରାରେ ଯିବେ। ଛାତ୍ରୀଛାତ୍ରଙ୍କ ଅନିର୍ଦ୍ଦିଷ୍ଟ କାଳ ଧାରଣା ସୋମବାର ଷଷ୍ଠ ଦିନରେ ପହଞ୍ଚିଛି। ପରୀକ୍ଷା ଦୁର୍ନୀତିକୁ ନେଇ 'ଇଣ୍ଡିଆ ଏଗେନେଷ୍ଟ ଏନ୍‌ଟିଏ' ବ୍ୟାନରରେ ସେମାନେ ଧାରଣା ଜାରି ରଖିଛନ୍ତି। ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ବ୍ୟାନ୍ କରିବା ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପାଇଁ ସେମାନେ ଦାବି କରିବା ସହ ସମସ୍ତଙ୍କ ପାଇଁ ଏନ୍ଇଇଟି-ୟୁଜି ପରୀକ୍ଷା ପୁନର୍ବାର କରାଇବା ଦାବିରେ ଅଡ଼ିବସିଛନ୍ତି। ଏଥିସହିତ ବିଶ୍ୱବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ ପୁରୁଣା ପ୍ରବେଶିକ ପରୀକ୍ଷା ବ୍ୟବସ୍ଥା ଲାଗୁ କରିବାକୁ ଦାବି ହୋଇଛି। ଆନ୍ଦୋଳନରେ ସାମିଲ ହୋଇଥିବା ଛାତ୍ର ସଂଗଠନ ମଧ୍ୟରେ ଏଆଇଏସ୍ଏ ଏବଂ ଦିଲ୍ଲୀ ୟୁନିଭର୍ସିଟିର କେୱାଇଏସ୍ ରହିଛନ୍ତି।




# ବଜ୍ରପାତ ମୁକାବିଲା: ମନଇଚ୍ଛା କଟାହେବନି ତାଳଗଛ

ଭୁବନେଶ୍ୱର, ୧।୭(ଅସମାପିକା ସାହୁ)

ଏଣିକି ମନଇଚ୍ଛା ତାଳଗଛ କାଟିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶାଗୁଆନ ଗଛକୁ ମନ ଇଚ୍ଛା କାଟିଲେ ଯେପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ସେହିଭଳି ଏବେ ତାଳଗଛ ମନଇଚ୍ଛା କାଟିଲେ କାର୍ଯ୍ୟାନୁଷ୍ଠାନ ହେବ। ତାଳ ଗଛ କାଟିବା ପାଇଁ ବନବିଭାଗଠାରୁ ଅନୁମତି ନେବାକୁ ପଡ଼ିବ। ଏପରିକି ନିଜ ବାଡ଼ିର ତାଳଗଛ କାଟିବାକୁ ବି ଅନୁମତି ନେବାକୁ ପଡ଼ିବ। ମନଇଚ୍ଛା ତାଳଗଛ କାଟିଲେ ଫାଇନ ଦେବାଠାରୁ ଆରମ୍ଭ କରି ଦୋଷୀ ସାବ୍ୟସ୍ତ ହେଲେ ଜେଲ୍ ଯିବାର ମଧ୍ୟ ପ୍ରାବଧାନ ରହିଛି। ଶାଗୁଆନ ଗଛ କାଟିଲେ ଯେଉଁଭଳି ନିୟମ ଥିଲା, ଏବେ ତାହା ତାଳଗଛ କ୍ଷେତ୍ରରେ ସେଭଳି ଆଇନ ଲାଗୁ ହେବ ବୋଲି ସୋମବାର ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ରାଜ୍ୟରେ ବଢୁଥିବା ବଜ୍ରପାତଜନିତ ମୃତ୍ୟୁକୁ ଦୃଷ୍ଟିରେ ରଖି ବନ ବିଭାଗ ଏଭଳି ନିଷ୍ପତ୍ତି ନେଇଛି।

ରାଜ୍ୟରେ ଚଳିତ ବର୍ଷ ୧୯ଲକ୍ଷ ତାଳଗଛ ଲାଗିବ। ରାଜ୍ୟରେ ଥିବା ୫୨ଟି ଡିଭିଜନ ଅଧୀନ ସମସ୍ତ ଫରେଷ୍ଟ ବ୍ଲକ ବାଉଣ୍ଡାରି ପିଲାରର ଚାରିପାଖରେ ୪ଟି ଲେଖାଏ ତାଳଗଛ ଲଗାଯିବ। ସେଥିପାଇଁ ଏସ୍ଆର୍ସିଙ୍କ ପକ୍ଷରୁ ସାଢ଼େ ୭କୋଟି ଟଙ୍କା ଖର୍ଚ୍ଚ ହେବ। ବଜ୍ରପାତଜନିତ ମୃତ୍ୟୁ କମାଇବା ଏବଂ ହାତୀଙ୍କ ଖାଦ୍ୟ ସହ ବନ ବିଭାଗ ବାଉଣ୍ଡାରି ପିଲାର ଅଧିକ ସୁଦୃଢ଼ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବାବେଳେ କୃଷି ବିଭାଗକୁ ମଧ୍ୟ ତାଳଗଛ ରୋପଣ ପାଇଁ ଏସ୍ଆର୍ସି ନିର୍ଦ୍ଦେଶ ଦେଇଥିବା ପିସିସିଏଫ୍ ସୂଚନା ଦେଇଛନ୍ତି। ସେହିଭଳି ତାଳଗଛ ଲଗାଇବା ପାଇଁ କିଛି ଜିଲା ଉପରେ ଫୋକସ କରାଯାଇଛି। କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼, ଗଜପତି ଓ ବାଲେଶ୍ୱର ଜିଲାରେ ତାଳଗଛ ଲଗାଯିବାର ଯୋଜନା ରହିଛି। ଓୟୁଏଟିରେ ମଧ୍ୟ ପରୀକ୍ଷାମୂଳକ ଭାବେ ଲଗାଯିବ। ସୂଚନାଯୋଗ୍ୟ, ୬ ବର୍ଷ ଭିତରେ ବଜ୍ରପାତ ଯୋଗୁ ରାଜ୍ୟରେ ୧,୭୨୭ ଜଣଙ୍କ ମୃତ୍ୟୁ ଘଟିଛି। ଏଥିମଧ୍ୟରେ ୨୦୧୭- ୧୮ରେ ୪୬୫, ୨୦୧୮- ୧୯ରେ ୩୩୯, ୨୦୧୯- ୨୦ରେ ୩୫୧, ୨୦୨୦-୨୧ରେ ୨୯୧, ୨୦୨୧- ୨୨ରେ ୨୮୧ ଜଣ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ବ୍ରଜପାତ ସମୟରେ ଅଧିକାଂଶ ଲୋକଙ୍କ ମୃତ୍ୟୁ ଚାଷଜମି କିମ୍ବା ପଡ଼ିଆରେ ହେଉଛି। ଯେହେତୁ ଖୋଲା ଜାଗାରେ ମଣିଷ ସବୁଠାରୁ ଡେଙ୍ଗା, ତାକୁ ବିଜୁଳି ମାଡ଼ ହୁଏ। ଏହାର ମୁକାବିଲା ପାଇଁ ୨୦୧୮ରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ 'ମିଶନ ତାଳଗଛ' ଆରମ୍ଭ କରାଯାଇଥିଲା। ତାଳଗଛର ଉଚ୍ଚତା ଅଧିକ। ବିଲରେ ହିଁ ଏହି ଗଛ ପୋତାଯାଇପାରିବ। ଡେଙ୍ଗା ଗଛ ହୋଇଯାଇଥିବାରୁ ବିଜୁଳି ମାଡ଼ ତାଳ ଗଛରେ ହେବ। ଗଛ ଜଳିଯିବ ସତ, କିନ୍ତୁ ମଣିଷ ରକ୍ଷା ପାଇପାରିବ।

# ସାନି ପରୀକ୍ଷା ପରେ ଏନ୍ଇଇଟି ଟପ୍ପର ୬୧କୁ ହ୍ରାସ

ନୂଆଦିଲ୍ଲୀ, ୧।୭

ଚଳିତବର୍ଷର ଏନ୍ଇଇଟି-ୟୁଜି ପରୀକ୍ଷାରେ ୬୭ ଛାତ୍ରୀଛାତ୍ର ଶହେ ପ୍ରତିଶତ ନମ୍ବର ରଖି ର୍ୟାଙ୍କ୍ ୱାନ୍ରେ ସ୍ଥାନ ପାଇଥିଲେ। ସାନି ପରୀକ୍ଷା ପରେ ପ୍ରକାଶିତ ର୍ୟାଙ୍କ୍ ତାଲିକାରେ ଟପ୍ପର ସଂଖ୍ୟା ୬୧କୁ ହ୍ରାସ ପାଇଛି। ସେହିପରି ଉକ୍ତ ପରୀକ୍ଷାର୍ଥୀଙ୍କ ମଧ୍ୟରେ କେହି ୧୦୦ ପ୍ରତିଶତ ମାର୍କ ରଖି ନ ଥିବା ଦେଖାଯାଇଛି। ଜୁନ୍ ୪ରେ ଏନ୍ଇଇଟି-ୟୁଜି ପରୀକ୍ଷାଫଳ ଆସିବା ପରେ ପରୀକ୍ଷାରେ ଅନିୟମିତତା ଓ ଅଧିକ ଗ୍ରେସ୍ ମାର୍କ ଆଦି ଦୁର୍ନୀତି ଅଭିଯୋଗ ହୋଇଥିଲା। ଫଳରେ ୧,୫୬୩ ଜଣଙ୍କ ଗ୍ରେସ୍ ମାର୍କକୁ ବାଦ୍ ଦିଆଯାଇ ସାନି ପରୀକ୍ଷା ଦେବାକୁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ) ସେମାନଙ୍କୁ ଅନୁମତି ଦେଇଥିଲା। ଜୁନ୍ ୨୩ରେ ହୋଇଥିବା ଏହି ପରୀକ୍ଷାରେ ୧,୫୬୩ରୁ ୮୧୩ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ୪୮ ପ୍ରତିଶତ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଆସି ନ ଥିଲେ। ସାନି ପରୀକ୍ଷା ଫଳ ରବିବାର ବିଳମ୍ବିତ ରାତିରେ ପ୍ରକାଶ ପାଇବା ସହ ଏନ୍ଟିଏ ପକ୍ଷରୁ ସୋମବାର ସଂଶୋଧିତ ର୍ୟାଙ୍କ୍ ତାଲିକା ଘୋଷଣା କରାଯାଇଛି। ଛତିଶଗଡ଼, ଗୁଜରାଟ, ହରିୟାଣା ଓ ମେଘାଳୟର ୭ଟି ପରୀକ୍ଷା କେନ୍ଦ୍ରରେ ସାନି ପରୀକ୍ଷା ହୋଇଥିଲା। ଯେଉଁ ପିଲାମାନେ ସାନି ପରୀକ୍ଷା ଦେଇନାହାନ୍ତି, ସେମାନଙ୍କ ଗ୍ରେସ୍ ମାର୍କକୁ ବାଦ୍ ଦିଆଯାଇ ଅବଶିଷ୍ଟ ନମ୍ବରକୁ ସେମାନଙ୍କ ପ୍ରକୃତ ମାର୍କ ଧରାଯିବ। ପୂର୍ବରୁ ହରିୟାଣାର ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ପରୀକ୍ଷାର୍ଥୀ ୭୨୦ରୁ ୭୨୦ ନମ୍ବର ରଖିଥିଲେ। ତେବେ ସାନି ପରୀକ୍ଷାରେ କେହି ୧୦୦ ପ୍ରତିଶତ ନମ୍ବର ରଖିବାକୁ ସକ୍ଷମ ହୋଇନାହାନ୍ତି। ସାନି ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ସମେତ ଏନ୍ଇଇଟି-ୟୁଜି ୨୦୨୪ର ସମସ୍ତ ପରୀକ୍ଷାର୍ଥୀଙ୍କ ସଂଶୋଧିତ ସ୍କୋର୍କାର୍ଡ ଏନଟିଏ ୱେବ୍ସାଇଟ୍ https://exams.nta.ac.in/NEET/ରେ ଉପଲବ୍ଧ ଥିବା ପରୀକ୍ଷା ପରିଚାଳନାକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି।



ଗଜପତି ମହାରାଜା ଦିବ୍ୟସିଂହ ଦେବ ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ସୋମବାର ରାଜ୍ୟ ଅତିଥିଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଆଲୋଚନା କରୁଛନ୍ତି।

# ଗାଁ ଦାଣ୍ଡରେ ଶଳାଙ୍କୁ ହତ୍ୟା

କୁଜଙ୍ଗ, ୧।୭(ମନୋଜ ପ୍ରଧାନ)

ଜଗତ୍ସିଂହପୁର ଜିଲା କୁଜଙ୍ଗ ଥାନା ଗଣ୍ଡକିପୁର ଅନ୍ତର୍ଗତ କାବଲପୁର ଗାଁ ଦାଣ୍ଡରେ ସୋମବାର ଜଣେ ସମ୍ପର୍କୀୟ ଶଳାଙ୍କୁ କୁରାଢ଼ି ପଛ ବେଣ୍ଟରେ ପିଟି ହତ୍ୟା କରିଛନ୍ତି ଭିଣୋଇ। ମୃତକ ହେଲେ ସେହି ଗ୍ରାମର ଦୀନବନ୍ଧୁ ସାମଲ(୫୫)। ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ମୃତକଙ୍କ ବଡ଼ଭାଇ ଗୌରହରି ସାମଲଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ଭିଣୋଇ ସେହି ଗ୍ରାମର ତପନ ମାଝୀ (୪୩)ଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି।

ଅଭିଯୋଗ ଅନୁଯାୟୀ, ଦିନବନ୍ଧୁ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଗାଁ ଦାଣ୍ଡରେ ଚାଲି କରି ଯାଉଥିବାବେଳେ ତପନ ଏକ କୁରାଢ଼ିରେ ପଛପଟୁ ହଠାତ୍ ଦୀନବନ୍ଧୁଙ୍କ ମୁଣ୍ଡରେ ଆଘାତ କରିଥିଲେ। ଫଳରେ ସେ ତଳେ ପଡ଼ିଯାଇଥିଲେ। ଏହାପରେ ବି ତପନ ବାରମ୍ବାର ଦୀନବନ୍ଧୁଙ୍କୁ ଆକ୍ରମଣ କରିଥିଲେ। ଗାଁ ଲୋକେ ପହଞ୍ଚିଯିବାରୁ ତପନ ସେଠାରୁ ଖସିଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ



ମୃତ ଦୀନବନ୍ଧୁ ସାମଲ

ଗାଁ ଲୋକେ ତାଙ୍କୁ ଧରି ପୋଲିସରେ ଖବର ଦେଇଥିଲେ। ଅପରପକ୍ଷେ ଗୁରୁତର ଅବସ୍ଥାରେ ଦୀନବନ୍ଧୁଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୩୧୬/୨୪) ରୁଜୁ କରିଛି। ଫୋରେନ୍ସିକ ଟିମ୍ ଆସି ତଦନ୍ତ କରିବା ନିମନ୍ତେ ଡାକ୍ତରଖାନାରେ ମୃତଦେହ ସଂରକ୍ଷିତ ରଖାଯାଇଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟହୋଇ ନ ଥିବାବେଳେ ପୂର୍ବଶତ୍ରୁତାରୁ ଏହି ଘଟଣା ଘଟିଥିବା ଆଶଙ୍କା କରାଯାଉଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଦୀନବନ୍ଧୁଙ୍କ ପିଉସୀ ଝିଅକୁ ତପନ ବିବାହ କରିଥିଲେ। ଅନେକ ସମୟରେ ସେ ସ୍ତ୍ରୀଙ୍କୁ ମାଡ଼ ମାରୁଥିଲେ। ସ୍ତ୍ରୀ ବେଳେବେଳେ ଯନ୍ତ୍ରଣା ସହି ନ ପାରି ମାମୁ ପୁଅ ଭାଇ ଦୀନବନ୍ଧୁଙ୍କ ଘରୁକୁ ଯାଇ ରହୁଥିଲେ। ଏପରି ଘଟଣା ବାରମ୍ବାର ହେଉଥିବାରୁ ତପନ ଅସନ୍ତୁଷ୍ଟ ଥିଲେ। କିଛିଦିନ ହେବ ତାଙ୍କ ସ୍ତ୍ରୀ ଦୀନବନ୍ଧୁଙ୍କ ଘରେ ରହୁଛନ୍ତି। ଏଥିରେ ତପନ ପ୍ରତିଶୋଧ ପରାୟଣ ହୋଇ ଏହି ହତ୍ୟାକାଣ୍ଡ ଘଟାଇଥିବା ଚର୍ଚ୍ଚା ହେଉଛି। ଥାନା ଅଧିକାରୀ ରଶ୍ମିରଞ୍ଜନ କୁହନ୍ତି, ଏନେଇ ତଦନ୍ତ ଜାରି ରହିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ଆସିବା ପରେ ହତ୍ୟାକାଣ୍ଡ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ। ଖବରପାଇ ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଡାକ୍ତରଖାନାରେ ପହଞ୍ଚି ଘଟଣାକୁ ନିନ୍ଦା କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଅଜାଙ୍କୁ ହତ୍ୟା ପରେ କଟାମୁଣ୍ଡ ଧରି ଗାଁରେ ବୁଲିଲେ ନାତି

ଟେନ୍ସା, ୧।୭(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସ୍ୱୟମ୍ଭା ପଞ୍ଚାୟତ ପୁରୁଣାପାଣି ଗ୍ରାମରେ ସୋମବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଗୁଣି ଗାରେଡ଼ି ସନ୍ଦେହରେ ଅଜାକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ନାତି। ପରେ କଟା ମୁଣ୍ଡ ଧରି ଗାଁରେ ବୁଲିବା ପରେ କେ. ବଲାଙ୍ଗ ଥାନା ପୋଲିସ ନାତିକୁ ଅଟକ ରଖି ପଚରା ଉଚରା କରୁଛି। ଏନେଇ ପୋଲିସ ମାମଲା (ନଂ. ୫୯/୨୪) ରୁଜୁ କରି ଘଟଣାର ତଦନ୍ତ କରିବା ସହ ମୃତଦେହ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, କୌଣସି କାରଣରୁ ପୁରୁଣାପାଣି ଗ୍ରାମର ନୟମାନ ମୁଣ୍ଡା(୬୫)ଙ୍କୁ ପଡ଼ୋଶୀ ଘରର ନାତି ସାଲମାନ ମୁଣ୍ଡା (୪୦) ଟାଙ୍ଗିଆରେ ହାଣୀ ହତ୍ୟା କରିଥିଲେ। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ଥାନାଧିକାରୀ ସ୍ମୃତିରଞ୍ଜନ ନାୟକ କହିଛନ୍ତି।

# ପିଏଚ୍ସି, ୟୁପିଏଚ୍ସିରେ ଉପଲବ୍ଧ ହେବ ଡାଏଲିସିସ୍

ଭୁବନେଶ୍ୱର, ୧।୭(ଅସମାପିକା ସାହୁ)

## ହୋଇପାରିବ ସିଟି ସ୍କାନ୍, ଏମ୍ଆର୍ଆଇ ପରୀକ୍ଷଣ

ରାଜ୍ୟର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍ସି) ଏବଂ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚ୍ସି)ରେ ଏଣିକି ଡାଏଲିସିସ୍, ସିଟି ସ୍କାନ୍ ଏବଂ ଏମ୍ଆର୍ଆଇ ଭଳି ପରୀକ୍ଷଣ ସୁବିଧା ସରକାରୀ-ବେସରକାରୀ ସହଭାଗିତା (ପିପିପି) ମାଧ୍ୟମରେ ଉପଲବ୍ଧ ହେବ। ଏଥିରେ ନିୟୋଜିତ ହେବାକୁ ଥିବା ଡାକ୍ତର ଏବଂ ବିଶେଷଜ୍ଞମାନଙ୍କ ପ୍ରମାଣପତ୍ରର ଯାଞ୍ଚ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୋମବାର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଏବଂ ରାଉରକେଲା ଆର୍ଜିଏଚ୍ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ନିୟୋଜିତ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ସମୟ ସମୟରେ ମନିଟରିଂ କରାଯିବ। ଏହି ସଂସ୍ଥାଗୁଡ଼ିକ ଚୁକ୍ତିନାମା ପରିସରଭିତ୍ତିରେ ଯୋଗ୍ୟତା ଅନୁଯାୟୀ ଡାକ୍ତର ଓ ବିଶେଷଜ୍ଞମାନଙ୍କୁ ନିୟୋଜିତ କରିବେ। ତଥାପି ଚୁକ୍ତି ଅବଧି ମଧ୍ୟରେ ଏହି ଡାକ୍ତର ଓ ବିଶେଷଜ୍ଞମାନେ ଉକ୍ତ ସେବା ପ୍ରଦାନ ନିମନ୍ତେ ଯୋଗ୍ୟ ଅଟନ୍ତି କି ନାହିଁ ସେଥିପାଇଁ ତାଙ୍କର ଯୋଗ୍ୟତା ପରିଚୟପତ୍ରର ଯାଞ୍ଚ କରାଯିବ। ଏକ ସପ୍ତାହ ମଧ୍ୟରେ ସମ୍ପୃକ୍ତ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଡାକ୍ତର ଓ ବିଶେଷଜ୍ଞମାନଙ୍କ ପରିଚୟପତ୍ର ଯାଞ୍ଚ କରି ବିଭାଗକୁ ପଠାଇବା ପାଇଁ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ନିୟୋଜିତ ହେବାକୁ ଥିବା ଡାକ୍ତର ଓ ବିଶେଷଜ୍ଞମାନେ ଶାରୀରିକ ଭାବେ ଉପସ୍ଥିତ ରହି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କଠାରୁ ନିଜ ଯୋଗ୍ୟତା ପ୍ରମାଣପତ୍ରର ଯାଞ୍ଚ କରାଇବେ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି।

# ଶାଳଗାଁ-ବୁଢ଼ାପଙ୍କ ଓ ଢେଙ୍କାନାଳ-ହିନ୍ଦୋଳ ନୂତନ ଲାଇନ୍ କାର୍ଯ୍ୟକ୍ଷମ

ଭୁବନେଶ୍ୱର, ୧।୭(ଅନୁରାଧା ମହାରଣା)

ଶାଳଗାଁ-ବୁଢ଼ାପଙ୍କ ତୃତୀୟ ଏବଂ ଚତୁର୍ଥ ରେଳଲାଇନ ପ୍ରକଳ୍ପର ଢେଙ୍କାନାଳ-ହିନ୍ଦୋଳ ରୋଡ୍ ସେକ୍ସନ ମଧ୍ୟରେ ୪୦.୯୩୪ କିମି ଦୀର୍ଘ ନୂତନ ଲାଇନ କାର୍ଯ୍ୟକ୍ଷମ ହୋଇଛି। ଏଥିସହ କୋଟାଭାଲ୍ସା- କିରନ୍ଦୁଲ ଦୋହରୀକରଣ ପ୍ରକଳ୍ପର ଦାନ୍ତେୱାଡ଼ା- କାମ୍ଲୁର ମଧ୍ୟରେ ୧୨.୩୫୩ କିମି ନୂତନ ରେଳ ସେକ୍ସନ ମଧ୍ୟ କାର୍ଯ୍ୟକ୍ଷମ ହୋଇଛି। ରେଳ ନିରାପତ୍ତା କମିଶନର ନବନିର୍ମିତ ରେଳଟ୍ରାକ୍, ସିଗ୍ନାଲିଂ ସିଷ୍ଟମ, ବ୍ରିଜ୍ର ସୁରକ୍ଷା ପାରାମିଟର ଯାଞ୍ଚ କରି ଟ୍ରେନ ଚଳାଚଳ ପାଇଁ ଉଭୟ ପ୍ରକଳ୍ପର ନୂତନ ରେଳଲାଇନ କାର୍ଯ୍ୟକ୍ଷମ ପାଇଁ ଘୋଷଣା କରିଛନ୍ତି। ଏହି କ୍ରମରେ ପ୍ରକଳ୍ପର ଶାଳଗାଁ-ବୁଢ଼ାପଙ୍କ ତୃତୀୟ ଏବଂ ଚତୁର୍ଥ ରେଳଲାଇନ ପ୍ରକଳ୍ପରେ ମୋଟ୍ ୧୭୦ କିଲୋମିଟର ମଧ୍ୟରୁ ୮୬.୪ କିମି ତୃତୀୟ ଏବଂ ଚତୁର୍ଥ ଲାଇନ କାର୍ଯ୍ୟ ସରିଛି। ଅନ୍ୟପଟେ କୋଟାଭାଲ୍ସା-କିରନ୍ଦୁଲ ଦୋହରୀକରଣ ପ୍ରକଳ୍ପର ଦାନ୍ତେୱାଡା- କାମ୍ଲୁର ମଧ୍ୟରେ ସମୁଦାୟ ୪୪୫.୫୯୮ କିଲୋମିଟର ମଧ୍ୟରୁ ୩୦୨.୫୫ କିମି ଦୋହରୀକରଣ କାର୍ଯ୍ୟ ସମାପ୍ତ ହୋଇଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ରେଲୱେ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅବଶିଷ୍ଟ ଅଂଶ ରେଳଲାଇନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପୋଲିସ ସୂଚନାଦାତା ସନ୍ଦେହରେ ଜଣଙ୍କୁ ହତ୍ୟା

ମାଲକାନଗିରି, ୧।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲାରେ ପୋଲିସ ସୂଚନାଦାତା ସନ୍ଦେହରେ ଜଣେ ଗ୍ରାମବାସୀଙ୍କୁ ମାଓବାଦୀମାନେ ସୋମବାର ହତ୍ୟା କରିଛନ୍ତି। ସେ ହେଲେ ନାରାୟଣପୁର ଜିଲା ଅନ୍ତର୍ଗତ ଅର୍ଚା ଗ୍ରାମର ସାଣ୍ଟୁ ଉସେଣ୍ଡି। ତାଙ୍କୁ ମାଓବାଦୀ ମାନେ ହତ୍ୟାକରି ରାସ୍ତା ଉପରେ ମୃତଦେହକୁ ପକାଇ ଚାଲି ଯାଇଛନ୍ତି। ଏଥିସହ ମୃତଦେହ ନିକଟରେ ଏକ ହାତଲେଖା ଚିଠି ମଧ୍ୟ ଛାଡ଼ି ଯାଇଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି, ଗତ ୧୫ ତାରିଖ ଦିନ ନାରାୟଣପୁର ଜିଲା କଡାମାର୍କା ଜଙ୍ଗଲରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୮ ମାଓବାଦୀଙ୍କର ମୃତ୍ୟୁ ହୋଇଥିଲା। ତେବେ ମାଓବାଦୀଙ୍କ କ୍ୟାମ୍ପ ଉକ୍ତ ଜଙ୍ଗଲଲେ ହେଉଥିବା ଖବର ସାଣ୍ଟୁ ଉସେଣ୍ଡି ପୋଲିସକୁ ଦେଇଥିବା ବିଶେଷ ସୂତ୍ରରୁ ଜାଣି ତାଙ୍କୁ ହତ୍ୟା କରାଯାଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ନାରାୟଣପୁର ଜିଲା ପୋଲିସ ଖବର ପାଇ ଉକ୍ତ ଅଞ୍ଚଳରେ କୋମ୍ବିଂକୁ ଜୋରଦାର କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

# ଭୁବନେଶ୍ୱରରେ ପ୍ରଥମ ଦିନରେ ୩ ମାମଲା

ଭୁବନେଶ୍ୱର, ୧।୭(ସତ୍ୟଜିତ୍ ରାଉତ)

## କାର୍ଯ୍ୟକାରୀ ହେଲା ନୂଆ ଆଇନ

ଜୁଲାଇ ୧ରୁ ଦେଶରେ ୩ ନୂଆ ଫୌଜଦାରି ଆଇନ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍ଏ) ଆଇନ କାର୍ଯ୍ୟକାରୀ ହୋଇଛି। ନୂଆ ଆଇନ ବଳରେ ସୋମବାର ପ୍ରଥମ ଦିନରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରୁଜୁ କରାଯାଇଛି। ଏହିକ୍ରମରେ କମିଶନରେଟ୍ ପୋଲିସ ଅନ୍ତର୍ଗତ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ୩ଟି ମାମଲା ରୁଜୁ ହୋଇଛି। ପ୍ରଥମ ମାମଲା ଲକ୍ଷ୍ମୀସାଗର ଥାନାରେ ରୁଜୁ ହୋଇଥିବାବେଳେ ଖଣ୍ଡଗିରି ଥାନା ଓ ନୟାପଲ୍ଲୀ ଥାନାରେ ମଧ୍ୟ ଗୋଟିଏ ଲେଖାଏ ରୁଜୁ କରାଯାଇଛି।

ଲକ୍ଷ୍ମୀସାଗର ଥାନାରେ ରୁଦ୍ରପ୍ରତାପ ଦାସଙ୍କ ଏତଲା ଆଧାରରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଅନ୍ତର୍ଗତ ଦଫା ୧୨୬(୨)(ବେଆଇନ ଅଟକ), ୧୧୫(୨)(କୌଣସି ବ୍ୟକ୍ତିଙ୍କୁ ଆହତ କରିବା), ୧୦୯(ହତ୍ୟା ଉଦ୍ୟମ), ୧୧୮(୧)(ମାରଣାସ୍ତ୍ରରେ ଆକ୍ରମଣ), ୩(୫)(ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି) ଅଭିଯୋଗରେ (ନଂ.୩୦୭/୨୦୨୪) ଏକ ମାମଲା ରୁଜୁ ହୋଇଛି। ଚିନ୍ତାମଣିଶ୍ୱର ମନ୍ଦିର ଲେନ୍ରେ ଜମିଜମା ଘଟଣାକୁ ନେଇ ଗତ ଜୁନ ୨୯ରେ ରୁଦ୍ରଙ୍କୁ ୩ଜଣ ବ୍ୟକ୍ତି ଆକ୍ରମଣ କରିଥିବାନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ନୟାପଲ୍ଲୀ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି। ରବିବାର ବିଳମ୍ବିତ ରାତିରେ ନୟାପଲ୍ଲୀ ରାସ୍ତାରେ ଏକ କାର୍କୁ ବାଇକ୍ ଧକ୍କା ଦେଇଥିଲା। ଏହି ଘଟଣାକୁ ନେଇ ଜୟଦେବ ବିହାରର ନିରଞ୍ଜନ ଚୌଧୁରୀଙ୍କ ଏତଲାକ୍ରମେ ଥାନା ପକ୍ଷରୁ ବିଏନ୍ଏସ୍ ଦଫା ୨୮୧(ରାସ୍ତାରେ ବେନିୟମଭାବେ ଗାଡ଼ି ଚଳାଇ କାହାକୁ କ୍ଷତି ପହଞ୍ଚାଇବା) ଅଭିଯୋଗରେ ମାମଲା (ନଂ.୩୯୧/୨୦୨୪) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ଏହି ମାମଲାରେ ପୋଲିସ ବାଇକ୍ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେହିପରି ଖଣ୍ଡଗିରି ଥାନାରେ ଏକ ଚୋରି ଜନିତ ମାମଲା ହୋଇଛି। ଅଭିଯୋଗକାରୀଙ୍କ ଏତଲା ଆଧାରରେ ବିଏନ୍ଏସ୍ ଦଫା ୩୦୩(୨)(ଚୋରି) ଅଭିଯୋଗରେ (ନଂ.୪୪୯/୨୦୨୪) ମାମଲା ରୁଜୁ ହୋଇଛି।

# ଏମ୍ସ ଭୁବନେଶ୍ୱର ଶିଶୁ ବିଭାଗକୁ ଆରୋଗ୍ୟ ଭୂଷଣ ସମ୍ମାନ

ଭୁବନେଶ୍ୱର, ୧।୭(ଅସମାପିକା ସାହୁ)

ଏମ୍ସ ଭୁବନେଶ୍ୱରର ଶିଶୁ ବିଭାଗ (ଶିଶୁରୋଗ ପଲ୍ମୋନୋଲୋଜି ଏବଂ ଆଇସିୟୁ ଟିମ୍)କୁ ରିଥିଙ୍କ୍ ଇଣ୍ଡିଆ ଦ୍ୱାରା ଖ୍ୟାତିସମ୍ପନ୍ନ ଡକ୍ଟର କେଶବ ବଳିରାମ ହେଡ୍ଗେୱାର ଆରୋଗ୍ୟ ଭୂଷଣ ସମ୍ମାନ ପ୍ରଦାନ କରାଯାଇଛି। ଉଚ୍ଚ ଗୁଣବତ୍ତାପୂର୍ଣ୍ଣ ଚିକିତ୍ସା ସେବା ପ୍ରଦାନ ତଥା ନୂତନ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ ସ୍ୱରୂପ ଏମ୍ସର ଶିଶୁରୋଗ ବିଭାଗକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ଇଣ୍ଡିଆ ଅନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବିଭାଗ ତରଫରୁ ପ୍ରଫେସର ଡା. ରଶ୍ମିରଞ୍ଜନ ଦାସ ଏବଂ ଅତିରିକ୍ତ ପ୍ରଫେସର ଡା. କୃଷ୍ଣ ମୋହନ ଗୁଲା ଏହି ପୁରସ୍କାର ଗ୍ରହଣ କରିଥିଲେ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏହି ପୁରସ୍କାରକୁ ନେଇ ଖୁସି ବ୍ୟକ୍ତ କରିବା ସହିତ ଶିଶୁରୋଗ ବିଭାଗ ଏବଂ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଭବିଷ୍ୟତରେ ଏହିପରି ଅଭିନବ ପ୍ରକ୍ରିୟା ଜାରି ରଖିବାକୁ ଡା. ବିଶ୍ୱାସ ଉତ୍ସାହିତ କରିଛନ୍ତି।




ଏମ୍ସ ଭୁବନେଶ୍ୱର ଶିଶୁ ବିଭାଗ ପାଇଁ ପ୍ରଫେସର ଡା. ରଶ୍ମିରଞ୍ଜନ ଦାସ ଏବଂ ଅତିରିକ୍ତ ପ୍ରଫେସର ଡା. କୃଷ୍ଣ ମୋହନ ଗୁଲା ଆରୋଗ୍ୟ ଭୂଷଣ ସମ୍ମାନ ଗ୍ରହଣ କରୁଛନ୍ତି।

ସୂଚନାଯୋଗ୍ୟ, ଏମ୍ସ ଭୁବନେଶ୍ୱର ଶିଶୁ ବିଭାଗର ଶିଶୁରୋଗ ପଲ୍ମୋନୋଲୋଜି ଏବଂ ଆଇସିୟୁ ଟିମ୍ ନିକଟରେ ଅଭିନବ ବ୍ରୋଙ୍କୋସ୍କୋପିକ ପ୍ରକ୍ରିୟା ଦ୍ୱାରା ଜଣେ ୯ ବର୍ଷୀୟ ବାଳକଙ୍କ ଫୁସ୍ଫୁସ୍ ବାମପାର୍ଶ୍ୱରୁ ପ୍ରାୟ ୪ସେମି ଲମ୍ବର ଏକ ତୀକ୍ଷ୍ଣ ସିଲେଇ ଛୁଞ୍ଚିକୁ ସଫଳତାର ସହ ବାହାର କରିଥିଲେ। ଏହି ପଦ୍ଧତି ଫଳରେ ଉକ୍ତ ବାଳକଙ୍କୁ ଏକ ଜଟିଳ ଅସ୍ତ୍ରୋପଚାରରୁ ମୁକ୍ତି ମିଳିବା ସହିତ ଡାକ୍ତରୀ ଦଳ ଜୀବନ ବଞ୍ଚାଇପାରିଥିଲେ। ସ୍ୱାସ୍ଥ୍ୟସେବାରେ ଏପରି ଅଭିନବ ଜୀବନରକ୍ଷାକାରୀ ପ୍ରକ୍ରିୟା ପ୍ରୟୋଗ ସ୍ୱରୂପ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଛି। ଉତ୍ସବରେ ଏମ୍ସ ଭୁବନେଶ୍ୱରକୁ ବହୁ ପ୍ରଶଂସା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏମ୍ସ ଏବଂ ଆଇଆଇଟିର ପୂର୍ବତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିଚାଳିତ ରିଥିଙ୍କ୍ ଇଣ୍ଡିଆ ସଙ୍ଗଠନ ସର୍ବଦା ଜାତୀୟ ଉତ୍କର୍ଷତାକୁ ପ୍ରାଧାନ୍ୟ ଦେଇ ଶ୍ରେଷ୍ଠତାକୁ ସମ୍ମାନ ପ୍ରଦାନ କରିଥାଏ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ହୋମିଓପ୍ୟାଥିର ଜନକ ସାମୁଏଲ ହ୍ୟାନିମ୍ୟାନଙ୍କ ୧୮୧ତମ ପୁଣ୍ୟତିଥି, ସ୍ଥାନ: ରେଡକ୍ରସ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- କାଦମ୍ବିନୀର ରୌପ୍ୟଜୟନ୍ତୀ ସମାରୋହ, ସ୍ଥାନ: ମେ ଫେୟାର କନଭେନଶନ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ସେଭ ଏଜୁକେଶନ କମିଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ପୁରୁଣା ପେଟ୍ରୋଲ ପମ୍ପ ପାଖ, ରାଜ୍ୟପାଳଙ୍କ ଘର ପାଖ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ରାଧାମାଧବ କଲ୍ୟାଣ ମଣ୍ଡପ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା ୩୦।
- 'ସମାଜ ଓ ସଂସ୍କୃତି' ପକ୍ଷରୁ ଏକ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ କ୍ଲବ ଅଫ୍ ଓଡ଼ିଶା, ସମୟ: ଅପରାହ୍ନ ୪ଟା।
- ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ, ଭୁବନେଶ୍ୱର ପକ୍ଷରୁ ଆଲୋଚନା ସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।

## କଟକ

- ବନ୍ଦେ ଉତ୍କଳ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଣସର ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ସ୍ଥାନ: ମା ଶାରଳା ସଦନ, ବଙ୍ଗାଳିସାହି ସମୟ: ସନ୍ଧ୍ୟା ୬ଟା ୩୦।
- ମା' ଦୁଲ୍ଲାଦେବୀଙ୍କର ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଅବସରରେ ଭଜନ ସମାରୋହ, ସ୍ଥାନ: ଦୁଲ୍ଲାଦେବୀ ମନ୍ଦିର ପ୍ରାଙ୍ଗଣ, ଅନ୍ଦରପୁର, ସମୟ: ସନ୍ଧ୍ୟା ୭ଟା

## ପୁରୀ

- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦।

## ଖୋର୍ଦ୍ଧା

- ମା'ଭଗବତୀଙ୍କ ବାର୍ଷିକ ସାହିଯାତ୍ରା ଉଦ୍‌ଯାପନୀ, ସ୍ଥାନ: ହାଟବଜାର, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଶ୍ରୀଜୀଉଙ୍କର ଖଳିଲାଗି ଏକାଦଶୀ ଓ ସର୍ବାଙ୍ଗ ଚନ୍ଦନ ଲାଗି, ସ୍ଥାନ: ଜଗନ୍ନାଥ ମନ୍ଦିର, ନୀଳଗିରି, ବାଲେଶ୍ୱର, ସମୟ: ସକାଳ ୮ଟା।
- ବିଧାୟକଙ୍କ ବୁଢାବଳଙ୍ଗ ନଦୀର ଦୁର୍ବଳବନ୍ଧ ପରିଦର୍ଶନ, ସ୍ଥାନ: ବୁଆଁଳ ଓ ନୂଆପୁର ପଞ୍ଚାୟତ, ସମୟ: ସକାଳ ୮ଟା ୩୦।
- ବନ ମହୋତ୍ସବ ସପ୍ତାହ, ସ୍ଥାନ: ସିଦ୍ଧି ବିନାୟକ ଯୁକ୍ତ ୨ ରେସିଡେଣ୍ଟାଲ କଲେଜ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବିଧାୟକଙ୍କ ଦ୍ୱାରା ଇରିଗେଶନ ଏବଂ ଡ୍ରେନେଜ କାର୍ଯ୍ୟର ସମୀକ୍ଷା: ସ୍ଥାନ: ସଦର ଇରିଗେଶନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମାଝି ପାରଗାନା ମହଲ ସଙ୍ଗଠନ ପକ୍ଷରୁ ଆଦିବାସୀଙ୍କ ପାରମ୍ପରିକ ଶୋଭାଯାତ୍ରା, ସ୍ଥାନ: ଫୁଲଝରି, ଶ୍ୟାମନଗର, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଆପରାଧିକ ଆଇନ ଉପରେ ଆଲୋଚନାଚକ୍ର, ସ୍ଥାନ: ମହିଳା ମହାବିଦ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- କାନ୍ତକବି ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କାନ୍ତକବି ସ୍ମାରକୀ ପ୍ରକଳ୍ପ, କୋରକୋରା, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମା' ଗଡ଼ଚଣ୍ଡୀଙ୍କ ପୀଠରେ ଏକାଦଶୀ ପୂଜାର୍ଚ୍ଚନା, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ମହାବୀରଙ୍କ ମନ୍ଦିରରେ ରାମ ଚରିତ ପାଠ, ବେଦପାଠ, ହନୁମାନ ଚାଳିଶା ପାଠ, ପୂଜା ଏବଂ ହୋମ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ଅପରାହ୍ନ ୫ ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ଏକାଦଶୀ ପୂଜା ଉତ୍ସବ ଏବଂ ହୋମ, ସ୍ଥାନ: ଶାଳକଣିଆଁ, ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୭ଟା।
- ମା' ରାମଚଣ୍ଡୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ପୋଡ଼ାସିଙ୍ଗିଡ଼ି, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ମା' ବିଶ୍ୱତାରିଣୀ ମନ୍ଦିରରେ ଏକାଦଶୀ ପୂଜାର୍ଚ୍ଚନା, ସ୍ଥାନ: ଛେନାପଦୀ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ବନ ମହୋତ୍ସବ ଅବସରରେ ଚାରାରୋପଣ, ସ୍ଥାନ: ଟାଟା ଷ୍ଟିଲ ନର୍ସରୀ, ଯୋଡ଼ା, ସମୟ: ସକାଳ ୮ଟା।
- ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଆନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ମୟୂରଭଞ୍ଜ

- ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଉଦଳା ଉପଖଣ୍ଡ ଡାକ୍ତରଖାନା ପରିସର, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: କଇଁଫୁଲିଆ ଉପ୍ରା ବିଦ୍ୟାଳୟ, ଶାମାଖୁଣ୍ଟା ବ୍ଲକ, ସମୟ:ଅପରାହ୍ନ ୩ଟା।
- ମୟୂରଭଞ୍ଜ ମହୋତ୍ସବ ପାଳନର ପ୍ରସ୍ତୁତି ବୈଠକ,ସ୍ଥାନ:ବାରିପଦା ଷ୍ଟାଡିୟମ ହଲ୍, ସମୟ: ସନ୍ଧ୍ୟା ୭ଟା।।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ବଡମୂଳବସନ୍ତ, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଭାରତୀୟ ନ୍ୟାୟ ସଂହିତା ୨୦୨୩ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ ଆଦର୍ଶ ଥାନା ପରିସର, ସମୟ: ସନ୍ଧ୍ୟା ୬ଟା।
- ଏମ୍‌ପିଇଡିଏ ପକ୍ଷରୁ ଚାଲିଥିବା ବର୍ଗାକୃତି ଜାଲ ସଚେତନତା ରଥର ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ମାଛଧରାବନ୍ଦର ପରିସର, ନେହେରୁବଙ୍ଗଳା, ପାରାଦୀପ, ସମୟ: ଅପରାହ୍ନ ୪ଟା।

## ଯାଜପୁର

- କଳିଙ୍ଗନଗର ଗୋବରଘାଟି ହକି ଗ୍ରାସ୍‌ରୁଟ୍ ସେଣ୍ଟର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଗୋବରଘାଟି ଏସ୍‌ଏସ୍‌ଡି ହାଇସ୍କୁଲ ପରିସର, ସମୟ: ଅପରାହ୍ନ ସାଢ଼େ ୪ଟା।

## ନବରଙ୍ଗପୁର

- ମାସିକ ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ମିଶନଶକ୍ତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣ ଅଭିଯାନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ପ୍ରଫେସର ରାମ ରେଡ୍ଡୀ ଲେକଚର କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଇଗ୍ନୁ ଆଞ୍ଚଳିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଧାୟକଙ୍କ ଦ୍ୱାରା ସରକାରୀ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ପଟାଙ୍ଗୀ ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ : ହୀରାକୁଦ ମହାବିଦ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ଜୁରୁ ସତ୍ୟନାରାୟଣ ଉଦ୍ୟାନ, ସମୟ – ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ଜନଶୁଣାଣି ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ କିଶନ ସବୁଜ ସପ୍ତାହ ପାଳନର ଦ୍ୱିତୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଫୁଲଝରନ୍, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା ୩୦।

## ରାଉରକେଲା

- ସର୍ବ ସାଧାରଣ ଜନଶୁଣାଣି, ସ୍ଥାନ: ଛେଣ୍ଡ କଳିଙ୍ଗ ବିହାର ୟୁପି ସ୍କୁଲ, ସମୟ: ସକାଳ ୮ଟା ୩୦।
- କେନ୍ଦ୍ରୀୟ ପାଣିପାଗ ବିଭାଗ ପକ୍ଷରୁ କର୍ମଶାଳା, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଜନଶୁଣାଣୀ ଶିବିର,ସ୍ଥାନ: କଳିଙ୍ଗ ବିହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଛେଣ୍ଡ, ସମୟ: ସକାଳ ୮ଟା ୩୦।
- ବେଦବ୍ୟାସ ଗୁରୁକୂଳ ସଂସ୍କୃତ କଲେଜରେ ନୂତନ ଫୌଜଦାରୀ ଆଇନ କର୍ମଶାଳା, ସ୍ଥାନ: ବେଦବ୍ୟାସ,ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ(ଏମ୍) ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ରାଉରକେଲା ଏଡିଏମ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(କୌଶଳୀ), ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(କୌଶଳୀ), ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ବଳିଆଙ୍କ ପ୍ରବଚନ, ସ୍ଥାନ: ହାଇସ୍କୁଲ ପଡିଆ, ଝାରବନ୍ଧ, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡା, ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ଘଣ୍ଟାପଡା ସମଲେଶ୍ୱରୀ ମନ୍ଦିରରେ ମହାଆଳତି, ସ୍ଥାନ: ସମଲେଶ୍ୱରୀ ମନ୍ଦିର, କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ସାତଦିନିଆ ଯୋଗ ଶିବିର, ସ୍ଥାନ: ସଂସ୍କୃତି ଭବନ, ଦେବଗଡ, ସମୟ: ସକାଳ ୫ଟା।
- ବନମହୋତ୍ସବ ସପ୍ତାହ ପାଳନ, ମା'ଙ୍କ ନାମରେ ଗଛଟିଏ, ସ୍ଥାନ: ରିଆମାଳ ବନାଞ୍ଚଳ, ସମୟ: ପୂର୍ବାହ୍ନ ୧୧ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଜମୁଖୀ ହନୁମାନ ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ତରଭା ମା'ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୋଷ୍ଠୀ ଶିକ୍ଷା ବିଭାଗ ତରଫରୁ ରକ୍ତଦାନ ଓ ବନ ମହୋତ୍ସବ, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଦୋମେରି ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ଷ୍ଟେଶନ ଛକ ମା' ଦୁର୍ଗା ମନ୍ଦିର ଝାରସୁଗୁଡା ସହର, ସମୟ: ସକାଳ ୫ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଆଳତି, ସ୍ଥାନ: ଝାରସୁଗୁଡା ସହରସ୍ଥିତ ବେହେରାମାଲ ତାରିଣୀ ମନ୍ଦିର, ସମୟ: ସକାଳ ୬ଟା।
- ଗ୍ରାମ ଦେବୀ ପୂଜା, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜିର ଗ୍ରହ ସ୍ଥିତି ଆପଣଙ୍କୁ ବନ୍ଧୁମିଳନରୁ ଆନନ୍ଦ, ଶନିଙ୍କ ହେତୁ ଦେବଦର୍ଶନରୁ ଆତ୍ମତୃପ୍ତି ପ୍ରାପ୍ତ ହେବ। ଅଶ୍ୱିନୀ ନକ୍ଷତ୍ର କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ଦ୍ୱାରା କଳହ କିମ୍ବା କୁତ୍ସାରଟନା ଘଟିପାରେ। ଯାନ୍ତ୍ରିକ ଜିନିଷର ମରାମତି କିମ୍ବା ଘରର ଅସଜଡ଼ା କାମକୁ ସଜାଡ଼ିନେଇ ପାରନ୍ତି। ନୂତନ କର୍ମାରମ୍ଭ ପାଇଁ ମନ ବଳାଇ କୃତକାର୍ଯ୍ୟ ହେବେ।

**ବୃଷ** ଶୁକ୍ରଙ୍କ ଶୁଭତ୍ୱରୁ ଆପଣଙ୍କ କଳାତ୍ମକ କାର୍ଯ୍ୟକଳାପ ଓ ସଚ୍ଚୋଟତା ଆକର୍ଷଣର କେନ୍ଦ୍ର ପାଲଟିଯିବ। ନିଜ ଲୋକଙ୍କ ସମର୍ଥନ ଲାଭକରି ମାନସିକ ସ୍ତରରେ ଆଶ୍ୱସ୍ତି ଲାଭ କରିବେ। ଘରେ ଅସାବଧାନତାବଶତଃ ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟହେବା ସୂଚନା ରହିଛି। ମୃଗଶିରା ନକ୍ଷତ୍ର ଅସ୍ଥିରତା କାରଣରୁ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ ଉପୁଜିବ।

**ମିଥୁନ** ଏକାଦଶସ୍ଥ ବୃହସ୍ପତି ଯୋଗୁ କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ ଓ ସମର୍ଥନ ଲାଭ କରିବେ। ପାରିବାରିକ ଜୀବନରେ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାର ନିଷ୍ପତ୍ତି ନେବେ। ବ୍ୟବସାୟ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ମନ ଅସ୍ଥିର ରହିପାରେ।

**କର୍କଟ** ଦ୍ୱାଦଶାଧିପତି ରାଶିରେ ଥିବାରୁ ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବା ସହ ବନ୍ଧୁଙ୍କ ଦର୍ଶନରୁ ଖୁସି ହେବେ। କର୍ମକ୍ଷେତ୍ରରେ ଦୃଢ଼ ମନୋବଳ ଓ ନୂତନ ଉତ୍ସାହ ସୃଷ୍ଟି କରିବ। ଅର୍ଥର ଅଭାବ ରହିବନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** କର୍ମାଧିପ ସହ ରବିଙ୍କ ସଂଯୋଗ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରାଇବ। ଶୁକ୍ର ସମ୍ବନ୍ଧରୁ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ସାମିଲ ହେବେ। କିନ୍ତୁ ମଘା ସକାଶେ ନିକଟସ୍ଥ ବ୍ୟକ୍ତିବିଶେଷ ପରୋକ୍ଷ ସମାଲୋଚନା କରିବାକୁ ମଧ ପଛାଇବେ ନାହିଁ। ଅଭିଭାଷଣ, ପ୍ରବଚନାଦି କାର୍ଯ୍ୟ, କଳା, ସାହିତ୍ୟ, ସଙ୍ଗୀତ ପ୍ରଭୃତିରୁ ପ୍ରଶଂସିତ ହେବେ।

**କନ୍ୟା** ସାଧାରଣ ବ୍ୟତିକ୍ରମକୁ ବାଦ୍‌ଦେଲେ ମାନସିକ ଓ ଶାରୀରିକ ସୁସ୍ଥତା ସମସ୍ତ ସୁଖ, ସାଧନର ମାଧ୍ୟମ ଭଳି କାମ କରିବ। ଆଜି ଯାହା ପାଇବାକୁ ଆଶା ରଖିଛନ୍ତି, ବିଳମ୍ବରେ ପାଇପାରନ୍ତି। ପ୍ରଶାସନିକ ସ୍ତରରେ ଅନ୍ୟ ଦ୍ୱାରା ସମ୍ପନ୍ନ କାମଗୁଡ଼ିକର ସମୀକ୍ଷା କରିବେ। କଠିନ ପରିଶ୍ରମ କିମ୍ବା ଅନିଦ୍ରା ହେତୁକ ଜ୍ୱର ଓ ଦୁର୍ବଳତା ଦେଖାଦେଇପାରେ।

**ତୁଳା** ସ୍ମରଣୀୟ ଦିବସଟିଏ, ତଥାପି ଭଲ ଓ ମନ୍ଦର ମିଶ୍ରିତ ଅନୁଭୂତି ମଧ୍ୟରେ ବିତିବ। ପରିସ୍ଥିତି ଭଲ ନ ଥିଲେ ମଧ ନିଜକୁ ଚଳାଇ ନେବାରେ ଅସୁବିଧା ରହିବ ନାହିଁ। ପାରସ୍ପରିକ ସାହାଯ୍ୟ, ସହଯୋଗରୁ କର୍ମକ୍ଷେତ୍ରରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା** ନୂତନ କାମ କରିବାକୁ ଚାହୁଁଥିଲେ ହେଁ ପରିସ୍ଥିତି ବାଧା ସୃଷ୍ଟି କରିବ। ସପ୍ତମସ୍ଥ ଗୁରୁଙ୍କ ଯୋଗୁ ସକାଳୁ ଯାତ୍ରା କରିବେ ଓ ଶ୍ରଦ୍ଧା ଓ ସମ୍ମାନ ହାସଲ କରିପାରନ୍ତି। ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡ଼ିବ, ଯାହାକି ମନକୁ କଷ୍ଟ ଦେଇପାରେ।

**ଧନୁ** ମାନସିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ ଶିକ୍ଷା, ସନ୍ତାନ, ବିଦେଶ ଯାତ୍ରା କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବନ୍ଧୁଙ୍କ ନିକଟରୁ ସକାଳୁ ଶୁଭଖବର ପାଇ ଉଲ୍ଲସିତ ହେବେ। ବିଳାସବ୍ୟସନ ସକାଶେ ରୁଚି ବଳିବ। ଉଲ୍ଲାସରେ ସମୟ ଅତିବାହିତ ହୋଇପାରେ।

**ମକର** ବୃହସ୍ପତିଙ୍କ କୃପାରୁ ଆପଣଙ୍କ ଦୂରଦର୍ଶିତାର ପ୍ରଶଂସା ଅନ୍ୟମାନଙ୍କୁ ନିକଟତର ହେବାରେ ସାହାଯ୍ୟ କରିବ। ମନ କଥା ମନରେ ରଖି ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ପରିବହନ, ଶିଳ୍ପ, ନିର୍ମାଣ, ବ୍ୟବସାୟରେ ଉନ୍ନତି ଘଟିବ। ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**କୁମ୍ଭ** ଶନିଦୃଷ୍ଟ ମଙ୍ଗଳ ହେତୁ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାମକୁ ଅଣଦେଖାକରି ସମାଲୋଚିତ ହେବେ। ପରିବାରର ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲକରିବେ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟାକଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ, ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ** ରାହୁଙ୍କ ଯୋଗୁ ପଛକଥା ପଛକୁ ପକାଇ ନିଜ ଲୋକଙ୍କୁ ମନାଇ କାମ ହାସଲ ସକାଶେ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ଯେତେ ଭଲ କାମକଲେ ମଧ ଅନ୍ୟମାନେ ଦୋଷ ଖୋଜି ପାରନ୍ତି। ବନ୍ଧୁଙ୍କ ସମ୍ପର୍କିତ କୌଣସି ଘଟଣା ବିବ୍ରତ କରିପାରେ। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟିହେବା ଆଶଙ୍କା ରହିଛି।

ଆଜି ଜୁଲାଇ ୨ତାରିଖ, ମଙ୍ଗଳବାର, ଅନ୍ତର୍ଜାତୀୟ କ୍ରୀଡ଼ା/ସାମ୍ବାଦିକତା ଦିବସ, ହାନିମ୍ୟାନ୍‌ଙ୍କ ତିରୋଧାନ ଦିବସ, ଆଷାଢ଼ କୃଷ୍ଣପକ୍ଷର ସର୍ବସମ୍ମତ (ଖଳିଲାଗି) ଏକାଦଶୀ, ଶ୍ରୀମନ୍ଦିରରେ ଖଳିଲାଗି/ଅଣସର ଏକାଦଶୀ, ଦିବା ୦୮।୪୨ ଗତେ ଦ୍ୱାଦଶୀ। ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ରାଶିନକ୍ଷତ୍ର–କୃତ୍ତିକା/ମେଷ, ଦିବା ୧୧।୧୪ ଗତେ ବୃଷଚନ୍ଦ୍ର। ସକାଳ ୦୫।୧୫ ଗତେ, ଘ. ୦୬।୫୪ ମଧ୍ୟେ, ଘ.୦୯।୩୯ ଗତେ, ଘ.୧୨।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଭୋର ଘ. ୦୩।୦୮ ଗତେ, ଘ.୦୪।୪୭ ମଧ୍ୟେ ରାହୁକାଳ।

# ଯୁକ୍ତ୨ ନାମଲେଖା ଆବେଦନ ଅବଧି ବୃଦ୍ଧି

## ଅଗଷ୍ଟ ୧ରୁ ପାଠପଢ଼ା

**ଭୁବନେଶ୍ୱର,୧୭(ଅସମାପିକା ସାହୁ)**

୨୦୨୪–୨୫ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀରେ ନାମଲେଖା ନିମନ୍ତେ ଆବେଦନ ଅବଧିକୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଆବେଦନର ଶେଷ ତାରିଖ ଜୁଲାଇ ୬ ଥିବାବେଳେ ଏହାକୁ ବଢ଼ାଯାଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ୨୦ ତାରିଖରେ ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ର ୨୨ରୁ ୨୭ତାରିଖ ମଧ୍ୟରେ ନାମ ଲେଖାଇବେ। ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ର ଅନ୍ୟ ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଇଚ୍ଛୁକ ଥିଲେ ୨୨ରୁ ୩୦ ତାରିଖ ମଧ୍ୟରେ ସ୍ଲାଇଡ୍ ଅପ୍ ଅପସନ୍ ଦେଇପାରିବେ। ଅଗଷ୍ଟ ୫ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଅଗଷ୍ଟ ୭ରୁ ୧୦ ତାରିଖ ମଧ୍ୟରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ନାମ ଲେଖାଇବେ। ଅନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନରେ ସ୍ପଟ୍ ନାମଲେଖାରେ ଅଂଶଗ୍ରହଣ କରିବା ପାଇଁ ଅଗଷ୍ଟ ୧୨ରୁ ୧୪ ତାରିଖ ଯାଏ ଚଏସ୍ ଲକିଂ କରିପାରିବେ। ଅଗଷ୍ଟ ୨୦ରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୨ତାରିଖ ମଧ୍ୟାହ୍ନରୁ ୨୮ତାରିଖ ଅପରାହ୍ନ ୬ଟା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ। ଅଗଷ୍ଟ ୧ତାରିଖରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ।

# ଜୟପୁର ସ୍ୱତନ୍ତ୍ର କାରାଗାରରେ କଏଦୀଙ୍କ ମୃତ୍ୟୁ

**ଜୟପୁର,୧୭(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ସ୍ୱତନ୍ତ୍ର କାରାଗାରରେ ସୋମବାର ଜଣେ ବିଚାରାଧୀନ କଏଦୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ରଜନୀ ପ୍ରଧାନ (୩୭)। ତାଙ୍କ ଘର ଗଞ୍ଜାମ ଜିଲା ବୁଗୁଡ଼ା ଅଞ୍ଚଳରେ ବୋଲି ଜଣାଯାଇଛି। ସ୍ୱତନ୍ତ୍ର କାରାଗାର ଜେଲରଙ୍କ କହିବା ଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୧ଟାରେ ତାଙ୍କର ମୃତ୍ୟୁ ଘଟିଛି।

# ମେଧା ପାଟେକରଙ୍କୁ ୫ ମାସ ଜେଲ

**ନୂଆଦିଲ୍ଲୀ,୧୭(ପି.ଟି.)**



ନର୍ମଦା ବଚାଓ ଆନ୍ଦୋଳନର କର୍ମୀ ମେଧା ପାଟେକରଙ୍କୁ ୨୦୦୧ରେ ଏକ ମାନହାନି ମାମଲାରେ ଦିଲ୍ଲୀ ଅଦାଲତ ୫ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ବର୍ତ୍ତମାନ ଦିଲ୍ଲୀ ଉପରାଜ୍ୟପାଳ ଥିବା ଭି.କେ. ସାକ୍ସେନା ସେତେବେଳେ ଖଦି ଓ ଗ୍ରାମୋଦ୍ୟୋଗ କମିଶନ (କେଭିଆଇସି) ଅଧ୍ୟକ୍ଷ ଥିବାବେଳେ ଏହି ମାନହାନି ମାମଲା ରୁଜୁ ହୋଇଥିଲା। ସାକ୍ସେନାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ସାକେତ୍ କୋର୍ଟ ମେଧାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାକ୍ସେନାଙ୍କ ବିରୋଧରେ ମେଧା ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ସାକେତ୍ କୋର୍ଟଙ୍କ ରାୟ ବିରୋଧରେ ମେଧା ଉପର ଅଦାଲତରେ ଆବେଦନ କରିବେ ବୋଲି ସୂଚନା ଦେଇଛନ୍ତି। ସତ୍ୟର କେବେ ପରାଜୟ ହୋଇପାରିବ ନାହିଁ। ଆମେ କେବଳ ଆମ କର୍ତ୍ତବ୍ୟ କରିଛୁ, କାହାର ମାନହାନି କରିବାକୁ ଉଦ୍ୟମ କରିନାହୁଁ ବୋଲି ମେଧା କହିଛନ୍ତି। ମେ' ୨୪ରେ ଶୁଣାଣି ବେଳେ ଅଦାଲତ କହିଥିଲେ, ମେଧାଙ୍କ ମନ୍ତବ୍ୟ କେବଳ ମାନହାନିକାରୀ ନୁହେଁ ଏହା ସାକ୍ସେନାଙ୍କ ଖ୍ୟାତି ପ୍ରତି କ୍ଷତି ପହଞ୍ଚାଇଛି। ଗୁଜରାଟ ଜନତା ଓ ସେମାନଙ୍କ ସମ୍ପତ୍ତିକୁ ସାକ୍ସେନା ବିଦେଶୀ ସ୍ୱାର୍ଥ ନିକଟରେ ବନ୍ଧକ ରଖିଥିବା ନେଇ ମେଧାଙ୍କ ଅଭିଯୋଗ ତାଙ୍କ ସାଧୁତା ଏବଂ ଜନସେବା ଉପରେ ସିଧାସଳଖ ଆକ୍ରମଣ ବୋଲି କୋର୍ଟ କହିଥିଲେ। ମେ' ୩୦ରେ ଶୁଣାଣି ଶେଷ ହୋଇଥିବାବେଳେ ଜୁନ୍ ୭ରେ ଦଣ୍ଡ ଶୁଣାଣିକୁ ସଂରକ୍ଷିତ ରଖାଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ରାହୁଲ-ମୋଦି...

କରୁଥିବାରୁ ଦେଶର ଅନେକ ଲକ୍ଷ ଲୋକ ଏହାର ପ୍ରତିବାଦ କରିଛନ୍ତି ବୋଲି ସେ କହିଛନ୍ତି। ସେ ପୁଣି କହିଛନ୍ତି ଯେ, ସାମ୍ବିଧାନିକ ସଂସ୍ଥାଗୁଡ଼ିକ ପ୍ରଧାନମନ୍ତ୍ରୀ ମୋଦିଙ୍କର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ମୋଦିଙ୍କ ନିର୍ଦ୍ଦେଶରେ ତାଙ୍କ ଉପରେ ବାରମ୍ବାର ଆକ୍ରମଣ କରାଯାଇଛି। ତାଙ୍କ ବିରୋଧରେ ୨୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ କରାଯିବା ସହିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ୫୫ ଘଣ୍ଟା ଜେରା ପରେ ତାଙ୍କ ଘର ଛଡ଼ାଇ ନିଆଯାଇଥିଲା। ଏସବୁ ସତ୍ତ୍ୱେ ସମ୍ବିଧାନକୁ ରକ୍ଷା କରିବା ଲାଗି ହୋଇଥିବା ସାମୂହିକ ଉଦ୍ୟମ ସଫଳ ହୋଇଛି ବୋଲି ରାୟବରେଲି ଏମ୍‌ପି କହିଛନ୍ତି।

ରାହୁଲ କହିଛନ୍ତି, ସେ ଏବେ ଖୁସି ଅନୁଭବ କରୁଛନ୍ତି ଯେ ତାଙ୍କ ପରେ ଭାଜପା ଲୋକମାନେ ଏବେ 'ଜୟ ସମ୍ବିଧାନ' କହୁଛନ୍ତି। ସେ ବର୍ତ୍ତମାନ ବିରୋଧୀ ପକ୍ଷରେ ରହି ସନ୍ତୁଷ୍ଟ ଥିବା କହିଛନ୍ତି। ରାହୁଲ ଭାଷଣ ଦେଉଥିବା ବେଳେ ଭଗବାନ ଶିବଙ୍କ ଛବି ଦେଖାଇ କହିଥିଲେ, ଈଶ୍ୱର ନିର୍ଭୟ ଓ ଅହିଂସାର ବାର୍ତ୍ତା ଦେଇଥାଆନ୍ତି। ଏପରି ଅନ୍ୟ ସମସ୍ତ ଧର୍ମରେ ମଧ ସମାନ ଚିନ୍ତାଧାରା ଓ ମତ ରହି ଆସିଛି ବୋଲି କହିଥିଲେ। ଏହି ସମୟରେ ଗୃହରେ କୌଣସି ପ୍ଲାକାର୍ଡ ଦେଖାଇବା ନିୟମ ବହିର୍ଭୂତ ବୋଲି ବାଚସ୍ପତି ଓମ୍ ବିର୍ଲା ତାଙ୍କୁ ମନେପକାଇ ଦେଇଥିଲେ। ରାହୁଲ ପୁନଶ୍ଚ ଭାଜପାକୁ ଲକ୍ଷ୍ୟ କରି କହିଥିଲେ ଏହି ଦଳ ସବୁ ହିନ୍ଦୁଙ୍କ ପ୍ରତିନିଧିତ୍ୱ କରୁ ନାହିଁ।

ଏହା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଥିଲେ, ବିରୋଧୀ ଦଳ ନେତାଙ୍କ ଏଭଳି ମନ୍ତବ୍ୟ ଅସଂଖ୍ୟ ହିନ୍ଦୁଙ୍କ ଭାବାବେଗକୁ ଆଘାତ ଦେଇଥିବାରୁ ସେ ତୁରନ୍ତ ଗୃହ ଓ ହିନ୍ଦୁ ଭାବେ ଗର୍ବ ଅନୁଭବ କରୁଥିବା ଅନେକ କୋଟି ଲୋକଙ୍କୁ ଭୁଲ ମାଗନ୍ତୁ। ଏହି ପରିପ୍ରେକ୍ଷୀରେ ଶାହା ଜରୁରିକାଳୀନ ପରିସ୍ଥିତି ଓ ଶିଖ୍ ଦଙ୍ଗା ବିଷୟ ଉତ୍ଥାପନ କରିଥିଲେ। ଅତୀତରେ କଂଗ୍ରେସ ଦେଶରେ ଯେଉଁଭଳି ଭାବେ ଆତଙ୍କ ସୃଷ୍ଟି କରିଥିଲା, ସେହି ଦୃଷ୍ଟିରୁ ଦେଖିଲେ ରାହୁଲଙ୍କ ଅହିଂସା ଉପରେ ଏଭଳି ମନ୍ତବ୍ୟ ଦେବାର ଅଧିକାର ନାହିଁ ବୋଲି ଶାହା କହିଥିଲେ।

## ଆର୍‌ଏସ୍‌ପିରେ ଗ୍ୟାସ ଲିକ୍...

୩ଜଣ ସ୍ଥାୟୀ କର୍ମଚାରୀ ଥିବା ବେଳେ ଅନ୍ୟମାନେ ଠିକାସଂସ୍ଥା ଟିପିଏଲ୍‌ର କର୍ମଚାରୀ ରହିଛନ୍ତି। ସୂଚନାଯୋଗ୍ୟ, ସୋମବାର ସକାଳେ ବ୍ଲାଷ୍ଟ ଫର୍ନେସ–୫ରେ ଥିବା ୟୁ–ସିଲ୍‌କୁ ଖୋଲିବା ବେଳେ ସେଥିରେ ଥିବା ବିଷାକ୍ତ ଗ୍ୟାସ ଲିକ୍ ହୋଇଥିଲା। ନିକଟରେ ଥିବା କର୍ମଚାରୀ ମାନେ ଅଣନିଃଶ୍ୱାସୀ ହୋଇ ପଡ଼ିଥିଲେ। ଆରଏସପି ଡିଆଇସି ଅତନୁ ଭୌମିକ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଆଇଜିଏଚରେ ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଏହି ଅବସରରେ ଭୌମିକ କହିଛନ୍ତି, ଆହତଙ୍କ ଅବସ୍ଥା ଏବେ ବିପଦମୁକ୍ତ ରହିଛି। ଉକ୍ତ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ। ସେଥିପାଇଁ ଏକ କମିଟି ଗଠନ କରାଯିବ। ଯଦି କୌଣସି ଅନିୟମିତ ବା ଅବହେଳା ଜଣାପଡ଼ିବ ତେବେ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ନିଆଯିବ। ଆଗାମୀ ଦିନରେ ସୁରକ୍ଷାକୁ ନେଇ ଅଧିକ ଜନସଚେତନା କରାଯିବ ବୋଲି ଭୌମିକ କହିଥିଲେ। ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଡାକ୍ତରଖାନା ପରିଦର୍ଶନ କରି ଆର୍‌ଏସ୍‌ପି ଡିଆଇସିଙ୍କ ସହ ଆଲୋଚନା କରିଥିଲେ। ଦୁର୍ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଆଗାମୀ ଦିନରେ କାରଖାନାର ସୁରକ୍ଷା ବିଷୟ ନେଇ ସକ୍ରିୟତା ଦେଖାଇବା ସହ କାରଖାନା ପରିଦର୍ଶନ ଜାରି ରହିବ ବୋଲି ତନ୍ତୀ କହିଥିଲେ। ସେହିପରି ସମ୍ପ୍ରତି କାରଖାନାରେ ସ୍ୱୀକୃତିପ୍ରାପ୍ତ ଆଇଏନ୍ ଟିୟୁସି ସହବନ୍ଧିତ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍)ର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ଓ ଅନ୍ୟମାନେ ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ସହ ଆଲୋଚନା କରି ଘଟଣାର ତଦନ୍ତ ଦାବିକରିଥିଲେ। ଅନୁରୂପ ଭାବେ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆରଆଇକେକେଏସ୍)ର ହିମାଂଶୁ ବଳ ଓ ପ୍ରତିନିଧିମଣ୍ଡଳୀ ଅସୁସ୍ଥଙ୍କ ପରିବାରଙ୍କ ସହ ଆଲୋଚନା କରିଥିଲେ। ସିଟୁ ସହବନ୍ଧିତ ସେଟୁ ପକ୍ଷରୁ ବରିଷ୍ଠ ଶ୍ରମିକ ନେତା ବସନ୍ତ ନାୟକ କହିଛନ୍ତି, ଦୁର୍ଘଟଣା କାରଖାନାରେ ବନ୍ଦ ହେବା ଉଚିତ୍। ବିପଜ୍ଜନକ ସ୍ଥାନରେ ସ୍ଥାୟୀ କର୍ମଚାରୀଙ୍କୁ ନିୟୋଜନ କରାଯାଉ। ଏସ୍‌ଓପି ଜାରି କରିବା ସହିତ ଉଭୟ କାରଖାନା କର୍ତ୍ତୃପକ୍ଷ ଓ ଶ୍ରମିକ ସଂଗଠନ ଏନେଇ ଆଲୋଚନା କରନ୍ତୁ ବୋଲି ସେ କହିଛନ୍ତି।

### ତଦନ୍ତ କରିବେ ଶ୍ରମ ବିଭାଗ ସଚିବ: ମନ୍ତ୍ରୀ ଗଣେଶ ରାମ

**ଭୁବନେଶ୍ୱର,୧୭(ଅନିଲ ଦାସ)**

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ବ୍ଲାଷ୍ଟ ଫର୍ନେସରେ ଗ୍ୟାସ୍ ଲିକ୍ ଯୋଗୁ ୯ ଜଣ ଅସୁସ୍ଥ ହେବା ଏକ ଅଭାବନୀୟ ଓ ଦୁର୍ଭାଗ୍ୟଜନକ ଘଟଣା। ଏହି ଘଟଣାରେ ଭୁଲ୍ ଓ ଅବହେଳା ଥିଲେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବ ଏହି ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଡାଇରେକ୍ଟର ଅଫ୍ ଫ୍ୟାକ୍ଟ୍ରିଜ୍ ଓ ବଏଲର୍ସ ଦୁର୍ଘଟଣାର ଅନୁସନ୍ଧାନ କରି ଶ୍ରମ ବିଭାଗର ପ୍ରମୁଖ ସଚିବଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ...

ସମ୍ପତ୍ତି ହଡପକରି ମା'ଙ୍କୁ ଘରୁ ବାହାର କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇ ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି କେନ୍ଦୁଝରର ଗୋଟିଏ ସ୍କୁଲରେ କାମ କରୁଥିବା ଜଣେ ମହିଳା ଅନେକ ଦିନ ଧରି ଦରମା ପାଉନାହାନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କର ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଥାଲାସେମିଆରେ ପୀଡ଼ିତ ଗୋଟିଏ ଛୋଟଝିଅର ବାପା ଯାଜପୁରର ସତ୍ୟଜିତ୍ ଚିକିତ୍ସା ସହାୟତା ପାଇଁ ଆସିଥିଲେ। ତାଙ୍କ ଝିଅର ହେବ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟେଶନ୍। ସେଥିପାଇଁ ଯେତେ ଶୀଘ୍ର ସମ୍ଭବ ତାଙ୍କ ଚିକିତ୍ସାର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ତାଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ମଧ କହିଛନ୍ତି। ଏମିତି ଅନେକ ପୀଡ଼ିତ, ଦିବ୍ୟାଙ୍ଗ, ବୟୋବୃଦ୍ଧ ଆସି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ସେମାନଙ୍କ ସମସ୍ୟା ଶୁଣାଇଛନ୍ତି ଓ ସମାଧାନର ଭରସା ନେଇ ଯାଇଛନ୍ତି। ରାଜ୍ୟର ମୁଖ୍ୟଙ୍କଠାରୁ ଭରସାବାଣୀ ଶୁଣି ସେମାନେ ଅତ୍ୟନ୍ତ ଖୁସି ହୋଇ ଫେରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବ ସରକାରଙ୍କ ସମୟରେ ଜନତା ଓ ସରକାରଙ୍କ ମଧ୍ୟରେ ଏକ ଲୁହା ପାଚେରି ଥିଲା। ତାହା ଆଜି ଦୂର ହୋଇଛି। ଲୋକ ଓ ସରକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ପ୍ରତିଷ୍ଠା ହୋଇପାରିଛି। ଗଣତନ୍ତ୍ରରେ ଲୋକଙ୍କ କଥା ଶୁଣିବା ଓ ସମାଧାନ ପାଇଁ ଚେଷ୍ଟା କରିବା ଏକ ପ୍ରାଥମିକତା। ଏହି କଥାକୁ ଗୁରୁତ୍ୱ ଦେଇ ସୋମବାରଠାରୁ ଜିଲା ସ୍ତରରେ ମଧ ଶୁଣାଣି ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରକ୍ରିୟାକୁ ଆଗକୁ ଆହୁରି ସୁଦୃଢ଼ କରାଯିବ। ମୋ ସହିତ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ମଧ ଏଥିରେ ସହଯୋଗ କରିଛନ୍ତି। ଏହା ଜାରି ରହିଲେ ଜିଲା ସ୍ତରରେ ଅଧିକାରୀମାନେ ଗୁରୁତ୍ୱ ଦେଇ ଲୋକଙ୍କ ସମସ୍ୟାର ସମାଧାନ କରିବେ। ଜିଲା ସ୍ତରରେ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିଲେ ରାଜ୍ୟ ସ୍ତରରେ ଅଭିଯୋଗ କମ୍ ରହିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ପ୍ରଥମ ଦିବସ ଶୁଣାଣିରେ ପ୍ରାୟ ୯୯ ପ୍ରତିଶତ ଅଭିଯୋଗର ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ରଖିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମ ଦିନରୁ ହିଁ ଲୋକଙ୍କ ସହିତ ଖୋଲାମନରେ ମିଶୁଛନ୍ତି। ଲୋକଙ୍କ ସମସ୍ୟା ଜାଣିବାକୁ ଚେଷ୍ଟା କରୁଛନ୍ତି। ଭୁବନେଶ୍ୱରର ରାଜ୍ୟ ଅତିଥି ଭବନର କାର୍ଯ୍ୟାଳୟ ହେଉ ବା ବରଗଡ଼ ଓ କେନ୍ଦୁଝର ଗସ୍ତ ପରି ବିଭିନ୍ନ ଜିଲା ଗସ୍ତ ହେଉ, ସବୁ ସମୟରେ ସେ ସାଧାରଣ ଲୋକଙ୍କ ସହିତ ହୃଦୟ ଖୋଲି ମିଶୁଛନ୍ତି ଓ ଆଲୋଚନା କରୁଛନ୍ତି ଏବଂ ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା କରୁଛନ୍ତି। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ପରିଚୟ ଦିନକୁ ଦିନ ଉଜ୍ଜ୍ୱଳ ହେଉଛି। ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ହୋଇଛି। ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପ୍ରତି ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରିରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ଦିବସରେ ସମୁଦାୟ ୧,୫୪୦ ଅଭିଯୋଗ ପଞ୍ଜୀକୃତ ହୋଇଛି।

# ମାଂସର ବିଳାପ



କାଳିନ୍ଦୀଚରଣ ପାଣିଗ୍ରାହୀ

**ପ୍ରଖ୍ୟାତ ସାହିତ୍ୟିକ ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜନ୍ମଦିନ (ଜୁଲାଇ ୨) ଅବସରରେ ତାଙ୍କ ରଚିତ ଗଳ୍ପ**

ଜଲି ଏବଂ ଡୋରା ଆବାଲ୍ୟ ପରମସାଥୀ। କ୍ଷଣେ ଏକ ଅପରକୁ ଛାଡ଼ି ରହିବାକୁ ସହଜରେ ରାଜି ହୁଏ ନାହିଁ। ଜଲି ଥରେ ଅସୁସ୍ଥ ହେଲେ ଡୋରା ତାକୁ ଅହର୍ନିଶ ଜଗି ବସିଥାଏ। ସକଳ ତାଡ଼ନା ତାହା ନିକଟରେ ବ୍ୟର୍ଥ। ଅବଶେଷରେ ସେହିଠାରେ ତା'ର ପାନାହାର ଯୋଗାଇବା ଲାଗି ହୁକୁମ ହେଲା। ଡୋରାର ପାଦ ଥରେ ଜଖମ ହେଲା। ଜଲି ଭଲ କରି ଜାଣେ ଡୋରାର ବଳ ଅପରିସୀମ; କିନ୍ତୁ ବୁଝିପାରିଲା ନାହିଁ କାହିଁକି ତାକୁ ଏତେଦିନ ଏକ ସ୍ଥାନରେ ବନ୍ଧା ହୋଇ ରହିବାକୁ ହୋଇଛି। ତା'ର ପାଦ ମୁଖରେ ସ୍ପର୍ଶ କରି ତା'ର ବ୍ୟଥା କେଉଁଠାରେ ଜାଣିବା ପାଇଁ ସଚେଷ୍ଟ ହେଲା।

ଡୋରା ଗୋଟିଏ ଇଂଲିଶ୍ ଗ୍ରେ-ହାଉଣ୍ଡ ଏବଂ ଜଲି ଗୋଟିଏ ଗଡ଼ଜାତ ଜଙ୍ଗଲର କୃଷ୍ଣସାର। ଡୋରା ଆସିଛି ବିଖ୍ୟାତ ଲଣ୍ଡନ ନଗରୀରୁ, ଜଲିର ଜନ୍ମସ୍ଥାନ ଓଡ଼ିଶାର ନିଭୃତ ଅରଣ୍ୟାନୀ। ଡୋରା ସମ୍ପୂର୍ଣ୍ଣ ମାଂସାଶୀ, ଜଲି ନିରାଟ ଶାକାହାରୀ; କିନ୍ତୁ ଅତି ଛୋଟଦିନୁ ଦୁହିଁଙ୍କ ମଧ୍ୟରେ ସଦ୍ଭାବ ଜନ୍ମି ଯାଇଥିଲା।

ଡୋରାର ଅସୁସ୍ଥତା ନିବାରଣ ପାଇଁ ଜଲି ତାହାର ସର୍ବାଙ୍ଗ ଲେହନ କରି ଶୁଶ୍ରୂଷାରେ ଲାଗିଲା। ଅବଶେଷରେ ଡୋରା ଟିକିଏ ସୁସ୍ଥ ହୋଇ ପ୍ରଥମେ ଆସ୍ତେ ଆସ୍ତେ ଚାଲିବାକୁ ଆରମ୍ଭ କଲା। ତା'ପରେ ଯେତେବେଳେ ବସନ୍ତ ପୁଣି ଲେଉଟିଲା, ଫୁଲର ଗନ୍ଧ ଚହଟିଲା, ଦୁଇ ବନ୍ଧୁ ଦକ୍ଷିଣାଭିମୁଖରେ ଇତସ୍ତତଃ ଧାଇଁ କ୍ରୀଡ଼ା-କୌତୁକରେ ମଗ୍ନ ହେଲେ- ଯେପରିକି ଏହି ଆନନ୍ଦର ସ୍ରୋତ ଯେଉଁ ଦିଗରୁ ଭାସିଆସୁଛି, ସେହି ରହସ୍ୟମୟ ଦେଶଟାକୁ ଦୁହେଁ ମିଳି ଏକ ମୁହୂର୍ତ୍ତରେ ଆବିଷ୍କାର କରିନେବେ। ଦୁହିଁଙ୍କ ଦୌଡ଼ିବାର ଭଙ୍ଗୀରେ ବିଶେଷ ପାର୍ଥକ୍ୟ ଓ ସୌନ୍ଦର୍ଯ୍ୟ କଳା ନିହିତ ଅଛି। ଡୋରା ଯେତେବେଳେ ଦୌଡ଼େ, ସେତେବେଳେ ଗୋଟିଏ ଲମ୍ବମାନ କ୍ଷୀଣସୂତ୍ର ଭୂମିରେ ମିଶିଗଲା ପରି ମନେହୁଏ। ସେତେବେଳେ ତା'ର ଚକ୍ଷୁ, କର୍ଣ୍ଣ, ପାଦ, ମୁଖ ଇତ୍ୟାଦି ଚିହ୍ନିବାର ଉପାୟ ନାହିଁ; କିନ୍ତୁ ଜଲିର ଦୌଡ଼ର ଭଙ୍ଗିମା ଭିନ୍ନ ଧରଣର। ସେ ଯେପରି ପ୍ୟାରିସ୍ ଡାନ୍‌ସ! ଗୋଡ଼ ଯେପରି ତା'ର ତଳେ ଲାଗୁନାହିଁ; କେବଳ ଶୂନ୍ୟେ ଶୂନ୍ୟେ ନାଚିଯାଉଛି।

ପଶୁ ଦିଓଟି ଜମିଦାରବାବୁଙ୍କର ବଡ଼ ପ୍ରିୟ ଥିଲେ। ଡୋରା ତ ବିଲାତ ରପ୍ତାନି ବୋଲି ତା'ର ଇଂରାଜୀ ନାମ ରଖାଯାଇଥିଲା; ଜଲିକୁ ତା'ର ଅତ୍ୟନ୍ତ ପ୍ରିୟ ଦେଖି ତାକୁ ମଧ୍ୟ ସେହି ଭାଷାରେ ଅନ୍ୟ ଗୋଟିଏ ନାମରେ ଅଭିହିତ କରାଯାଇଥିଲା। କର୍ମକ୍ଳାନ୍ତ ଦିବସ ପରେ ଜମିଦାରବାବୁ ଯେତେବେଳେ କଚେରି ସମ୍ମୁଖସ୍ଥ ପ୍ରକାଣ୍ଡ ପଡ଼ିଆରେ ସାୟଂଭ୍ରମଣ ଉଦ୍ଦେଶ୍ୟରେ ବାହାରନ୍ତି, ସେତେବେଳେ ଏ ଦିଓଟି ପଶୁ ତାଙ୍କର ସହଚର ହୋଇ ଚାଲିବାରେ ଏବଂ ତାଙ୍କ ସମ୍ମୁଖରେ କ୍ରୀଡ଼ାକୌତୁକ କରିବା ଦ୍ୱାରା ତାଙ୍କ ଶ୍ରାନ୍ତ ଅନ୍ତରରେ ଯେ ଆନନ୍ଦ ସଞ୍ଚାର କରନ୍ତି, ତାହାର ମୂଲ୍ୟ ସାମାନ୍ୟ ନୁହେଁ। ତାହା ନ ହେଲେ ଶିକାରସ୍ଥଳୀରେ ଡୋରାର କିଛି ଆବଶ୍ୟକତା ଅଛି, ଜଲି ତ ସମ୍ପୂର୍ଣ୍ଣ ଅନାବଶ୍ୟକ। ତଥାପି ଜମିଦାରବାବୁଙ୍କର କର୍ମପ୍ରବାହ ମଧ୍ୟରେ ଜଲିର ଟିକିଏ ସ୍ଥାନ ଅଛି। ସେହି ଆନନ୍ଦ ଟିକକର କାରଣ ସେ।

ଜମିଦାରବାବୁ ଗସ୍ତରେ ଯେତେବେଳେ ବାହାରନ୍ତି, ଜଲି ତାଙ୍କ ହାତ ଚାଟି ଚାଟି ଗୋଡ଼ରେ ଘଷି ହୋଇ ଚାଲେ। ଡୋରା କେତେବେଳେ ପଛରେ ରହିଗଲେ ଛୁଟିଆସି ତାଙ୍କ ସମ୍ମୁଖରେ ନମସ୍କାର ଛଳରେ କରଯୋଡ଼ି ହୋଇ ବସିପଡ଼ି ଲାଙ୍ଗୁଳ ହଲାଏ। କେତେବେଳେ ତାଙ୍କ ଦୁଇ ପାଦ ମଧ୍ୟରେ ପ୍ରବେଶ କରି ଗତି ଶିଥିଳ କରିଦିଏ। ଅନ୍ୟ କୌଣସି କୁକୁର ଯେବେ ଆସି ଜଲି ଉପରେ ଲୋଲୁପ ଦୃଷ୍ଟି ପକାଏ, ଜଲି ତ୍ରସ୍ତକାତର ହୋଇ ବାବୁଙ୍କ ଦୁଇ ପାଦ ମଧ୍ୟରେ ଠେଲି ଠେଲି ପ୍ରବେଶ କରେ। ଡୋରା ଜାଣିପାରି ସଙ୍ଗେ ସଙ୍ଗେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ଦେଖାଦେବା ମାତ୍ରକେ ତା'ର ସ୍ୱଜାତିମାନେ ପୃଷ୍ଠପ୍ରଦର୍ଶନ କରି ବିନୀତ ଭାବରେ ଅପସାରିତ ହୁଅନ୍ତି। କାରଣ ଡୋରାର ବଳବୀର୍ଯ୍ୟ ତା'ର ପଡ଼ୋଶୀମାନଙ୍କୁ ଅଜ୍ଞାତ ନ ଥିଲା।

ଜମିଦାରବାବୁଙ୍କର ଶିକ୍ଷା ରାୟପୁରଠାରେ ହିଁ ସମାପ୍ତ ହୋଇଛି। ବେଶ୍ ଆଧୁନିକ ଧରଣର ଲୋକ, ମିଷ୍ଟାଳାପ, ଶିଷ୍ଟାଚାର ଇତ୍ୟାଦି ଗୁଣର ଅଭାବ ନ ଥିଲା। ଦେଶୀ ଲୋକଙ୍କ ପାଖରେ କୁର୍ତ୍ତା ଚାଦରପକା ଖାଣ୍ଟି ଦେଶୀ ଓ ବିଲାତୀଙ୍କ ପାଖରେ ପୂରା ସାହେବ। ଅବସର ସମୟରେ ବଡ଼ ବଡ଼ ସାହେବସୁବା ଶିକାର ଉଦ୍ଦେଶ୍ୟରେ ଜମିଦାର ଭବନରେ ଆତିଥ୍ୟ ଗ୍ରହଣ କରିଥାଆନ୍ତି। ସେମାନଙ୍କ ଉଦ୍ଦେଶ୍ୟରେ ମଧ୍ୟ ବେଶ୍ ଆୟୋଜନରେ ଅତିଥିଶାଳା ନିର୍ମାଣ କରାଯାଇଅଛି।

କେବଳ ଜଲି ଓ ଡୋରା ତାଙ୍କର ପୋଷା ନ ଥିଲେ। ଏହାଛଡ଼ା କେତେ ଜାତିର ପକ୍ଷୀ, ମର୍କଟ, ଭଲ୍ଲୁକ, ମତ୍ସ୍ୟ ଇତ୍ୟାଦି କେତେ ଜୀବ ଜମିଦାରବାବୁଙ୍କ ଅନ୍ନରେ ପ୍ରତିପୋଷିତ ହେଉଥିଲେ। କହିବାକୁ ଗଲେ ଜମିଦାର-ଭବନରେ ଗୋଟିଏ ଛୋଟ ଧରଣର ଚିଡ଼ିଆଖାନା ଥିଲା।

କିନ୍ତୁ ଡୋରା ଓ ଜଲି ତାଙ୍କର ପାର୍ଶ୍ୱଚର। ବିଶେଷତଃ ତାଙ୍କର ଅତି ସ୍ନେହର ଏକମାତ୍ର କନ୍ୟାଟି ଜଲି ଓ ଡୋରାର ଅନ୍ୟତମ ସଙ୍ଗୀ ଥିଲା। ତା'ର ଅଧିକାଂଶ ସମୟ ସେ ଏ ଦୁହିଁଙ୍କୁ ନେଇ ଥାଏ। ବଗିଚାରେ ଧାଈର ତତ୍ତ୍ୱାବଧାନରେ ସେ ଯେତେବେଳେ କଅଁଳ ଘାସ ଛିଣ୍ଡାଏ, ଜଲି ଜାଣିପାରି ତା' ମୁହଁ ପାଖରେ ନିଜ ମୁହଁଟି ନେଇ ରଖେ। ଡୋରା ଦୌଡ଼ିଆସି ତା'ର ଏହି ଛୋଟ ଖାମିଦାଣୀ ପାଖରେ କେତେ ଗେଲ-କୌତୁକର ଅଭିନୟ କରେ। ଖାମିଦାଣୀ 'ତୁ କାଇବୁ' 'ତୁ କାଇବୁ', କହି ତା' ମୁହଁରେ ଘାସ ଗୁଞ୍ଜି ଦିଅନ୍ତି। ସେ ଅମାନ୍ୟ ନ କରି ମୁଖରେ ତାହା ଧରି ସ୍ୱୀୟ ବାଧ୍ୟତା ଜ୍ଞାପନ କରେ। ବାରନ୍ଦା ଇଜି-ଚେୟାରରେ ବସି ଏସବୁ ନିରୀକ୍ଷଣ କରି ବାବୁଙ୍କ ଚିତ୍ତ ଉତ୍‌ଫୁଲ୍ଲ ହୋଇଉଠେ।

ଜମିଦାରବାବୁ ସାହେବମାନଙ୍କ ସହିତ ଯେତେ ମିଳାମିଶା କରନ୍ତୁ, ଦେଶୀ ଲୋକମାନଙ୍କ ପ୍ରତି ଯେ ତାଙ୍କର ଅବଜ୍ଞା ଅଥବା ଘୃଣା ଥିଲା, ଏହା ବୋଲାଯାଇ ନ ପାରେ। ଦେଶର କୌଣସି ପଦସ୍ଥ ବ୍ୟକ୍ତି ତାଙ୍କର ଦ୍ୱାରସ୍ଥ ହେଲେ ତାଙ୍କ ସମ୍ମାନ ଅଭ୍ୟର୍ଥନାରେ କୌଣସି ତ୍ରୁଟି ହେଉ ନ ଥିଲା। ପ୍ରଜାମାନଙ୍କ ମଧ୍ୟରେ ମଧ୍ୟ ଶିକ୍ଷିତ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ପ୍ରତି ଯଥାଯୋଗ୍ୟ ସମ୍ମାନ ଦେଖାଯାଉଥିଲା। ତଥାପି ଲୋକମତ ତାଙ୍କ ରୀତିଗତିର ଅନୁକୂଳରେ ନ ଥିଲା। ବୁଢ଼ା ବୁଢ଼ା ଲୋକେ ତାଙ୍କୁ ଭ୍ରଷ୍ଟ ବିଧର୍ମାଚାରୀ କହୁଥିଲେ। ଆଉ କେହି କେହି ବହୁବ୍ୟୟୀ, ପ୍ରଜାପୀଡ଼କ କହୁଥିଲେ। ଦେଶଚକ୍ଷୁରେ ତାଙ୍କର ପ୍ରଧାନ ଦୋଷ, ସେ ବିଦେଶୀୟମାନଙ୍କ ସହିତ ମିଶିଲେ ଏବଂ ସେହିମାନଙ୍କ ଆଚାର ଗ୍ରହଣ କଲେ। ଯଥାର୍ଥରେ ତାଙ୍କର ଆହାର ପରିଚ୍ଛେଦରେ ବିଜାତୀୟଭାବ ଅନେକ ପରିମାଣରେ ଲକ୍ଷିତ ହେଉଥିଲା। ସେସବୁରେ ଯେତିକି ସଂଯମ ଆବଶ୍ୟକ, ସେ ତା'ର ସମ୍ପୂର୍ଣ୍ଣ ଅବହେଳା କରୁଥିଲେ।

ଏଥର ଶୀତ ଛୁଟିରେ ପୋଲିସ ବିଭାଗର ଡି.ଆଇ.ଜି. ସାହେବ ଶିକାର ଉଦ୍ଦେଶ୍ୟରେ ଜମିଦାର ଭବନରେ ଆତିଥ୍ୟ ଗ୍ରହଣ କରିବେ ବୋଲି ଲେଖି ପଠାଇଛନ୍ତି। ତାଙ୍କ ସହିତ ତାଙ୍କର ସ୍ତ୍ରୀ ଓ କନ୍ୟା ଆସିବେ। ଡି.ଆଇ.ଜି. ସାହେବଙ୍କ ସହିତ ଜମିଦାରବାବୁଙ୍କର ବନ୍ଧୁତା ବହୁଦିନର। ଏଥର ପୁଣି ସଙ୍ଗରେ ସ୍ତ୍ରୀ-କନ୍ୟା ଆସୁଛନ୍ତି। ଚାରିଦିନ ଆଗରୁ ଅତିଥିଶାଳା ପରିଷ୍କୃତ ହୋଇ ସଜାସଜି ଲାଗିଛି ଏବଂ ଯେଉଁ ସ୍ଥାନରେ ହରିଣ ଓ ପକ୍ଷୀ ପ୍ରଭୃତି ଶିକାର କରିବାର କଥା, ସେ ସ୍ଥଳରେ ତମ୍ବୁ ପ୍ରଭୃତିର ଆୟୋଜନ ଚାଲିଛି। ଆବଶ୍ୟକ ଜିନିଷ କିଣିବା ଲାଗି କଟକରୁ ଲୋକ ପଠାଯାଉଅଛି। ଚାକର, ବେଠିଆ ଓ ଅମଲା ପ୍ରଭୃତି ବ୍ୟତିବ୍ୟସ୍ତ ହୋଇ ଲାଗିପଡ଼ିଛନ୍ତି। ସବୁଥର ପରି ଏଥର କାହାରିକି ମରିବାକୁ ତର ନାହିଁ। ସବୁଥର ପରି ଏଥର ମଧ୍ୟ ଜମିଦାରବାବୁଙ୍କ ପଶ୍ଚାତ୍‌ରେ ଗାଳିବର୍ଷଣ କରୁଛନ୍ତି।

ସାହେବଙ୍କ ଆସିବା ସମୟକୁ ତାଙ୍କୁ ବାଟରୁ ସଙ୍ଖୋଳି ଆଣିବା ଲାଗି ଜମିଦାରବାବୁ ଖଣ୍ଡେଦୂର ମଟରରେ ଗଲେ। ନିର୍ଦ୍ଦିଷ୍ଟ ସମୟରେ ସାହେବ ପହଞ୍ଚିଗଲେ। ତାଙ୍କର ସ୍ତ୍ରୀ-କନ୍ୟାମାନଙ୍କ ସହିତ ଯୋଗଦେଇ ଜମିଦାରବାବୁଙ୍କ ମନପ୍ରାଣ ଆପ୍ଲୁତ ହୋଇଉଠିଲା। ଜମିଦାର ଭବନରେ ମହା ଚାଞ୍ଚଲ୍ୟ, କାହାରି ଦଣ୍ଡେ ସ୍ଥିର ହୋଇ ରହିବାର ସମୟ ନାହିଁ। ସମସ୍ତେ ଦୌଡ଼-ଧାପଡ଼ କରୁଛନ୍ତି।

ଅତିଥିମାନଙ୍କ ସହିତ ଠିକ୍ କରାଗଲା, ଆଜି ଅତିଥିଶାଳାରେ ରହି ପରଦିନ ପ୍ରାତଃଭୋଜନ ପରେ ଶିକାରସ୍ଥଳୀକୁ ଯାତ୍ରା କରିବାକୁ ପଡ଼ିବ।

ଶିକାରସ୍ଥଳୀ ଜମିଦାର ଭବନରୁ ବାର ଚୌଦ ମାଇଲ ରାସ୍ତା, ନିପଟ ଜଙ୍ଗଲ ମଧ୍ୟରେ, ଘର ଗାଁ ପାଖରେ ନାହିଁ। ଚାକର, ଖାନ୍‌ସମା, ବେଠିଆ ପ୍ରଭୃତି ଆଗରୁ ସବୁ ଜିନିଷପତ୍ର ନେଇ ଚାଲିଲେ। ପଛରେ ସାହେବ ପରିବାର, ଜମିଦାରବାବୁ, ସାହେବଙ୍କ ଦୁଇଟା ଶିକାରୀ କୁକୁର ଏବଂ ଜମିଦାରବାବୁଙ୍କର ଡୋରା ଓ ଜଲି ମଟର ଆରୋହଣ କରି ଚାଲିଲେ। ଜଲିର ଯିବା ଅନାବଶ୍ୟକ ହେଲେହେଁ ଡୋରା ତାକୁ ଛାଡ଼ି କୌଣସି ସ୍ଥାନରେ ରହିବ ନାହିଁ। ଯେଉଁ ଦେଶକୁ ନିଆଯାଉ ସୁଯୋଗ ପାଇଲେ ଆସି ତା' ନିକଟରେ ହାଜର ହେବ। ସୁତରାଂ ଜଲିକୁ ମଧ୍ୟ ସାଙ୍ଗରେ ନେବାକୁ ହେଲା। ସେଥିପାଇଁ ଅବଶ୍ୟ ଛୋଟ ଖାମିଦାଣୀଙ୍କର ଅନୁମତି ନିଆଯାଇଅଛି। ତାଙ୍କର ହୁକୁମ ହୋଇଛି, ଦୁଇ ଦିନରୁ ଅଧିକ କାଳ ଡୋରା ଓ ଜଲିକୁ ଯେପରି ଅଟକା ନ ଯାଏ।

କିନ୍ତୁ 'ମେରି କ୍ରିଷ୍ଟମାସ୍'ର ଆନନ୍ଦ ଉତ୍ସାହରେ ଶିକାରସ୍ଥଳୀରେ ରହିବାର ଆଜି ପାଞ୍ଚ ଦିନ ହୋଇଗଲା। ସେହି ଜଙ୍ଗଲର ଜାଗାଟାରେ ସାହେବଙ୍କ ମନୋନୀତ ସବୁ ଜିନିଷ ଯୋଗାଯାଉଛି। ତାଙ୍କର ଅସୁବିଧା ହେବା ଦୂରେ ଥାଉ, ସହରର କୋଳାହଳ କ୍ଳାନ୍ତ ଜୀବନରେ ଏହି ନିର୍ଜନ ବନବାସ ଦ୍ୱାରା ସେମାନଙ୍କର ଭାରି ଆନନ୍ଦ ଜନ୍ମିଛି। ସୁତରାଂ ଦୁଇ ଦିନ ପାଇଁ ଆସି ଆଜି ପାଞ୍ଚ ଦିନ ହୋଇଗଲା, ସାହେବଙ୍କର ଫେରିବା ପାଇଁ କୌଣସି ଉଦ୍‌ବେଗ ନାହିଁ। ଆଜି କିନ୍ତୁ ସବୁ ଜିନିଷପତ୍ର ଶେଷ ହୋଇଆସିଅଛି। କାଲି ପ୍ରାତଃରୁ ଫେରିବା କଥା।

ମଧ୍ୟାହ୍ନ ଭୋଜନ କରି ସାହେବଙ୍କ ସହ ଜମିଦାରବାବୁ ଶିକାର ଉଦ୍ଦେଶ୍ୟରେ ବାହାରିଲେ। ଗତ ଚାରି ଦିନ ସାହେବଙ୍କର ସ୍ତ୍ରୀ-କନ୍ୟାମାନେ ଖେଳକୌତୁକ, ନୃତ୍ୟଗୀତ ଆକଣ୍ଠ ଉପଭୋଗ କରିଯାଇଛନ୍ତି। ଆଜି ଆଉ ସେମାନେ ଶିକାରର ସହଯାତ୍ରୀ ହୋଇପାରିଲେ ନାହିଁ। ନିରୀହ ଚାକର ବେଠିଆଗୁଡ଼ିକ ଗୋଟିଏ ବିରାଡ଼ିପିଲା ନ ମାରି ମଧ୍ୟ କେବଳ ଟିକିଏ ଶିକାରରେ ସାହାଯ୍ୟ କରିବାରେ ଧକେଇ ପଡ଼ିଛନ୍ତି। ତଥାପି ସେମାନଙ୍କ ମଧ୍ୟରୁ ଦୁଇ ତିନି ଜଣଙ୍କୁ ଯିବାକୁ ହେଲା। ପକ୍ଷୀ ମାରିବାରେ ଥରେ ଦୁଇ ଥର ଲକ୍ଷ୍ୟଭ୍ରଷ୍ଟ ହେବାରୁ ଆଉ ମାରିବା ଅସମ୍ଭବ ହୋଇପଡ଼ିଲା। ପକ୍ଷୀମାନଙ୍କୁ ପୁନଶ୍ଚ ଆସି ବସିବାକୁ ଅବସର ଦେବା ଉଦ୍ଦେଶ୍ୟରେ ଏବଂ ସେ ସମୟଟା ହରିଣ ପ୍ରଭୃତି ଅନୁସନ୍ଧାନ କରିବା ଲାଗି ଶିକାରୀ ଦ୍ୱୟ ନିକଟବର୍ତ୍ତୀ ଜଙ୍ଗଲ ମଧ୍ୟକୁ ବାହାରିଲେ। ନାନା ଦିଗରେ ଭ୍ରମି କୌଣସିଠାରେ କିଛି ସନ୍ଧାନ କରିପାରିଲେ ନାହିଁ। ଚାକର ତିନିଟାଙ୍କୁ ହରିଣ ଦେଖିବାକୁ ଜଙ୍ଗଲକୁ ପଠାଗଲା। ସେମାନେ କେଉଁଠାରେ ବସି ପିକା ଟାଣିଲେ କି ଗୁଣ୍ଡପତ୍ର ମକଚି ଖୁସିଗପ କଲେ, ତାହା ଦେଖିବାର ତ ଉପାୟ ନାହିଁ। ଶିକାରୀ ଦୁଇ ଜଣ ନିଃଶବ୍ଦ ପଦକ୍ଷେପରେ ଏ ଜଙ୍ଗଲ, ସେ ଜଙ୍ଗଲ ଖୋଜିବାକୁ ଲାଗିଲେ। ତମ୍ବୁ ନିକଟରୁ ତିନି ମାଇଲ ଦୂରରେ ଯାଇ ପଡ଼ିଛନ୍ତି ବୋଲି କାହାରି ଭ୍ରୂକ୍ଷେପ ନାହିଁ।

ସେତେବେଳକୁ ବେଳ ରତରତ ହୋଇଆସୁଛି। ନିକଟବର୍ତ୍ତୀ ପାହାଡ଼ ଉଢ଼ାଳରେ ସୂର୍ଯ୍ୟ ଲୁଚିଯାଇଛି; କିନ୍ତୁ ତା'ର ରକ୍ତିମ ଆଭା ପଶ୍ଚିମାକାଶରେ ଖେଳେଇ ପଡ଼ିଛି। ଶିକାରୀ ଦ୍ୱୟ ଜୀବଦେହରେ ଲାଲ ରକ୍ତ ଦେଖିବାର ଅଭିଳାଷୀ, ଏ ଦିଗରେ ନଜର ନାହିଁ। ତେଣେ କିନ୍ତୁ ପୂର୍ବଦିଗ ମେଘାଚ୍ଛନ୍ନ କରି ଅନ୍ଧାର ଘୋଟି ଆସିଲାଣି। ପୃଥିବୀ ଉପରେ ଏମାନଙ୍କର ଦୃଷ୍ଟି, ଆକାଶ ସହିତ ସମ୍ପର୍କ କ'ଣ? ଭାବୀ ବୃଷ୍ଟିର ଶୀତ ପବନ ଯେତେବେଳେ ଦେହରେ ଲାଗିଲା, ଶିକାରୀ ଦ୍ୱୟ ଫେରି ଚାହିଁଲେ ଅକସ୍ମାତ୍ ବୃଷ୍ଟିର ଆୟୋଜନ। ତମ୍ବୁ ନିକଟରୁ ସେମାନେ ତିନି ଚାରି ମାଇଲ୍ ଦୂରବର୍ତ୍ତୀ ହୋଇପଡ଼ିଛନ୍ତି।

ସୁତରାଂ ବର୍ଷା ପୂର୍ବରୁ ତମ୍ବୁ ଧରିବା ଅସମ୍ଭବ। ଅଗତ୍ୟା ବନ୍ଧୁକ-ସ୍କନ୍ଧ ହୋଇ ଦୁଇ ବନ୍ଧୁ ମିଲିଟାରୀ ଡବଲ ମାର୍ଚ୍ଚ ଆରମ୍ଭ କରିଦେଲେ। କିନ୍ତୁ ଠିକ୍ ସେହି ସମୟରେ ହୁ-ହୁ ଆନନ୍ଦଧ୍ୱନି କରି ମେଘ ସେମାନଙ୍କୁ ଆକ୍ରମଣ କଲା। କୌଣସି ଦିଗରେ ନିକଟରେ ଆଶ୍ରୟ ନାହିଁ। ଚତୁର୍ଦ୍ଦିଗ ଅନ୍ଧକାରାଚ୍ଛନ୍ନ, ଘୂର୍ଣ୍ଣିବାୟୁ ସନ୍ନିକଟ ଅରଣ୍ୟାନୀ ମଧ୍ୟରେ ମହାକ୍ରନ୍ଦନରୋଳ ଉପୁଜାଇଦେଲା। ଅତି କଷ୍ଟରେ ସନ୍ତର୍ପଣରେ ଦୁଇଜଣ ବାଟ ଖୋଜି ଖୋଜି ଚାଲିଲେ। ପରିଚ୍ଛଦ ସବୁ ଓଦା ହୋଇ ଖୁବ୍ ଭାରି ହୋଇଗଲା। ଦୀର୍ଘନିଃଶ୍ୱାସ ଛାଡ଼ି ତମ୍ବୁରେ ପହଞ୍ଚିଲାବେଳକୁ ରାତି ଆଠଟା।

ନୈଶଭୋଜନର କୌଣସି ବନ୍ଦୋବସ୍ତ ନାହିଁ, ତାହାହିଁ ବର୍ତ୍ତମାନ ବିଶେଷ ଭାବନାର ବିଷୟ ହୋଇପଡ଼ିଲା। ଶିକାର ତ କିଛି ହେଲା ନାହିଁ। ଆଉ ମଧ୍ୟ ପରଦିନ ପ୍ରାତଃରୁ ଏ ସ୍ଥାନ ଛାଡ଼ିବାର ବରାଦ ଥିବାରୁ ଏବଂ ଶିକାର ପାଇବା ବିଷୟରେ କୌଣସି ସନ୍ଦେହ ନ ଥିବାରୁ ପୂର୍ବରୁ ନୈଶଭୋଜନ ପାଇଁ କୌଣସି ଆୟୋଜନ କରାଯାଇ ନ ଥିଲା। ବର୍ତ୍ତମାନ ଆଉ ଉପାୟ ନାହିଁ। ଜମିଦାରଙ୍କ ଉଆସ ଏଠାକୁ ବାର ଚୌଦ ମାଇଲ ଦୂର। ଏ ବର୍ଷାରେ ପୁଣି ସେ ସ୍ଥାନକୁ ଯାଇ ରାତି ଭିତରେ ଖାଦ୍ୟ ଦ୍ରବ୍ୟ ଆଣିବା କି ସମ୍ଭବ! ମଟର ରାସ୍ତା ତ ବର୍ଷାଜଳରେ ଅଗମ୍ୟ ହୋଇପଡ଼ିଥିବ। ନିକଟବର୍ତ୍ତୀ ସେପରି କୌଣସି ସ୍ଥାନ ନାହିଁ, ଯେଉଁଠାରେ ସାହେବ ଓ ଜମିଦାରବାବୁଙ୍କ ଆହାରୋପଯୋଗୀ କିଛି ହେଲେ ମିଳିବ। ମାଂସ ନ ହେଲେ ଯେ ଅନାହାର! ଆଜି ପୁଣି ଏତେ ବିପଦ ସହ୍ୟ କରାଯାଇଛି। ସମସ୍ତଙ୍କର ଭାବନା ପଡ଼ିଗଲା। ଜମିଦାରବାବୁଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କଲେ ହେଁ ସାହେବଙ୍କର ମଧ୍ୟ ଭାବନା ପଡ଼ିଲା। କାରଣ ଶିକାର କରିବାକୁ ଯିବାବେଳେ ଜମିଦାରବାବୁ ଲୋକ ପଠାଇ ମାଂସର ଆୟୋଜନ କରିବାକୁ ଯାଉଥିଲେ। ସାହେବ କିନ୍ତୁ ଶିକାର ନିଶ୍ଚୟ ମିଳିବ କହି ତାଙ୍କୁ ସେସବୁ ଆୟୋଜନରୁ ନିବୃତ୍ତ କରାଇଥିଲେ। କରାଯାଏ କ'ଣ? ଜମିଦାରବାବୁ ଅଯଥା ବେଠିଆ ଚାକରଗୁଡ଼ାକ ଉପରେ କ୍ରୁଦ୍ଧ ହେଲେ।

ଏସବୁ ଦେଖି ସାହେବ ଟିକିଏ ମୁରୁକିହସା ଦେଇ କହିଲେ, "Well, let me device one means of the dinner." (ଆଚ୍ଛା, ରାତ୍ରିଭୋଜନର ଗୋଟାଏ ବ୍ୟବସ୍ଥା କରାଯାଉ)-

ଜମିଦାରବାବୁ ସେହି ହାସ୍ୟର ଉତ୍ତର ହାସ୍ୟରେ ପ୍ରଦାନ କରି କହିଲେ, "Well!"

ସାହେବ କହିଲେ, "Won't you mind spare your heart? It will make a sumptuous feast and you can have a lot of them from the jungles. Don't you like the idea?" (ଆପଣଙ୍କର ହରିଣଟିକୁ ଦେବାକୁ କିଛି ଆପତ୍ତି ଅଛି କି? ଏହା ବେଶ୍ ସୁନ୍ଦର ଆହାର ହେବ ଏବଂ ଜଙ୍ଗଲରୁ ଆପଣ ସେଥିରୁ ଅନେକ ପାଇପାରିବେ। କିପରି କଥାଟା ଭଲ ଲାଗୁ ନାହିଁ?)

ଜମିଦାରବାବୁ କ'ଣ ଭାବୁଥିଲେ। ସାହେବଙ୍କ ବାକ୍ୟ ଶେଷ ହେବାର ଦେଖି ହଠାତ୍ ଚମକିପଡ଼ି ଉତ୍ତର କଲେ, "Oh yes, it's a fine idea." (ଠିକ୍ କହିଛନ୍ତି)। ଜମିଦାରବାବୁ ସମ୍ଭ୍ରାନ୍ତ ବନ୍ଧୁ ଅତିଥିଙ୍କ କଥାରେ ଅମତ ହୋଇପାରିଲେ ନାହିଁ, କିନ୍ତୁ ଜଲି କଥା ଶୁଣି ତାଙ୍କ ହୃଦୟଟା କାହିଁକି ଦପ୍ କରି ପଡ଼ିଗଲା। ଜଲି ପ୍ରତି ତାଙ୍କର ଟିକିଏ ବିଶେଷ ମମତା ଜନ୍ମିବାର କାରଣ ଅଛି। ଦିନେ ଅନ୍ୟ ଏକ ବିଦେଶୀୟ ବନ୍ଧୁଙ୍କ ସପକ୍ଷରେ ନିଜ ଶିକାର କୌଶଳର ତାରିଫ୍ ଦେଖାଇବାକୁ ଯାଇ ସେ ଜଲିକୁ ପାଇଥିଲେ। ସେତେବେଳେ ତା'ର ମା' ତାକୁ ସ୍ତନ୍ୟପାନ କରାଉଥିଲା। ଜମିଦାରବାବୁଙ୍କ ଗୁଳି ବସି ମାଆଟି ଢଳିପଡ଼ିଲା; କିନ୍ତୁ ନିର୍ବୋଧ ଶିଶୁ ନିର୍ଭୟରେ ଠିଆ ହୋଇ ରହିଲା। ଜମିଦାରବାବୁଙ୍କ ଲୋକ ଯେତେବେଳେ ତାକୁ ଧରିବାକୁ ଗଲା, ମା' ନିକଟରେ ଅଛି ବୋଲି ସେ ନିଃଶଙ୍କ ଭାବରେ ଦଣ୍ଡାୟମାନ ରହିଲା। ବିଦେଶୀୟ ବନ୍ଧୁଙ୍କଠାରୁ ଏହି ଶିକାର କୌଶଳରେ ଯଥେଷ୍ଟ ବାହାବା ପାଇଲେ ହେଁ ଏହି କ୍ଷୁଦ୍ରଶିଶୁର ନିର୍ବୋଧ ଆଖି ଦିଓଟିକି ଚାହିଁ ତା'ର ମାତୃହନ୍ତା ଜମିଦାରବାବୁଙ୍କର ତା' ପ୍ରତି ସେହିଦିନୁ ଗୋଟାଏ କିପରି ବାତ୍ସଲ୍ୟ ଓ ଶ୍ରଦ୍ଧା ଜନ୍ମି ଯାଇଥିଲା।

ଜଲିକୁ ହତ୍ୟା କରି ଦିନେ ତା'ର ମାଂସ ଭକ୍ଷଣ କରିବାକୁ ହେବ, ଏକଥା ସେ କେବେ କଳ୍ପନା କରିପାରି ନ ଥିଲେ। ବର୍ତ୍ତମାନ ସେହି ପରାମର୍ଶ ଶୁଣି ଜମିଦାରବାବୁଙ୍କ ଶିକାରୀ ଅନ୍ତର ମଧ୍ୟ କିପରି ଟିକିଏ ଦବିଗଲା। ତାହା ବୋଲି ଏତେବଡ଼ ସମ୍ଭ୍ରାନ୍ତ ଅତିଥିଙ୍କୁ କ'ଣ ନାହିଁ କରିଦିଆଯାଇପାରେ? ଜମିଦାରବାବୁଙ୍କ ସମ୍ମତି ପାଇ ସାହେବ ମହାନନ୍ଦରେ ନିଜେ କାଟିବାକୁ ଉଦ୍ୟତ ହେଲେ। ନିଜ ହାତରେ କିଛି ହେଲେ ଶିକାର ନ କଲେ ସେଦିନ ତାଙ୍କ ମନଟା ଭଲ ରହେ ନାହିଁ। ଯୁଦ୍ଧରେ ବହୁତ ଲୋକଙ୍କର ପ୍ରାଣ କ୍ଷୟ କରିଥିଲେ ବୋଲି ତାଙ୍କର ବଡ଼ ସୁଖ୍ୟାତି ଅଛି। ଶୁଣାଯାଏ, କୌଣସି ଦିନ ଶିକାର ନ ମିଳିଲେ ସେହି ଉଦ୍ଦେଶ୍ୟରେ ପାଳିତ କୁକ୍‌କୁଟ ପ୍ରଭୃତି ଗୋଟାଏ କିଛି ଜୀବ ବଧ କଲେ ତାଙ୍କ ମସ୍ତିଷ୍କ ଥଣ୍ଡା ରହେ। ଏହି ଅଭ୍ୟାସକୁ ତାରିଫ୍ କରି ତାଙ୍କ ସ୍ତ୍ରୀ କୁଆଡ଼େ ବହୁବାର କହିଥାଆନ୍ତି ଯେ, ଦିନେ କିଛି ଶିକାର କରିବାକୁ ନ ପାଇ ସାହେବ ନିଜର ବେକ କାଟିବାକୁ ଉଦ୍ୟତ ହେଉଥିଲେ।

ଜଲି ଓ ଡୋରା ଏକ ଅପରର କୋଳରେ ମୁହଁ ଗୁଞ୍ଜିଦେଇ ମହା ଆରାମରେ ନିଦ୍ରା ଯାଇଛନ୍ତି। ସେ ସମୟରେ ଅପରିଚିତ କୌଣସି ଲୋକ ଡୋରା ନିକଟକୁ ଯିବାକୁ ସାହସ କରିବା ବଡ଼ ଦୁରୂହ। ବିଶେଷତଃ, ଡୋରା ଓ ଜଲି ଏକ ସଙ୍ଗରେ ଥିବା ବେଳେ ଜମିଦାରବାବୁଙ୍କ ମାଧିଆ ଚାକର ବ୍ୟତୀତ ଅନ୍ୟ କାହାରି ସେମାନଙ୍କ ପାଖ ପଶିବାକୁ ଉପାୟ ନାହିଁ। ଜମିଦାରବାବୁଙ୍କ ଇଙ୍ଗିତରେ ଜଲିକୁ ଆଣିବା ଲାଗି ମାଧିଆକୁ ଯିବାକୁ ହେଲା। ତା'ର ପାଦଶବ୍ଦ ଶୁଣି ଡୋରା ଚେଇଁଉଠି ଭୁକିଲା। ମାଧିଆ ଚୁପ୍ କହିବାରୁ ସ୍ୱର ବାରିପାରି ସେ ସ୍ଥିର ହୋଇ ରହିଲା; କିନ୍ତୁ ମାଧିଆ ଯେତେବେଳେ ଜଲିକୁ ଉଠାଇ ତାକୁ ସଙ୍ଗରେ ଆଣିବାକୁ ଗଲା, ସେତେବେଳେ ଡୋରା ତା' ସହିତ ଆସିବା ଲାଗି ଅସ୍ଥିର ହୋଇଉଠିଲା। ଅଗତ୍ୟା ମାଧିଆକୁ ଜଲି ସଙ୍ଗେ ସଙ୍ଗେ ଡୋରାର ଶିକୁଳି ଧରି ଆଣିବାକୁ ହେଲା। ଡୋରାର ବୁଦ୍ଧି ଅସମ୍ଭବ ରୂପେ ପ୍ରଖର ହେଲେ ହେଁ ଏ ସମୟରେ ଜଲିକୁ ତା' ନିକଟରୁ ଧରିନେବାର କାରଣ ସେ ପ୍ରଥମେ ବୁଝିପାରିଲା ନାହିଁ। ମାଧିଆ ନିଜେ ଡୋରାକୁ ଧରି ଜଲିକୁ ଖାନ୍‌ସମାମାନଙ୍କୁ ଦେଲା। ଡୋରାର ବଡ଼ ସନ୍ଦେହ ହେଲା। ତଥାପି ସେ ତୁନିହୋଇ ଥାଏ। ସାହେବ ସ୍ୱୀୟ ଆତତାୟୀ ପ୍ରକୃତିର ତର୍ପଣ କରିବା ଲାଗି ଉଦ୍ୟତ ହେଲେ। ଛୁରିର ଫଳକ ଆଲୋକପାତରେ ଚକ୍‌ମକ ହୋଇଉଠିଲା।

ଖାନ୍‌ସମା ଦୁଇଜଣ ଜଲିର ଗୋଡ଼ ବାନ୍ଧି ତାକୁ ସ୍ଥିର କରି ଠିଆ କରାଇଲେ, ଯେପରି ଛୁରି ଚାଳିବା ସମୟରେ ସେ କୌଣସି ରକମ ହଲ୍‌ଚଲ ହୋଇ ସାହେବଙ୍କର ଅସୁବିଧା ନ ଘଟାଏ। ଜଲିର ଭାବନା କ'ଣ? ସେ ତା'ର ଜୀବନର ପ୍ରଭୁ ଜମିଦାରବାବୁ ଏବଂ ସକଳ ଦୁଃଖ ବିପଦରେ ଆବାଲ୍ୟ ପରମବନ୍ଧୁ ଡୋରାକୁ ଦେଖି ନିର୍ଭୀକ ଭାବରେ ଠିଆ ହୋଇଥାଏ ଏବଂ ପାଦ ଦିଓଟି ବନ୍ଧା ହେବାରୁ ଥରେ ତା'ର ଦୁଃଖସୁଖର ସାଥୀ ଡୋରା ଏବଂ ଥରେ ତା'ର ଆଶୈଶବ ବିଶ୍ୱାସୀ ପ୍ରଭୁଙ୍କ ପ୍ରତି ଦୃଷ୍ଟି ପକାଉଥାଏ। ଜମିଦାରବାବୁ ବନ୍ଧୁଙ୍କ ପତ୍ନୀ ଓ କନ୍ୟାଙ୍କ ନିକଟରେ ଖୁସିଗଳ୍ପରେ ନିମଗ୍ନ ଥାଆନ୍ତି। ତଥାପି ତାଙ୍କ ଭିତରୁ କିଏ କହି ଦେଉଥାଏ ଜଲି ପ୍ରତି ଟିକିଏ ଦୃଷ୍ଟି ପକାଇବାକୁ। ସେ ଚାହିଁ ନ ଚାହିଁଲା ହୋଇ ହସଖୁସିରେ ନିମଗ୍ନ ଥାଆନ୍ତି। ତାକୁ ଚାହିଁଲେ ସେ ମନୁଷ୍ୟ ଭାଷାରେ ଯେପରି କିଛି ପ୍ରକାଶ କରିଦେବାକୁ ଯିବ ଏବଂ ସେଥିରେ ସେ ଦୋଷୀ ସାବ୍ୟସ୍ତ ହେବେ, ଆଉ ତାଙ୍କ ସୁନାମରେ ବାଧା ଘଟିବ। ସାହେବଙ୍କ ହାତରେ ଛୁରି ଦେଖି ଡୋରାର ସନ୍ଦେହ କ୍ରମେ ଦୃଢ଼ୀଭୂତ ହେବାକୁ ଲାଗିଲାଣି। ସାହେବ ଛୁରି ପରିଷ୍କାର କରି ଯେତେବେଳେ ଆସନରୁ ଉଠିଲେ, ଜମିଦାରବାବୁଙ୍କ ଦୃଷ୍ଟି ହଠାତ୍ କାହିଁକି ଜଲି ଉପରେ ପଡ଼ିଲା ଏବଂ ତାଙ୍କର ମନେହେଲା, ଜଲି ଅନେକକ୍ଷଣ ହେଲା ତାଙ୍କୁ ଏହିପରି କାତର ଦୃଷ୍ଟିରେ ଚାହିଁ ଜୀବନ ଭିକ୍ଷା କରୁଛି। ଜମିଦାରବାବୁ କ'ଣ ଗୋଟାଏ ବାହାନାରେ ଆସନ ଛାଡ଼ି ତମ୍ବୁ ମଧ୍ୟକୁ ଚାଲିଗଲେ। ଡୋରା କିନ୍ତୁ ଜଲିର ମିନତି ଶୁଣିଲା। ଆବାଲ୍ୟ ଆଶ୍ରୟଦାତା ପ୍ରଭୁଙ୍କଠାରୁ ହତାଶ ଦୃଷ୍ଟି ଫେରାଇ ଜଲି ଯେତେବେଳେ ତା'ର ପ୍ରିୟ ସହଚର ଡୋରାକୁ ଚାହିଁଲା, ଡୋରା ପ୍ରାଣରେ ତାହା ବାଜିଲା। ସାହେବଙ୍କ ହାତରେ ନୃଶଂସ ଛୁରିକା ଦେଖି ଡୋରାର ଆଉ ବୁଝିବାକୁ ବାକି ରହିଲା ନାହିଁ। ଏହି ସ୍ଥଳୀରେ ସେ କେତେ ଛେଳି, ହରିଣ କଟାଯାଇଥିବାର ନିଜେ ଦେଖିଛି। ତା'ର ପ୍ରାଣପ୍ରିୟ ଜଲିର ଦଶା ତାହା ହିଁ ହେବ, ଏଥିରେ ଆଉ ତା'ର ସନ୍ଦେହ ନାହିଁ।

ସାହେବ ଯେତେବେଳେ ଛୁରି ଧରି ଓହ୍ଲାଇ ଆସିଲେ, ତତ୍‌କ୍ଷଣାତ୍ ଡୋରା ଗୋଟାଏ ଝିଙ୍କାରେ ମାଧିଆ ହାତରୁ ମୁକ୍ତି ପାଇ ସଙ୍ଗେ ସଙ୍ଗେ ଜଲିକୁ ଧରିଥିବା ଜଣେ ଖାନ୍‌ସମାକୁ ଆଘାତ କଲା। ସାହେବ, ଚାକର, ଖାନ୍‌ସମା ପ୍ରଭୃତି ଇତସ୍ତତଃ ହୋଇ ଦ୍ରୁତଗତିରେ ତମ୍ବୁ ମଧ୍ୟରେ ପ୍ରବେଶ କଲେ। ଜମିଦାରବାବୁ ତମ୍ବୁ ମଧ୍ୟରେ ଅନ୍ୟମନସ୍କ ଥିଲେ। ସାହେବଙ୍କ ଏ ଦୁର୍ଦ୍ଦଶା ଦେଖି ସଙ୍ଗେ ସଙ୍ଗେ ତାଙ୍କୁ କ୍ଷମା ମାଗିଲେ ଏବଂ ମାଧିଆ ଉପରେ କ୍ରୋଧରେ ଜଳିଉଠିଲେ। ତଥାପି ଅନ୍ତରରେ କି ଗୋଟାଏ ଅବ୍ୟକ୍ତ ବ୍ୟଥା ତାଙ୍କ କଥାରୁ ସୁସ୍ପଷ୍ଟ ପ୍ରକାଶ ପାଉଥିଲା।

ମାଧିଆ ଅତି କଷ୍ଟରେ ନିଜେ ଡୋରା ଦ୍ୱାରା ଆଘାତପ୍ରାପ୍ତ ହୋଇ ଗୋଟାଏ ଗଛରେ ନେଇ ତାକୁ ଉତ୍ତମ ରୂପେ ବାନ୍ଧିଦେଲା। ସାହେବ ହସି ହସି ଛୁରି ହାତରେ ପୁନଶ୍ଚ ତମ୍ବୁ ମଧ୍ୟରୁ ବାହାରିଲେ। କୌତୁକ କରିବା ଛଳରେ ଆବଦ୍ଧ ଡୋରାକୁ ଛୁରି ଦେଖାଇ ଜଲି ଅଭିମୁଖେ ଚାଲିଲେ। ଜମିଦାରବାବୁ ଦେଖିଲେ, ଜଲି ପୂର୍ବପରି ସେହି କାତର ଦୃଷ୍ଟିରେ ତାଙ୍କ ପ୍ରତି ଚାହିଁ ସାହାଯ୍ୟ ଭିକ୍ଷା କରୁଛି। ସେ ହଠାତ୍ ଉଠିପଡ଼ି ସାହେବ ବନ୍ଧୁଙ୍କୁ କ'ଣ କହିବାକୁ ଯାଉଥିଲେ, "ଇସ୍, ମୁଁ କ'ଣ ପାଗଳ" କହି ପୁଣି ଆସନ ଗ୍ରହଣ କଲେ। ସେ ସ୍ଥାନରୁ ଉଠି ଦୂରକୁ ଯିବା ତାଙ୍କର ଇଚ୍ଛା ହେଉଥିଲେ ହେଁ ସାହେବ କିଛି ମନେକରିପାରନ୍ତି, ଏହି ଆଶଙ୍କାରେ ସେ ଚେଷ୍ଟାରୁ କ୍ଷାନ୍ତ ହେଲେ। ସାହେବ ଜଲି ନିକଟକୁ ଆସିବାର ଦେଖି ଜମିଦାରବାବୁ ରୁମାଲ କାଢ଼ି ମୁହଁ ଘୋଡ଼ାଇଲେ। ଡୋରାର ଭୀତବ୍ୟାକୁଳ କ୍ରନ୍ଦନ ତାଙ୍କ କର୍ଣ୍ଣରେ ପ୍ରବେଶ କରୁଥାଏ। ତାହାରି ମଧ୍ୟରେ ଶୁଣିପାରିଲେ ଗୋଟିଏ ରୁଦ୍ଧ ପ୍ରାଣୀର ବିଳାପ। ସେ କେବଳ କର୍ଣ୍ଣରେ ନୁହେଁ, ମର୍ମସ୍ଥଳୀରେ ପ୍ରବେଶ କଲା। ସେ ସ୍ୱର ଜଲିର। ରୁମାଲ କାଢ଼ି ଚାହିଁ ଦେଖିଲେ, ଶେଷ!

ଖାନା ଟେବୁଲରେ ବସି ବସି ଜଲିର ମାଂସ ଭକ୍ଷଣ କଲାବେଳେ ଜମିଦାରବାବୁଙ୍କ ଅନ୍ତରାତ୍ମା ନାହିଁ ନାହିଁ କରି ଉଠିଲା। ସେ ପ୍ରାଣପଣେ ଚେଷ୍ଟା କରି ବନ୍ଧୁମାନଙ୍କ ସଙ୍ଗରେ ଯୋଗଦେଲେ। ବଡ଼ କଷ୍ଟରେ ଯତ୍‌ସାମାନ୍ୟ ଆହାର କଲେ। ଭିତରର କି ଗୋଟାଏ ଅବ୍ୟକ୍ତ ବ୍ୟଥାରେ ପ୍ରାଣ ଆକୁଳ ହୋଇଉଠିଲା। ରକ୍ଷା ଏତିକି, ଅତିଥିମାନଙ୍କ ମଧ୍ୟରୁ କେହି ତାହା ଲକ୍ଷ୍ୟ କରିପାରି ନ ଥିଲେ। ଶୋଇବାକୁ ଯିବାବେଳେ ମାଧିଆ ଆସି ଖବର ଦେଲା, ଡୋରାକୁ ମାଂସ ଆଦି ଯେତେ ଯାହା ଦିଆଗଲା, ସେ ତାହା ସ୍ପର୍ଶ କଲା ନାହିଁ।

ଜମିଦାରବାବୁ ଅନ୍ୟମନସ୍କ ହୋଇ ଶୟନକକ୍ଷକୁ ଗଲେ। ନିଦ୍ରା ଆସୁ ନ ଥାଏ, ବିଛଣାରେ ପଡ଼ି କେତେ କ'ଣ ଭାବୁଥାଆନ୍ତି। ଏ ଜଙ୍ଗଲ ସେ ଜଙ୍ଗଲ ବୁଲୁଛନ୍ତି, ହଠାତ୍ ମେଘର ଆକ୍ରମଣ ଓ ଚତୁର୍ଦ୍ଦିଗ ଅନ୍ଧକାରାଚ୍ଛନ୍ନ, ପୁଣି ସେହି ମଧ୍ୟାହ୍ନ ସମୟ, ଗୁଳିଖାଇ ମାଆଟି ତା'ର ଭୂତଳଶାୟୀ ହେଲା, ଆଉ ନିର୍ବୋଧ ଶିଶୁ ଅବାକ୍ ହୋଇ ଅନାଇ ରହିଲା, ଟିକିଏ ହଲ୍‌ଚଲ୍ ନାହିଁ, ସ୍ୱେଚ୍ଛାରେ ଆତ୍ମସମର୍ପଣ କଲା। ପୁଣି ସେହି ଘନ ଅନ୍ଧକାର- ଦୁଇ ବନ୍ଧୁ ସ୍କନ୍ଧରେ ସଙ୍ଗିନ୍ ରଖି ତମ୍ବୁ ଅଭିମୁଖରେ- ଛୁରି ଧରି ସାହେବଙ୍କର ନୃଶଂସ ହାସ୍ୟ, ଆଉ ସେ ହରିଣ ଶିଶୁଟିର କରୁଣ ଦୃଷ୍ଟିରେ ଜୀବନଭିକ୍ଷା ଏବଂ ମନୁଷ୍ୟ ଭାଷାରେ ବାକ୍ୟ ଉଚ୍ଚାରଣ- 'ମୁଁ ପରା ମୋ ମା'କୁ ଛାଡ଼ି ତୁମକୁ ଆଶ୍ରୟ କରି ଧରିଥିଲି?' ଜମିଦାରବାବୁ ଚମକିଉଠି ଭାବିଲେ, ଏ ସ୍ୱପ୍ନ। ପୁଣି ନିଦ ଆସିଲା, ପୁଣି ସେଇ କାକୁତିଭରା ଚାହାଣି, ପୁଣି ସେହି ମର୍ମବିଦାରକ ବିଳାପ। ଥରକୁ ଥର ନିଦ ଭାଙ୍ଗିଯାଏ, କିନ୍ତୁ ସେହି ଏକ ସ୍ୱପ୍ନ।

ପ୍ରଭାତରୁ ଉଠି ଫେରିଯିବାର ବନ୍ଦୋବସ୍ତ କରାଗଲା। ମଟରରେ ବନ୍ଧୁ ଓ ପରିବାରଙ୍କ ସହିତ ଜମିଦାରବାବୁ ଆଗ ଚାଲିଗଲେ। ହସଖୁସିରେ ମନଟାକୁ ଭୁଲାଇବାର ଯେତେ ଚେଷ୍ଟା କଲେ ମଧ୍ୟ ଜମିଦାରବାବୁଙ୍କ ଅନ୍ତରରେ ହରିଣ ଶିଶୁର ସେହି ରୁଦ୍ଧ କ୍ରନ୍ଦନର ବିରାମ ନାହିଁ। ବନ୍ଧୁ ପରିବାର ସେହିଦିନ ବିଦାୟ ଘେନି ଚାଲିଗଲେ।

ମାଧିଆ ଡୋରାକୁ ଟାଣି ଟାଣି ବହୁ କଷ୍ଟରେ ଧଇଁସଇଁ ହୋଇ ଆସି ପହଞ୍ଚିଲା ଏବଂ ବାବୁଙ୍କୁ କହିଲା, ଡୋରା ସେ ସ୍ଥଳରୁ ଆସିବାକୁ ଏକାବେଳକେ ଅମଙ୍ଗ। ଜମିଦାରବାବୁ ସେତେବେଳେ ଏକାକୀ ବସି ମନେମନେ କ'ଣ ଭାବୁଥିଲେ। ମାଧିଆ ଆଉ କିଛି ନ କହି ଚୁପ୍ ହୋଇ ଚାଲିଗଲା। ସେତେବେଳକୁ ଜମିଦାରବାବୁଙ୍କର ପ୍ରବଳ ଆତ୍ମଗ୍ଲାନି ଉପସ୍ଥିତ। ବଡ଼ ସଂଯମରେ ସେ ନିଜକୁ ସ୍ଥିର କରି ରଖିଛନ୍ତି। ନ ହେଲେ ଲୋକମାନେ ତାଙ୍କୁ ପାଗଳ ବୋଲି ଭାବି ସାରନ୍ତେଣି। ଏହି ଜ୍ଞାନଶୂନ୍ୟ କୁକୁରଟାର ପାଦତଳେ ପଡ଼ି କ୍ଷମା ଭିକ୍ଷା କରିବା ଲାଗି ତାଙ୍କ ପ୍ରାଣ ଭିତରୁ ଯେପରି କିଏ ବାଧ୍ୟ କରୁଛି। କାରଣ ସେ ନିଜକୁ ତା'ଠାରୁ ବହୁ ନିମ୍ନରେ ଦେଖୁଛନ୍ତି। "କାହିଁ ମାଂସାଶୀ କୁକୁରଠାରୁ କ'ଣ ମୋ ଅନ୍ତର ଏତେଦୂର ନୃଶଂସ। ଛି! ଛିଃ, ସଂସାରଟାରେ କ'ଣ କେବଳ ସବଳ ଦୁର୍ବଳକୁ ଅଧୀନ ରଖି ଆତ୍ମସାତ୍ କରି, ଉଦରସାତ୍ କରି ଜୀବନଧାରଣ କରିବାକୁ ଜାତ ହୋଇଛି? ଜଣେ ବଞ୍ଚିବ ବୋଲି ଆଉ ଜଣଙ୍କର ମୃତ୍ୟୁ ଏକାନ୍ତ ଆବଶ୍ୟକ! ମନୁଷ୍ୟ ଯେ ବିଶ୍ୱଗ୍ରାସ କରିବାକୁ ବସିଛି, ଏହାର ଯୁକ୍ତି କ'ଣ ନା, ସେ ସବୁ ଜୀବଠାରୁ ବୁଦ୍ଧିମାନ୍ ଓ ବିବେକବାନ୍!" ସତ୍ୟ ସତ୍ୟ ଜମିଦାରବାବୁଙ୍କର ଭୀଷଣ ବିରାଗ ଓ ବିକାର ଜାତ ହେଲା। ଯେଉଁ ଜିହ୍ୱା ଜଲିର ମାଂସସ୍ୱାଦ ପରୀକ୍ଷା କରିଥିଲା, ତାହା କିପରି ଅବଶ ହୋଇଆସିଲା। ଜଲିର କଲିଜା ଯେଉଁ ଗଳା ମଧ୍ୟରେ ଯାଇଥିଲା ତାହା ସଙ୍କୁଚିତ ହୋଇ କିପରି ରୁଦ୍ଧ ହୋଇଆସିଲା। ଜମିଦାରବାବୁ ମନେ କଲେ ସେ ଗଳା ଯଦି ଚିରଦିନ ପାଇଁ ରୁଦ୍ଧ ହୁଏ ଏବଂ ସେ ଜିହ୍ୱା ଯଦି ଅବଶ ହୋଇ ଛିନ୍ନ ହୋଇପଡ଼େ, ତେବେ ତାଙ୍କର ମର୍ମନ୍ତୁଦ ଯାତନାର ଟିକିଏ ଅବା ଉପଶମ ହୋଇପାରନ୍ତା।

ଏହି ସମୟରେ ପଛରୁ କିଏ ଡାକିଲା, "ଜଲି-କାଇଁ?" ଜମିଦାରବାବୁ ଫେରି ଚାହିଁ ଦେଖିଲେ, ତାଙ୍କର ଚାରିବର୍ଷର ଶିଶୁକନ୍ୟାଟି। ସେ ଉତ୍ତର କିଛି ନ ପାଇ ତତ୍‌କ୍ଷଣାତ୍ ଉଠିଯାଇ କନ୍ୟାକୁ ନିଜର ବକ୍ଷରେ ଚାପି ଧରି କହିଲେ, "ଅଛି ମା, ଅଛି।" ସେ କଥାରେ କର୍ଣ୍ଣପାତ ନ କରି ମୁହଁ ଫୁଲାଇ, ଆଖି ଛଳଛଳ କରି କହିଲା, "ମିଛ କଥା; ମାଧିଆ କହିଲା, ସେ ସାହେବ ତାକୁ ମାଲିଚି, ମୁଁ ସେ ସାହେବକୁ ମାଲିବି।" କନ୍ୟାର ରାଗ ଓ ଅଭିମାନ ଦେଖି ଜମିଦାରବାବୁଙ୍କ ଚକ୍ଷୁରୁ ଲୋତକ ବର୍ଷିବାକୁ ଲାଗିଲା। ସେ ତାହା କନ୍ୟା ନିକଟରୁ ଲୁଚାଇବାକୁ ଯାଇ ଧାଈ ହାତରେ କନ୍ୟାକୁ ଦେଇ ଚାଲିଗଲେ ଏବଂ ହୃଦୟର ଆବେଗ ଅସହ୍ୟ ହେବାକୁ ବିଛଣାରେ ପଡ଼ି ଶିଶୁପରି ଭୋ ଭୋ କାନ୍ଦିବାକୁ ଲାଗିଲେ; କିନ୍ତୁ କନ୍ୟାର ସେହି ପ୍ରଶ୍ନ "ଜଲି କାଇଁ" ତାଙ୍କର ବାରମ୍ବାର ମନେପଡ଼ିଲା। ସେ ନିଜକୁ ସେହି ପ୍ରଶ୍ନ କରି ସ୍ୱୀୟ ଅଙ୍ଗପ୍ରତ୍ୟଙ୍ଗକୁ ଚାହିଁଲେ। ହରିଣ ଶାବକର ପ୍ରତ୍ୟେକ ଖଣ୍ଡ ଭୁକ୍ତମାଂସର କ୍ରନ୍ଦନ ତାଙ୍କର ପ୍ରତ୍ୟେକ ଲୋମକୂପରୁ ଫୁଟି ବାହାରିବାର ସେ ଶୁଣିଲେ। ତାଙ୍କର ପ୍ରତ୍ୟେକ ଶିରାରେ ଏ କ୍ରନ୍ଦନ ବିଜୁଳି ଗତିରେ ଚମକିବାକୁ ଲାଗିଲା। ଜମିଦାରବାବୁ ରୁଗ୍‌ଣ ହୋଇପଡ଼ିଲେ- ଦୁଇ ସପ୍ତାହ ଜ୍ୱର ଓ ଅନାହାର। ସମସ୍ତେ ଭାବିଲେ ଜମିଦାରବାବୁ ଏ ଘାଟିରୁ ପାର ପାଇବେ ନାହିଁ। କିନ୍ତୁ ସେ ସୁସ୍ଥ ହେଲେ, ଅଥଚ ନୂଆ ଲୋକ ହୋଇ। ସାହେବଙ୍କ ଉପଯୋଗୀ ଅତିଥିଶାଳା ଦରିଦ୍ରମାନଙ୍କ ପାଇଁ ପାନ୍ଥନିବାସରେ ପରିଣତ ହେଲା। ଜମିଦାର ଉଆସରେ ଆମିଷ ପ୍ରବେଶ ନିଷିଦ୍ଧ ହେଲା ଏବଂ ଜମିଦାରି ମଧ୍ୟରେ କେହି ମୃଗ ଶିକାର କିମ୍ବା ବଧ କରିପାରିବେ ନାହିଁ ବୋଲି ହୁକୁମ ଜାରି ହୋଇଗଲା।

ଡୋରା କୌଣସିମତେ ଆହାର କଲା ନାହିଁ। ଦିନମାନ ନିରାହାରରେ ପଡ଼ିରହିଲା ଏବଂ ଜମିଦାରବାବୁଙ୍କ ପ୍ରଥମ ଅସୁସ୍ଥତା ଦିନ କୌଣସିମତେ ମୁକ୍ତି ପାଇ ଖସି ଚାଲିଗଲା। ମାଧିଆ ଖୋଜି ଖୋଜି ତାକୁ ସେହି ତମ୍ବୁ ପଡ଼ିଥିବା ଜାଗାରେ ଜଲିର ବଧଭୂମିକୁ ଆଘ୍ରାଣ କରୁଥିବାର ଦେଖିଲା। ଏହିଠାରେ ସେ ତା'ର ପ୍ରିୟ ସଖାକୁ ହରାଇଛି- କୌଣସିମତେ ଯଦି ସନ୍ଧାନ ପାଏ! ସେଥିଲାଗି କରୁଣ ବିଳାପ କରି ସେ ତାକୁ ଖୋଜି ବୁଲୁଛି। ମାଧିଆ ତାକୁ ଧରିଆଣିଲା। ଯେତେ ଯତ୍ନ କରାଗଲା, ସମସ୍ତ ବିଫଳ ହେଲା। ପୁଣି ଦିନେ କିପରି ସେ ଅଦୃଶ୍ୟ ହୋଇଗଲା। ଆଉ ଯେତେ ଯହିଁ ଖୋଜିଲେ ମିଳିଲା ନାହିଁ। କେହି କେହି କହନ୍ତି, ସେହି ତମ୍ବୁ ପଡ଼ିଥିବା ଦିଗରେ ଯାଇଛି। କାଠୁରିଆମାନେ କହନ୍ତି, ନିବିଡ଼ ଜଙ୍ଗଲ ମଧ୍ୟରେ କାଠ କାଟିଲାବେଳେ ସେମାନେ ବହୁବାର ରୁଦ୍ଧ ପଶୁକଣ୍ଠର ଗୋଟିଏ କରୁଣ ଆର୍ତ୍ତ ବିଳାପ ଶୁଣିପାରନ୍ତି। ସେ କିନ୍ତୁ ଜଲିର ନା ଡୋରାର?

***

# କେତେ ନୂଆ ଆଇନ

ବ୍ରିଟିଶ ଅମଳର ଆପରାଧିକ ଆଇନକୁ ଶେଷକରି ଭାରତରେ ୩ଟି ନୂତନ ଆଇନ ଏହି ମାସ ୧ ତାରିଖରୁ କାର୍ଯ୍ୟକାରୀ ହୋଇଛି। ଭାରତୀୟ ଦଣ୍ଡ ସଂହିତା(ଆଇପିସି), ଫୌଜଦାରି ଅପରାଧ ସଂହିତା(ସିଆର୍‌ପିସି) ଏବଂ ଭାରତୀୟ ସାକ୍ଷ୍ୟ ଆଇନ (ଆଇଇଏ) ସ୍ଥାନରେ ଯଥାକ୍ରମେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହୋଇଛି। ଗତବର୍ଷ ଡିସେମ୍ବର ୨୧ରେ ୩ ବିଲ୍ ପାର୍ଲାମେଣ୍ଟରେ ପାସ୍ ହେବା ପରେ ଡିସେମ୍ବର ୨୬ରେ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଆଇନରେ ପରିଣତ ହୋଇଥିଲା। ଉଲ୍ଲେଖନୀୟ ଯେ, ସେହି ସମୟରେ ସଂସଦରୁ ଅଧିକାଂଶ ବିରୋଧୀ ସଦସ୍ୟ ନିଲମ୍ବିତ ହୋଇଥିବାବେଳେ ଭଏସ୍ ଭୋଟରେ ଏହା ପାସ୍ କରାଯାଇଥିଲା। ନୂଆ ଆପରାଧିକ ଆଇନଗୁଡ଼ିକରେ ଜିରୋ ଏଫ୍‌ଆଇଆର ବ୍ୟବସ୍ଥା, ବିଚାରର ଭିଡିଓ କନ୍‌ଫରେନ୍‌ସରେ ନିଶ୍ଚିତତା, ତ୍ୱରିତ ବିଚାର ଓ ରାୟ ପାଇଁ ସମୟସୀମା ନର୍ଦ୍ଧାରଣଠାରୁ ଆରମ୍ଭକରି ଭିଡ଼ ହିଂସା ଅପରାଧ, ସଂଗଠିତ ଅପରାଧ, ରାଷ୍ଟ୍ର ବିରୋଧୀ ଅପରାଧ ଓ ଆତଙ୍କବାଦର ସଂଜ୍ଞା ନିରୂପଣ ସହିତ ଶିଶୁ ଏବଂ ମହିଳା ବଳାତ୍କାର ଆଦି ପ୍ରମୁଖ ବିଷୟରେ ଅନେକ ପରିବର୍ତ୍ତନ କରାଯାଇଥିବା ଦେଖିବାକୁ ମିଳିଛି। ଏହି ଆଇନ ଲାଗୁ ହେବା ଦିନ ପ୍ରଥମେ ଗ୍ୱାଲିୟରରେ ଜଣେ ବାଇକ ଚୋର ବିରୋଧରେ କେସ୍ ହେବା ପରେ ଦିଲ୍ଲୀର କମଳା ମାର୍କେଟ ପୋଲିସ ଷ୍ଟେଶନରେ ଜଣେ ରାସ୍ତାକଡ଼ ବୁଲା ବିକାଳିଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୮୫ରେ ଏଫ୍‌ଆଇଆର୍ ଦାୟର କରାଯାଇଥିଲା। ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଏକ ଫୁଟ୍ ଓଭର ବ୍ରିଜ୍‌ରେ ବାଧା ସୃଷ୍ଟି କରୁଥିବା ଅଭିଯୋଗରେ ଏହି ମାମଲା ରୁଜୁ ହୋଇଥିଲା। କିନ୍ତୁ ଏହାକୁ ଖାରଜ କରାଯାଇଥିବା ଖୋଦ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସଫେଇ ଦେଇଛନ୍ତି। ଦିଲ୍ଲୀ ମାମଲାରୁ ବୁଝିବାକୁ ହେବ ଯେ, ଭାରତରେ ଯେତେ ନୂଆ ଆଇନ ପ୍ରସ୍ତୁତ କରାଯାଉଛି ସେଗୁଡ଼ିକ ସର୍ବନିମ୍ନ ସ୍ତରରେ ଗରିବ, ଅସହାୟ ଏବଂ ଖଟିଖିଆଙ୍କ ବିରୋଧରେ ବ୍ୟବହାର କରାଯିବାର ମାନସିକତା ରଖାଯାଇଛି।

ଭାରତରେ ଆପରାଧିକ ମାମଲା ସଂଖ୍ୟା ଲଗାତର ବଢ଼ିଆସୁଛି, ଅଭିଯୁକ୍ତମାନେ ବହୁଦିନ ଧରି ନ୍ୟାୟ ଅପେକ୍ଷାରେ ରହୁଛନ୍ତି। ଏପରିକି ବିଚାର ପାଇଁ ବିଚାରପତିଙ୍କର ଅଭାବ ମଧ୍ୟ ପରିଲକ୍ଷିତ ହେଉଛି। ତେବେ ଏହି ନୂତନ ଆଇନ ଜୁଲାଇ ୧ ପୂର୍ବର ଅପରାଧ ପାଇଁ ଲାଗୁ ହେବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରକାଶ କରିବା ପରେ ପୂର୍ବ ମାମଲାଗୁଡ଼ିକ କିଭଳି ଓ କେବେ ଶୀଘ୍ର ସମାଧାନ କରାଯିବ ତାହା ସମ୍ପର୍କରେ କିଛି ସମୟସୀମା ନିର୍ଦ୍ଧାରଣ କରାଯାଇନାହିଁ। ଅନ୍ୟ ପକ୍ଷରେ ଆଇନଜୀବୀ, ନାଗରିକ ସମାଜ ଏବଂ ବିରୋଧୀ ଦଳଗୁଡ଼ିକ ନୂଆ ଆଇନରେ ପୋଲିସ ହାଜତ ସମୟସୀମାକୁ ୧୫ ଦିନରୁ ଅଧିକ ବଢ଼ାଇ ପୋଲିସର କ୍ଷମତା ବୃଦ୍ଧି କରାଯାଇଥିବା ଅଭିଯୋଗ କରି ଏହା ନାଗରିକଙ୍କ ମୌଳିକ ଅଧିକାରର ବିରୋଧୀ ବୋଲି କହିଛନ୍ତି। କିନ୍ତୁ ସ୍ୱରାଷ୍ଟ୍ରମନ୍ତ୍ରୀ ଏହି ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ପୋଲିସ ହାଜତ ସମୟ ସୀମା ୧୫ ଦିନ ରହିଛି ବୋଲି ସ୍ପଷ୍ଟ କରିଛନ୍ତି। ସମୟ ଓ ପରିସ୍ଥିତିର ଆବଶ୍ୟକତାକୁ ନେଇ ବ୍ରିଟିଶ ଅମଳର ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇଛି ସତ, କିନ୍ତୁ ଭାରତୀୟ ସମାଜରେ ଅପରାଧର ଢାଞ୍ଚା ଏବଂ ପ୍ରବଣତାକୁ ଦେଖିଲେ ଏକାଥରକେ ଏହି ନୂଆ ଆଇନରେ ସବୁକିଛି ସମାଧାନ ହେବା ଭଳି ମନେ ହେଉନାହିଁ।

ଏହା ନିଶ୍ଚିତ ଭାବେ କୁହାଯାଇପାରେ ଯେ, ଅନେକ ଭାରତୀୟ ଆଇନ ପୁରୁଣା ହୋଇଗଲାଣି। ଆଧୁନିକ ଯୁଗରେ କାର୍ଯ୍ୟକାରୀ କରାଇବାକୁ ହେଲେ ଅନେକ ଆଇନର ଆଧୁନିକୀକରଣ କରିବା ଦରକାର। ସେତେବେଳେ ବ୍ରିଟିଶ ସମୟର ଆଇନଗୁଡ଼ିକ ବିଦେଶୀ ଶାସକଙ୍କର କାର୍ଯ୍ୟରେ ସୁବିଧା ଆଣିବା ପାଇଁ ଉଦ୍ଦିଷ୍ଟ ଥିଲା। ନୂତନ ଆଇନର ଉଦ୍ଦେଶ୍ୟ ନାଗରିକଙ୍କର ସୁବିଧା ହେବା ଦରକାର। କେବଳ ଅଧିକ କଡ଼ା ଦଣ୍ଡବିଧାନ ସୃଷ୍ଟି କରିଦେଲେ ଯଥେଷ୍ଟ ହେବନାହିଁ। ଏବେ ମଧ୍ୟ ପୋଲିସ କହୁଛି ଯେ, ଅଧିକ ମାମଲା ଦାୟର ହେଉଥିବାରୁ ଏବଂ ଅନ୍ୟପଟେ ସବୁ ଥାନାରେ ନିର୍ଦ୍ଧାରିତ ସଂଖ୍ୟା ଅନୁସାରେ କର୍ମଚାରୀ ନ ଥିବାରୁ ତଦନ୍ତ ଓ ନ୍ୟାୟ ଦେବାରେ ବିଳମ୍ବ ଘଟୁଛି। ଯଦି ଏହି ପରିସ୍ଥିତି କେବଳ ଓଡ଼ିଶାରେ ସୀମିତ ରହିଥାଆନ୍ତା ତେବେ ଏକ ଭିନ୍ନ ଚିନ୍ତାଧାରା ସୃଷ୍ଟି ହୋଇଥାଆନ୍ତା। ଅନ୍ୟପଟେ ଯେଉଁମାନେ ଦିଲ୍ଲୀ ସମେତ ଅନ୍ୟ ରାଜ୍ୟର ପୋଲିସ ପରିସ୍ଥିତି ସମ୍ପର୍କରେ ଅବଗତ ସେମାନେ ଜାଣନ୍ତି ଯେ, ଭାରତୀୟ ପୋଲିସ ବ୍ୟବସ୍ଥାରେ ତ୍ୱରିତ ନ୍ୟାୟ କିମ୍ବା ତଦନ୍ତ କରାଇବା ଏକ ଅସମ୍ଭବ କାର୍ଯ୍ୟ। ଏଥିରୁ ବୁଝାପଡ଼େ ପୋଲିସ କର୍ମଚାରୀଙ୍କର କେବଳ ସଂଖ୍ୟା କିମ୍ବା ଅପାରଗତା କାରଣ ନୁହେଁ, ସେମାନଙ୍କର ମାନସିକତା ଏବଂ ସମ୍ପୂର୍ଣ୍ଣ ଆଭିମୁଖ୍ୟରେ ବିକୃତି ପ୍ରକାଶ ପାଉଛି। ସେଭଳି ମାନସିକତାକୁ ଦୃଷ୍ଟିରେ ରଖି ନୂଆ ଆଇନ ସୃଷ୍ଟି କରାଯିବାର ପ୍ରୟୋଜନ ରହିଛି।

ଅଧିକ ମାମଲା ରୁଜୁ କରିବା ପାଇଁ ସହଜ ବାଟ ସୃଷ୍ଟି କରିଦିଆଗଲେ ମିଥ୍ୟାର ଶିକାର ହୋଇଯିବ ସମ୍ପୂର୍ଣ୍ଣ ବ୍ୟବସ୍ଥା। ଗତ ମାସ ପର୍ଯ୍ୟନ୍ତ ଯେଉଁ ବ୍ୟବସ୍ଥା ଥିଲା ସେଥିରେ କୌଣସି ବ୍ୟକ୍ତି କାହା ବିରୋଧରେ ଏଫ୍‌ଆଇଆର୍ ଦାୟର କରିବା ପାଇଁ ଥାନା ଦ୍ୱାରସ୍ଥ ହେବାକୁ ପଡୁଥିଲା। ପୋଲିସର ଦୌରାତ୍ମ୍ୟକୁ ଭୟ କରି ଅନେକ ଭଦ୍ର ନାଗରିକଙ୍କ ସମେତ ଦୁଷ୍ଟ ପ୍ରକୃତିର ବ୍ୟକ୍ତି ଥାନାକୁ ଯାଉ ନ ଥିଲେ। ମିଛ କେସ୍ ଦେବା ପୂର୍ବରୁ ଅନେକ ଥର ଭାବୁଥିଲେ। ଏବେ ଆଧୁନିକ ଯୁଗର ଦ୍ୱାହି ଦେଇ 'ଅନ୍‌ଲାଇନ୍' ଏଫ୍‌ଆଇଆର୍ ଦେବାର ଯେଉଁ ବ୍ୟବସ୍ଥା ସୃଷ୍ଟି କରାଯାଇଛି ତାହା ଅଳ୍ପ ଭଦ୍ର ଲୋକ ଏବଂ ବହୁ ନକାରାତ୍ମକ ବ୍ୟକ୍ତିଙ୍କୁ ମିଛ କେସ୍ ଦେବାରେ ସହାୟକ ହେବ। ଏବେ ପୋଲିସ ଏଫ୍‌ଆଇଆର୍ ସ୍ୱୀକାର କରିବାକୁ ମନା କରିଦେଇ ନିଜ ଥାନାର ମାମଲା ସଂଖ୍ୟା ହ୍ରାସ କରିପାରୁଥିଲା। ୧ ଜୁଲାଇଠାରୁ ପ୍ରାୟ ସବୁ ଥାନାରେ ମାମଲା ସଂଖ୍ୟା କ୍ରମଶଃ ଯଥେଷ୍ଟ ବୃଦ୍ଧି ପାଇବା ସ୍ୱାଭାବିକ। ସେହି ବୃଦ୍ଧି ସହିତ ସମାନୁପାତିକ ଭାବେ ପୋଲିସବାହିନୀର ସଂଖ୍ୟା ବୃଦ୍ଧି କରିବା ସହ ସେମାନଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ ଘଟାଇବା ପାଇଁ ନିୟମିତ ପ୍ରଶିକ୍ଷଣ ଦିଆଯିବାର ବନ୍ଦୋବସ୍ତ କରିବା ଅତ୍ୟନ୍ତ ଆବଶ୍ୟକ। ମୌଳିକ ପରିବର୍ତ୍ତନ କରାଯିବା ପରିବର୍ତ୍ତେ କେବଳ ଉପରଠାଉରିଆ ସ୍ନୋ ପାଉଡ଼ର ଲଗାଇଲା ଭଳି ଆଇନକୁ କଡ଼ାକଡ଼ି କରାଗଲା ବୋଲି କହି ନିଜକୁ ପ୍ରଶଂସା କଲେ ଭବିଷ୍ୟତରେ ପରିବର୍ତ୍ତନ ଘଟିବ ବୋଲି ଚିନ୍ତା କରିବା ପଲାଳିଆମି ହେବ।

## su | do | ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 6 | | | 8 | | | |
| | | | 4 | 5 | | 7 | | |
| | | 9 | | 6 | | 4 | | |
| | | 5 | | 9 | | 6 | | |
| | 8 | 1 | 7 | | | | 9 | 5 |
| | | | | | | | 4 | |
| 8 | | | | | 9 | | | |
| 3 | | | 1 | 8 | | | | |
| 6 | | | | | 4 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 1 | 5 | 3 | 2 | 4 | 9 | 6 |
| 9 | 2 | 6 | 4 | 1 | 7 | 5 | 8 | 3 |
| 3 | 4 | 5 | 6 | 8 | 9 | 1 | 2 | 7 |
| 8 | 1 | 2 | 3 | 9 | 6 | 7 | 5 | 4 |
| 4 | 6 | 7 | 8 | 5 | 1 | 2 | 3 | 9 |
| 5 | 9 | 3 | 2 | 7 | 4 | 8 | 6 | 1 |
| 1 | 3 | 4 | 9 | 2 | 5 | 6 | 7 | 8 |
| 6 | 5 | 8 | 7 | 4 | 3 | 9 | 1 | 2 |
| 2 | 7 | 9 | 1 | 6 | 8 | 3 | 4 | 5 |

ଗତକାଲିର ଉତ୍ତର

# ଆସ ଫିଙ୍ଗିବା ମଞ୍ଜିଗୋଳା



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବୃକ୍ଷମାନେ ବାୟୁକୁ ଶୁଦ୍ଧକରନ୍ତି ଏବଂ ରୋଗ ମଧ୍ୟ ଦୂରକରିବାରେ ସହଯୋଗକରନ୍ତି। ଏଥିପାଇଁ ବୃକ୍ଷରୋପଣ ପ୍ରାଣୀମାନଙ୍କ ନିମନ୍ତେ ହିତକାରୀ। ବୃକ୍ଷଲତା ସହ ଜୀବଜନ୍ତୁ ଏବଂ ଅଣଜୀବନ୍ତ ପଦାର୍ଥଗୁଡ଼ିକର ସମାହାରରେ ସୃଷ୍ଟ ଜଙ୍ଗଲ ସମସ୍ତଙ୍କ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଅମ୍ଳଜାନ, ଖାଦ୍ୟ, ଔଷଧ, ଇନ୍ଧନ, ଆଶ୍ରୟ ତଥା ଅନ୍ୟାନ୍ୟ ବହୁ ଆବଶ୍ୟକ ପଦାର୍ଥ ଏବଂ ଜଙ୍ଗଲ ସଂଲଗ୍ନିତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନଙ୍କ ଜୀବିକା ନିର୍ବାହ ଓ ମୌଳିକ ଆବଶ୍ୟକତା ପୂରଣର ଅସରନ୍ତି ଉତ୍ସ। ବୃକ୍ଷରାଜି ନିଜର ଅଭିବୃଦ୍ଧି ସହ ବାୟୁମଣ୍ଡଳରୁ ଅଧିକ ପରିମାଣରଅଙ୍ଗାରକାମ୍ଳ ଶୋଷଣ କରି ନିଜ ମଧ୍ୟରେ ଏବଂ ମୃତ୍ତିକାରେ ସଂରକ୍ଷଣକରି ରଖନ୍ତି ଏବଂ ବିପରୀତରେ ବାୟୁମଣ୍ଡଳକୁ ଅମ୍ଳଜାନ ନିର୍ଗତ କରନ୍ତି। ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପର ହ୍ରାସ କାରଣରୁ ବାୟୁମଣ୍ଡଳୀୟ ଉତ୍ତାପ ବୃଦ୍ଧି ପ୍ରଶମିତହୋଇ ଜଳବାୟୁ ପରିବର୍ତ୍ତନ ପ୍ରକ୍ରିୟାରେ ସ୍ଥିରତା ହାସଲହୁଏ। ବାୟୁ ବିଶୁଦ୍ଧୀକରଣ, ଜଳଚକ୍ର ଓ ତାପମାତ୍ରା ନିୟନ୍ତ୍ରଣ, ମୃତ୍ତିକା ସଂରକ୍ଷଣ ସହ ଅର୍ଥନୈତିକ ପ୍ରଗତି ପ୍ରକ୍ରିୟାରେ ବୃକ୍ଷର ଅବଦାନର ପଟ୍ଟାନ୍ତର ନାହିଁ। ବନାଞ୍ଚଳରେ ପୃଥିବୀର ସ୍ଥଳଭାଗସ୍ଥ ଜୈବ ବିବିଧତାର ୮୦ଶତାଂଶ ଉପଲବ୍ଧ ହୁଅନ୍ତି। ପ୍ରାକୃତିକ ପରିସଂସ୍ଥାରେ ଅଧିକ ଜୀବଙ୍କର ଉପସ୍ଥିତି ହିଁ ଜୀବଜଗତ ପାଇଁ ଶୁଭଙ୍କର ପ୍ରତିପାଦିତହୁଏ। ଏ ସମସ୍ତ ଦୃଷ୍ଟିରୁ ବୃକ୍ଷଲତାର ସୁରକ୍ଷା ପ୍ରତି ପ୍ରତିବଦ୍ଧତା ପ୍ରକାଶକରିବା ମାନବଜାତିର ନୈତିକକର୍ତ୍ତବ୍ୟ। ମାତ୍ର ପ୍ରଚଳିତ ଅସହନୀୟ ବିକାଶ ପ୍ରକ୍ରିୟାର ପ୍ରତିଫଳରେ ପ୍ରକୃତି ସହ ଏହାର ଜଙ୍ଗଲ ସମ୍ପଦ ଏବଂ ବୃକ୍ଷରାଜି ନିରନ୍ତର ଅବକ୍ଷୟର ଶିକାରହୋଇ ଚାଲିଛନ୍ତି।

ସମ୍ପ୍ରତି ପୃଥିବୀର ପରିବର୍ତ୍ତିତ ଦୃଶ୍ୟପଟରେ ଯେତେବେଳେ ପ୍ରଦୂଷଣ, ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ ଏବଂ ଜୈବ ବିବିଧତା ଅବକ୍ଷୟର ପ୍ରଭାବ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହେଉଛି, ସେତେବେଳେ ବନୀକରଣ ମାଧ୍ୟମରେ ସବୁଜିମାର ବୃଦ୍ଧି, ଅବକ୍ଷୟିତ ଜଙ୍ଗଲର ପୁନରୁଦ୍ଧାର ଏବଂ ପ୍ରାକୃତିକଭାବେ ଜଙ୍ଗଲ ପରିସଂସ୍ଥାର ପୁନଃ ସ୍ଥାପନ ଏକାନ୍ତ ଅପରିହାର୍ଯ୍ୟ ବୋଧହୁଏ। ଜୀବାଶ୍ମ ଇନ୍ଧନ ବ୍ୟବହାରରେ ସଙ୍କୋଚନ ଏବଂ ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ଯେପରି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, ବୃକ୍ଷରୋପଣ ମାଧ୍ୟମରେ ସବୁଜିମାର ପୁନରୁଦ୍ଧାର ମଧ୍ୟ ସେତିକି ତାତ୍ପର୍ଯ୍ୟମୟ। ଭାରତବର୍ଷରେ ୧୯୫୦ରେ ତତ୍କାଳୀନ କୃଷି ଓ ଖାଦ୍ୟମନ୍ତ୍ରୀ କେ.ଏମ୍. ମୁନ୍‌ସୀ ନିଜ ଦୂରଦୃଷ୍ଟିର ପ୍ରୟୋଗରେ ଏକ ଚାରାରୋପଣ ଅଭିଯାନର ସୂତ୍ରପାତ କରିଥିଲେ।

**ବନ ମହୋତ୍ସବ ସପ୍ତାହ ଉପଲକ୍ଷେ**



ମାନବ ପରିବେଶରେ ସବୁଜିମା ବୃଦ୍ଧିର ଗୁରୁତ୍ୱ ଉପଲବ୍ଧିକରି ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ରାସ୍ତାକଡ଼ ଏବଂ ଅନ୍ୟାନ୍ୟ ସ୍ଥାନରେ ବୃକ୍ଷରୋପଣ ନିମନ୍ତେ ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହକୁ 'ବନ ମହୋତ୍ସବ ସପ୍ତାହ' ରୂପେ ସେ ଅଭିହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ହେଉଛି, ଦୁର୍ଭେଦ୍ୟ, ବୃକ୍ଷଶୂନ୍ୟ ଅଞ୍ଚଳରେ ନୂତନଭାବେ ଉଦ୍ଭିଦରାଜିର ପ୍ରତିଷ୍ଠା ନିମନ୍ତେ 'ମଞ୍ଜିଗୋଳା'ର ବ୍ୟବହାର ସମ୍ପ୍ରତି ଏକ ଲୋକପ୍ରିୟ ଘଟଣାରେ ପରିଣତ ହୋଇଛି। ମାତ୍ର ପ୍ରାରମ୍ଭିକ ସମୟରେ ଏଥିରୁ ସୃଷ୍ଟ ଚାରାଗୁଡ଼ିକୁ ଗୋରୁଙ୍କ ଚାରଣରୁ ସୁରକ୍ଷା ହେଉଛି ମୁଖ୍ୟ ଆହ୍ୱାନ।

'ମଞ୍ଜିଗୋଳା' ହେଉଛି ଲୋକଙ୍କୁ ଉଦ୍ଭିଦ ପୁନରୁଦ୍ଧାର ଯୋଜନାରେ ନିୟୋଜିତ କରିବାର ଏକ ଆକର୍ଷଣୀୟ ଏବଂ କୌତୁକିଆ ଉପାୟ, ଯେଉଁଥିରେ ବିଶେଷତଃ ଦେଶୀୟ ପ୍ରଜାତିର ମଞ୍ଜି ବ୍ୟବହୃତ ହୋଇଯାଏ। ଏହି ବିହନ ସ୍ୱଳ୍ପମୂଲ୍ୟ ଏବଂ ଦ୍ରୁତ ବୃକ୍ଷରୋପଣର ପ୍ରଭାବଶାଳୀ ମାଧ୍ୟମ, ଯେଉଁଥିରେ ସାଧାରଣ ମୃତ୍ତିକା, କମ୍ପୋଷ୍ଟ ବା ଖତ ଏବଂ ଅଳ୍ପ ଜଳର ମିଶ୍ରଣରେ ଏକ ଗୋଲାକାର ସମଷ୍ଟି ମଧ୍ୟରେ ନିର୍ଦ୍ଦିଷ୍ଟ ଗଛର ମଞ୍ଜିକୁ ଆବଦ୍ଧକରି ରଖାଯାଏ। ଏସବୁ ଠିକ୍ ଭାବରେ ପ୍ରସ୍ତୁତ ଓ ଶୁଷ୍କକରି ମୌସୁମୀ ବର୍ଷା ପୂର୍ବରୁ ସାଇତାଯାଇଥାଏ। ଏହି ଗୋଳାମଞ୍ଜିକୁ ପ୍ରଖର ସୂର୍ଯ୍ୟକିରଣରେ ନଷ୍ଟହେବା, ପଶୁପକ୍ଷୀଙ୍କ ଦ୍ୱାରା ଖିଆହେବା କିମ୍ବା ପବନରେ ଉଡ଼ିଯିବାରୁ ରୋକି ସୁରକ୍ଷିତ ରଖେ। ପ୍ରାକ୍ ମୌସୁମୀ ବର୍ଷା ସମୟରେ ଏସବୁ ଗୋଳାର ଅର୍ଦ୍ଧାଂଶ ଖାଲିସ୍ଥାନରେ ମାଟିରେ ପୋତିଦିଆଯାଏ ବା ବହୁସଂଖ୍ୟାରେ ଗୋଳା ଥିଲେ ଜଙ୍ଗଲାଞ୍ଚଳ, ରାସ୍ତାକଡ଼ କିମ୍ବା ଅନ୍ୟ ସ୍ଥାନରେ ଫୋପଡ଼ାଯାଏ। ଗୋଳାର ବାହ୍ୟ ଆବରଣ ବର୍ଷାଜଳକୁ ଶୋଷି ମଞ୍ଜିକୁ ଓଦା କରେ ଏବଂ ମଞ୍ଜିର ଅଙ୍କୁରୋଦ୍‌ଗମ ଘଟି ଏକ ନୂତନ ବୃକ୍ଷର ଉତ୍ପତ୍ତି ହୋଇଥାଏ।

ନିୟମିତ ବିହନ ବ୍ୟବହାର ତୁଳନାରେ ମଞ୍ଜି ବୁଣିଲେ ୮୦ ଶତାଂଶ ଅଭିବୃଦ୍ଧି ସଫଳତା ହାର ଉପଲବ୍ଧ ହୋଇଥାଏ। ବିଭିନ୍ନ ଔଷଧୀୟ ଉଦ୍ଭିଦ ଏବଂ ଫଳଗଛ, ବିଶେଷଭାବରେ ସ୍ଥାନୀୟ ବୃକ୍ଷରାଜିଙ୍କର ମଞ୍ଜି ସଂଗ୍ରହକରି ଏହି ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଏ। ନିର୍ଦ୍ଦିଷ୍ଟ ସ୍ଥାନ ଆଧାରରେ ବ୍ୟବହୃତ ମଞ୍ଜିଗୋଳା ସଂଖ୍ୟାରେ ପରିବର୍ତ୍ତନ ଘଟୁଥିଲେ ମଧ୍ୟ ପ୍ରତି ହେକ୍ଟରରେ ୨,୦୦୦ରୁ ୪,୦୦୦ ପର୍ଯ୍ୟନ୍ତ ଗୋଳା ବ୍ୟବହାର ହୋଇଥାଏ। ମାଟିର ଗୁଣବତ୍ତା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରକ, ଯାହା କେଉଁ ପ୍ରକାରର ବୃକ୍ଷ ସେଠାରେ ବିକଶିତହେବ ତାହା ନିର୍ଣ୍ଣୟ କରିଥାଏ। ଏହା ମଧ୍ୟ ଜାଣିବା ଆବଶ୍ୟକ ଯେ କେଉଁଗଛର ମଞ୍ଜି ଏହି ପ୍ରକ୍ରିୟାରେ ସଫଳତାର ସହ ଅଙ୍କୁରୋଦ୍‌ଗମହୋଇ ବୃକ୍ଷରେ ରୂପାନ୍ତରିତହେବ। ସମ୍ପ୍ରତି ବିଶ୍ୱର ବହୁ ଅଞ୍ଚଳରେ ଆକାଶମାର୍ଗରୁ ହେଲିକପ୍ଟର ଏବଂ ଡ୍ରୋନ୍ ସହାୟତାରେମଞ୍ଜିଗୋଳାକୁ ବହୁ ପ୍ରାକୃତିକ ଅଗମ୍ୟ, ଅବକ୍ଷୟିତ ଅଞ୍ଚଳରେ ବିକ୍ଷେପ କରାଯାଉଛି। ଏହି ପ୍ରାଚୀନ ପ୍ରକ୍ରିୟା ବିଂଶଶତାବ୍ଦୀର ପ୍ରାରମ୍ଭରେ ଜାପାନୀ କୃଷକ ତଥା ଦାର୍ଶନିକ ମାସାନୋବୁଫୁକୁଓକାଙ୍କ ଦ୍ୱାରା ପୁନଃ ଉଦ୍ଭାବିତ ଏବଂ ଉନ୍ନତି ସାଧିତହୋଇଥିଲା।

ମଞ୍ଜିଗୋଳା ମାଧ୍ୟମରେ ବୃକ୍ଷରୋପଣ ପ୍ରକ୍ରିୟା ଏବେ ଇଜିପ୍ଟ, ଜାପାନ, ଥାଇଲାଣ୍ଡ, ଆମେରିକା,କେନିଆ ଏବଂ ଅନ୍ୟ ଆଫ୍ରିକୀୟ ରାଷ୍ଟ୍ରରେ ବହୁଳ ଭାବରେ ବ୍ୟବହୃତ ହେଉଛି। କେନିଆର ସମଗ୍ର ଅଞ୍ଚଳରେ ସାଧାରଣ ଲୋକଙ୍କଠାରୁ ଛୋଟପିଲାଙ୍କ ପର୍ଯ୍ୟନ୍ତ ସମସ୍ତେ, ଏପରିକି ଗାଡ଼ି ଓ ହେଲିକପ୍ଟର ମାଧ୍ୟମରେ ଦୂରଦୂରାନ୍ତକୁ ମଞ୍ଜିଗୋଳା ନିକ୍ଷେପଦ୍ୱାରା ଖୁବ୍‌ଶୀଘ୍ର ନୂତନ ବୃକ୍ଷସୃଷ୍ଟିର ପ୍ରୟାସ ଜାରି ରଖିଛନ୍ତି। ଏହି ପଦ୍ଧତିରେ ପ୍ରତିବର୍ଷ ୨କୋଟିରୁ ଊର୍ଦ୍ଧ୍ୱ ବୃକ୍ଷ ଉତ୍ପନ୍ନକରିବା ସରକାରଙ୍କର ଲକ୍ଷ୍ୟ ରହିଛି। ପୃଥିବୀର ସବୁଜ ଆବରଣରେ ବୃଦ୍ଧି ଘଟାଇ ପରିବେଶ ସମସ୍ୟାର ସମାଧାନ ନିମନ୍ତେ ଆଦୃତ ବିଭିନ୍ନ ରଣନୀତି ମଧ୍ୟରେ ମଞ୍ଜିଗୋଳା କୌଶଳ ନିଶ୍ଚିତ ରୂପେଏକ ଜନାଦୃତ, ସାଫଲ୍ୟ ଅର୍ଜନକାରୀ ପଦ୍ଧତି। ବିଗତ ଦଶନ୍ଧି ମଧ୍ୟରେ ଏହି ଅଭିଯାନ ଭାରତ ତଥା ଅନ୍ୟ ଏସୀୟ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ବିଭାଗ, ବେସରକାରୀ ଅନୁଷ୍ଠାନ ଏବଂ ଜନସାଧାରଣଙ୍କ ଦ୍ୱାରା ଅଧିକ ଲୋକପ୍ରିୟହେବାରେ ଲାଗିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ବର୍ଷ ଜୁନ୍ ୫ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଦିଲ୍ଲୀର ବୁଦ୍ଧ ଜୟନ୍ତୀ ପାର୍କରେ ଏକ ଅଶ୍ୱତ୍ଥବୃକ୍ଷ ଚାରା ରୋପଣକରି ଏକ ଅଭିଯାନର ଶୁଭାରମ୍ଭ କରିଥିଲେ। ସେ କହିଥିଲେ, ମାତା ଏବଂ ପ୍ରକୃତି ହେଉଛନ୍ତି ନିଃସ୍ୱାର୍ଥପର ପ୍ରେମର ପ୍ରତୀକ। ତେଣୁ ଏହ ଅଭିଯାନ ମାଧ୍ୟମରେ ସମଗ୍ର ରାଷ୍ଟ୍ରର ଅଧିବାସୀମାନେ ନିଜ ନିଜର ମାତାଙ୍କ ସ୍ମୃତିରେ କୋଟି କୋଟି ସଂଖ୍ୟାରେ ବୃକ୍ଷରୋପଣ କରି ପ୍ରକୃତି ମାତା ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିବେ। ଏହି ପରିପ୍ରେକ୍ଷୀରେ ଆସନ୍ତୁ, ସମ୍ମିଳିତଭାବେ ଆହ୍ୱାନ ସୃଷ୍ଟିକାରୀ ପତିତଭୂମି ଓ ଅବକ୍ଷୟିତ ଜଙ୍ଗଲାଞ୍ଚଳରେ ମଞ୍ଜିବୁଣିବା କୌଶଳର ପ୍ରୟୋଗ ଏବଂ ଚାରାରୋପଣ ଜରିଆରେ ବୃକ୍ଷରାଜି ସୃଷ୍ଟିର ପ୍ରୟାସକୁ ସାକାରକରି ପ୍ରାକୃତିକ ପରିସଂସ୍ଥାକୁ ଅଧିକ ସୁରମ୍ୟ ଏବଂ ମାନବୀୟ ପରିବେଶକୁ ସବୁଜିମା ପରିପୂର୍ଣ୍ଣକରିବାରେ ଆମର ଭୂମିକାକୁ ଯଥାର୍ଥ ରୂପେ ନିର୍ବାହ କରିବା।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ-୯୪୩୭୦୭୬୧୦୦**

# ଆଲ୍‌ଗୋରିଦମ୍ ନିବେଶର ଯୁଗ



ସୌରଜିତ ପ୍ରଧାନୀ

ଆର୍ଥିକ ବଜାରର ନିରନ୍ତର ବିକାଶଶୀଳ ପରିଦୃଶ୍ୟରେ ମାନବୀୟ ହସ୍ତକ୍ଷେପ ବନାମ ସ୍ୱୟଂକ୍ରିୟତାର ଭୂମିକାକୁ ନେଇ ବିତର୍କ ତୀବ୍ରତର ହୋଇଛି। ଅତ୍ୟାଧୁନିକ ଆଲ୍‌ଗୋରିଦମ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ 'ରୋବୋ-ଆଡ୍‌ଭାଇଜର' ଆସିବା ପରେ ନିବେଶରେ ମଣିଷର ସମ୍ପୃକ୍ତି ଅପ୍ରାସଙ୍ଗିକ ହୋଇପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ତଥାପି ଏକ ନିକଟତର ପରୀକ୍ଷାରୁ ଜଣାପଡିଛି ଯେ ମାନବ ହସ୍ତକ୍ଷେପ ଅପରିହାର୍ଯ୍ୟ ହୋଇ ରହିଛି, ଯାହା ଅନନ୍ୟ ଗୁଣ ଏବଂ ଅନ୍ତର୍ଦୃଷ୍ଟି ପ୍ରଦାନ କରେ ଯାହା କେବଳ ଆଲ୍‌ଗୋରିଦମ୍ ଦୋହରାଇପାରିବ ନାହିଁ।

ଆର୍ଥିକ ନିଷ୍ପତ୍ତି ନେବାରେ 'ବିଶ୍ୱାସ' ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରକ ହୋଇଥାଏ। ଜଣେ ନିଜର ଆର୍ଥିକ ପରିଚାଳନା ଜୀବନ ପରିଚାଳନା ସହିତ ସମାନ; ଜଣେ ସର୍ବଦା ଏକ 'ସନ୍ତୁଳନ' ବଜାୟ ରଖିବା ଉଚିତ। ଆଧୁନିକ ନିବେଶ ବାସ୍ତୁତନ୍ତ୍ରରେ 'ଆଲଗୋ-ଟ୍ରେଡିଂ' ଏକ ଗୁଞ୍ଜରଣ ଶବ୍ଦ। ଅର୍ଥାତ୍ କେତେବେଳେ କିଣିବେ ଓ କେତେବେଳେ ବିକ୍ରି କରିବେ ତାହା ଟେକ୍ନୋଲୋଜି ହିଁ ନିର୍ଦ୍ଧାରଣ କରିବ। କିନ୍ତୁ ଆଲ୍‌ଗୋରିଦମ୍ ଡିଜାଇନ ପାଇଁ ବ୍ୟବହୃତ ହେଉଥିବା ଅନ୍ତର୍ନିହିତ ପାରାମିଟର ବିଷୟରେ କେତେଜଣ ଅବଗତ ଅଛନ୍ତି? ଜଣେ ଖୁଚୁରା ନିବେଶକ ଏଭଳି ଅଜଣା ବ୍ୟବସ୍ଥାକୁ ବୁଝିପାରିବେ କି? ତେଣୁ ପୁଞ୍ଜିନିବେଶକୁ ନିମ୍ନସ୍ତରରେ ଗଣତନ୍ତ୍ରୀକରଣ କରିବା ପାଇଁ ଆର୍ଥିକ ସାକ୍ଷରତାକୁ ତୃଣମୂଳସ୍ତରରେ ଖୁଚୁରା ପୁଞ୍ଜିନିବେଶ ପୂର୍ବରୁ ରଖାଯିବା ଉଚିତ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଆପଣଙ୍କୁ ଗୋଷ୍ଠୀ କୈନ୍ଦ୍ରିକ ଆଭିମୁଖ୍ୟର ଆବଶ୍ୟକତା ରହିଛି। ତେଣୁ ଭାରତ ଏବେ ମଧ୍ୟ ଆଧୁନିକ ନିବେଶ ପଦ୍ଧତିକୁ ଆପଣାଇବାକୁ ପ୍ରସ୍ତୁତ ନୁହେଁ।

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ମେଶିନ ଲର୍ନିଂର ମୂଳ ଆଧାର ହେଉଛି ସିଷ୍ଟମ୍‌କୁ ଦିଆଯାଉଥିବା ଡାଟାର ପରିମାଣ ଏବଂ ବିବିଧତା। କୋଭିଡ୍-୧୯ ଭଳି ଘଟଣା, ଭୂ-ରାଜନୈତିକ ସଂଘର୍ଷ ଇତ୍ୟାଦିକୁ ଏହି ବ୍ୟବସ୍ଥା ଆକଳନ କରିବାରେ ସକ୍ଷମ ହେବନାହିଁ। ତେଣୁ କୌଣସି ଟେକ୍ନୋଲୋଜି ୨୦୨୦ର ବଜାର ଧ୍ୱଂସ ଏବଂ ଏଭଳି ଅନେକ ଘଟଣାକୁ ରୋକି ପାରି ନ ଥିଲା। ନିକଟରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ, ଚାଟ-ଜିପିଟି ଦ୍ୱାରା କରାଯାଇଥିବା ଷ୍ଟକ୍ ସୁପାରିସ ବିଶ୍ୱର ଶୀର୍ଷ ଫଣ୍ଡ ମ୍ୟାନେଜରମାନଙ୍କୁ ପଛରେ ପକାଇ ଦେଇଛି। କିନ୍ତୁ ଏହି ଫଳାଫଳ ସେତେବେଳେ ଆସିଥାଏ ଯେତେବେଳେ ବଜାରକୁ ସ୍ୱାଭାବିକ ଭାବେ ବ୍ୟବହାର କରନ୍ତି। ବଜାରର ବିଭ୍ରାଟ ସମ୍ପର୍କରେ ପୂର୍ବାନୁମାନ କରିବା ଟେକ୍ନୋଲୋଜି ପାଇଁ ଏକ କଷ୍ଟକର କାମ ହେବ। ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ତାଲିମପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ତଥ୍ୟ ବିଶ୍ଳେଷଣ ମାଧ୍ୟମରେ ଗ୍ରାହକଙ୍କ ମଧ୍ୟରେ ପୂର୍ଣ୍ଣ ସନ୍ତୁଷ୍ଟି ସୃଷ୍ଟି ହେବ। ମାନବୀୟ ବୁଦ୍ଧିମତ୍ତା ଏବଂ କୃତ୍ରିମ ବୁଦ୍ଧିମତ୍ତା ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ।




ଆଜିର ପରିସ୍ଥିତିରେ ଯେତେବେଳେ ଇଣ୍ଟରନେଟ ଅତ୍ୟଧିକ ସୂଚନାରେ ଭରି ରହିଛି, ସେତେବେଳେ ପୂର୍ବ ଯୁଗ ତୁଳନାରେ ଉପରିସ୍ଥ ଜ୍ଞାନ ହାସଲ କରିବା ସେତେଟା କଷ୍ଟକର ନୁହେଁ, ଯେଉଁଥିରେ ତଥ୍ୟ ଏବଂ ସୂଚନା ହାସଲ କରିବା ସହଜ ନ ଥିଲା। ଭାରତରେ ଅଧିକାଂଶ ମଧ୍ୟବିତ୍ତ ଲୋକ ଇକ୍ୱିଟି, ବଣ୍ଡ, ଷ୍ଟକ୍ ମାର୍କେଟ ଆଦି ବିଷୟରେ ଅବଗତ ଅଛନ୍ତି। କିନ୍ତୁ ତାତ୍ତ୍ୱିକ ଜ୍ଞାନକୁ କିପରି ବ୍ୟବହାରିକ ପ୍ରୟୋଗରେ ପରିଣତ କରାଯାଇପାରିବ ତାହା ହେଉଛି ଏକ ଆହ୍ୱାନମୂଳକ ବିଷୟ।

ଷ୍ଟକ୍, ବଣ୍ଡ,ମ୍ୟୁଚୁଆଲ ଫଣ୍ଡ ଆଦି ଆର୍ଥିକ ଉତ୍ପାଦରେ କେମିତି ବିନିଯୋଗ କରାଯାଏ, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ଏକାଧିକ ପ୍ଲାଟଫର୍ମ ରହିଛି, ଯାହା ନିବେଶକଙ୍କୁ ଆର୍ଥିକ ଉତ୍ପାଦରେ ନିବେଶ କରିବାର ସୁଯୋଗ ଦେଇଥାଏ। କିନ୍ତୁ ଅନବୋର୍ଡିଂ ପ୍ରକ୍ରିୟାରେ ଜଣେ ନିଜର ଗୋପନୀୟ ତଥ୍ୟ ଶେୟାର କରିଥାଏ। ତେଣୁ ଏଭଳି ଡିଜିଟାଲ ପ୍ଲାଟଫର୍ମରେ ସାମିଲ ହେବା ପାଇଁ ଜଣେ ବିଶ୍ୱାସଯୋଗ୍ୟ ମଣିଷର ଆବଶ୍ୟକତା ରହିଛି। ଏଥିରେ ଦିଆଯାଇଥିବା ତଥ୍ୟ ସୁରକ୍ଷିତ ରହିବ କି ନାହିଁ ତାହାର କୌଣସି ଗ୍ୟାରେଣ୍ଟି ନାହିଁ। ଫେସ୍‌ବୁକ୍ ଭଳି ବଡ ବଡ ସଂସ୍ଥାରେ ଡାଟା ପ୍ରାଇଭେସି ସମସ୍ୟା ଆମେ ସମସ୍ତେ ଦେଖିଛୁ।

ପୁଞ୍ଜିନିବେଶ କ୍ଷେତ୍ରରେ ମାନବୀୟ ହସ୍ତକ୍ଷେପ ଅପରିହାର୍ଯ୍ୟ ହୋଇ ରହିଥିବାବେଳେ ଟେକ୍ନୋଲୋଜିର ଉତ୍ଥାନ ଫଳରେ ଏକ 'ହାଇବ୍ରିଡ୍' ଆଭିମୁଖ୍ୟ ସୃଷ୍ଟି ହୋଇଛି, ଯାହା ମେଶିନ ଇଣ୍ଟେଲିଜେନ୍ସ ସହ ମାନବୀୟ ବିଶେଷଜ୍ଞତାକୁ ଯୋଡୁଛି। ଉନ୍ନତ ଆଲ୍‌ଗୋରିଦମ୍, ତଥ୍ୟ ବିଶ୍ଳେଷଣ ଏବଂ ମେଶିନ ଲର୍ନିଂ ଆଲ୍‌ଗୋରିଦମ୍ ମାନବୀୟ ନିଷ୍ପତ୍ତି ନେବାରେ ପରିପୂରକ, ବିଶ୍ଳେଷଣ, ବିପଦ ପରିଚାଳନା ଏବଂ ପୋର୍ଟଫୋଲିଓ ଅପ୍ଟିମାଇଜେଶନ ପାଇଁ ଶକ୍ତିଶାଳୀ ଉପକରଣ ପ୍ରଦାନ କରିଥାଏ। ଶେଷରେ ପୁଞ୍ଜିନିବେଶରେ ମାନବୀୟ ହସ୍ତକ୍ଷେପର ଭୂମିକା ଅପ୍ରାସଙ୍ଗିକ ନୁହେଁ; ବାସ୍ତବରେ ଏହା ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ଆଲ୍‌ଗୋରିଦମ୍ ଏବଂ ସ୍ୱୟଂଚାଳିତ ବ୍ୟବସ୍ଥାର ଗୁଣବତ୍ତା ରହିଥିବା ବେଳେ ମାନବ ନିବେଶକଙ୍କ ଅନ୍ତଃଜ୍ଞାନ, ବିଚାର ଏବଂ ଅନୁକୂଳତାକୁ ସ୍ଥାନ ଦେଇପାରିବେ ନାହିଁ। ଯେହେତୁ ଆର୍ଥିକ ବଜାରର ବିକାଶ ଜାରି ରହିଛି, ମାନବୀୟ ବିଶେଷଜ୍ଞତା ଏବଂ ମେଶିନ ଇଣ୍ଟେଲିଜେନ୍ସ ମଧ୍ୟରେ ସମନ୍ୱୟ ନିବେଶ ପରିଦୃଶ୍ୟରେ ନବସୃଜନ, ସ୍ଥିତିସ୍ଥାପକତା ଏବଂ ନିରନ୍ତର ଅଭିବୃଦ୍ଧିକୁ ଆଗେଇ ନେବ।

ନିବେଶ କେବଳ ସଂଖ୍ୟା ଏବଂ ଆଲଗୋରିଦମ୍ ବିଷୟରେ ନୁହେଁ; ଏହା ମନୁଷ୍ୟର ଆଚରଣକୁ ବୁଝିବା, ଗୁଣାତ୍ମକ ଉପାଦାନକୁ ଆକଳନ କରିବା ଏବଂ ନିବେଶକଙ୍କ ଲକ୍ଷ୍ୟ ଏବଂ ମୂଲ୍ୟ ସହିତ ସାମଞ୍ଜସ୍ୟ ରଖୁଥିବା ସୂଚନାଯୁକ୍ତ ନିଷ୍ପତ୍ତି ନେବା ଉପରେ ନିର୍ଭର କରେ। ମାନବୀୟ ହସ୍ତକ୍ଷେପକୁ ଗ୍ରହଣ କରି ଏବଂ ପ୍ରଯୁକ୍ତିର ଶକ୍ତିକୁ ଉପଯୋଗ କରି ନିବେଶକମାନେ ଆର୍ଥିକ ବଜାରର ଜଟିଳତାକୁ ଦୂର କରିପାରିବେ।

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା**
**ମୋ: ୯୯୬୭୧୦୨୨୬୪**

## ଏଇ ଭାରତରେ

ଏମିତି ବ୍ୟକ୍ତି ଦେଖିଛନ୍ତି ଯିଏ ତାଙ୍କ ସବୁ ସଞ୍ଚିତ ଧନ ଓ ସ୍ତ୍ରୀଙ୍କ ଗହଣା ବିକ୍ରି କରି ଗରିବଙ୍କୁ ଖାଦ୍ୟ ଯୋଗାଉଛନ୍ତି? ହଁ, ଦିଲ୍ଲୀର ପ୍ରବୀଣ ଗୋୟଲ ଏହି କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। 'ଶ୍ୟାମ ଗୋୟଲ ରୋଷେଇ'ଟ୍ରଷ୍ଟ ମାଧ୍ୟମରେ ଗରିବଙ୍କୁ ୪ ବର୍ଷ ହେଲା ସେ ୧ଟଙ୍କାରେ ଖାଦ୍ୟ ଦେଉଛନ୍ତି। ସେ ସବୁଦିନ ଗରିବ ଲୋକଙ୍କୁ ଭାତ, ଡାଲି, ତରକାରି ଏବଂ ରୁଟି ଦେଉଛନ୍ତି। କେବଳ ଗରିବ ନୁହନ୍ତି ବରଂ ସବୁ ଅସହାୟ ବ୍ୟକ୍ତି ବି ଏଠାରେ ଖାଉଛନ୍ତି। ସେ ଥରେ ତାଙ୍କ ବ୍ୟବସାୟିକ କାର୍ଯ୍ୟରେ ବାହାଦୁରଗଡ଼ ଯିବା ସମୟରେ ଏକ ଢାବାରେ ପାଣି ପିଉଥିବାବେଳେ ଜଣେ ଲୋକ ୧୦ ଟଙ୍କାରେ ଖାଦ୍ୟ ମାଗିବାରୁ ଢାବା ମାଲିକ ମନା କରିଦେଲେ। ଏହି ଘଟଣା ପ୍ରବୀଣଙ୍କୁ ପ୍ରଭାବିତ କରିଥିଲା ଓ ସେ ସେହି ଲୋକଙ୍କୁ ଖାଦ୍ୟ ପାଇଁ ୧୦୦ ଟଙ୍କା ଦେଇଥିଲେ। ପ୍ରବୀଣ ସେହିଦିନ ୧ ଟଙ୍କାରେ ଗରିବଙ୍କୁ ଖାଦ୍ୟ ଦେବା ଲାଗି ନିଷ୍ପତ୍ତି ନେଇଥିଲେ। ପ୍ରଥମେ ୧୦ ଟଙ୍କାରେ ମିଲ୍ ଦେବା ଆରମ୍ଭ କରିଥିଲେ ବି ଏବେ ୧ ଟଙ୍କାରେ ତାହା ଯୋଗାଇ ଦେଉଛନ୍ତି। ଏପରି କି କରୋନା ସମୟରେ ବି ଗରିବଙ୍କୁ ଖାଦ୍ୟ ଦେବାରେ ଅବହେଳା କରି ନ ଥିଲେ। ଶ୍ୟାମ ଗୋୟଲ ରୋଷେଇ ଟ୍ରଷ୍ଟରେ ଦେଶର ଅନେକ ଲୋକ ଯୋଡ଼ି ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨ ଜୁଲାଇ ୧୯୭୫**

- ବେସରକାରୀ ଭବିଷ୍ୟନିଧି, ଅବସରକାଳୀନ ତଥା ଗ୍ରାଚ୍ୟୁଟି ପାଣ୍ଠିର ସହାୟକ ହେଲାଭଳି ଏକ ସ୍ୱତନ୍ତ୍ର ସଞ୍ଚୟ ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତନ କରାଯାଇଛି।
- ମିଜୋ ଜାତୀୟ ସାମ୍ମୁଖ୍ୟର ରାଜନୈତିକ ପରାମର୍ଶଦାତା ତଥା ବ୍ରିଗାଡିଆର ବୋଲାଉଥିବା ଡମଖୋ ସେଇକ ଗାଙ୍ଗଟେଙ୍କ ସମେତ ୫୦ ବିଦ୍ରୋହୀ ମିଜୋଙ୍କ ମଣିପୁର ରାଜ୍ୟପାଳ ଏଲ୍‌.ପି. ସିଂହଙ୍କ ନିକଟରେ ଆତ୍ମସମର୍ପଣ।

## ଚିରନ୍ତନୀ

କିମ୍ପାଁ ଏସନ କାତର କରୁଣ ଚାହାଣୀ
କାହିଁପାଇଁ ଏ ଗଭୀର ଖେଦ?
ମାତ୍ର ଏକ ନିଶାର ବିଚ୍ଛେଦ!
ସାମାନ୍ୟ ସେ ବ୍ୟବଧାନ ନ ହୁଏ କି ସହି
ଏ ମରତ-ପରବାସେ ରହି?
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଚାରାରୋପଣ ପାଇଁ ଆଗେଇ ଆସନ୍ତୁ

ମହାଶୟ,

ବନ ମହୋତ୍ସବ ପାଳନ ଅବସରରେ ରାଜ୍ୟରେ ସବୁଜ ବଳୟ ସୃଷ୍ଟି କରିବା ଲକ୍ଷ୍ୟ ନେଇ ମିଶନ ଶକ୍ତି ଅଧୀନରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରାୟ ଅଢ଼େଇ କୋଟି ଚାରାରୋପଣ କରାଯିବାର ନିଷ୍ପତ୍ତି ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଏହି ପରିପ୍ରେକ୍ଷୀରେ କେତୋଟି କଥା ଲୋକମାନଙ୍କ ମନରେ ଉଙ୍କିମାରୁଛି। ପ୍ରଥମତଃ, ଚାରାରୋପଣ ପାଇଁ ଉପଯୁକ୍ତ ସ୍ଥାନ ନିର୍ଦ୍ଧାରଣ କରାଯାଇ ସାରିଛି କି? ଦ୍ୱିତୀୟତଃ, ଚାରା ଲଗାଇ ସାରିବା ପରେ ସେଗୁଡ଼ିକୁ ବାଡ଼ ଦ୍ୱାରା ଆବଦ୍ଧ କରାଯିବାର ବ୍ୟବସ୍ଥା କରାଯିବ କି? ତୃତୀୟତଃ, ରୋପଣ କରାଯାଇଥିବା ଚାରାଗୁଡ଼ିକ ମଧ୍ୟରୁ ଅନ୍ତତଃ କେତେ ଶତକଡ଼ା ବଞ୍ଚିବ ବୋଲି ଆକଳନ କରାଯାଇ ସ୍ୱୟଂ ସହାୟିକାମାନଙ୍କୁ ସେଥିପାଇଁ ଉତ୍ତରଦାୟୀ କରାଯାଇ ପାରିବ କି? ଚତୁର୍ଥତଃ, ବର୍ଷାଋତୁ ପରେ ଉକ୍ତ ଚାରାଗୁଡ଼ିକରେ ନିୟମିତ ପାଣି ଦେବାପାଇଁ କାହାକୁ ଦାୟିତ୍ୱ ଦିଆଯିବ? ଏସବୁ ପ୍ରସଙ୍ଗ ପ୍ରତି ସରକାରଙ୍କୁ ଦୃଷ୍ଟି ଦେବାର ଅଛି। ଶେଷରେ ଏତିକି କୁହାଯାଇପାରେ ବୃକ୍ଷରୋପଣ କେବଳ ସରକାରୀ କାର୍ଯ୍ୟକ୍ରମ କିମ୍ବା ସରକାରଙ୍କ କର୍ତ୍ତବ୍ୟ ନୁହେଁ ବରଂ ଏଥିପାଇଁ ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ଆଗକୁ ଆଗେଇ ଆସନ୍ତୁ କାରଣ, 'ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା।''

-ଡ. ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for Letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଳାବଜାରି ବନ୍ଦ, ସରକାରୀ ଦରରେ ସାର ଯୋଗାଇବା ଦାବି

ନବରଙ୍ଗପୁର,୧।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମଧ୍ୟରେ ସମବାୟ ସମିତି ଓ ଲ୍ୟାମ୍ପ୍ସ ଦ୍ୱାରା ଗରିବ ଚାଷୀମାନଙ୍କୁ ସାର ଯୋଗାଇ ଦିଆଯାଇପାରୁ ନାହିଁ। ଏନେଇ ଓଡ଼ିଶା କୃଷକ ସଭା ଓ ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳ କମଳ ଲୋଚନ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମବାୟ ସମିତି ଓ ଲ୍ୟାମ୍ପ୍ସ ଦ୍ୱାରା ସାର ନ ମିଳିବାରୁ ସରକାରୀ ମୂଲ୍ୟଠାରୁ ଅଧିକ ଚଢ଼ା ଦରରେ ବ୍ୟବସାୟମାନେ ସାର ବିକ୍ରି କରୁଛନ୍ତି। ତେଣୁ ଚାଷୀଙ୍କୁ ସରକାରୀ ଦରରେ ସାର ଯୋଗାଇବା ନେଇ ସେମାନେ ଦାବି କରିଛନ୍ତି। ସାର ବ୍ୟବସାୟର କଳାବଜାର ବିରୋଧରେ ତଦନ୍ତକରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ୩ ଦଫା ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ନବରଙ୍ଗପୁର ଏକ କୃଷି ପ୍ରଧାନ ଜିଲା। ୯୦ ପ୍ରତିଶତ ଲୋକ ଚାଷ କାର୍ଯ୍ୟ ଉପରେ ନିର୍ଭର କରୁଛନ୍ତି। ବର୍ଷା ପରେ ଚାଷକାମ ଆରମ୍ଭ ହୋଇଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ ଗରିବ ଚାଷୀମାନଙ୍କୁ ସାର ଯୋଗାଇ ଦିଆଯାଇ ନାହିଁ। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମବାୟ ସମିତି ଓ ଜିଲା ପ୍ରଶାସନର ଅବହେଳାର ଫାଇଦା ଉଠାଇ ସ୍ଥାନୀୟ ସାର ବ୍ୟବସାୟୀମାନେ ସରକାର ଦରରୁ ଅଧିକର ମୂଲ୍ୟରେ ସାର ବିକ୍ରିକରି ମାଲାମାଲ ହେଉଛନ୍ତି। ସାର ବ୍ୟବସାୟ କଳାବଜାର ରୋକିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସ୍କ୍ୱାଡ୍ ଗଠନ କରାଯାଇଥିଲେ ମଧ୍ୟ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନାହିଁ । ସମବାୟ ସମିତି ପକ୍ଷରୁ ମଧ୍ୟ ଯଥାଶୀଘ୍ର ଚାଷୀଙ୍କୁ ସାର ଯୋଗାଇଦେବା ନିମନ୍ତେ ପଦକ୍ଷେପ ନିଆଯାଉ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। କେଉଁ ସାର କେତେ ଟଙ୍କାର ବିକ୍ରି ହେଉଛି ତାହାର ଦର ଚାର୍ଟରେ ଉଲ୍ଲେଖ କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ଦାବିଗୁଡ଼ିକୁ ୧୦ ଦିନ ମଧ୍ୟରେ ପୂରଣ କରା ନ ଗଲେ ନବରଙ୍ଗପୁର ଜିଲା ଓଡ଼ିଶା କୃଷକ ମହାସଭା ଓ ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ନୂଆଖାଉ ଭତରାଙ୍କ ନେତୃତ୍ୱରେ ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ସମ୍ପାଦକ ରାଜେଶ ଜାନୀ, ବିଷ୍ଣୁନାଥ ଜାନୀଙ୍କ ସହ ମଞ୍ଚର ଶତାଧିକ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



ଦାବି ଜଣାଇବାକୁ ଆସିଥିବା ଓଡ଼ିଶା କୃଷକ ସଭା ଓ ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ସଦସ୍ୟମାନେ।

# ବି.ମାଳିଗୁଡ଼ା ହାଇସ୍କୁଲକୁ ଆସୁଛନ୍ତି ଡେପୁଟେଶନରେ ଶିକ୍ଷକ

ନନ୍ଦାହାଣ୍ଡି, ୧।୭ (ପ୍ରତୀପ କୁମାର ଦାଶ)

- ବି.ମାଳିଗୁଡ଼ା ହାଇସ୍କୁଲରେ ଅଛନ୍ତି ୧୬ ଶିକ୍ଷକ, ତେନ୍ତୁଳିଖୁଣ୍ଟିରୁ ଆସିଛନ୍ତି ଆଉ ଜଣେ
- ଡେପୁଟେଶନରେ ଶିକ୍ଷକଙ୍କୁ ଆଣି ପ୍ରଧାନଶିକ୍ଷକ କରାଯାଇଥିବାରୁ ଅନ୍ୟମାନେ ଅସନ୍ତୁଷ୍ଟ
- ଝାଡବନ୍ଧଗୁଡ଼ା ସ୍କୁଲରୁ ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନ କରାଯାଇଥିବାରୁ ସେଠାରେ ପଢ଼ା ବାଧାପ୍ରାପ୍ତ

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡିରେ ଶିକ୍ଷା ବିଭାଗର ଅଜବ ନୀତି। ଶିକ୍ଷକ ଅଭାବ ନ ଥିଲେ ମଧ୍ୟ ଏଭଳି ଏକ ସ୍କୁଲକୁ ଅନ୍ୟ ବ୍ଲକରୁ ଶିକ୍ଷକଙ୍କୁ ଡେପୁଟେଶନରେ ଅଣାଯାଉଛି। ଏଠାରେ ପୂର୍ବରୁ ଯୋଗ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଥିଲେ ମଧ୍ୟ ଡେପୁଟେଶନରେ ଅଣାଯାଇଥିବା ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଉଛି। ସେହିଭଳି ସେଠାରେ ବିଜ୍ଞାନ ଶିକ୍ଷକ ଥିଲେ ମଧ୍ୟ ଆଉ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ଡେପୁଟେଶନରେ ଅଣାଯାଇଛି। ଏ ସବୁ ଅବ୍ୟବସ୍ଥାକୁ ନେଇ ଶିକ୍ଷକ, ବୁଦ୍ଧିଜୀବୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏଥିସହ ଆବଶ୍ୟକ ନ ଥିବା ସ୍ଥଳେ ଶିକ୍ଷକଙ୍କୁ ଡେପୁଟେଶନ କରାଯାଉଥିବା ଚର୍ଚ୍ଚା ବଢ଼ିଛି।

ନନ୍ଦାହାଣ୍ଡି ବ୍ଲକ ବି. ମାଳିଗୁଡ଼ା ଉଚ୍ଚ ବିଦ୍ୟାଳୟରେ ୧୫ରୁ ୧୬ ଶିକ୍ଷକ ଅଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକ ବାପୁଜୀ ପବ୍ଲିକ ସ୍କୁଲର ଜଣେ ଶିକ୍ଷକଙ୍କୁ ଡେପୁଟେଶନରେ ଅଣାଯାଇଛି। ସେହି ବିଦ୍ୟାଳୟରେ ସ୍ଥାୟୀ ବରିଷ୍ଠ ଶିକ୍ଷକ ଆଲୋକ ଦାଶ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ତୁଲେଇବା ପାଇଁ ଯୋଗ୍ୟ ଥିବା ସତ୍ତ୍ୱେ ତେନ୍ତୁଳିଖୁଣ୍ଟି ବ୍ଲକରୁ ଡେପୁଟେଶନରେ ଜଣେ ଶିକ୍ଷକଙ୍କୁ ଆଣି ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଛି। ପୂର୍ବତନ ଜିଲା ଶିକ୍ଷାଧିକାରୀଙ୍କ ସମୟରେ ଏହା ହୋଇଥିବା ଚର୍ଚ୍ଚା ହେଉଛି। ସେହି ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ ଭବାନୀ ଭତରା ଅଛନ୍ତି। ତଥାପି ଝାଡବନ୍ଧଗୁଡ଼ା ଉଚ୍ଚ ବିଦ୍ୟାଳୟରୁ ଜଣେ ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ବି.ମାଳିଗୁଡା ଉଚ୍ଚ ବିଦ୍ୟାଳୟକୁ ଡେପୁଟେଶନରେ ଅଣାଯାଇଛି। ଯାହାର କୌଣସି ଆବଶ୍ୟକତା ନ ଥିଲା। ଏହା ଫଳରେ ଝାଡବନ୍ଧଗୁଡ଼ା ସ୍କୁଲରେ ବିଜ୍ଞାନ ପଢ଼ା ବାଧାପ୍ରାପ୍ତ ହେଉଛି। ମାତ୍ର ୫ଜଣ ଶିକ୍ଷକ ଥିବା ଉଚ୍ଚ ବିଦ୍ୟାଳୟରୁ ୧୫ରୁ ୧୬ ଜଣ ଶିକ୍ଷକ ଥିବା ବିଦ୍ୟାଳୟକୁ ଡେପୁଟେଶନରେ ଶିକ୍ଷକ ଆଣିବାକୁ ନାପସନ୍ଦ କରାଯାଇଛି। ସୂଚନା ଥାଉ କି ଝାଡବନ୍ଧଗୁଡ଼ା ସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି । ୨ ଜଣ କଳା ବିଭାଗ ଶିକ୍ଷକ ଆବଶ୍ୟକ ଥିବା ବେଳେ ମାତ୍ର ଗୋଟିଏ କଳା (ସଂସ୍କୃତ) ଶିକ୍ଷକ ଅଛନ୍ତି। ସେ ସପ୍ତାହକୁ ୩ ଦିନ ତେନ୍ତୁଳିଖୁଣ୍ଟି ବ୍ଲକ ବିରିଗୁଡା ଉଚ୍ଚ ବିଦ୍ୟାଳୟକୁ ପଢାଇବା ପାଇଁ ଯାଉଛନ୍ତି। ଫଳରେ ଝାଡବନ୍ଧଗୁଡ଼ା ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏ ନେଇ ବର୍ତ୍ତମାନର ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କୁ ପଚାରିବାରୁ ୭ ଦିନ ଭିତରେ ଏହାର ତର୍ଜମା କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।

# 'ଅପରାଧ ରୋକିବାରେ ସହାୟକ ହେବ ନୂତନ ଆଇନ'



ଡାବୁଗାଁ ଓ ପାପଡ଼ାହାଣ୍ଡିରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଡାବୁଗାଁ/ପାପଡ଼ାହାଣ୍ଡି, ୧।୭
(ପ୍ରଜ୍ଞାରଞ୍ଜନ ପରିଡ଼ା/ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ଡାବୁଗାଁସ୍ଥିତ କଲ୍ୟାଣ ମଣ୍ଡପରେ ସ୍ଥାନୀୟ ପୋଲିସ ପକ୍ଷରୁ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ଉପରେ ସଚେତନତା କାର୍ଯ୍ୟକ୍ରମ ଆଇଆଇସି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୧ରୁ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ଆଲୋଚନା ହୋଇଛି। ନୂଆ ଆଇନ ଏକ ଆଧୁନିକ ନ୍ୟାୟିକ ବ୍ୟବସ୍ଥା ଆଣିବ, ଯେଉଁଥିଲେ ଜିରୋ ଏଫଆଇଆର ଅର୍ଥାତ ଯେ କୌଣସି ଥାନାରେ ଏତଲା ଦାଏର କରାଯାଇପାରିବ। ଏପରିକି ଅନଲାଇନରେ ପୋଲିସରେ ଅଭିଯୋଗ ଦାଏର କରାଯିବା ସହ ଏସ୍ଏମ୍ଏସ୍ ଭଳି ଅନଲାଇନ ମୋଡରେ ସମନ ଜାରି କରାଯିବ ବୋଲି ଆଲୋଚନା ହୋଇଛି। ସମସ୍ତ ଜଘନ୍ୟ ଅପରାଧ କ୍ରାଇମ ସିନର ଭିଡିଓଗ୍ରାଫି ବାଧ୍ୟତାମୂଳକ କରାଯିବ। ବର୍ତ୍ତମାନ ପ୍ରଚଳିତ କେତେକ ସାମାଜିକ ବାସ୍ତବତା ଏବଂ ଅପରାଧକୁ ରୋକିବାରେ ଏହା ସହାୟକ ହେବ। ନ୍ୟାୟପାଳିକାକୁ ପ୍ରଭାବୀ କରିବାରେ ଉପଯୁକ୍ତ ବ୍ୟବସ୍ଥା ଯୋଗାଇଦେବ ବୋଲି ଅଧିକାରୀମାନେ ସଚେତନ କରିଥିବା ବେଳେ ବରିଷ୍ଠ ନାଗରିକ ନିତ୍ୟାନନ୍ଦ ମହାନ୍ତି ଏହି ବିଷୟରେ ତାଙ୍କର ବକ୍ତବ୍ୟରେ କହିଥିଲେ। ତହସିଲଦାର ହରିଓମ ଭୋଇ ମୁଖ୍ୟ ଅତିଥି, ବିଡିଓ ଶରତ ମାଝି, ଆଇନ ସହାୟତା କେନ୍ଦ୍ର ବରିଷ୍ଠ ଆଇନଜୀବୀ ଦିବ୍ୟରଞ୍ଜନ ରାୟପାତ୍ର ଓ ଦିବାନ ସିଂ, ଜିଲାପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସରପଞ୍ଚ, ବରିଷ୍ଠ ନାଗରିକ ଏବଂ ଜନସାଧାରଣ ଯୋଗଦେଇଥିଲେ।

ପାପଡ଼ାହାଣ୍ଡି ସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଥାନାଧିକାରୀ ଦୀପକ କୁମାର ଜେନାଙ୍କ ସଭାପତିତ୍ୱରେ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ କପିଳ ଦେବ ସାହୁ ମୁଖ୍ୟ ଅତିଥି, ଅତିରିକ୍ତ ତହସିଲଦାର ସସ୍ମିତା ଜେନା, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବରିଷ୍ଠ ଆଇନଜୀବୀ ସ୍ୱାଧୀନ ପଟ୍ଟନାୟକ ପ୍ରିନସିପାଲ ଶୁଚିସ୍ମିତା ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ନୂତନ ଆଇନ ସମ୍ପର୍କରେ ପାପଡ଼ାହାଣ୍ଡି ଥାନାଧିକାରୀ ଦୀପକ କୁମାର ଜେନା ଉପସ୍ଥିତ ଅତିଥି ଏବଂ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ଦେଶ ସ୍ୱାଧୀନ ହେବା ପରେ ଏହା ସ୍ୱାଧୀନ ଭାରତର ନିଜସ୍ୱ ଆଇନ ଅଟେ ବୋଲି ବରିଷ୍ଠ ଆଇନଜୀବୀ ପଟ୍ଟନାୟକ ସୂଚନା ଦେଇଥିଲେ।

# ଏଏସ୍ଆଇଙ୍କ ଅବସର

ନବରଙ୍ଗପୁର,୧।୭
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଆଦର୍ଶ ଥାନାର ଏଏସ୍ଆଇ ଅଶୋକ କୁମାର ଦେଓ ଜୁନ୍ ୩୦ରେ ଚାକିରିରୁ ଅବସର ନେଇଛନ୍ତି। ଏସ୍ପି ରୋହିତ ବର୍ମା ତାଙ୍କୁ ଅବସର ପ୍ରମାଣପତ୍ର ପ୍ରଦାନ କରିବା ସହ ସୁଖମୟ ଅବସର ପରବର୍ତ୍ତୀ ସମୟ ପାଇଁ କାମନା କରିଥିଲେ। ଅଶୋକ କୁମାର ୧୯୯୦ରେ କନ୍ଷ୍ଟେବଲ ଭାବେ ଚାକିରି ପାଇଥିଲେ। ୨୦୧୦ରେ ପଦୋନ୍ନତି ପାଇଁ ଏଏସ୍ଆଇ ହୋଇ କୋରାପୁଟ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଗଞ୍ଜାମ ଜିଲା ଏବଂ ନବରଙ୍ଗପୁର ଜିଲାର ବିଭିନ୍ନ ଥାନାରେ କାର୍ଯ୍ୟ କରିଥିଲେ। ଶେଷରେ ନବରଙ୍ଗପୁର ଆଦର୍ଶ ଥାନାରେ ଅବସର ଗ୍ରହଣ ନେଇଛନ୍ତି। ଦେଓଙ୍କ ଅବସର ପରେ ବିଭିନ୍ନ ଅନୁଷ୍ଠାନ ବିଦାୟକାଳୀନ ଶୁଭେଚ୍ଛା ଜଣାଉଛନ୍ତି।

# ଜମିରେ ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

କୋଷାଗୁମୁଡ଼ା, ୧।୭
(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ଅଧୀନ ଟେମେରା ପଞ୍ଚାୟତ ଚୁରାହାଣ୍ଡି ଗ୍ରାମର ଏକ ଜମିରେ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଚୁରାହାଣ୍ଡି ଗାଁର ନବ ବିଷୋୟୀ (୩୨)। ସୂଚନାନୁଯାୟୀ ଡ୍ରାଇଭର ଜମିରେ ହଳ କରୁଥିବା ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଏଥିରେ ନବ ଟ୍ରାକ୍ଟର ତଳେ ଚାପି ହୋଇ ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଛି। ଏ ନେଇ ପରିବାର ଲୋକେ କୋଷାଗୁମୁଡ଼ା ଥାନାରେ ଏତଲା ଦେଇଛନ୍ତି। କେସ୍ ନମ୍ବର ୧୬୦/୨୪ରେ ପୋଲିସ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରା ଯାଇଥିବା ଘଟଣାର ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ପ୍ରକାଶ ପାତ୍ର ସୂଚନା ଦେଇଛନ୍ତି। ଟ୍ରାକ୍ଟରର ଇନ୍ସୁ୍ୟରାନ୍ସ, ଫିଟ୍ନେସ୍ ଅଛି ନା ନାହିଁ ତାହା ଜଣାପଡ଼ି ନାହିଁ।

**+3 KASHI BISWANATHA MAHAVIDYALAYA**
PAIKSAHI, ATHAMALLIK, DIST.: ANGUL, ODISHA
**WALK-IN-INTERVIEW**
A Walk-in-Interview will be held for the post of Junior-Clerk-cum-Data Entry Operator (01 Post), Assistant Librarian (01 Post) and P.E.T. (01 Post) at the Office of the Principal on Dt.09.07.2024. So desireous candidates with requisite qualification may attend the Interview at 11 A.M. Essential qualification: Graduation with PGDCA for Clerk, Graduation with B.Lib. for Asst. Librarian and B.Ped for P.E.T. For more details Contact Mob.: **8847815693**.
Sd./- Principal
+3 K.B. Mahavidyalaya, Paiksahi

GOVT. OF ODISHA No. A-104
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
Vansadhara Nagabali Basin, Paralakhemundi
(email Id: se_sicpkd@yahoo.com)
**e-Procurement Notice No. ACE, VNB-01/2024-25**

| | | | |
|---|---|---|---|
| 1 | Type of Works | : | Flood Protection Works |
| 2 | Total Number of Packages | : | 5 (Five) Nos. |
| 3 | Estimated Cost | : | Rs.194.46 lakhs to Rs.371.73 lakhs |
| 4 | Bid Identification No. | : | ACE, VNB (GID)-01/2024-25 to ACE, VNB (GID)-05/2024-25 |
| 5 | Period of Completion | : | 8 (Eight) Calendar Months to 10 (Ten) Calendar Months |
| 6 | Availability & submission of bids online | : | From 11.00 A.M. of 08.07.2024 to 5.00 P.M. of 23.07.2024 |
| 7 | Date of Opening of Technical Bids | : | 24.07.2024 at 11.00 A.M. in the, O/o. the Additional Chief Engineer, Vansadhara Nagabali Basin, Paralakhemundi |
| 8 | Procurement Officer | : | Additional Chief Engineer, Vansadhara Nagabali Basin, Paralakhemundi |
| 9 | Further details can be seen from Govt. website **www.tendersorissa.gov.in** and any addendum/corrigendum/cancellation will be published in the said website. | | |

Sd./- Additional Chief Engineer
Vansadhara Nagabali Basin,
Paralakhemundi
OIPR-32417/11/0001/2425

NO. C-128
WATCO
**OFFICE OF THE GENERAL MANAGER, WATCO DIVISION-II, BHUBANESWAR**
Near Rajiv Bhawan, Unit-V, Bhubaneswar - 751001, Odisha, India
Telefax: +91-674-2390322, E-mail: gmdivtwowatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
**INVITATION FOR BIDS (IFB)**
Dtd.29.06.2024

01. Name of the Work : Improvement of Water supply inside SC, ST & RTI Campus through DI & MS Pipe line & S/D System at CRP Square, Unit-VIII, Bhubaneswar
02. Estimate Cost : Rs.95.42 Lakhs
03. Period of Completion : 2 (Two) Months
04. Class of Contractor : B Class
05. Date & Time of availability of bid document in the portal : From 11.00 A.M. of Dt.03.07.24 to 5.00 P.M. of 18.07.2024
06. Last date/time of receipt of bids in the portal : 5.00 P.M. of 18.07.2024
07. Last date & time of seeking clarification : 5.00 P.M. of 08.07.2024
08. Date & time of opening of bids : At 12.30 P.M. of 19.07.2024
09. Name and address of the Officer Inviting Bid : General Manager, WATCO Division-II, BBSR

Further details can be seen from the e-Procurement portal "https://www.tendersorissa.gov.in".
Sd./- General Manager
OIPR-13089/11/0005/2425 WATCO Division-II, Bhubaneswar

See Career Appointment on every Wednesday & Saturday

**ଏସ୍ଏଲ୍ଆର୍/ଏଲ୍ଭିପିଏଚ୍ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୮ ଏବଂ ଲିଜ୍-କେଜିପି-୨୦୨୪-୦୯
ତାରିଖ: ୦୧।୦୭।୨୦୨୪
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ୍ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲ୍ଆର୍/ଏଲ୍ଭିପିଏଚ୍ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍ସାଇଟ୍ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୦୨୪-୦୮ | ୧୫।୦୭।୨୦୨୪ | ୧୦.୦୦ ଘ. | ୧୩.୦୦ ଘ. |
| ପାର୍ସଲ | ଲିଜ୍-କେଜିପି-୨୦୨୪-୦୯ | ୧୬।୦୭।୨୦୨୪ | ୧୧.୦୦ ଘ. | ୧୧.୫୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-331) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**ADMISSION NOTICE**
ହସ୍ତଶିଳ୍ପ ନମୁନା ବିକାଶ ପ୍ରଶିକ୍ଷଣରେ ସାର୍ଟିଫିକେଟ୍ ପାଠ୍ୟକ୍ରମ
CERTIFICATE COURSE IN CRAFT DESIGN
ରାଜ୍ୟର ହସ୍ତଶିଳ୍ପ କାରିଗର ମାନଙ୍କୁ ବଜାର ତଥା ରପ୍ତାନୀ ଭିତ୍ତିକ ସାମଗ୍ରୀ ପ୍ରସ୍ତୁତି ପାଇଁ ତାଲିମ ଦେବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ସହାୟତାରେ ଏକ ୧ ବର୍ଷିଆ ସାର୍ଟିଫିକେଟ ପାଠ୍ୟକ୍ରମରେ ଶିକ୍ଷାଦାନ କରାଯାଉଅଛି । ଏହି ପାଠ୍ୟକ୍ରମ ରାଷ୍ଟ୍ରୀୟ ଡିଜାଇନ ସଂସ୍ଥାନ (NID), ଅହମଦାବାଦଙ୍କ ସହାୟତାରେ ପ୍ରସ୍ତୁତ କରାଯାଇ ଅଛି ଏବଂ NID/NIFT ରେ ଅଭିଜ୍ଞତା ଥିବା ଶିକ୍ଷକ ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଉଅଛି । ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଜାଇନ ର ମୂଳତତ୍ତ୍ୱ, ହସ୍ତଶିଳ୍ପରେ ବଜାର ଚାହିଦା ଅନୁଯାୟୀ ତଥା ରପ୍ତାନୀ ଭିତ୍ତିକ ନୂତନ ଡିଜାଇନ ର ବିକାଶ, କଂପ୍ୟୁଟର ମାଧ୍ୟମରେ ନମୂନା ପ୍ରସ୍ତୁତି ଇତ୍ୟାଦି ପ୍ରଶିକ୍ଷଣ ଦିଆଯାଉଅଛି । ପାଠ୍ୟକ୍ରମ ଚାଲିଥିବା ସମୟରେ ସମସ୍ତ ପ୍ରଶିକ୍ଷାର୍ଥୀ ମାନଙ୍କୁ **ମାସିକ ଟ. ୨୦୦୦ ଙ୍କା ଭତ୍ତା** ଦେବାର ବ୍ୟବସ୍ଥା ଅଛି । ଆବଶ୍ୟକ ସ୍ଥଳେ କେବଳ ପୁରୁଷ ମାନଙ୍କ ପାଇଁ ସୀମିତ ହଷ୍ଟେଲ ବ୍ୟବସ୍ଥା କରାଯାଇ ପାରେ । **୨୦୨୪ - ୨୫ ଶିକ୍ଷା** ବର୍ଷ ପାଇଁ ଏହି ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ନିମ୍ନ ଯୋଗ୍ୟତାଧାରୀ ପ୍ରାର୍ଥୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।
**ଆବେଦନ କରିବା ପାଇଁ ଯୋଗ୍ୟତା**
ପ୍ରାର୍ଥୀମାନେ ଅନ୍ୟୁନ ଦଶମ ଶ୍ରେଣୀ ପାସ୍ କରିଥିବେ ଏବଂ ରାଜ୍ୟ ହସ୍ତ ଶିଳ୍ପ ନିର୍ଦ୍ଦେଶାଳୟ । ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା ରାଜ୍ୟର ଯେକୌଣସି ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧୀନରେ ଶିକ୍ଷା ଲାଭ କରିଥିବେ କିମ୍ବା କୌଣସି ହସ୍ତଶିଳ୍ପରେ ୫ ବର୍ଷର ଅଭିଜ୍ଞତା ଥାଇ କାର୍ଯ୍ୟରତ ଥିବେ । ପ୍ରାର୍ଥୀମାନଙ୍କର ବୟସ ତା ୦୧-୦୭-୨୦୨୪ ସୁଦ୍ଧା ୧୭ ବର୍ଷରୁ ୪୦ ବର୍ଷ ମଧ୍ୟରେ ଥିବା ଆବଶ୍ୟକ।
**ସ୍ଥାନ ସଂଖ୍ୟା – ୨୦**
ଚୟନ ପ୍ରକ୍ରିୟା- ଏକ ଯୋଗ୍ୟତା ପରୀକ୍ଷା ଏବଂ ସାକ୍ଷାତକାର ମାଧ୍ୟମରେ ପ୍ରାର୍ଥୀ ଚୟନ କରାଯିବ । ପରୀକ୍ଷା ତାରିଖ ପରେ ମୋବାଇଲ ମାଧ୍ୟମରେ ଜଣାଇ ଦିଆଯିବ ।
**ଆବେଦନ ପ୍ରଣାଳୀ**
ଆଗ୍ରହୀ ଛାତ୍ର ଛାତ୍ରୀ ମାନେ ତା : ୩୧ -୦୭-୨୦୨୪ ମଧ୍ୟରେ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ । ଆବେଦନ ପାଇଁ ଆମ ୱେବ ସାଇଟ **www.sidacodisha.org.in** ପରିଦର୍ଶନ କରି ନିର୍ଦ୍ଦିଷ୍ଟ ସାରଣୀ ରେ ଆବଶ୍ୟକ ଦସ୍ତାବିଜ ର ପ୍ରମାଣ ପତ୍ର ଅପଲୋଡ କରି ଆବେଦନ କରିବେ । ସମସ୍ତ ଯୋଗାଯୋଗ ଫୋନ / ଇମେଲ ମାଧ୍ୟମରେ କରାଯିବ । ତେଣୁ ଆବେଦନ କାରୀମାନେ କାର୍ଯ୍ୟକ୍ଷମ ଥିବା ୨ ଟି ଫୋନ ନମ୍ବର ସହ ଇମେଲ ଠିକଣା ଦେବାପାଇଁ ଅନୁରୋଧ । ଅନୁସନ୍ଧାନ ପାଇଁ ଯୋଗାଯୋଗ ନମ୍ବର - ୮୯୫୯୯୨୩୦୫/୮୩୨୮୯୦୨୪ ।
-ସ୍ୱା-
ସଦସ୍ୟ ସଚିବ
ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ-ଖଣ୍ଡଗିରି, ଭୁବନେଶ୍ୱର-୩୦
No. PP-06 OIPR-31036/11/0003/2425

ODISHA MINING CORPORATION LIMITED
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
**Short Notice**
(For Sale of Seized Material lying at different Mining Circle)
No.CAD-407: The Odisha Mining Corporation Ltd. Intends to sell the different grade of seized material lying at different Mining Circle through National e-auction which will be conducted by MSTC Ltd. The e-auction shall be held from 11.00 AM to 2.00 PM on dt. 05.07.2024.
For details, please visit the website of MSTC i.e www.mstcecommerce.com
OIPR-30005/11/0037/2425 Sd./-General Manager (S&M)

No.N-46
**Directorate of Higher Secondary Education, Odisha**
Revised Timeline for e-Admission into Higher Secondary Schools of the State for the Session 2024-25
Important Dates

| Sl.# | Activities | Datelines |
|---|---|---|
| 1) | Previous Last date for submission of on-line Common Application Form (CAF) by the applicant at Student Login (www.samsodisha.gov.in) | 06.07.2024 (11.45 PM) |
| 2) | Revised Last date for submission of on-line Common Application Form (CAF) by the applicant at Student Login (www.samsodisha.gov.in) | 12.07.2024 (11.45 PM) |
| 3) | Commencement of Class-XI | 01.08.2024 |

For more details,
a) Regarding publication of merit list along with the admission datelines, please visit www.samsodisha.gov.in
b) Contact Sanjog Helpline (Toll Free) number 155335, 1800-345-6770, e-mail : sams.dhse@gov.in
Changes to the dateline (if occurs) will be notified in the newspapers & website as well
OIPR-11020/11/0001/2425

GOVERNMENT OF ODISHA No. O-74
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**
E-Mail: sencrwangul@yahoo.co.in, Ph.: 06764-236404
**e-Procurement Notice for Weir Bridge Works in Odisha**
**Bid Identification No. Bridge Online AGL - 03/2024-25**
No. 1674 Dt.29.06.24
1. Name of the Work : Bridge Works
2. Total No. of Work : 02 Nos.
3. Estimated Cost : Rs.100.824 Lakhs to Rs.135.07 Lakhs
4. Class of Contractor : 'B' & 'A' Class
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online AGL-03/2024-25 | 05.07.24 at 10.00 A.M. | 19.07.24 upto 5.00 P.M. | 18.07.24 upto 1.00 P.M. | 20.07.24 at 11.00 A.M. | Will be intimated Separately |

(1) For detailed Notice inviting tenders, please visit to the website www.tendersorissa.gov.in.
OIPR-25180/11/0004/2425 Sd./- Chief Construction Engineer, Rural Works Circle, Angul

Odisha Coal and Power Limited OCPL
ODISHA COAL AND POWER LTD.
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha
Ph No : 0674-2300654 / 2300664
**SHORT TENDER NOTICE**
NIT No : OCPL/SER-182/2024 Date : 02/07/2024
Sealed bids in prescribed format are invited from Companies / firms / agencies for the following work :

| Sl. No | Name of the work | Cost of Tender Paper | Issue of Tender Document | Last date of Sale of Tender Document | Last date of Submission / Opening of bid |
|---|---|---|---|---|---|
| 1 | Annual Maintenance Contract (AMC) for 03 Nos. STP at R & R Colony (Phase - II), Hemgir, Sundargarh, Odisha | Rs.1,180/- (Rupees One Thousand One Hundred Eighty only) including GST. | 02/07/2024 | 10/07/2024 | 03:00 PM / 03:30 PM on 15/07/2024 |

For futher details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in
Sd./-Chief Operating Officer

# ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଲାଞ୍ଚ କାରବାର ଅଭିଯୋଗ

ରାୟଗଡ଼ା,୧।୭(ଆଶିଷ ରଞ୍ଜନ ପଣ୍ଡା)



ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଜଣେ ଅଭିଯୋଗକାରୀ ଅଭିଯୋଗପତ୍ର ଦାଖଲ କରୁଛନ୍ତି।

ରାୟଗଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଲକ୍ଷିତ ଦୁର୍ନୀତିରେ ଚେଉ। ନିର୍ମାଣ ଶ୍ରମିକ କାର୍ଡ ପଞ୍ଜୀକରଣ ଓ ମୃତ୍ୟୁକାଳୀନ ସହାୟତା ବୀମା ରାଶି ପ୍ରଦାନରେ ବ୍ୟାପକ ହେରଫେର ଘଟଣା ବର୍ତ୍ତମାନ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଦୁର୍ନୀତି ମାମଲାରେ ଜିଲ୍ଲା ଶ୍ରମ ଅଧିକାରୀ ଜସ୍ମିନ୍ ଶୁଭଦର୍ଶିନୀ ସାହୁଙ୍କୁ ରାଜ୍ୟ ସରକାର ନିଲମ୍ବନ କରିବା ସହ ତଦନ୍ତ ଚଳାଇଛନ୍ତି। ସେହିଭଳି ଭିଜିଲାନ୍ସ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ତେଣୁ ଏହି ଦୁର୍ନୀତିରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ମଧ୍ୟ ସମ୍ପୃକ୍ତ ରହିଥିବା ସନ୍ଦେହ ଘେରକୁ ଆସିଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଘଟଣା ତଦନ୍ତ ପାଇଁ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝି ଏବଂ ରାୟଗଡ଼ା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରିଛନ୍ତି। ଅପରପକ୍ଷରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଆଉଟସୋର୍ସିଂରେ କାର୍ଯ୍ୟରତ କଲ୍ୟାଣ ସଂଯୋଜକ ସୁଶାନ୍ତ କୁମାର ସାହୁ ଓ ଅନ୍ୟ କର୍ମଚାରୀମାନେ ସମ୍ପୃକ୍ତି ଥିବା ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏକ ଅଭିଯୋଗ ଦାଖଲ ହୋଇଛି। ବିଷମକଟକ ବ୍ଲକ ସାହାଡ଼ା ପଞ୍ଚାୟତ ଅନ୍ତର୍ଗତ ଦିଶାରିପଡ଼ା ଗ୍ରାମର କିଶୋର ମହାନନ୍ଦିଆ ସୋମବାର ରାୟଗଡ଼ାଠାରେ ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ମହାଜନଙ୍କୁ ଅଭିଯୋଗପତ୍ର ଓ ଏକ ସିଡି ପ୍ରଦାନ କରିଛନ୍ତି। ଯେଉଁ ସିଡିରେ ସମ୍ପୃକ୍ତ କଲ୍ୟାଣ ସଂଯୋଜକ ସୁଶାନ୍ତ ସାହୁ ଜଣେ ଦଲାଲଙ୍କ ସହିତ ଟଙ୍କା ନେଣଦେଣ ବିଷୟରେ ଆଲୋଚନା କରୁଥିବା ଏବଂ ଅନ୍ୟ ଅଧିକାରୀମାନେ ବିଭିନ୍ନ ଦୁର୍ନୀତିରେ ସାମିଲ ରହିଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଅଭିଯୋଗ ପାଇବା ପରେ ଏହାର ତଦନ୍ତହେବ ବୋଲି ଜିଲ୍ଲାପାଳ ମହାଜନ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ କଲ୍ୟାଣ ସଂଯୋଜକ ସୁଶାନ୍ତ ସାହୁଙ୍କୁ ପଚାରିବାରୁ ଯଦି ଅଭିଯୋଗ ହୋଇଛି ତେବେ ଏହାର ତଦନ୍ତ ହେଉ। ତଦନ୍ତ ପରେ ପ୍ରକୃତ ସତ୍ୟତା ଜଣାପଡ଼ିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ରହିଥିବା ବେଳେ ଗୁଣପୁର ଉପଖଣ୍ଡଠାରେ ଅତିରିକ୍ତ ଶ୍ରମ କାର୍ଯ୍ୟାଳୟ ରହିଛି।

**ଜିଲ୍ଲାପାଳଙ୍କୁ ସିଡି ପ୍ରଦାନକଲେ ଅଭିଯୋଗକାରୀ**

ସେଠାରେ ନିଯୁକ୍ତି ପାଇଥିବା ଜୁନିୟର ଆସିଷ୍ଟାଣ୍ଟ ଅଶୋକ ମିଞ୍ଜ ୨୦୨୨ ଅକ୍ଟୋବର ୬ରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ତତ୍କାଳୀନ ଭିଜିଲାନ୍ସ ଶ୍ରମ କମିଶନର କରିଥିବା ଚିଠି ନମ୍ବର ୧୮୨୨ରୁ ଏହା ଜଣାପଡ଼ିଛି। ଫଳରେ ଗୁଣପୁର କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେବେ ଗୁଣପୁରଠାରେ ଜଣେ ଜୁନିୟର ଆସିଷ୍ଟାଣ୍ଟଙ୍କୁ ନିଯୁକ୍ତି ମିଳିଥିବା ବେଳେ ଅଶୋକ ମିଞ୍ଜଙ୍କୁ ସେଠାକାର କାର୍ଯ୍ୟ ପରିବର୍ତ୍ତେ କେଉଁ କାର୍ଯ୍ୟ ପାଇଁ ରାୟଗଡ଼ା ଡେପୁଟେସନରେ ଅଣାଯାଇଛି ତାହା ତଦନ୍ତ ସାପେକ୍ଷ। ଏ ନେଇ ଜିଲ୍ଲା ଶ୍ରମ ଅଧିକାରୀ ଗୋପାଳ ମଙ୍ଗରାଜଙ୍କୁ ପଚାରିବାରୁ ଅଶୋକଙ୍କୁ ତତ୍କାଳୀନ ଭିଜିଲାନ୍ସ ଶ୍ରମ କମିଶନର ଏଠାକୁ ଆଣିଥିବା ପ୍ରକାଶ କରିଛନ୍ତି। ତେଣୁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଜିଲ୍ଲା ଶ୍ରମ ବିଭାଗରେ ହୋଇଥିବା ସରକାରୀ ଅର୍ଥ ବାଟମାରଣାର ନିରପେକ୍ଷ ତଦନ୍ତକରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ଦିବ୍ୟାଙ୍ଗ ଯୁବତୀଙ୍କ ମୃତଦେହ ଜବତ ଘଟଣା, ୨ ଗିରଫ

ଗୁଡାରି,୧।୭ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲ୍ଲା ଗୁଡାରି ଥାନା ଅନ୍ତର୍ଗତ ରାଉତାରଙ୍ଗା- ପେଟୁପାଙ୍ଗ ପାହାଡ଼ ଉପରୁ ଗତ ୨୫ ତାରିଖରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପଦ୍ମପୁର ବ୍ଲକ ବିରିପଦର ଗ୍ରାମର ଗାୟତ୍ରୀ ଲିମା ଓ ଗୁଣ୍ଡୁପୁର ବ୍ଲକର ସନ୍ୟାସୀପୁର ଗ୍ରାମର ଟଙ୍କଧର ରେଡ୍ଡି। ଗୁଡାରି ଥାନା ଅଧିକାରୀ ସର୍ମିପିତା ସ୍ୱାଇଁ ତଦନ୍ତକାରୀ ଅଧିକାରୀ ଭାବେ ନିୟୋଜିତ ରହି ଘଟଣାର ପର୍ଦ୍ଦାଫାଶ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ଘଟଣାରେ ରାୟଗଡ଼ା ଏସପି, ଗୁଣୁପୁର ଏସଡିପିଓ ମଧ୍ୟ ଗୁଡାରି ଆସି ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିଥିଲେ।



ଗିରଫ ଦୁଇ ଅଭିଯୁକ୍ତ।

## ତଦନ୍ତ ପାଇଁ ସ୍କୁଲରେ ପହଞ୍ଚିଲେ ଶିକ୍ଷା ଅଧିକାରୀ

ବିଷମକଟକ,୧।୭ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ହାଟମୁନିଗୁଡ଼ା ଏମ୍ଇ ସ୍କୁଲରେ ୨୫ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ଶିକ୍ଷୟିତ୍ରୀ ଆରତି ମିଶ୍ର କାର୍ଯ୍ୟ କରିଆସୁଛନ୍ତି। ଏହା ବିରୋଧରେ ଅଭିଯୋଗ ପରେ ବିଷମକଟକ ଶିକ୍ଷା ଅଧିକାରୀ ନବୀନ ଚନ୍ଦ୍ର ଖୋରା ସୋମବାର ସ୍କୁଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶିକ୍ଷୟିତ୍ରୀ ଜଣକ ଠିକ୍ ସମୟରେ ବିଦ୍ୟାଳୟକୁ ଯାଉ ନ ଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ତେଣୁ ଶିକ୍ଷା ବିଭାଗ ପକ୍ଷରୁ ସପ୍ତାହେ ମଧ୍ୟରେ ତାଙ୍କୁ ବଦଳି କରା ନ ଗଲେ ବିଦ୍ୟାଳୟରେ ତାଲା ପକାଇବା ପାଇଁ ହାଟମୁନିଗୁଡ଼ା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ରାୟଗଡ଼ା ଜିଲ୍ଲାରେ ୧୯ ବର୍ଷ ହେଲା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ହୋଇନାହିଁ। ଏହି କ୍ରମରେ ଆରତି ମିଶ୍ର ଦୀର୍ଘ ୨୫ ବର୍ଷ ଧରି ହାଟମୁନିଗୁଡ଼ା ଏମ୍ଇ ସ୍କୁଲରେ ରହି କାର୍ଯ୍ୟ କରୁଥିବା ବେଳେ ବିଦ୍ୟାଳୟକୁ ନିୟମିତ ଆସୁ ନ ଥିବା ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ମିଶ୍ରଙ୍କ ନାଁରେ ଆଗରୁ ମଧ୍ୟ ଅଭିଯୋଗ ରହିଥିବା ସମ୍ପର୍କରେ ସମସ୍ତ ଖବର ସିଆର୍‌ସି ହେମନ୍ତ ପଣ୍ଡାଙ୍କ ପାଖରେ ରହିଥିବା ଗ୍ରାମବାସୀ କହିଛନ୍ତି। ଘଟଣାର ତଦନ୍ତ କରାଯାଇ ଅତିଶୀଘ୍ର ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବଦଳି କରାଯିବ ବୋଲି ବିଷମକଟକ ବିଧାୟକ ନୀଳମାଧବ ହିକକା କହିଛନ୍ତି।

**ଶିକ୍ଷୟିତ୍ରୀଙ୍କ ଗୋଟିଏ ସ୍ଥାନରେ ୨୫ ବର୍ଷ ଚାକିରି**

# ନୂତନ ଆଇନ ସମ୍ପର୍କରେ ସଚେତନ କଲା ପୋଲିସ

ମୁନିଗୁଡା/ଟିକିରି,୧।୭ (ନନ୍ଦ କିଶୋର ପଟ୍ଟନାୟକ/ ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲ୍ଲା ମୁନିଗୁଡା କମ୍ୟୁନିଟି ହଲ ପରିସରରେ ପୋଲିସ ତରଫରୁ ସୋମବାରଠାରୁ ଜାରି ହୋଇଥିବା ନୂତନ ଆଇନ ଓ ଦଣ୍ଡବିଧାନକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁନିଗୁଡା ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ଆଇଆଇସି ସୌଦାମିନୀ ବେହେରା, ଏସଆଇ ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଭାରତର ନ୍ୟାୟିକ ଓ ଦଣ୍ଡବିଧାନ, ଭାରତୀୟ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଓ ସାକ୍ଷ୍ୟ ଅଧିନିୟମ ଦେଶରେ ଲାଗୁ ହୋଇଥିବା ନୁଆ ଭାରତୀୟ ଦଣ୍ଡ ବିଧି ଆଇନ ବିଷୟରେ ବୁଝାଇଥିଲେ। ଏଥିସହ ଅପରାଧିକ ନ୍ୟାୟ ପ୍ରଣାଳୀରେ ପରିବର୍ତ୍ତନ ସହ ଭାରତୀୟ ଦଣ୍ଡ ବିଧି ଆଇନ ଏବଂ ସାଇବର କ୍ରାଇମ ଉପରେ ଥିବା ଦିଗ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ମୁନିଗୁଡା ମାର୍ଚେଣ୍ଟ ଆସୋସିଏଶନ, ପ୍ରେସ କ୍ଲବ, ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି, କଲେଜର ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ମୁନିଗୁଡା ଏସଆଇ ବିକାଶ ଚନ୍ଦ୍ର ଦେବନାଥ, ସୁଶିଲ କୁମାର ଜେନା, ନରେନ୍ଦ୍ର ବେହେରା, ଏମ.ମାଡେକାନି, ଜୟ ଶବର, ଏଫ.ଏ.ଅଲି ମହମ୍ମଦ, ଶାନ୍ତନୁ କୁମାର ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏସଆଇ ମନୋରଞ୍ଜନ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି କାଶୀପୁର ବ୍ଲକ ଟିକିରି ଥାନା ପରିସରରେ ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆ ଆଇନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ଟିକିରି ଥାନା ଏସ୍‌ଆଇ ମହେଶ୍ୱର ପାଇକ, ମହେନ୍ଦ୍ର ହାଁସଦା,ଏଏସ୍‌ଆଇ ନରେଶ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାଶୀପୁର ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକଙ୍କ ନେତୃତ୍ୱରେ କାଶୀପୁର ଥାନା ଇନ୍ସପେକ୍ଟର ବିକାଶ କୁମାର ପଟେଲ, ଏଏସଆଇ ସମଦତ ପ୍ରଧାନ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମଧ୍ୟରୁ ଜଗଦୀଶ ପାତ୍ର, ସୀତାରାମ ସାହୁ, ବିଶ୍ୱମ୍ଭର ନାଏକ, ପୁରନ୍ଦର ନାଏକ, ଅନିଲ ଜୈନ, ପାଇଲ ମାଝି, ମିଥୁନ ନାଏକ, ଜୟନ୍ତ ବୈଠାରୁ ପ୍ରମୁଖ ଉପସ୍ଥିତ ଥିଲେ ।




ଟିକିରି ଥାନା ପରିସରରେ ଆୟୋଜିତ ସଚେତନତା ଶିବିରରେ ଉପସ୍ଥିତ ପୋଲିସ ଅଧିକାରୀ।

# ୫୩ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ



ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟମାନେ।

ରାୟଗଡ଼ା,୧।୭(ଆଶିଷ ରଞ୍ଜନ ପଣ୍ଡା)

ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ମାର୍ଚ୍ଚ ମାସରୁ ବନ୍ଦ ଥିବା ଅଭିଯୋଗ ଶୁଣାଣି ସୋମବାର ଆରମ୍ଭ ହୋଇଛି। ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ପରିଷଦ ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ହରିଶ ବି.ସି, ଡିଏଫ୍‌ଓ ସଚିନ ଆନ୍ନାସାହେବ ଓହଲେ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରୟତ, ମୁଖ୍ୟ ଉନ୍ନୟନ ଅଧିକାରୀ ନୀହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ ପ୍ରମୁଖ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ ୫୩ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୧୬ଟି ସାମୂହିକ ଅଭିଯୋଗ ହସ୍ତଗତ ହୋଇଥିଲା। ଜିଲ୍ଲାପାଳ ୩ ଜଣ ବ୍ୟକ୍ତିଙ୍କୁ ୧୬ ହଜାର ଟଙ୍କା ଲେଖାଏଁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଏବଂ ଅନ୍ୟ ୩ ଜଣକୁ ୩୫ ହଜାର ଟଙ୍କା ଲେଖାଏଁ ରେଡକ୍ରସରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ। ସମସ୍ତ ଅଭିଯୋଗ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ମହାଜନ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

# ଘରବାରି ପଟ୍ଟା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ରାୟଗଡା,୧।୭(ଆଶିଷ ରଞ୍ଜନ ପଣ୍ଡା)

ଘରବାରି ଜମି ପଟ୍ଟା ପାଇଁ ସୋମବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି କୋଲନରା ବ୍ଲକ ଢ଼େପାଗୁଡା ଗ୍ରାମବାସୀ। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ଭେଟି ଘରବାରି ପଟ୍ଟା ପ୍ରଦାନ ପାଇଁ କୋଲନରା ଗ୍ରାମବାସୀ ଦାବି କରିଥିଲେ। ଅଭିଯୋଗ ପାଇବା ପରେ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଜଲାପାଳ ମନୋଜ ସତ୍ୟବାନ ମହାଜନ। ଗ୍ରାମବାସୀଙ୍କ କହିବାନୁସାରେ ସେମାନେ କୋଲନରା ତହସିଲ କାର୍ଯ୍ୟାଳୟଠାରୁ ୨ କିମି ଦୂରରେ ଅବସ୍ଥିତ ଢ଼େପାଗୁଡା ଗ୍ରାମରେ ରହୁଛନ୍ତି। ସେଠାରେ ସେମାନେ ସାତ ପିଢ଼ିରୁ ଊର୍ଦ୍ଧ୍ୱ ସମୟ ଧରି ବସବାସ କରିଆସୁଛନ୍ତି। ହେଲେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଘରବାରି ଜମି ପଟ୍ଟା ମିଳୁନି। ଅନ୍ୟପଟେ ଗ୍ରାମାଞ୍ଚଳରେ ୪ରୁ ୫ବର୍ଷ ଧରି ରହୁଥିବା ଲୋକଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଉଛି । ତେଣୁ ସେମାନଙ୍କୁ ଜମି ପଟ୍ଟା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତ। ଦାବିପତ୍ର ପ୍ରଦାନ ସମୟରେ ଆନନ୍ଦ କାଡ୍ରାକା, କମିୟା କଣ୍ଡାଗରି, ଅର୍ଜୁନ ତାଡିଙ୍ଗଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଡମ୍ବସରା ବିଦ୍ୟାଳୟରେ ଚାରା ରୋପଣ

ଗୁଣପୁର,୧।୭(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲ୍ଲା ଗୁଣପୁର ବ୍ଲକ ଡମ୍ବସରା (ଯୁକ୍ତ ୨) ଅନୁଷ୍ଠାନ ପରିସରରେ ସୋମବାର ଭାରତ ସରକାରଙ୍କ ଯୁବ ରେଡକ୍ରସ ସଙ୍ଗଠନ, ଓଡିଶା ଶାଖା ତରଫରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ବିଦ୍ୟାଧର ନାହାକ ଓ କ୍ରୀଡା ଶିକ୍ଷକ ଭାସ୍କର ସାମନ୍ତରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷାର୍ଥୀଙ୍କୁ ନେଇ ପରିବେଶ ସୁରକ୍ଷା ଓ ଏଥିରେ ଶିକ୍ଷାର୍ଥୀଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାପରେ ଦ୍ୱିତୀୟ ବର୍ଷର ଶିକ୍ଷାର୍ଥୀଙ୍କୁ ନେଇ ମହାବିଦ୍ୟାଳୟ ପରିସରରେ ୧୫୦ରୁ ଊର୍ଦ୍ଧ୍ୱ କରଞ୍ଜ, ପିସ୍ତା ବାଦାମ, ଆମ୍ବ, ନିମ୍ବ ଓ କାଜୁ ଇତ୍ୟାଦି ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟାପକ ଡ. ପ୍ରଶାନ୍ତ ହୋତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ଶେଷଶାୟୀ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ରାମ ପ୍ରସାଦ ରାଓ, ସହଦେ ମଲ୍ଲିପିଲି, ଦେବରାଜ ସେନାପତି ଓ ମନୋଜ ଶବରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଲେ ଅଭିଭାବକ

ଗୁଣପୁର,୧।୭(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲ୍ଲା ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସୌରଭ ଜୈନଙ୍କୁ ଅଭିଭାବକମାନେ ସୋମବାର ଭେଟି ଶୁଭେଚ୍ଛା ଜଣାଇବା ସହ ସ୍ୱାଗତ ଜଣାଇଥିଲେ । ଅଭିଭାବକ ସଂଘର ସଦସ୍ୟ ସପନ କୁମାର ଦାସ, ଦୁର୍ଗା ପ୍ରସାଦ ଶତପଥୀ, ସୀମାଞ୍ଚଳ ଆଚାର୍ଯ୍ୟ, କେ. ଶୁରିୟା, ଅଂଶୁମାନ ନାୟକ, ରବୀନ୍ଦ୍ର ନାଥ ତମାରପୁ, ରାମଚନ୍ଦ୍ର ଗୌଡ, କାଳି ଶଙ୍କର ରଥ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଅଧ୍ୟକ୍ଷ ସୌରଭ ଜୈନ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସହ ଏକ ଉନ୍ନତ ମାନର ଶୈକ୍ଷିକ ପରିବେଶ ପ୍ରତି ନିଶ୍ଚିତ ପ୍ରାଥମିକତା ଦିଆଯିବ ବୋଲି କହିଥିଲେ।



ଅଭିଭାବକମାନେ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

## ଶିକ୍ଷକଙ୍କ ସୁରକ୍ଷା ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ବିଦ୍ୟାର୍ଥୀ

ରାୟଗଡା,୧।୭(ଆଶିଷ ରଞ୍ଜନ ପଣ୍ଡା)

ଶିକ୍ଷା ପ୍ରଦାନ କରୁଥିବା ନିଜ ଗୁରୁଙ୍କ ସୁରକ୍ଷା ପାଇଁ ଛାତ୍ରୀଛାତ୍ରମାନେ ସୋମବାର ରାୟଗଡ଼ା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଗୁରୁଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇବା ସହ ପୋଲିସ ସୁରକ୍ଷା ଯୋଗାଇଦେବାକୁ ସେମାନେ ଏସ୍‌ପିଙ୍କୁ ନିବେଦନ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ହାଲୁଆ ଗ୍ରାମରେ ରହୁଥିବା ଶ୍ରୀକାନ୍ତ ବିଡ଼ିକା ରାୟଗଡ଼ା ସହର ରୟତ କଲୋନିଠାରେ କେତେଜଣ ପିଲାଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରୁଛନ୍ତି । ଗରିବ ଆଦିବାସୀ ଓ ହରିଜନ ପୁଅଝିଅଙ୍କୁ କିଛି ବର୍ଷ ହେବ ମାଗଣାରେ ଶିକ୍ଷା ସାମଗ୍ରୀ ଦେବା ସହ ଶିକ୍ଷାଦାନ କରୁଛନ୍ତି । ତେବେ ଗତ ୨୮ ତାରିଖରେ କେତେଜଣ ଦୁର୍ବୃତ୍ତ ଶ୍ରୀକାନ୍ତଙ୍କ ଘର ଭିତରେ ପଶି ତାଙ୍କୁ ଆକ୍ରମଣ କରିବା ସହ ଆସବାପତ୍ର ଭଙ୍ଗାରୁଜା କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଏ ନେଇ ଶ୍ରୀକାନ୍ତ ରାୟଗଡ଼ା ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାରେ ବିଦ୍ୟାର୍ଥୀମାନେ ନିଜ ଗୁରୁଙ୍କ ଉପରେ ପୁଣି ଆକ୍ରମଣ ହେବା ସନ୍ଦେହ ପ୍ରକଟକରି ପୋଲିସ ସୁରକ୍ଷା ଯୋଗାଇଦେବା ସହ ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

# ବନ ମହୋତ୍ସବରେ ସଚେତନତା କାର୍ଯ୍ୟକ୍ରମ

ମୁନିଗୁଡ଼ା,୧।୭
(ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ ତେଲେଙ୍ଗାପଦର ଗ୍ରାମରେ ବନ ବିଭାଗ ତରଫରୁ ୭୫ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଚାରାରୋପଣ କରାଯିବା ସହ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ମୁନିଗୁଡ଼ା ଫରେଷ୍ଟର ପ୍ରମୋଦିନୀ ମଣ୍ଡାଙ୍ଗୀ ଓ ରୋନିତ ମହାରଣାଙ୍କ ମିଳିତ ସଂଯୋଜନାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ରେଞ୍ଜର ଅନୀଲ କୁମାର ବାଲା, ସରପଞ୍ଚ ଉପେନ୍ଦ୍ର ସିକ୍କା, ସମିତି ସଭ୍ୟ ଅନଙ୍ଗ ନାଗଙ୍କ ସମେତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଅଁଳା, ଚାକୁଣ୍ଡା, ପିସ୍ତା ବାଦାମ, ନିମ, ଆମ୍ବ, ପଣସ, କୃଷ୍ଣଚୂଡ଼ା, ଜାମୁକୋଳି, ବଉଳ ପ୍ରଭୃତି ବୃକ୍ଷର ଚାରା ରୋପଣ କରିଥିଲେ। ପରେ ରୋପଣ କରାଯାଇଥିବା ବୃକ୍ଷଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବାକୁ ପରାମର୍ଶ ଦିଆଯାଇଥିଲା। ପୃଥିବୀକୁ ରକ୍ଷାକରିବାକୁ ହେଲେ ପ୍ରକୃତିର ସଂରକ୍ଷଣ, ଯତ୍ନ ଓ ଏହାର କଳେବର ବୃଦ୍ଧି ପାଇଁ ସମସ୍ତେ ଜଣେ ଜଣେ ସ୍ୱେଚ୍ଛାସେବୀ ସାଜିବାକୁ ପଡିବ। ଏଥିସହ ଜଳ, ଜଙ୍ଗଲ, ବାୟୁ ଓ ଜୀବଜନ୍ତୁଙ୍କ ସୁରକ୍ଷା ଦେବାକୁ ପଡ଼ିବ ବୋଲି ରେଞ୍ଜର ବାଲା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତେଲେଙ୍ଗାପଦର ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଗଦାଧର ମିଶ୍ର, ଜିଆର୍‌ଏସ୍ ସୋନାଲୀ ବ୍ରହ୍ମା, ବନ ବିଭାଗର ବିଘ୍ନରାଜ ମିଶ୍ର, ସୁଜାତା ସୁନାମୁଦିଙ୍କ ସମେତ ଏସ୍‌ଏଚ୍‌ଜି, ମିଶନ ଶକ୍ତିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ବିଭିନ୍ନ ପ୍ରକାର ୫୦ରୁ ଊର୍ଦ୍ଧ୍ୱ ବୃକ୍ଷର ଚାରା ରୋପଣ କରିଥିଲେ ।



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବନ ବିଭାଗ କର୍ମଚାରୀ ଓ ଅନ୍ୟମାନେ।

# ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଭେଟିଲା ପ୍ରତିନିଧି ଦଳ

ଗୁଣପୁର,୧।୭(ପ୍ରଦୀପ କୁମାର ପାଢ଼ୀ)

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ତଥା ଶ୍ରୀକାକୁଳମ ଏମ୍‌ପି କେ. ରାମମୋହନ ନାଇଡୁଙ୍କୁ ଗୁଣପୁର ନବନିର୍ମାଣ ସମିତିର ପ୍ରତିନିଧି ଦଳ ଭେଟି ଶୁଭେଚ୍ଛା ଜଣାଇବା ସହ ଅଞ୍ଚଳର ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରତିନିଧି ଦଳ ରବିବାର ଏମ୍‌ପି ନାଇଡୁଙ୍କ ଶ୍ରୀକାକୁଳମସ୍ଥିତ ବାସଭବନରେ ଭେଟି ଗୁଣପୁର-ଥେରୁବାଲି ରେଳପଥ ପ୍ରକଳ୍ପ ତ୍ୱରାନ୍ୱିତ କରିବା, ଉକୁମ୍ବା ଏୟାରଷ୍ଟ୍ରିପ ଜମିକୁ ଜବରଦଖଲରୁ ବଞ୍ଚିତ କରାଯିବା ଓ ଗୁଣପୁରଠାରୁ ୧୪୫ କି.ମି. ଦୂର ଆନ୍ଧ୍ରର ଭୋଗାପୁରମଠାରେ ନୂତନ ଏୟାରପୋର୍ଟ ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ।

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳ ଦେଇ ଗତି କରୁଥିବା ଗୁଣପୁର-ଥେରୁବାଲି ରେଳପଥ ବିକାଶରେ ପଡ଼ୋଶୀ ଶ୍ରୀକାକୁଳମ ଏମ୍‌ପିଙ୍କ ବିଶେଷ ଭୂମିକା ରହିଆସିଛି। ଏଥର କେନ୍ଦ୍ର ସରକାରରେ ଶ୍ରୀକାକୁଳମ ଏମ୍‌ପିଙ୍କୁ ମନ୍ତ୍ରୀ ପଦ ମିଳିଥିବାରୁ ଏହି ରେଳପଥ ବିକାଶ ସହଜ ହେବ ବୋଲି ଆଶା କରାଯାଉଛି। ସେହିପରି ଗୁଣପୁର ଅଞ୍ଚଳବାସୀଙ୍କ ପାଇଁ ନିକଟତମ ବିମାନବନ୍ଦର ୨୧୮ କି.ମି. ଦୂର ବିଶାଖାପାଟଣା ଯିବାକୁ ପଡୁଛି। ଏଣୁ ଏବେ ଏଠାରୁ ମାତ୍ର ୧୪୫ କି.ମି. ଦୂର ଶ୍ରୀକାକୁଳମ ଭୋଗାପୁରମଠାରେ ବହୁଦିନ ଧରି ପ୍ରସ୍ତାବିତ ବିମାନବନ୍ଦର ନିର୍ମାଣ କରିବାକୁ ଦାବି କରାଯାଇଥିଲା।



ନବନିର୍ମାଣ ସମିତିର ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଉଛନ୍ତି।

**ଗୁଣପୁର-ଥେରୁବାଲି ରେଳପଥ ପ୍ରକଳ୍ପ ତ୍ୱରାନ୍ୱିତ ଦାବି**

ସେହିପରି ରାମନାଗୁଡ଼ା ବ୍ଲକ୍‌ର ଉକୁମ୍ବା ନିକଟସ୍ଥ ଏରାଗୁଡ଼ାଠାରେ ରହିଥିବା କେନ୍ଦ୍ର ସରକାରଙ୍କ ବିମାନ ଚଳାଚଳ ବିଭାଗର ୨୭ ଏକର ଜମିକୁ ଜବରଦଖଲମୁକ୍ତ କରିବାକୁ ଦାବି କରାଯାଇଥିଲା। କିଛିବର୍ଷ ପୂର୍ବେ ଏହି ଜବରଦଖଲକୁ ହଟାଇ ରାଜସ୍ୱ ବିଭାଗ ତାରବାଡ଼ ଘେରିଥିବା ବେଳେ ଏହାକୁ ହଟାଇ ଏବେ ପୁଣି ଜବରଦଖଲ କରାଯାଇଥିବା ଅଭିଯୋଗ ହୋଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧର ମୂକସାକ୍ଷୀ ଏହି ପଡ଼ିଆରୁ ଜବରଦଖଲ ହଟାଇବାକୁ ଦାବି କରାଯାଇଛି । ଗୁଣପୁର ନବନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସଙ୍କ ନେତୃତ୍ୱରେ ସମ୍ପାଦକ ରଞ୍ଜିତ ପାଢ଼ୀ ଓ ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ଆଇନ ସମ୍ପର୍କରେ ଜିଲା କାରାଗାରରେ ସଚେତନତା

ମାଲକାନଗିରି, ୧୭(ନୃସିଂହ ଚରଣ ମହାନ୍ତି)



କାର୍ଯ୍ୟକ୍ରମରେ ଅତିଥିମାନେ ନୂତନ ଆଇନ ସମ୍ପର୍କରେ ବୁଝାଉଛନ୍ତି ।

ବ୍ରିଟିଶ ଅମଳରୁ ଚାଲି ଆସିଥିବା ଭାରତୀୟ ଦଣ୍ଡ ସଂହିତା ୧୯୮୦, କ୍ରିମିନାଲ ପ୍ରୋସିଡିଓର କୋଡ୍ ୧୯୭୩ ଏବଂ ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନ ସମ୍ପୂର୍ଣ୍ଣ ଉଚ୍ଛେଦକରି ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩, ୨୫ ଡିସେମ୍ବର ୨୦୨୩ରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦନ ଲାଭକରି ୧ ଜୁଲାଇ ୨୦୨୪ଠାରୁ ସାରା ଭାରତରେ ଲାଗୁ ହୋଇଛି । ଏ ସମ୍ପର୍କରେ ଜିଲା କାରାଗାରରେ ଥିବା ଅନ୍ତେବାସୀଙ୍କୁ ନେଇ ଅଧୀକ୍ଷକ ଦିଲୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ପାତ୍ର, ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଅଇନ ଅଧିକାରୀ ସତ୍ୟଜିତ ପଣ୍ଡା, ସାମାଜିକକର୍ମୀ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଜିଲା କାରାଗାର ଅତିରିକ୍ତ ଅଧୀକ୍ଷକ ଦିଲୀପ କୁମାର ବେହେରା ଓ ରାମଚନ୍ଦ୍ର ସାହୁଙ୍କ ସହ କାରାଗାରର ସମସ୍ତ କର୍ମକର୍ତ୍ତା ୨୦୦ରୁ ଅଧିକ ଅନ୍ତେବାସୀ ଯୋଗ ଦେଇଥିଲେ। ସମସ୍ତ ବକ୍ତା ନୂତନ ଆଇନ ଉପରେ ବୁଝାଇ ନିଜକୁ ସଂଶୋଧିତ କରି ଏକ ଭଲ ନାଗରିକ ହୋଇ ଦେଶ ଗଠନରେ ବ୍ରତୀ ହେବା ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଆଇନଜୀବୀ ପଟ୍ଟନାୟକ ପୁରୁଣା ଆଇନ ଓ ନୂତନ ଆଇନର ତୁଳନାତ୍ମକ ପ୍ରାବଧାନ ଉପରେ ବୁଝାଇ ନୂତନ ଅଇନ କିପରି ତ୍ୱରିତ ନ୍ୟାୟ ଦେବାରେ ସକ୍ଷମ ହୋଇପାରିବ ସେ ସମ୍ପର୍କରେ କହିଥିଲେ। ସେହିପରି ବରିଷ୍ଠ ଆଇନଜୀବୀ ଗୋବିନ୍ଦ ପାତ୍ର ନୂଆ ଓ ପୁରୁଣା ଆଇନ ସମ୍ପର୍କରେ ବୁଝାଇବା ସହ ସଂସ୍କାରିତ ହୋଇ ଭଲ ମଣିଷ ହୋଇ ଜୀବନ ବିତାଇବାକୁ ଅନ୍ତେବାସୀଙ୍କୁ ବୁଝାଇଥିଲେ। ସମସ୍ତ ଅତିଥିଙ୍କୁ ଉପଢୌକନ ଦେଇ କାରାଗାର ତରଫରୁ ସମ୍ମାନିତ କରାଯାଇଥିଲା।

## ଟେକେଲଗୁଡା ଆଇଇଡି ବିସ୍ଫୋରଣ ପରେ ୯ ମାଓବାଦୀ ଗିରଫ

ମାଲକାନଗିରି, ୧୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ଟେକେଲଗୁଡାରେ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ ଚାଲିଥିବା ବେଳେ ୯ ମାଓବାଦୀ ଗିରଫ ହୋଇଛନ୍ତି। ଟେକେଲଗୁଡାରେ ଆଇଇଡି ବିସ୍ଫୋରଣ ପରେ ଜାଗରଗୁଣ୍ଡା ଅଞ୍ଚଳରେ ପୋଲିସ ପକ୍ଷରୁ ତଲାସି ଜାରି ରହିଥିଲା। ସୋମବାର ବିଭିନ୍ନ ଅଞ୍ଚଳରୁ ୯ ମାଓବାଦୀଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରୁ ୪ ଜଣ ମାଓବାଦୀ ଜୁନ୍ ୨୩ରେ ଘଟିଥିବା ଟେକେଲଗୁଡା ବିସ୍ଫୋରଣରେ ସମ୍ପୃକ୍ତ ଥିଲେ। ଗତ ମାସ ୨୩ ତାରିଖରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରିଥିଲେ। ଯେଉଁଥିରେ ୨ ଯବାନଙ୍କ ମୃତ୍ୟୁ ହୋଇଥିଲା।

ସୂଚନାଯୋଗ୍ୟ, ଜିଲା ପୋଲିସ ଡିଆର୍‌ଜି, ୧୫୦ ବାଟାଲିୟନ ସିଆରପିଏଫ ଏବଂ କୋବ୍ରା ୨୦୧ ବାଟାଲିୟନର ସର୍ଚ୍ଚ ଅପରେଶନରେ ୯ ମାଓବାଦୀ ଗିରଫ ହୋଇଥିବା ଏସ୍‌ପି କିରଣ ଚହ୍ୱାନ ସୂଚନା ଦେଇଛନ୍ତି ।

## ଚନ୍ଦାହାଣ୍ଡି କୋର୍ଟରେ ନୂତନ ବିଚାରପତିଙ୍କ ଯୋଗଦାନ



ନୂତନ ବିଚାରପତିଙ୍କୁ ଓକିଲ ସଂଘ ସଦସ୍ୟ ଓ କୋର୍ଟ କର୍ମଚାରୀ ସ୍ୱାଗତ କରୁଛନ୍ତି।

ଚନ୍ଦାହାଣ୍ଡି, ୧୭(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ପ୍ରଥମଶ୍ରେଣୀ ବିଚାରପତି ହିମାଂଶୁ ଶେଖର ଆଚାର୍ଯ୍ୟଙ୍କ ବଦଳି ହେବା ପରେ ସୋମବାର ନୂତନ ଜେଏମ୍‌ଏଫ୍‌ସି ଭାବେ ଜରିନ୍ ଖାନ କାର୍ଯ୍ୟରେ ଯୋଗଦେଇଛନ୍ତି। ଏଥିପୂର୍ବରୁ ସେ ବାରିପଦା ଜେଏମ୍‌ଏଫ୍‌ସି ଭାବେ କାର୍ଯ୍ୟ କରୁଥିଲେ। ସୋମବାର ଚନ୍ଦାହାଣ୍ଡି ଓକିଲ ସଂଘ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇନଜୀବୀ ମହମ୍ମଦ ହୁସେନ, ଜୟଦେବ ଖମାରୀ, କ୍ଷେମରାଜ ବାଘ, ହୁମେଶ୍ୱର ହଂସ, ଭୀଷ୍ମ ସୁନା, ଶ୍ୟାମସୁନ୍ଦର ସୁନାନୀଙ୍କ ସମେତ କୋର୍ଟ କର୍ମଚାରୀ କେଦାରଗୌରୀ ପାଣ୍ଡିଆ, କେଶରୀ ପ୍ରସାଦ ମନହିରା, ଆଶିଷ ସାହୁ, ଅନିମା ମଲ୍ଲିକ, ଅମ୍ରିତା କୁଲଦୀପ, ନିରୁତ୍ତମ ସେଠୀ, ନିଲୁ ପ୍ରସାଦ ଶବର, କପୁରଚାନ୍ଦ ଜାନୀ, ରବୀନ୍ଦ୍ର ସାହୁ , ବୃନ୍ଦାବନ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଯାନବାଇ ବିଏସ୍‌ଏଫ୍ କ୍ୟାମ୍ପରେ ବନ ମହୋତ୍ସବ




ଚିତ୍ରକୋଣ୍ଡା, ୧୭(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବନାଞ୍ଚଳ ସ୍ୱାଭିମାନ ଅଞ୍ଚଳ ଯାନବାଇ ବିଏସ୍‌ଏଫ କ୍ୟାମ୍ପଠାରେ ସୋମବାର ୭୫ ତମ ବନ ମହୋତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ବନାଞ୍ଚଳ ଆନୁକୂଲ୍ୟରେ ଯାନବାଇ ବିଏସ୍‌ଏଫ କ୍ୟାମ୍ପ ପରିସରରେ ବିଭିନ୍ନ ପ୍ରକାରର ୨୦୦ ରୁ ଅଧିକ ଚାରା ଚାରାରୋପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନାଞ୍ଚଳ ଅଧକାରୀ ବଳରାମ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଯାନବାଇ ବିଏସ୍‌ଏଫ ୮୮ ବାଟାଲିୟନର ବିଏସ୍‌ଏଫ କମାଣ୍ଡାଣ୍ଟ ଏବଂ ବନ ଓ ବିଏସ୍‌ଏଫ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସ୍ୱାଭିମାନ ତଥା ଉପାନ୍ତ ଅଞ୍ଚଳରେ ବହୁ ସଂଖ୍ୟକ ଚାରାରୋପଣ କରାଯାଇ ଯେପରି ଭାବେ ସବୁ ଗଛ ବଞ୍ଚାଯାଇ ପାରିବ ସେ ଉପରେ ସହାୟତା କରିବାକୁ ବନାଞ୍ଚଳ ଅଧିକାରୀ କହିଥିଲେ। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପାଳନ କରାଯିବାର ସୂଚନା ମିଳିଛି । ଉକ୍ତ କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ବନପାଳ ନିରଞ୍ଜନ ସାରକା ଏବଂ ବନରକ୍ଷୀ ସଞ୍ଜୟ ପରିଡ଼ା ପରିଚାଳନା କରିଥିଲେ ।

## ୧୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୭ (ଦୁର୍ଯ୍ୟୋଧନ ପାତ୍ର)


ଆତ୍ମସମର୍ପଣ କରିଥିବା ମାଓବାଦୀ ।

ଛତିଶଗଡ ବିଜାପୁର ଜିଲା ପୋଲିସ ନିକଟରେ ସାତ ଲକ୍ଷ ପୁରସ୍କାର ଘୋଷିତ ୩ଜଣଙ୍କ ସହ ୧୨ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ, ଜିଲାରେ ଚାଲିଥିବା ମାଓବାଦୀ ଦମନ ଅଭିଯାନରେ ଭୈରମଗଡ, ଗଙ୍ଗାଲୁର ଓ ନ୍ୟାଶନାଲ ପାର୍କ ଏରିଆ କମିଟିର ବିଭିନ୍ନ ଘଟଣାରେ ସାମିଲ ୧୨ ଜଣ ମାଓବାଦୀ ବିଜାପୁର ସିଆରପିଏଫ ଉପମହାନିରୀକ୍ଷକ ଦେବେନ୍ଦ୍ର ସିଂ ତୋଗି ଓ ବିଜାପୁର ଏସ୍‌ପି ଜିତେନ୍ଦ୍ର କୁମାର ଯାଦବଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ଉଦ୍ୟାନ କ୍ଷେତ୍ର ସମିତି ପ୍ଲାଟୁନ ପାର୍ଟି ସଦସ୍ୟ ମୁନ୍ନା ମୋଡ଼ିୟମ ଯାହାଙ୍କ ଉପରେ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରା ଯାଇଥିଲା । ସେହିପରି ତାଙ୍କ ସ୍ତ୍ରୀ ଜନନୀ ମୋଡ଼ିୟମଙ୍କ ଉପରେ ମଧ ପୁରସ୍କାର ଘୋଷଣା କରାଯାଇଥିଲା। ରାଜୁ ପୁନେମ ଦଣ୍ଡକାରଣ୍ୟ କିଷାନ ମଜଦୁର ସଂଗଠନ ସଦସ୍ୟ, ଯାହାଙ୍କ ଉପରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏହି ୩ ଜଣଙ୍କ ସହ ନ୍ୟାଶନାଲ ପାର୍କ ଏରିଆ କମିଟି ସଦସ୍ୟ ନନ୍ଦୁ, ଆର.ପି.ସି. ମିଲିସିଆ ପ୍ଲାଟୁନ କମାଣ୍ଡର କୈଳାସ କାରାମ, ଜୋଗି ମୁଚାକୀ, ମଙ୍ଗୁ, ଚୈତୁ ପୁନେମ, ରାମଲୁ ପୁନେମ, ସୁକଲାଲ ପୁନେମ, ବୁଧରାମ ପୁନେମ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତଙ୍କୁ ପୋଲିସ ତରଫରୁ ୨୫ ହଜାର ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି ।

## ୭୫ତମ ବନ ମହୋତ୍ସବ ପାଳିତ



ମାଲକାନଗିରି, ୧୭(ଦୁର୍ଯ୍ୟୋଧନ ପାତ୍ର)

ଜୁଲାଇ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ସାରା ବିଶ୍ୱରେ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି। ଏହି ୭ ଦିନରେ ଚାରାରୋପଣ ସହ ଜଙ୍ଗଲ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ଜନ ସଚେତନତା ସୃଷ୍ଟି କରାଯାଉଛି। ଏହି ଉପଲକ୍ଷେ ସୋମବାର ମାଲକାନଗିରି ବନାଞ୍ଚଳ ତରଫରୁ ତଣ୍ଡିକି ପଞ୍ଚାୟତ ବୁରୁଡି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବନପାଳ ଦେବାଶିଷ ପ୍ରଧାନ, ବନ କର୍ମଚାରୀ ରବି ନାରାୟଣ ଖଣ୍ଡୁଆଳ, ମଧୁସ୍ମିତା ଜେନା, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ବୁରୁଡି ୱାର୍ଡ ମେମ୍ବର ସୀତାରାମ ମାଡକାମିଙ୍କ ସହ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ରହି ଅଁଳା, ବେଲ, ପାଟୋଳି, ଲିମ୍ବ, ଲେମ୍ବୁ ଓ କଦମ୍ବ ସହ ବିଭିନ୍ନ ଔଷଧୀୟ ଚାରାରୋପଣ କରିଥିଲେ। ଜଳବାୟୁ ପରିବର୍ତ୍ତନ, ପରିବେଶ ଦୂଷିତ, ପୃଥିବୀରେ ଉତ୍ତାପ ବୃଦ୍ଧିର ଜଙ୍ଗଲ କ୍ଷୟର କାରଣ ହୋଇଥିବାରୁ ଚାରାରୋପଣ ହିଁ ଏହାର ନିରାକରଣ ବୋଲି ଅତିଥିମାନେ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଷ୍ଟେଲା ମାର୍ଗେଡ ହଂସଦା, ଭାଗୀରଥି ଦେଉରୀ ଓ ରଶ୍ମିରେଖା ତ୍ରିପାଠି ପ୍ରମୁଖ ସହଯୋଗ କରିଥିଲେ।

## ଅଭିଯୋଗ ଶୁଣି ସମସ୍ୟା ସମାଧାନ ନିର୍ଦ୍ଦେଶ

ନବରଙ୍ଗପୁର, ୧୭(ସଦାଶିବ ପ୍ରହରାଜ)

**ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଜନଶୁଣାଣି**

ନବରଙ୍ଗପୁରରେ ଜିଲାପାଳ ଓ ଏସ୍‌ପିଙ୍କ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଜନଶୁଣାଣି ଶିବିର ସ୍ଥାନୀୟ ଜିଲାପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକେ ବ୍ୟକ୍ତିଗତ, ସାମୂହିକ ଆପତ୍ତି ଅଭିଯୋଗର ସମାଧାନ ପାଇଁ ଆସିଥିଲେ। ୬୮ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଛି। ସେଥିମଧ୍ୟରୁ ବ୍ୟକ୍ତିଗତ ୬୧ ଓ ଦଳଗତ ୭ଟି ଅଭିଯୋଗ ରହିଛି। ଏଥିରେ ଜଙ୍ଗଲ ଜମି ପଟ୍ଟା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟ ଜଳ, କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ଖତସାର, ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ପୋଲିସ କେସ୍, ସାମାଜିକ ସୁରକ୍ଷା ସହାୟତା, ଆର୍ଥିକ ସହାୟତା, ରିହାବିଲିଟେଶନ୍ ସ୍କିମ୍‌ରେ ନିଯୁକ୍ତି, ପାରିବାରିକ ବିବାଦ, ଜମିଜମା ସଂକ୍ରାନ୍ତୀୟ ଅଭିଯୋଗକୁ ଜିଲାପାଳ ଡ. କମଳ ଲୋଚନ ମିଶ୍ର ଶୁଣାଣି କରି ଏହାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣି ଶିବିରରେ ୨୪ କେସର ତୁରନ୍ତ ସମାଧାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୨୪ ଜଣଙ୍କୁ ଜିଲାପାଳ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ। ଏହି ଶିବିରରେ ଏସ୍‌ପି ରୋହିତ ବର୍ମା, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ର, ପିଏ ଆଇଟିଡିଏ, ରାଜୀବ କୁମାର ସାହୁ, ସିଡିଏମ୍‌ଓ ଡା. ମଳୟ କୁମାର ତ୍ରିପାଠୀ, ଜିଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କଟ ରାଓ, ଡିଇଓ ଛତ୍ରପତି ସାହୁ, ଜିଲା ମଙ୍ଗଳ ଅଧିକାରୀ ପାଲାକା ରବୀନ୍ଦ୍ର, ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ନିଯୋଜନ ଅଧିକାରୀ ଆନନ୍ଦ ପଳେଇ, ଜିଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ, ନବରଙ୍ଗପୁର ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ବିଡିଓ ସୁନୀଲ ଖରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।


ଅଭିଯୋଗ ଜଣାଇବାକୁ ଆସିଥିବା ଲୋକମାନଙ୍କ ସହ ଜିଲାପାଳ ଆଲୋଚନା କରୁଚନ୍ତି।

## ୩ ଜଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


୩ଜଣଙ୍କୁ ଫଳକ ସହ ସମ୍ବର୍ଦ୍ଧନା ଦିଆଯାଉଛି ।

ଗୋବିନ୍ଦପାଲି, ୧୭(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଇଓ ହୃଷୀକେଶ ଦଣ୍ଡସେନା, ସେକ୍ସନ ଅଫିସର ମନୋଜ ବିଶ୍ୱାଳ ଓ ବରିଷ୍ଠ ଶିକ୍ଷକ ନୀଳମଣି ସାହୁ ସରକାରୀ ଚାକିରିରୁ ଅବସର ନେଇଛନ୍ତି। ଏହି ସଭାରେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ୩ ବିଦାୟୀ କର୍ମଚାରୀଙ୍କ ସହ ସମସ୍ତ ଉପ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଆଞ୍ଚଳିକ ସାଧନ ସଂଯୋଜକ, ଅଫିସର କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ସେମାନେ ନିଜ ନିଜ ଅଭିଭାଷଣରେ ସ୍ମୃତି ଚାରଣ କରିଥିଲେ। ଅବସର ପରେ ୩ ଜଣ ସୁସ୍ଥ ଜୀବନ ବିତାନ୍ତୁ ବୋଲି ଅତିଥିମାନେ କହିଥିଲେ। ସେ ଆହୁରି କହିଥିଲେ, ଆଗାମୀ ଦିନରେ ବିଦାୟ ନେବାକୁ ଥିବା ଶିକ୍ଷକ ବନ୍ଧୁମାନଙ୍କୁ କିପରି ସମ୍ମାନର ସହିତ ଆନୁଷ୍ଠାନିକ ଭାବେ ମାନପତ୍ର ସହିତ ବିଦାୟ ଦିଆଯାଇପାରିବ ତାହା ବୁଝାଇଥିଲେ।

## ମାଥିଲିରେ ବନ ମହୋତ୍ସବ


ଚାରାରୋପଣ କରାଯାଉଛି ।

ମାଥିଲି, ୧୭(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଧୂଙ୍ଗିଆପୁଟ ପଞ୍ଚାୟତ ବାରିଣୀଗୁଡା ଗ୍ରାମରେ ସୋମବାର ବନବିଭାଗ ତରଫରୁ ୭୫ତମ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଚାରାରୋପଣ କାର୍ଯ୍ୟକ୍ରମରେ ଧୂଙ୍ଗିଆପୁଟ ପଞ୍ଚାୟତ ସରପଞ୍ଚ ମଧୁସୂଦନ ନାୟକ ଯୋଗଦେଇ ପୂଜାର୍ଚ୍ଚନା କରି ପ୍ରଥମେ ଚାରାରୋପଣ କରିଥିଲେ । ଗାଁ ମୁଖିଆ ଚୈତନ୍ୟ ପ୍ରଧାନୀ ବାଡ଼ିନିଗୁଡା ଜଙ୍ଗଲରେ ୧୦ ହଜାର ଗଛ ଲଗାଯିବା ପାଇଁ ଯୋଜନା କରାଯାଇଛି। ପ୍ରଥମ ଦିନରେ ୧୬୦୦ ଚାରାରୋପଣ କରାଯାଇଛି ବୋଲି କହିଥିଲେ । ବିଭିନ୍ନ ପ୍ରକାର ଚାରା ଆମ୍ବ, ପଣସ, ପିଜୁଳି, ଚାକୁଣ୍ଡା ଓ ଲିମ୍ବ ଆଦି ଲଗାଯାଇଛି । କ୍ରମାଗତ ଭାବେ ଏହି ଚାରା ରୋପଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ଓ ବନବିଭାଗ କର୍ମଚାରୀ କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ଚାରାରୋପଣ ଉପରେ ସଚେତନ କରାଯାଇଥିଲା। ଜଙ୍ଗଲକୁ ସୁରକ୍ଷା ଦେବାସହ ଏହାର ଯତ୍ନ ନେବାକୁ ମଧ୍ୟ କୁହାଯାଇଥିଲା । କାର୍ଯ୍ୟକ୍ରମରେ ବାଡ଼ିନିଗୁଡାର ଗ୍ରାମବାସୀ ଏକତ୍ରିତ ହୋଇ ଜଙ୍ଗଲକୁ ଯାଇଥିଲେ। ସମସ୍ତେ ମିଶି ଗୋଟିଏ ଗୋଟିଏ ଗଛ ଲଗାଇଥିଲେ । ଗାଁ ଲୋକଙ୍କୁ ଏକତ୍ର ଦେଖି ବନାଞ୍ଚଳ ଅଧିକାରୀ ନାୟକ ଧନ୍ୟବାଦ ଜଣାଇ ଗଛଗୁଡିକର କିପରି ଯତ୍ନ ନିଆଯିବ ସେ ଉପରେ ବୁଝାଇଥିଲେ।

# ନୂଆ ଆଇନ କାର୍ଯ୍ୟକାରିତା ସମ୍ପର୍କରେ ସଚେତନ କଲା ପୋଲିସ

ଚିତ୍ରକୋଣ୍ଡା/କାଳିମେଳା/କୋରୁକୋଣ୍ଡା, ୧୭
(କ୍ଷୀରୋଦ ବେହେରା/ଜୀବନକୃଷ୍ଣ ଦାସ/ଶିବଦତ୍ତ ସାହୁ)

ଦେଶରେ ଲାଗୁ ହେଲା ନୂଆ ଆଇନ। ସେ ସମ୍ପର୍କରେ ସଚେତନ କଲା ମାଲକାନଗିରି ଜିଲା ଚିତ୍ରକୋଣ୍ଡା, କାଳିମେଳା ଓ କୋରୁକୋଣ୍ଡା ପୋଲିସ । ଚିତ୍ରକୋଣ୍ଡା ଥାନା ଥାନା ଅଧିକାରୀ ମୁକୁନ୍ଦ ମେଲେକାଙ୍କ ଆହ୍ୱାନକ୍ରମେ ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ଜିଲା ପରିଷଦ ସଦସ୍ୟା ମିନତୀ ଖିଲ, ଥାନା ଏସ୍‌ଆଇ ଲିମାଇ ଚରଣ ପଣ୍ଡା ଓ ମନୋଜ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଅଞ୍ଚଳର ସମସ୍ତ ସାମ୍ବାଦିକ, ବିଦ୍ଧିଜୀବୀ, ସାମାଜିକ କର୍ମୀ, ଦୈନିକ ବଜାର କମିଟି ସଦସ୍ୟଙ୍କୁ ନେଇ ଥାନା ସଭାଗୃହରେ ନୂଆ ଆଇନ କାର୍ଯ୍ୟ କାରିତା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ରିଟିଶ ଅମଳରୁ ଚାଲି ଆସିଥିବା ଭାରତୀୟ ଦଣ୍ଡ ସଂହିତା ୧୯୮୦, କ୍ରିମିନାଲ ପ୍ରଣାଳୀ କୋଡ,୧୯୭୩ ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରି ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ -୨୦୨୩, ୨୫ ଡିସେମ୍ବର ୨୦୨୩ ରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦନ ଲାଭ କରି ୧ ଜୁଲାଇ ୨୦୨୪ରୁ ସାରା ଭାରତରେ ଲାଗୁ କରାଯାଇଛି। ବକ୍ତାମାନେ ନୂତନ ଆଇନ ଉପରେ ବୁଝାଇ ନିଜକୁ ସଂଶୋଧିତ କରି ଏକ ଭଲ ନାଗରିକ ହୋଇ ଦେଶ ଗଠନରେ ବ୍ରତୀ ହେବା ସହ ପରିବାର ସଦସ୍ୟଙ୍କ ଉନ୍ନତି କଳ୍ପେ କାର୍ଯ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି କାଳିମେଳାରେ ସୋମବାର ନୂତନ ଆଇନକୁ ନେଇ ଥାନାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ଚନ୍ଦ୍ରକାନ୍ତି ତାଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇ ସୁଜିତ କୁମାର ବିଶ୍ୱାସ, ଦୁର୍ଯ୍ୟୋଧନ ଶୁଣାନି, ବିଜୟ କୁମାର ମାଝୀ, ଏଏସ୍‌ଆଇ ରାମ ପ୍ରସାଦ ନାୟକ, ରାମ ନାଥ ମୁଦୁଲି, ଗଣେଶ ରାଉଳ ଓ ସୁରେନ୍ଦ୍ର ବସ୍ତିଆ ପ୍ରମୁଖ ମଞ୍ଚାସିନ ଥିଲେ। ଉକ୍ତ ବୈଠକରେ କାଳିମେଳା ଅଞ୍ଚଳର ବଜାର କମିଟି ସଦସ୍ୟ, ରାଜନୈତିକ ଦଳର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ସରପଞ୍ଚ ଏବଂ ଅନ୍ୟାନ୍ୟ ଲୋକ ପ୍ରତିନିଧି ବୁଦ୍ଧିଜିବୀ ଉପସ୍ଥିତ ରହି ନୂତନ ଆଇନ ସମ୍ପର୍କରେ ବୁଝିଥିଲେ। ସେହିପରି ବାଲିମେଳା ଓର୍କେଲ ପୋଲିସ ପକ୍ଷରୁ ସୋମବାର ଥାନା ପରିସରରେ ଚିତ୍ରକୋଣ୍ଡା ଏସଡିପିଓ ଆନାସ୍ତେସିୟା କେରକେଟାଙ୍କ ଅଧ୍ୟକ୍ଷତାରେ ଓ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ଏସ୍‌ଆଇ ମନୋହର ସାହୁଙ୍କୁ ନେତୃତ୍ୱରେ ନୂତନ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିମେଳା ସହରର ବହୁ ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ, ବଜାର ବଣିକ ସଂଘ ଓ ସାମ୍ବାଦିକମାନଙ୍କୁ ନେଇ ଏହି କାର୍ଯ୍ୟକର୍ମ କରାଯାଇଥିଲା । ମୁଖ୍ୟତଃ ବ୍ରିଟିଶ ଶାସନ ସମୟରୁ ଚାଲି ଆସୁଥିବା ୧୬୩ ବର୍ଷର ପୁରୁଣା ଆଇନ ଯାହାକି କେବଳ ଲୋକଙ୍କୁ ଦଣ୍ଡ ଦେବା ପାଇଁ ପ୍ରଚଳିତ ଥିଲା ତାହା ଭାରତ ସରକାରଙ୍କ ଦ୍ୱାରା ବର୍ତ୍ତମାନ ନୂଆ ଆଇନ ପ୍ରଣୟନ କରାଯାଇଛି । ସେ ସମ୍ପର୍କରେ ଥାନା ଅଧିକାରୀ ଓ ଅନ୍ୟ ବକ୍ତାମାନେ ସମସ୍ତଙ୍କୁ ସଚେତନ କରିଥିଲେ।


ଚିତ୍ରକୋଣ୍ଡା



କାଳିମେଳା


କୋରୁକୁଣ୍ଡା

# ମୁହଁରେ କଳା ପଟି ବାନ୍ଧି କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ଧାରଣା

ଜୟପୁର, ୧।୭(ପବନ ପାଣିଗ୍ରାହୀ)

ସେବା କାଗଜ କଳ ମୁଖ୍ୟ ଫାଟକ ସାମ୍ନାରେ ଅବସରପ୍ରାପ୍ତ ଶ୍ରମିକ ମାନେ ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ ବା ବିଟିଏର ସର୍ତ୍ତ ଅନୁସାରେ ପି ଏଫ୍, ପେନସନ, ଗ୍ରାଚ୍ୟୁଇଟି ବକେୟା ପାଉଣା ଦାବି କରି ମୁହଁରେ କଳା ପଟି ବାନ୍ଧି ଧାରଣା ଦେଇଛନ୍ତି। ପ୍ରତିଦିନ ୨ ଜଣ କରି ଶ୍ରମିକ ସକାଳ ୭ଟା ୩୦ରୁ ୧୦.୩୦ ଯାଏ ଏହି ଧାରଣା ଜାରି ରଖିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସୋମବାରଠାରୁ ଜନସାଧାରଣଙ୍କ ଗୁହାରି ଶୁଣିବା ଆରମ୍ଭ କରିଛନ୍ତି। ତାଙ୍କୁ ମଧ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଯିବ ବୋଲି ଅବସରପ୍ରାପ୍ତ ଶ୍ରମିକଙ୍କ ଆବାହକ ପ୍ରମୋଦ କୁମାର ମହାନ୍ତି କହିଛନ୍ତି। କାରଖାନା ଚାଲୁଛି, ଉତ୍ପାଦନ ହେଉଛି କିନ୍ତୁ ଅବସରପ୍ରାପ୍ତ ଶ୍ରମିକଙ୍କୁ ସେମାନଙ୍କ ବିଧିବଦ୍ଧ ପାଉଣା, ବକେୟା ଦରମା ଦିଆଯାଉନାହିଁ ବୋଲି ସେ କହିଛନ୍ତି। ସୋମବାର ଧାରଣାରେ ଶ୍ରମିକ ଧ୍ରୁବ ବାରିକ, ରବିନ୍ଦ୍ର କୁମାର ମହାରଣା ଯୋଗ ଦେଇଥିଲେ। ବସନ୍ତ ବେହେରା, ଧ୍ରୁବ ମଲ୍ଲିକ, ଭାସ୍କର ମିଶ୍ର, ପ୍ରହଲ୍ଲାଦ ମଲ୍ଲିକ, ଡିପି ଅଗସ୍ତି ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକ୍ ଅଫିସରେ ତାଲା ପକାଇଲେ ମହିଳା

## ମିଶନ ଶକ୍ତି ମହିଳାଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର ଘଟଣା

ବୋରିଗୁମ୍ମା, ୧।୭ (ବିଜୟ ସାହୁ)


ବ୍ଲକ୍ ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ମିଶନ ଶକ୍ତି ମହିଳା।

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍‌ରେ କାର୍ଯ୍ୟରତ ବିଡିଓ ସନ୍ଧ୍ୟା ସମରଥ ମିଶନ ଶକ୍ତି ମହିଳାଙ୍କୁ ଦୁର୍ବ୍ୟବହାର ଘଟଣାର ପ୍ରତିବାଦରେ ସୋମବାର ୨ ଶହରୁ ଊର୍ଦ୍ଧ୍ୱ ମହିଳା ସୋମବାର ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି। ଓଡିଶା ଜୀବିକା ମିଶନ,ଏମ୍‌ବିକେ, ସିଆରପି, ବିଏଲଏଫ, କୃଷି ମିତ୍ର, ପାଣି ମିତ୍ର ଓ ବ୍ୟାଙ୍କ ମିତ୍ର ସମୂହ ବୋରିଗୁମ୍ମା ବିଡିଓଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ବ୍ଲକ ଅଫିସ ସାମ୍ନାରେ ଆନ୍ଦୋଳନ କରିଛନ୍ତି।

ସୂଚନା ଅନୁଯାୟୀ, ଗତ କିଛି ଦିନ ତଳେ କେନ୍ଦ୍ରୀୟ ଦଳ ମିଶନ ଶକ୍ତିର ବିଭିନ୍ନ ପ୍ରକଳ୍ପ ବୁଲିବା ନିମନ୍ତେ ବୋରିଗୁମ୍ମା ଆସିଥିଲେ। ଜୁଝାରିଠାରେ ବିଡିଓ ସମରଥ ଏମବିକେ, ସିଆରପି ଓ ବିଏଲଏଫଙ୍କୁ ଦୁର୍ବ୍ୟବହାର କରିବା ନେଇ ମହିଳାମାନେ ଅଭିଯୋଗ କରିଛନ୍ତି। ଏପରିକି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣ ଗତ ଏପ୍ରିଲ ମାସରୁ ମଞ୍ଜୁର କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଏହାର ନିରପେକ୍ଷ ତଦନ୍ତ ସହ ଉପଯୁକ୍ତ ନ୍ୟାୟ ଦାବିରେ ସୋମବାର ବହୁସଂଖ୍ୟାରେ ମହିଳା ଏକଜୁଟ ହୋଇ ବ୍ଲକ ଅଫିସରେ ତାଲା ଠୁକିଁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବସିଥିଲେ। ଖବରପାଇ ଥାନା ଆଇଆଇସି ଯୁଗଳ କିଶୋର ସା, ଏସ୍‌ଆଇ ରଚିତା ମାଡକାମୀ, ଏଏସ୍‌ଆଇ ସସ୍ମିତା ନାୟକ ଓ ପୋଲିସ କର୍ମଚାରୀମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ବିଡିଓ ସମରଥ ଘଟଣାସ୍ଥଳକୁ ଯାଇ ଧାରଣାରତ ମିଶନ ଶକ୍ତି ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ତେବେ ସେ କାହାକୁ ଦୁର୍ବ୍ୟବହାର କରି ନ ଥିବା ବିଡିଓ କହିଥିଲେ। ଖବରପାଇ ବ୍ଲକ୍ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଧାରଣରେ ମହାସଂଘର ସଭାନେତ୍ରୀ ସ୍ନେହଲତା ପଣ୍ଡା, ସମ୍ପାଦିକା କେଦାରପ୍ରିୟା ବିଶୋଇ, ଏମବିକେ ଭି.ପଦ୍ମିନୀ କୁମାରୀ, ହୀରାମଣି ମାଳି, ମମତା ମୁଦୁଲି, ଜୋସଦା ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ।

# ‘ଦଣ୍ଡ ପରିବର୍ତ୍ତେ ନ୍ୟାୟ ଉପରେ ଅଧିକ ଗୁରୁତ୍ୱ’

## ନୂତନ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରିତା ନେଇ ଖବରଦାତା ସମ୍ମିଳନୀ

ନବରଙ୍ଗପୁର, ୧।୭(ସଦାଶିବ ପ୍ରହରାଜ)

ନୂତନ ଭାରତୀୟ ନ୍ୟାୟ ସଂହିତା ଆଜି ଠାରୁ ସମଗ୍ର ଦେଶରେ କାର୍ଯ୍ୟକାରୀ ହୋଇଥିବା ବେଳେ ନବରଙ୍ଗପୁର ଏସ୍‌ପି ରୋହିତ ବର୍ମା ଏ ସମ୍ପର୍କରେ ଅଧିକ ସୂଚନା ଦେଇଛନ୍ତି। ଜିଲାର ସମସ୍ତ ଥାନାରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ନେଇ ଏସ୍‌ପି ଖବରଦାତା ସମ୍ମିଳନୀରେ କହିଛନ୍ତି।

ଏହି ନୂତନ ସଂହିତା ମାଧ୍ୟମରେ ଭାରତର ନ୍ୟାୟ ବ୍ୟବସ୍ଥାରେ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିବ। ଏଥିରେ ଦଣ୍ଡ ପରିବର୍ତ୍ତେ ନ୍ୟାୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। ଏହି ନୂତନ ସଂହିତାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ପୋଲିସ ଅଧିକାରୀଙ୍କୁ ପ୍ରଶିକ୍ଷଣ ଏବଂ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କିଛି ପୁରୁଣା ଧାରା ହଟାଯାଇ କିଛି ନୂତନ ଧାରା ଆସିଛି। କେତେକ ଧାରା ମିଶ୍ରଣ କରାଯାଇଛି। ଏଥିସହ ସ୍ୱଚ୍ଛତା ଓ ଡିଜିଟାଲ ପ୍ରମାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ଏସ୍‌ପି କହିଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ନବରଙ୍ଗପୁର ପୋଲିସ, ଅଧିକାରଙ୍କୁ ତାଲିମ ଦିଆଯିବା ନେଇ ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର, ଡିଏସ୍‌ପି ରାଜ କିଶୋର ଦାସ ଉପସ୍ଥିତ ଥିଲେ। ନବରଙ୍ଗପୁର ଥାନାରେ ମଧ ବୁଦ୍ଧିଜୀବି ଓ ବରିଷ୍ଠ ନାଗରିକଙ୍କୁ ନେଇ ଏକ ଆଇନ ସଚେତନତା ବୈଠକ କରାଯାଇଛି। ଏହି ବେଠକରେ ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତରା ଓ ଥାନାଧିକାରୀ ସମ୍ବିତ କୁମାର ବେହେରା ଉପସ୍ଥିତ ଥିଲେ।

# ଲାଗିବ ଦେଢ଼ ଲକ୍ଷ ଚାରା


ଚାରାବଣ୍ଟନ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋରାପୁଟ, ୧।୭ (ଅମିତାଭ ବେହେରା)

କୋରାପୁଟ ବନ ବିଭାଗ ପକ୍ଷରୁ ୭୫ତମ ବନ ମହୋତ୍ସବ ସପ୍ତାହ ଅବସରରେ ଚାରା ବଣ୍ଟନ କେନ୍ଦ୍ରକୁ ସୋମବାର ଉଦ୍‌ଘାଟନ କରାଯାଇଛି। ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ ଜିଲାରେ ପ୍ରାୟ ଦେଢ଼ ଲକ୍ଷ ଚାରା ଗଛ ବିଭିନ୍ନ ସ୍ଥାନରେ ଲଗାଯିବ ନେଇ ଲକ୍ଷ୍ୟ ରଖା ଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସ୍ଥାନୀୟ ଟ୍ରାଫିକ ଛକରେ ଥିବା ପୁରାତନ ରେଞ୍ଜର କାର୍ଯ୍ୟାଳୟରେ ବନ ମହୋତ୍ସବ ସପ୍ତାହ ଉତ୍ସବକୁ କୋରାପୁଟ ରେଞ୍ଜର ଏସ୍.କେ. ପାହାଡ଼ ସିଂ ଉଦଘାଟନ କରି ପରିବେଶ ସୁରକ୍ଷା ଜୀବନ ରକ୍ଷାର ବାର୍ତ୍ତା ଦେଇଥିଲେ। ଏଥିସହ ବ୍ୟାପକ ଚାରାରୋପଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଲୋକମାନଙ୍କୁ ଅମଳା, ପିସ୍ତାବାଦାମ, କାଜୁ, ଛାଖୁଣ୍ଡା, ଗମ୍ଭାରୀ ଆଦି ବିଭିନ୍ନ ଚାରା ବଣ୍ଟନ କରାଯାଇଛି। ସପ୍ତାହକ ମଧ୍ୟରେ କୋରାପୁଟ ରେଞ୍ଜରେ ଦେଢ଼ ଲକ୍ଷ ଚାରା ରୋପଣ କରାଯାଇ ନୂତନ ସବୁଜ ବଳୟ ତଥା ଜଙ୍ଗଲସୃଷ୍ଟି କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ଡେପୁଟି ରେଞ୍ଜର ବିକାଶ ରଞ୍ଜନ ପାତ୍ର, ଫରେଷ୍ଟର ଗୌତମ ବେନିଆ, ବିଜୟ ଶେଖର, ଚିତ୍ତରଞ୍ଜନ ନାୟକ, ରବୀନ୍ଦ୍ର କୁମାର ଟାକ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨୭ ପିଲାରୁ ସୋମବାର ଆସିଥିଲେ ୧୩


ସ୍କୁଲର ଏକ ଶ୍ରେଣୀ ଗୃହରେ ଚତୁର୍ଥରେ ୨ ଓ ୫ମ ଶ୍ରେଣୀର ଜଣେ ଛାତ୍ର।

ନବରଙ୍ଗପୁର, ୧।୭(ସଦାଶିବ ପ୍ରହରାଜ)

ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ଓ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନିର୍ଦ୍ଦେଶ ରହିଛି। ଡ୍ରପ୍‌ଆଉଟ ସଂଖ୍ୟା କମିବ ଓ ଡ୍ରପ୍ ଆଉଟ ପିଲା କିଭଳି ବିଦ୍ୟାଳୟକୁ ଫେରିବେ ସେନେଇ ସରକାର ଉଦ୍ୟମ କରୁଛନ୍ତି। ଏନେଇ ଅନେକ ଯୋଜନା କରାଯାଇଛି। ମଧ୍ୟାହ୍ନ ଭୋଜନ, ପୋଷାକ ଓ ମାଗଣା ପୁସ୍ତକ ଯୋଗାଯାଉଛି। ତଥାପି ନବରଙ୍ଗପୁର ବ୍ଲକ ତେଲିଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କ ଉପସ୍ଥାନ କମୁଛି।

ସହରଠାରୁ ମାତ୍ର ୪ କି.ମି. ଦୁରରେ ରହିଛି ତେଲିଗୁଡା ପ୍ରାଥମିକ ବିଦ୍ୟାଳୟ। ପ୍ରଥମରୁ ୫ମ ଶ୍ରେଣୀରେ ୨୭ ଜଣ ଛାତ୍ରୀଛାତ୍ର ରହିଛନ୍ତି। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ରେ ୩ ଜଣ, ୨ୟ ଶ୍ରେଣୀରେ ୫, ତୃତୀୟ ଶ୍ରେଣୀରେ ୭ , ୪ର୍ଥରେ ୭ ଓ ୫ମରେ ୫ ଜଣ ଏପରି ୧ମ ରୁ ୫ମ ମଧ୍ୟରେ ମୋଟ ୨୭ ଜଣ ଛାତ୍ରଛାତ୍ରୀଙ୍କ ନାମ ରହିଛି। କିନ୍ତୁ ସ୍କୁଲକୁ ଅଧାରୁ କମ ପିଲା ଆସୁଛନ୍ତି। ସୋମବାର ପ୍ରଥମ ଶ୍ରେଣୀର ୩ ଜଣ, ୨ୟରେ ୩ ଜଣ, ୩ୟରେ ୪ ଜଣ , ୪ର୍ଥରେ ୨ ଓ ୫ମ ଶ୍ରେଣୀରେ ମାତ୍ର ଜଣେ ପିଲା ଆସିଥିଲେ। ଗାଁ ମୁଣ୍ଡରେ ପ୍ରାଥମିକ ବିଦ୍ୟାଳୟ ରହିଛି। ଗାଁ ଠାରୁ ବିଦ୍ୟାଳୟକୁ ଯିବା ପାଇଁ ପକ୍କା ରାସ୍ତା ଖଣ୍ଡେ ନିର୍ମାଣ ହୋଇପାରି ନାହିଁ। ବିଦ୍ୟାଳୟରେ ୨ କୋଠରୀ ରହିଛି। ଗୋଟିଏରେ ପ୍ରଥମରୁ ୩ୟ ଏବଂ ଅନ୍ୟ ଏକ କୋଠରୀରେ ୪ର୍ଥ ଓ ୫ମ ଶ୍ରେଣୀ ପିଲାଙ୍କୁ ପଢ଼ାଯାଉଛି। ତେବେ ସବୁଠାରୁ କୌତୁହ ବିଷୟ ହେଉଛି ୨୭ ଛାତ୍ରୀଛାତ୍ରଙ୍କ ପାଇଁ ୮ଟି ପାଇଖାନା ରହିଛି। ସେଥି ମଧ୍ୟରୁ ୬ ଟି ଅନୁପଯୋଗୀ। ବିଦ୍ୟାଳୟର ଯେଉଁ ନଳକୂଅ ଟିଏ ରହିଛି ପାଣି ବାହାରୁ ନାହିଁ। ସେଥି ପାଇଁ ଗାଁର ଏକ ନଳକୂଅରୁ ପାଣି ଆଣି ରୋଷେଇ କରିବାକୁ ପଡୁଛି। ଗାଁର ସ୍କୁଲ ଅବ୍ୟବସ୍ଥା ଦେଖି ଗ୍ରାମବାସୀ ପିଲାଙ୍କୁ ସହରକୁ ପଠାଉଥିବା ଜଣାପଡିଛି। ଗତ ବର୍ଷ ଅଙ୍ଗନୱାଡିକେନ୍ଦ୍ରରେ ୫ରୁ୬ବର୍ଷ ବୟସ ରେ ପ୍ରାକ୍ ଶିକ୍ଷାରେ ୬ ଜଣ ପିଲା ଥିବା ବେଳେ ସେଥି ମଧ୍ୟରୁ ୩ ଜଣ ପିଲା ଗାଁ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଛନ୍ତି। ଅନ୍ୟ ୩ ଜଣ ପିଲା ଅନ୍ୟତ୍ର ଘରୋଇ ବିଦ୍ୟାଳୟକୁ ଚାଲିଯାଇଥିବା ଜଣାପଡିଛି। ଏ ନେଇ ବିଇଓ ରମେଶ ରାୟଙ୍କୁ ପଚାରିବାରୁ ପିଲାଙ୍କୁ ଘରୁ ଡାକି ଆଣିବା ପାଇଁ ଶିକ୍ଷକମାନଙ୍କୁ କୁହାଯାଇଛି। ଅନ୍ୟ ଉନ୍ନୟନ କାମ ପଞ୍ଚାୟତ କରିବ ବୋଲି ସେ କହିଛନ୍ତି।

# ନନ୍ଦପୁରରେ ୪୭ ଅଭିଯୋଗ ଶୁଣିଲେ ଜିଲାପାଳ

ସୁନାବେଡା, ୧।୭ (କୃତ୍ତିବାସ ପ୍ରଧାନ)

ନିର୍ବାଚନ ଲାଗି ବନ୍ଦ ଥିବା ଜିଲାପାଳଙ୍କ ଜନ ଶୁଣାଣି ସୋମବାର ପୁନଃ ନନ୍ଦପୁର ବ୍ଲକରୁ ଆରମ୍ଭ ହୋଇଛି। କୋରାପୁଟ ଜିଲାପାଳ ଭି କୀର୍ତ୍ତି ଭାସନ ସମୁଦାୟ ୪୭ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ଗୁଡ଼ିକ ମଧ୍ୟରେ ପଞ୍ଚାୟତ, ବ୍ଲକ, ଆରଡି ଓ ପିଡବ୍ଲୁଡି ବିଭାଗର ରାସ୍ତାଗୁଡିକର ଦୂରବସ୍ଥା ଓ ନୂତନ ରାସ୍ତା ନିର୍ମାଣ, ଅସମ୍ପୂର୍ଣ୍ଣ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ, ମନରେଗା ଯୋଜନାରେ ଥିବା ଅସୁବିଧା, ପାନୀୟ ଜଳର ସମସ୍ୟା, ବିଗତ ଶିକ୍ଷାବର୍ଷରେ ନୈରାଶଜନକ ମାଟ୍ରିକ ଓ ଯୁକ୍ତ ଦୁଇ ଫଳାଫଳ, ନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦୁଇ ଛାତ୍ରୀ ନିବାସର ସୁରକ୍ଷା ନିମିତ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର କିମ୍ବା ଫାଟକ ମୁହଁ ଅଲଗା ପଟକୁ କରିବାକୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ପୂର୍ତ୍ତବିଭାଗ ଅଧିନରେ ଥାଇ ପାଡୁଆରୁ ଚାଟୁଆ ଦେଇ ଯାଇଥିବା ରାଜ୍ୟ ରାଜପଥରେ ସୃଷ୍ଟି ହେଉଥିବା କାଦୁଅମୟ ସ୍ଥିତି ହଟାଇବା, ଆବାସ ଗୃହ ଯୋଗାଣ, ନନ୍ଦପୁରରେ ସୃଷ୍ଟି ହେଉଥିବା ବିଦ୍ୟୁତ ବିଭ୍ରାଟ, ଜୀବନରୁ ମାରିଦେବାକୁ ଧମକ ପରେ ମହିଳା ଓ ଶିଶୁ ବିକାଶ ବିଭାଗ କର୍ମଚାରୀ ଭୟରେ ୩ ଦୁର୍ଗମ ପଞ୍ଚାୟତର ତଦାରଖ କାର୍ଯ୍ୟ କରିବାକୁ ଅକ୍ଷମ ହେବା, ୨୩ ପଞ୍ଚାୟତ ସରପଞ୍ଚ ମିଳିତ ହୋଇ ନାଗେଶ୍ୱରି ପାହାଡ ଓ ଗୁମ୍ଫାର ସୁରକ୍ଷା ନିମିତ୍ତ ଜୈବିକ ପର୍ଯ୍ୟଟନସ୍ଥଳୀ ଭାବେ ଗଢି ତୋଳିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ସମସ୍ତ ଅଭିଯୋଗର ବିଚାର କରି ଉପସ୍ଥିତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ତର୍ଜମା କରିବା ସହ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଲାପାଳ କୀର୍ତ୍ତି ଭାସନ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ପୋଲିସ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ, କୋରାପୁଟ ଉପଜିଲାପାଳ ବେଣୁଧର ଶବର, ଜିଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ସାହୁ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ରୋଗ ନିୟନ୍ତ୍ରଣ) ଡ ଶିବସାଇ ସ୍ୱରୂପ ପ୍ରମୁଖଙ୍କ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ତହସିଲଦାର ଅନାଦି ଚରଣ ସାହୁ, ଏସଡିପିଓ ସମ୍ବିତ କୁମାର ମାଝୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଦୁବରାଜ ମୁର୍ମୁ, ସିଡିପିଓ ମିନତି ବାଲା ପଟ୍ଟନାୟକ, ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ, କୃଷି, ଉଦ୍ୟାନ, ବନ ବିଭାଗ, ପ୍ରାଣୀଧନ ଗ୍ରାମ୍ୟ ଉନ୍ନୟନ, ସାମାଜିକ ସୁରକ୍ଷା, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

# ନୂଆ ଆଇନ କାର୍ଯ୍ୟକାରିତା ନେଇ ସଚେତନତା

କୋରାପୁଟ/ ସୁନାବେଡା/ସେମିଳିଗୁଡା/ ଦାମନଯୋଡ଼ି, ୧।୭(ଅମିତାଭ ବେହେରା/ କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼/ମାନସ ରଞ୍ଜନ କର)

କୋରାପୁଟ ଟାଉନ ଥାନା ଆମ ପୋଲିସ ସମିତି ପକ୍ଷରୁ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ୩ ଟି ଅପରାଧିକ ଆଇନ ଉପରେ ସହରବାସୀଙ୍କୁ ସଚେତନ କରାଇବା ନେଇ ଏକ ବୈଠକ କରାଯାଇଛି। କୋରାପୁଟ ଟାଉନ ଥାନା ଅଧିକାରୀ ପ୍ରମୋଦ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଶ୍ରାବଣୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ୩ ଅପରାଧିକ ଆଇନ ଉପରେ ସମସ୍ତେ ସଚେତନ କରିଥିଲେ। ବୈଠକରେ କୋରାପୁଟ ଓକିଲ ସଂଘ ଉପସଭାପତି ସଞ୍ଜୟ କୁମାର ଝା, ବରିଷ୍ଠ ଆଇନଜୀବୀ ଅଶୋକ ଷଡ଼ଙ୍ଗୀ, ମନୋଜ ଆଚାର୍ଯ୍ୟ, କିଶୋର ପଟ୍ଟନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ରହି ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବ୍ୟାପକ ସଚେତନତା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଏସ୍‌ଆଇ ରଞ୍ଜିତ ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ସେହିପରି ସେମିଳିଗୁଡା ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ନୂଆ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସୁନାବେଡ଼ା ଏସଡିପିଓ ମନୋବ୍ରତା ଶତପଥୀ, ସେମିଳିଗୁଡା ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରି, ସେମିଳିଗୁଡା ବାର୍ ଆସୋସିଏଶନ ସଭାପତି କୃତ୍ତିବାସ ରାଉତ ଓ ଥାନା ଏସଆଇ ବାବାଜୀ ଚରଣ କହଁର ଯୋଗ ଦେଇଥିଲେ। ସେମିଳିଗୁଡା ଓକିଲ ସଂଘ କର୍ମକର୍ତ୍ତା, ଆଇନଜୀବୀ, ବଣିକ ସଂଘ ସଦସ୍ୟ ଓ ଖବରଦାତାଙ୍କ ଉପସ୍ଥିତିରେ ପୂର୍ବ ଆଇନ ଏବଂ ବର୍ତ୍ତମାନର ଆଇନ ମଧ୍ୟରେ ରହିଥିବା ତଫାତ ସମ୍ପର୍କରେ ଆଲୋଚନା ହୋଇଥିଲା ।

ସେହିଭଳି ଦାମନଯୋଡି ଥାନାଧିକାରୀ ପ୍ରମିଳା ବିଡିକାଙ୍କ ସଭାପତିତ୍ୱରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ନୂଆ ଅପରାଧିକ ଆଇନ ସମ୍ପର୍କରେ ଥାନାଧିକାରୀ ଓ ସବଇନ୍ସପେକ୍ଟର ଦିପକ କୁମାର ପଣ୍ଡା ଲୋକଙ୍କୁ ଅବଗତ କରିଥିଲେ। ଏଏସ୍‌ଆଇ ଗୋଲାପ ସ୍ୱାଇଁଙ୍କ ସମେତ ପୋଲିସ କର୍ମଚାରୀ, ଦାମନଯୋଡ଼ି, ମାଥାଲପୁଟ, ଭେଜାପୁଟ ଅଞ୍ଚଳବାସୀ, ବରିଷ୍ଠ ନାଗରିକ, ସୁରକ୍ଷା କର୍ମଚାରୀ, ଆଇନଜୀବୀ ଓ ଖବରଦାତା ଉପସ୍ଥିତ ଥିଲେ।

# ବନ ମହୋତ୍ସବ ସପ୍ତାହର ପ୍ରଥମ ଦିନରେ ଚାରାରୋପଣ

ଜୟପୁର, ୧।୭(ପବନ ପାଣିଗ୍ରାହୀ)

ଜିଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଅବସରରେ ଡିଏଲ୍‌ଏସ୍‌ଏ ଅଧକ୍ଷ ତଥା ଜିଲା ଜଜ୍ ଜୟପୁର ସତ୍ୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜୟପୁର ଜିଲା ବିଚାରାଳୟ ପରିସରରେ ଚାରା ରୋପଣ କରାଯାଇଛି। ଏଥିରେ ଭିଜିଲାନ୍ସ ଜଜ୍ ରାଜେଶ୍ ଏକ୍କା, ଅତିରିକ୍ତ ଜିଲା ଜଜ୍ ବିଦ୍ୟାଧର ପୃଷ୍ଟି, ରେଜିଷ୍ଟ୍ରାର ଜୟପୁର ସିଭିଲ କୋର୍ଟ ବିଷ୍ଣୁ ପ୍ରସାଦ ଦେବତା, ଡିଏଲ୍‌ଏସ୍‌ଏ ସଚିବ ସୁମନ ଜେନା, ଜୟପୁର ମହିଳା କୋର୍ଟ ଜଜ୍ ଅଲକା ନନ୍ଦ ମହାନ୍ତି, ଏସ୍‌ଡିଜେଏମ୍ ସନ୍ତୋଷ ବାରିକ, ଜେଏମ୍‌ଏଫ୍‌ସି ଅନିମେଶ ଜେନା, ଡିଭିସନାଲ ଫରେଷ୍ଟ ରେଞ୍ଜ ଜୟପୁର ସଚ୍ଚିଦାନନ୍ଦ ପରିଡ଼ା ଏବଂ ପ୍ୟାନେଲ ଆଇନଜୀବୀ ଜିଲା କୋର୍ଟ କର୍ମଚାରୀ, ଡିଏଲ୍‌ଏସ୍‌ଏ କର୍ମଚାରୀ ଡିଭିସାନଲ ଫରେଷ୍ଟ ଅଫିସର କର୍ମଚାରୀ ଚାରା ରୋପଣ କରିଛନ୍ତି।

# ନୂତନ ଆଇନକୁ ନେଇ ସଚେତନ କଲା ପୋଲିସ

ପଟ୍ଟାଙ୍ଗି, ୧।୭(ଶରତ ଧଳ)

ନୂତନ ଆଇନକୁ କିପରି ଗ୍ରାମାଞ୍ଚଳ ଲୋକେ ଗ୍ରହଣ କରି ସଜାଗ ହୋଇପାରିବେ ଏହାକୁ ଦୃଷ୍ଟିରେ ରଖି ପଟ୍ଟାଙ୍ଗି ପୋଲିସ ସ୍ଥାନୀୟ ଥାନାରେ ନୂତନ ଆପରାଧିକ ଆଇନକୁ ନେଇ ଏକ ସଚେତନତା ବୈଠକ ସୋମବାର କରାଯାଇଥିଲା।

କୋଡ୍ ଅଫ କ୍ରିମିନାଲ ପ୍ରୋସିଜିଓର୍ ୧୯୭୩ ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଇଣ୍ଡିଆନ ପେନାଲ କୋଡ୍ ବଦଳରେ ଭାରତୀୟ ନ୍ୟାୟ ସଂହିତା ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ବଦଳରେ ଭାରତୀୟ ସାକ୍ଷ୍ୟ ଅଧିନିୟମ ଲାଗୁ ହୋଇଥିଲା। ବର୍ତ୍ତମାନ ନୂତନ ଆଇନକୁ ଦୃଷ୍ଟିରେ ରଖି ସ୍ଥାନୀୟ ଥାନାଧିକାରୀ ଚତୁର୍ଭୁଜ ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଥିଲା। ଯେଉଁଥିରେ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟା, ଲଇଚନ ଖରା, ଆଲମେ ଫୁଲ ପୁଜାଲି, ତ୍ରିପତି ସାରା, ସୋମନାଥ ଗୁଣ୍ଡା ପ୍ରମୁଖଙ୍କୁ ନୂତନ ଆଇନ ସମ୍ପର୍କରେ ବୁଝାଇଥିଲେ। ନାଗରିକ ସୁରକ୍ଷା ସଂହିତା ଯାହାକି ପୋଲିସ କେଉଁ ଦିଗକୁ ଲକ୍ଷ୍ୟ ରଖି ଆସିଥିବା ଅଭିଯୋଗର ତଦନ୍ତ କରିବ ଏହା ଏକ ନୂତନ ଆଇନରେ ସ୍ଥାନ ପାଇବା ସହ ଭାରତୀୟ ନ୍ୟାୟ ସଂହିତା ଯଥା ଆସିଥିବା ମାମଲାର ତଦନ୍ତ ପରେ ହେବାକୁ ଥିବା ବିଭିନ୍ନ ଦଫା ଭାରତୀୟ ସାକ୍ଷ୍ୟ ଅଧିନିୟମ ଯାହାକି ଆସିଥିବା ଅଭିଯୋଗର ପ୍ରମାଣ ସଂଗ୍ରହ କରିବାକୁ ପଡିବ ବୋଲି କହିଥିଲେ।

ଏହିପରି ତିନୋଟି ନୂତନ ନିୟମ ଆସିବା ସହ ଯେଉଁମାନେ ଥାନାରେ ନ ପହଞ୍ଚି ଅନ୍‌ଲାଇନରେ ଲିଖିତ ଅଭିଯୋଗ କରୁଛନ୍ତି, ଉକ୍ତ ଅଭିଯୋଗର ତିନିଦିନ ମଧ୍ୟରେ ଅଭିଯୋଗକାରୀ ପୋଲିସ ନିକଟରେ ପହଞ୍ଚି ଅନ୍‌ଲାଇନ୍‌ରେ ଦେଇଥିବା ଲିଖିତ ଅଭିଯୋଗର ସମସ୍ତ ତଥ୍ୟ ପ୍ରଦାନ କରି ପୋଲିସକୁ ସହଯୋଗ କରିବା ନିୟମ ରହିଛି। କିନ୍ତୁ ଅନ୍‌ଲାଇନ୍ ଯୋଗେ କରିଥିବା ଅଭିଯୋଗ ସମ୍ପର୍କିତ ଅଭିଯୋଗକାରୀ ୩ ଦିନ ପରେ ପୋଲିସ ନିକଟରେ ପହଞ୍ଚିଲେ କରିଥିବା ଅଭିଯୋଗ ଆଉ କୌଣସି କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ଜନସାଧାରଣ ଓ ଲୋକ ପ୍ରତିନିଧିମାନଙ୍କୁ ଥାନାଧିକାରୀ ନାୟକ ବୁଝାଇଥିଲେ। ଉକ୍ତ ବୈଠକରେ ଏସ୍‌ଆଇ କୁଞ୍ଜଲତା ବେହେରା, ଏସ୍‌ଆଇ ପ୍ରଦୀପ୍ତ କୁମାର ମହାପାତ୍ର, ଏଏସ୍‌ଆଇ ମାନସ ରଞ୍ଜନ ସେଠୀ, ଏଏସ୍‌ଆଇ ସରୋଜ କୁମାର ସାମଲ ଓ ଏଏସ୍‌ଆଇ ମାଧବ ତାଡିଙ୍ଗି ପ୍ରମୁଖଙ୍କ ସହ ଥାନାର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।


ଥାନାରେ ନୂତନ ଆଇନ ସଚେତନତା ସମ୍ପର୍କରେ ବୁଝାଯାଉଛି।

# ପଞ୍ଚପଟ୍ଟମାଳି ଖଣି ରାସ୍ତା ଅବରୋଧକଲେ ଲୋକେ

ଲକ୍ଷ୍ମୀପୁର, ୧।୭ (ଅନନ୍ତ ନାୟକ)


ନାଲ୍‌କୋ ଖଣି ଅଞ୍ଚଳ ପାରିପାର୍ଶ୍ୱିକ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ନାଲ୍‌କୋ ପଞ୍ଚପଟ୍ଟମାଳି ଖଣି ଅଞ୍ଚଳକୁ ଗଡ଼ତିଛକ ନିକଟରେ ରାସ୍ତା ଅବରୋଧକରି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଖଣି ଅଞ୍ଚଳର ପାରିପାର୍ଶ୍ୱିକ ଗ୍ରାମବାସୀ। ଉପର ଗଡ଼ତି, ମୁଣ୍ଡ ଗୋଡ଼ତି, ତଳ ଗଡ଼ତି, ଜାମପୁଟ, କିରା ଝୋଲା, କୁଡୁଡ଼ି, ରଙ୍ଗପାଣି ଗ୍ରାମର ଶତାଧିକ ମହିଳା ପୁରୁଷ ସୋମବାର ସକାଳ ପ୍ରାୟ ୬ଟାରେ ଏ' ଶିଫ୍ଟରେ ଯାଉଥିବା କର୍ମଚାରୀଙ୍କ ବସ୍ ଏବଂ ଯାନବାହନକୁ ଅଟକାଇ ରଖିଥିଲେ। ରାସ୍ତା ଅବରୋଧ ଯୋଗୁ ଖଣି ଅଞ୍ଚଳ ଏ ଓ ବି ୨ ଶିଫ୍ଟରେ କାର୍ଯ୍ୟ ପ୍ରଭାବିତ ହୋଇଛି । ପରେ ନାଲ୍‌କୋ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇ ବୁଝାଶୁଝା କରିବା ପରେ ଗ୍ରାମବାସୀ ରାସ୍ତାରୋକୋରୁ ହଟିଥିଲେ ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନାଲକୋ ଫାଉଣ୍ଡେସନ ତରଫରୁ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ବାର୍ଷିକ ଛାତ୍ରବୃତ୍ତି ଭାବେ ୩୦ ହଜାର ଅର୍ଥରାଶି ଦିଆଯାଉଥିଲା। କିନ୍ତୁ ତାହା ଚଳିତ ବର୍ଷ ନାଲ୍‌କୋ ବନ୍ଦକରି ଦେଇଛନ୍ତି। ସେହିପର ଉକ୍ତ ଗ୍ରାମଗୁଡିକର ଛାତ୍ରୀଛାତ୍ର ନାଲ୍‌କୋ କର୍ମଚାରୀ ବସ୍‌ରେ ସ୍କୁଲକୁ ଯିବାଆସିବା କରୁଥିଲେ। ବର୍ତ୍ତମାନ ନାଲ୍‌କୋ କର୍ତ୍ତୃପକ୍ଷ ବସ୍ ସେବା ମଧ ବନ୍ଦ କରିଦେଇଛନ୍ତି। ଏହାର ପ୍ରତିବାଦରେ କମ୍ପାନୀ ପାରିପାର୍ଶ୍ୱିକ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବା ସହ ନାଲ୍‌କୋ କର୍ତ୍ତୃପକ୍ଷ ତୁରନ୍ତ ଛାତ୍ରବୃତ୍ତି ଏବଂ ବସ୍‌ସେବା ଯୋଗାଇଦେବାକୁ ଦାବିକରିଥିଲେ। ନାଲ୍‌କୋ କର୍ତ୍ତୃପକ୍ଷ ଜିଏମ୍ (ଏଚ୍ ଆଣ୍ଡ ଏ) ସୁନୀଲ କୁମାର ମହାପାତ୍ର, ଏଚ୍‌ଆର୍‌ଡି (ଆସିଷ୍ଟାଣ୍ଟ) ମ୍ୟାନେଜର ଜେରେମ ଖେସ୍, ଏଚ୍‌ଆର ଡି (ଡେପୁଟି ମ୍ୟାନେଜର) ପ୍ରବୀଣ ମିଶାଲ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ସେମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ କାକିରିଗୁମ୍ମା ଥାନା ଅଧିକାରୀ ଡମ୍ବରୁଧର ବାତ୍ରିଆଙ୍କ ଦ୍ୱାରା ଫୋର୍ସ ମୁତୟନ କରାଯାଇଥିଲା।

# କେଉଁଠି ନଇଁଲେ, କେଉଁଠି ସିଧା

ନୂଆଦିଲ୍ଲୀ,୧୭ (ପି.ଟି.)



ଲୋକ ସଭାରେ ସୋମବାର ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଲୋଚନା ବେଳେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ବାଚସ୍ପତି ଓମ୍ ବିର୍ଲାଙ୍କୁ ଘେରିବା ଦେଖିବାକୁ ମିଳିଛି। ରାହୁଲ ବାଚସ୍ପତିଙ୍କୁ ପ୍ରଶ୍ନ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ହାତ ମିଳାଇଲା ବେଳେ ଆପଣ କାହିଁକି ମୁଣ୍ଡ ନୁଆଁଉଛନ୍ତି। ଗତ ୨୬ ତାରିଖରେ ବାଚସ୍ପତି ଭାବେ ଓମ୍ ବିର୍ଲା ପୁନଃ ନିର୍ବାଚିତ ହେବା ପରେ ଗୃହର ପରମ୍ପରା ଅନୁଯାୟୀ ମୋଦି ଏବଂ ରାହୁଲ ତାଙ୍କୁ ତାଙ୍କ ପୋଡିୟମ୍‌କୁ ପାଛୋଟି ନେଇଥିଲେ। ହେଲେ ଏହି ସମୟରେ ଲକ୍ଷ୍ୟ କରିଥିବା ଗୋଟିଏ କଥା ସମ୍ପର୍କରେ ରାହୁଲ ଗୃହରେ କହିଛନ୍ତି ଯେ, ତାଙ୍କ ସହ ହାତ ମିଳାଇବାବେଳେ ବାଚସ୍ପତି ସିଧା ରହିଥିଲେ, କିନ୍ତୁ ମୋଦିଙ୍କ କ୍ଷେତ୍ରରେ ସେ ନତମସ୍ତକ ହୋଇଯାଇଥିଲେ।

ରାହୁଲଙ୍କ ଏଭଳି ମନ୍ତବ୍ୟ ପରେ ବିରୋଧୀ ଦଳ ସଦସ୍ୟମାନେ ହସି ହସି କରତାଳି ଦେଇଥିବାବେଳେ ଭାଜପା ଏମ୍‌ପିମାନେ ପାଟିତୁଣ୍ଡ କରି ଆପତ୍ତି ଉଠାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ହସ୍ତକ୍ଷେପ କରି କହିଛନ୍ତି, ଏହା ଉକ୍ତ ପଦବୀ ବିରୋଧରେ ଅଭିଯୋଗ। ରାହୁଲଙ୍କ ମନ୍ତବ୍ୟ ସମ୍ପର୍କରେ ବାଚସ୍ପତି କହିଛନ୍ତି ଯେ, 'ମୋଠାରୁ ବୟସ୍କଙ୍କ ଆଗରେ ନତମସ୍ତକ ହେବା ମୋ ସଂସ୍କୃତି। ଦରକାର ପଡ଼ିଲେ ସେମାନଙ୍କ ପାଦ ଛୁଇଁବି। ପ୍ରଧାନମନ୍ତ୍ରୀ ହେଉଛନ୍ତି ଗୃହର ନେତା। ମୋ ସଂସ୍କୃତି ଏବଂ ପରମ୍ପରା ଏହା ଶିକ୍ଷା ଦେଉଛି ଯେ, ବୟସ୍କଙ୍କ ଆଗରେ ନଇଁକି ସମ୍ମାନ ଜଣାଇବା ଏବଂ ସମାସ୍କନ୍ଦ ଓ କମ୍ ବୟସ୍କଙ୍କୁ ସେହି ଅନୁଯାୟୀ ବ୍ୟବହାର କରିବା।' ବାଚସ୍ପତିଙ୍କ ଏହି ଉତ୍ତରରେ ରାହୁଲ ଏକମତ ହୋଇ ନ ପାରି କହିଛନ୍ତି ଯେ, ଆପଣଙ୍କ ମତକୁ ସମ୍ମାନ ଜଣାଉଛି, କିନ୍ତୁ ଗୃହରେ ବାଚସ୍ପତିଙ୍କଠାରୁ କେହି ବଡ଼ ନୁହନ୍ତି। ଏଠାରେ ବୟସ ନୁହେଁ, ପଦବୀ ଗୁରୁତ୍ୱପୂର୍ଣ୍ଣ। ବାଚସ୍ପତିଙ୍କ ଆଗରେ ସମସ୍ତେ ନତମସ୍ତକ ହେବା ଉଚିତ୍, ଓଲଟା ସେ ନିଜେ ହେବା ଅନୁଚିତ। ବାଚସ୍ପତି ହେଉଛନ୍ତି ତତ୍ତ୍ୱାବଧାରକ, ସେ ଗୃହରେ ନିରପେକ୍ଷ ହେବା ଉଚିତ ବୋଲି ରାହୁଲ କହିଛନ୍ତି।

ସୂଚନାଥାଉ କି, ଗତ ୨୬ ତାରିଖରେ ବାଚସ୍ପତି ଭାବେ ନିର୍ବାଚିତ ହେବା ପରେ ଓମ୍ ବିର୍ଲା ପ୍ରଥମ ପଦକ୍ଷେପ ଭାବେ ୧୯୭୫ ମସିହା ଜୁନ୍ ୨୫ ତାରିଖ ମଧ୍ୟରାତ୍ରିରେ ଲାଗୁ ହୋଇଥିବା ଜରୁରିକାଳୀନ ପରିସ୍ଥିତି ସମ୍ପର୍କରେ ନିନ୍ଦା ପ୍ରସ୍ତାବ ଆଣିଥିଲେ। ଏହାକୁ ରାହୁଲ ରାଜନୈତିକ ପଦକ୍ଷେପ ବୋଲି କହିବା ସହ ବାଚସ୍ପତିଙ୍କୁ ତାଙ୍କ ଚ୍ୟାମ୍ବରରେ ଭେଟି ଆପତ୍ତି ଉଠାଇଥିଲେ। ଏହାପରେ ରାହୁଲ ସୋମବାର ଗୃହରେ ବାଚସ୍ପତିଙ୍କୁ ନତମସ୍ତକ ପ୍ରସଙ୍ଗରେ ଘେରିଛନ୍ତି।

## ଭାଜପା ପ୍ରତିଶ୍ରୁତି ପାଳନ କରୁ: ବିଜେଡି

ଭୁବନେଶ୍ୱର,୧୭(ଅନିଲ ଦାସ)

### ୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରସଙ୍ଗ

ରାଜ୍ୟରେ କ୍ଷମତାକୁ ଆସିବା ପରେ ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣକୁ ପ୍ରାଥମିକତା ଦିଆଯିବ ବୋଲି ଭାଜପା ସରକାର ସ୍ପଷ୍ଟ କରିଛନ୍ତି। ଯାହାକୁ ନେଇ ସୋମବାର ବିଜେଡି ପ୍ରତିକ୍ରିୟା ରଖିଛି। ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି, ଆଜି ହେଉଛି ଜୁଲାଇ ୧ ତାରିଖ। ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ବିଜେଡି କହିଥିଲା ଜୁଲାଇରୁ ବିଜୁଳି ବିଲ୍ ଦେବାକୁ ପଡିବନି। ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଦିଆଯିବ। ତେବେ ନିର୍ବାଚନ ପ୍ରଚାର ସମୟରେ ଭାଜପା ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଭାଜପା ଦେଇଥିବା ପ୍ରତିଶ୍ରୁତି ପାଳନ କରୁ ବୋଲି ପ୍ରତାପ ଦେବ କହିଛନ୍ତି। ଭାଜପା କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ନିର୍ବାଚନୀ ପ୍ରତିଶ୍ରୁତିକୁ ଆଗ ପାଳନ କରାଯିବ ବୋଲି କହୁଛନ୍ତି। ସେହି ଆଧାରରେ ଗତ ୫ ତାରିଖରୁ ଏପର୍ଯ୍ୟନ୍ତ ମାଗଣା ବିଜୁଳି ନେଇ କେହି ମୁହଁ ଖୋଲିନାହାନ୍ତି। କିନ୍ତୁ ସରକାରଙ୍କୁ ବିଜେଡି ଏ ବାବଦରେ ମନେପକାଇ ଦେଉଛି। ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତି ଯେପରି ପାଣିର ଗାର ପାଲଟି ନ ଯାଉ ବୋଲି ପ୍ରତାପ କହିଛନ୍ତି। ଏଥିସହ ସେ କହିଛନ୍ତି, ଆମ ଓଡ଼ିଶା ନବୀନ ଓଡ଼ିଶା ରାଜ୍ୟ ସରକାରଙ୍କ ଅନୁମୋଦିତ ସ୍କିମ୍। ତାକୁ ବନ୍ଦ କରିବାର ଆବଶ୍ୟକତା ନାହିଁ। ଏହା ଲୋକାଭିମୁଖୀ ଯୋଜନା। ନୂଆ ସରକାର ଏ ବାବଦରେ ଟିପ୍ପଣୀ ଦେଇନାହାନ୍ତି। ଭବିଷ୍ୟତରେ କ'ଣ ହେବ ତାହା ସରକାରଙ୍କ ନିଷ୍ପତ୍ତି ବୋଲି ପ୍ରତାପ ଦେବ କହିଛନ୍ତି।

## ବିକାଶମୂଳକ କାର୍ଯ୍ୟ ଆଗେଇ ନେବାକୁ ପ୍ରତିଶ୍ରୁତିବଦ୍ଧ: ମନ୍ତ୍ରୀ ସମ୍ପଦ ସ୍ୱାଇଁ

### ଜଗତ୍‌ସିଂହପୁର ଜିଲା ବିକାଶ ପରିଷଦର ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର,୧୭(ଶର୍ମିଷ୍ଠା ପାଣିଗ୍ରାହୀ)



ଜଗତ୍‌ସିଂହପୁର ଜିଲା ବିକାଶ ପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଆୟୋଜିତ ସମ୍ବର୍ଦ୍ଧନା ସଭା।

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଜଗତ୍‌ସିଂହପୁର ଜିଲା ବିକାଶ ପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ନାଉଗାଁ ଗୋଠଦା ମଠର ମହନ୍ତ ମହାରାଜ ଚିନ୍ତାମଣି ପର୍ବତ ଗୋସ୍ୱାମୀ ଯୋଗଦେଇ ଜଗତ୍‌ସିଂହପୁର ଜିଲାର ନବନିର୍ବାଚିତ ଏମ୍‌ପି ଏବଂ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ଭାବେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ, ଜିଲାର ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଜିଲାବାସୀଙ୍କ ସହଯୋଗ ରହିଲେ ଜଗତ୍‌ସିଂହପୁର ଆଗାମୀ ଦିନରେ ରାଜ୍ୟର ଏକ ନମ୍ବର ଜିଲା ଭାବେ ପରିଗଣିତ ହେବ। ଏହି ଅବସରରେ ଜଗତସିଂହପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ସମେତ ୧୭ଟି ଜନହିତକର ପ୍ରସ୍ତାବ ସମ୍ବଳିତ ପତ୍ର ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀ ଏବଂ ଏମ୍‌ପିଙ୍କୁ ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ଅବସରରେ ନବନିର୍ବାଚିତ ଏମ୍‌ପି ବିଭୁପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ, ଶାରଦା ପ୍ରସନ୍ନ ଜେନା ଓ ରମାକାନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଉପଦେଷ୍ଟା ଡ. କମଳା ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଡ. ସୌଭାଗ୍ୟ ରାଉତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରିଷଦ ମୁଖ୍ୟ ସଂଯୋଜକ ସୂର୍ଯ୍ୟ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ଉପଦେଷ୍ଟା ମୀନକେତନ ଦାସ ଉପସ୍ଥିତ ଥିଲେ। ଶେଷରେ ସୂର୍ଯ୍ୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟକୁ ଉନ୍ନୀତ କରିବା ଲାଗି କେନ୍ଦୁଝର ଏମ୍‌ପିଙ୍କ ଦାବି

କେନ୍ଦୁଝର,୧୭(ନରେଶ ଚନ୍ଦ୍ର ପଟ୍ଟନାୟକ)


କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରୁଛନ୍ତି।

କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଏବଂ ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସୋମବାର ଭେଟିଛନ୍ତି। ସାକ୍ଷାତ ଅବସରରେ କେନ୍ଦୁଝରର କେତେକ ଉଚ୍ଚ ବିଦ୍ୟାଳୟର ଅପଗ୍ରେଡେସନ ଓ ଅପଗ୍ରେଡ ହୋଇଥିବା ବିଦ୍ୟାଳୟଗୁଡ଼ିକରେ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବା ସମ୍ପର୍କରେ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ସେ ଏକ ପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ପତ୍ରରେ ଏମ୍‌ପି କେନ୍ଦୁଝର ଜିଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅପଗ୍ରେଡ୍ ହୋଇଥିବା ନରଣପୁର ସରକାରୀ (ଏସ୍‌ଏସ୍‌ଡି) ହାଇସ୍କୁଲ, ବସନ୍ତପୁର ସରକାରୀ (ଏସ୍‌ଏସ୍‌ଡି) ହାଇସ୍କୁଲ, ଅସନପାଟ ସରକାରୀ (ଏସ୍‌ଏସ୍‌ଡି) ବାଳିକା ହାଇସ୍କୁଲରେ ଚଳିତ ୨୦୨୪-୨୫ ଶିକ୍ଷାବର୍ଷରୁ ବିଜ୍ଞାନ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଅନୁରୋଧ କରିଛନ୍ତି। ସେହିପରି ସରକାରୀ (ଏସ୍‌ଏସ୍‌ଡି) ବାଳକ ହାଇସ୍କୁଲ ଶୁଆକାଠି, ସରକାରୀ (ଏସ୍‌ଏସ୍‌ଡି) ବାଳିକା ହାଇସ୍କୁଲ ଗୋନାସିକା, ସରକାରୀ (ଏସ୍‌ଏସ୍‌ଡି) ବାଳିକା ହାଇସ୍କୁଲ ଚିଲଦା, ସରକାରୀ(ଏସ୍‌ଏସ୍‌ଡି) ହାଇସ୍କୁଲ ବଳିବାରିଗାଁକୁ ହାୟର ସେକେଣ୍ଡାରୀ ସ୍କୁଲକୁ ଉନ୍ନୀତ କରିବାକୁ ମଧ୍ୟ ଉକ୍ତ ପତ୍ରରେ ଅନୁରୋଧ କରିଥିବା ଜଣାପଡ଼ିଛି।



ନୂତନ ଆପରାଧିକ ଆଇନ କାର୍ଯ୍ୟକାରୀ କରିବା ପ୍ରକ୍ରିୟାକୁ ସ୍ଥଗିତ ରଖିବା ଓ ପାର୍ଲାମେଣ୍ଟ ସମେତ ଦେଶବ୍ୟାପୀ ବିତର୍କ ଦାବିରେ ସିପିଆଇ (ଏମ୍-ଏଲ୍) ଲିବରେଶନ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ।

## ଏମ୍‌କେସିଜିରେ ହେବ ବର୍ନ କେୟାର୍ ୟୁନିଟ୍: ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ


ବ୍ରହ୍ମପୁର,୧୭ (ସୁବାସ ଚନ୍ଦ୍ର ପାଢ଼ୀ)


ସମୀକ୍ଷା ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ଅନ୍ୟମାନେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୋମବାର ବ୍ରହ୍ମପୁର ଗସ୍ତରେ ଆସି ଏମ୍‌କେସିଜି ମେଡିକାଲରେ ସ୍ୱାସ୍ଥ୍ୟସେବା ଉପରେ ସମୀକ୍ଷା କରିଛନ୍ତି। ମଧ୍ୟାହ୍ନରେ ସେ ମେଡିକାଲରେ ପହଞ୍ଚି ପ୍ରଥମେ ସୁପର ସ୍ପେଶାଲିଟି କୋଠାକୁ ଯାଇଥିଲେ। ସେଠାରେ ନେଫ୍ରୋଲୋଜି ବିଭାଗରେ ଡାଏଲିସିସ୍ ପାଇଁ ଥିବା ରୋଗୀଙ୍କ ସହିତ ଠିକ୍ ଭାବେ ସେବା ମିଳୁଛି କି ନାହିଁ ପଚାରି ବୁଝିଥିଲେ। ଏହାପରେ ହୃଦ୍‌ରୋଗ ବିଭାଗରେ ସ୍ୱାସ୍ଥ୍ୟସେବା ସମ୍ପର୍କରେ ବିଭାଗୀୟ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ସେଠାରୁ ମନ୍ତ୍ରୀ କାଜୁଆଲ୍‌ଟିକୁ ଯାଇଥିବା ବେଳେ ବିଭିନ୍ନ ଅବ୍ୟବସ୍ଥା ଦେଖି ଡାକ୍ତରଙ୍କ ସହ କଥା ହୋଇଥିଲେ। ପରେ ମେଡିକାଲ କଲେଜ ପରିସରସ୍ଥ ଟେଲି ମେଡିସିନ ସେଣ୍ଟରରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟସେବାରେ କିପରି ଉନ୍ନତି ଅଣାଯାଇ ପାରିବ ଓ ମେଡିକାଲରେ ଖାଲି ପଡିଥିବା ଡାକ୍ତର, ନର୍ସ, ଟେକ୍ନିସିଆନ ପଦବୀ ପୂରଣ ସହିତ ଶଯ୍ୟା ସଂଖ୍ୟା ବୃଦ୍ଧି ନିମନ୍ତେ ଆଲୋଚନା ହୋଇଥିଲା। କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। କାଜୁଆଲ୍‌ଟିରେ ରୋଗୀ ଯେଭଳି ଠିକ୍ ସମୟରେ ଚିକିତ୍ସାସେବା ପାଇବେ ସେ ଦିଗରେ ଦୃଷ୍ଟି ଦେବାକୁ କହିଥିଲେ। ରୋଗୀସେବାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦେବେ ବୋଲି କହିଥିଲେ। ଏହି ଅବସରରେ ମନ୍ତ୍ରୀ ଖବରଦାତାଙ୍କୁ କହିଥିଲେ ଯେ, ସାଧାରଣ ଲୋକେ କେମିତି ଠିକ ସମୟରେ ସ୍ୱାସ୍ଥ୍ୟସେବା ପାଇବେ ସେ ଦିଗରେ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଲୋକଙ୍କ ହିତ ପାଇଁ କାମ କରାଯାଉଛି। ଦୀର୍ଘଦିନର ଦାବି ଏମ୍‌କେସିଜି ମେଡିକାଲ ପରିସରରେ ବର୍ନ କେୟାର୍ ୟୁନିଟ ପ୍ରତିଷ୍ଠା ଦିଗରେ ସରକାର ସଚେତନ ଅଛନ୍ତି। ବର୍ନ କେୟାର୍ ୟୁନିଟ ସମ୍ପର୍କରେ ସମୀକ୍ଷା ବୈଠକରେ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ଏହା ଆରମ୍ଭ ହେବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ ସୂଚନା ଦେଇଛନ୍ତି। କାଜୁଆଲ୍‌ଟିରେ ଥିବା ସମସ୍ୟା ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ସାରା ରାଜ୍ୟରେ ଡାକ୍ତର ସମସ୍ୟା ଲାଗି ରହିଛି। ଏ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଖାଲିପଡିଥିବା ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯିବ। ଯେଉଁ ଡାକ୍ତର ଦାୟିତ୍ୱରେ ଅବହେଳା କରିବେ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡା. ସୁଚିତ୍ରା ଦାଶ, ଉପାଧ୍ୟକ୍ଷ ପ୍ରଫେସର ଡା. ନରେନ୍ଦ୍ର ବେହେରା, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ସମେତ ବିଭାଗୀୟ ପ୍ରଫେସର ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟ ଖବର


ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟୁଛନ୍ତି ନବ ନିଯୁକ୍ତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥିଭବନଠାରେ ସାକ୍ଷାତ କରୁଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା।

## ରତ୍ନଭଣ୍ଡାର ତୁରନ୍ତ ମରାମତି ନେଇ ଆଲୋଚନା

ଭୁବନେଶ୍ୱର,୧୭(ଶର୍ମିଷ୍ଠା ପାଣିଗ୍ରାହୀ)

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସୁଦର୍ଶନ ପଟ୍ଟନାୟକ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୋମବାର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ରାଜ୍ୟ ଅତିଥି ଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରତ୍ନଭଣ୍ଡାରର ମରାମତି ଓ ରକ୍ଷଣାବେକ୍ଷଣ ତୁରନ୍ତ କରିବାକୁ ସେ ଆଲୋଚନା କରିବା ସହ ଏ ସଂକ୍ରାନ୍ତ ଏକ ପତ୍ର ପ୍ରଦାନ କରିଛନ୍ତି। ସୁଦର୍ଶନ କହିଛନ୍ତି, ୨୦୧୮ ମସିହାରେ ଯେଉଁ ରିପୋର୍ଟ ପ୍ରକାଶ ପାଇଥିଲା, ସେହି ଆଧାରରେ ତୁରନ୍ତ ରତ୍ନଭଣ୍ଡାର କାମ ଆରମ୍ଭ କରିଦେବା କଥା। ଦୀର୍ଘ ୬ବର୍ଷ ଧରି ଏ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ୨୦୨୩ ରିପୋର୍ଟରେ ମଧ୍ୟ ସ୍ଥିତି ଠିକ୍ ନ ଥିବା ଜଣାପଡ଼ିଥିଲା। ତେଣୁ ବିଳମ୍ବ ନ କରି କିଭଳି ପ୍ରାଥମିକ ସ୍ତରରେ ଏଏସ୍‌ଆଇ ଏହାର ମରାମତି କାମ ଆରମ୍ଭ କରିବ ସେ ନେଇ ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏଥିସହ ବର୍ଷା ହେବା ପୂର୍ବରୁ କାମ ଆରମ୍ଭ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ଶ୍ରଦ୍ଧାଳୁଙ୍କ ଦୀର୍ଘଦିନର ଦାବିକୁ ଲକ୍ଷ୍ୟରେ ରଖି ସରକାର ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସରକାର ରତ୍ନଭଣ୍ଡାର ପ୍ରସଙ୍ଗରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ କାମ ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସୁଦର୍ଶନ ସୂଚନା ଦେଇଛନ୍ତି।

**ଜୁଲାଇରେ ୧୨ ଦିନ ବ୍ୟାଙ୍କ ବନ୍ଦ**

**ନୂଆଦିଲ୍ଲୀ:** ପ୍ରତି ମାସ ଭଳି ଚଳିତ ମାସ ମଧ୍ୟ ଭାରତୀୟ ରିଜର୍ଭ ବ୍ୟାଙ୍କ (ରିଜର୍ଭ ବ୍ୟାଙ୍କ୍ ଅଫ ଇଣ୍ଡିଆ ବା ଆର୍‌ବିଆଇ)ର ବ୍ୟାଙ୍କ ଛୁଟି କ୍ୟାଲେଣ୍ଡର ପ୍ରକାଶ ପାଇଛି। ଏହି କ୍ୟାଲେଣ୍ଡରର ସୂଚନା ଅନୁଯାୟୀ ୨୦୨୪ ଜୁଲାଇରେ ମୋଟ ୧୨ ଦିନ ବ୍ୟାଙ୍କ ବନ୍ଦ ରହିବ। ଏହି ଛୁଟି ସର୍ବଭାରତୀୟସ୍ତରରେ ପଡୁଥିବା ତଥା ବିଭିନ୍ନ ରାଜ୍ୟର ପ୍ରମୁଖ ପର୍ବ ସହିତ ଜୁଲାଇରେ ମୋଟ ୪ଟି ରବିବାର ଏବଂ ୨ଟି ଶନିବାର (୨ୟ ଓ ୪ର୍ଥ ଶନିବାର) ପଡୁଥିବାବେଳେ ଅନ୍ୟ ଦିବସଗୁଡ଼ିକ ପର୍ବପର୍ବାଣି ପାଇଁ ଛୁଟି ରହିବ ବୋଲି ଆର୍‌ବିଆଇ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଜୁନ୍‌ରେ ୧,୬୧,୪୯୭ କୋଟିର ଜିଏସ୍‌ଟି ସଂଗ୍ରହ

**ବାର୍ଷିକ ତୁଳନାରେ ୧୨% ଅଧିକ ଆଦାୟ**

ନୂଆଦିଲ୍ଲୀ,୧।୭: (ଅଭୟ ଦାଶ)




ଚଳିତ ଆର୍ଥିକ ବର୍ଷର ୩ୟ ମାସରେ ମଧ୍ୟ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ ଟ୍ୟାକ୍ସ ବା ଜିଏସ୍ଟି) ସଂଗ୍ରହ ହୋଇଛି ବୋଲି ସୋମବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ୩ୟ ମାସ ବା ଜୁନ୍‌ରେ ଦେଶର ଜିଏସ୍ଟି ସଂଗ୍ରହ ୧,୬୧,୪୯୭ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ଆଦାୟ କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧.୫୭ (୧,୫୭,୦୯୦) ଲକ୍ଷ କୋଟି ଟଙ୍କା ଟିକସ ଆଦାୟ ହୋଇଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ୩ୟ ମାସରେ ସଂଗୃହୀତ ଟିକସ ପରିମାଣଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ଟିକସ ପରିମାଣ ୧୨% ଅଧିକ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

ସେହିଭଳି ୨୦୨୪ ଜୁନ୍‌ରେ ସଂଗୃହୀତ ମୋଟ୍ ଜିଏସ୍ଟି ରାଜସ୍ୱ ୧,୬୧,୪୯୭ କୋଟି ଟଙ୍କା ସଂଗ୍ରହ ହୋଇଥିଲାବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍ଟି) ୩୧,୦୧୩ କୋଟି ଟଙ୍କା ଏବଂ ରାଜ୍ୟ ଜିଏସ୍ଟି (ଏସ୍‌ଜିଏସ୍‌ଟି) ୩୮,୨୯୨ କୋଟି ଟଙ୍କା ସାମିଲ ରହିଛି। ସେହିପରି ଆଇଜିଏସ୍ଟି ବାବଦରେ ୮୦,୨୯୨ କୋଟି (ସାମଗ୍ରୀ ଆମଦାନୀ ବାବଦରେ ୩୯,୦୩୫ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୧,୯୦୦ କୋଟି (ସାମଗ୍ରୀ ଆମଦାନୀ ଉପରେ ୧୦୨୮ କୋଟି ଟଙ୍କା ସାମିଲ) ଟଙ୍କାର ରାଜସ୍ୱ ଟିକସ ଆକାରରେ ଆଦାୟ କରାଯାଇଛି। ଅପରପକ୍ଷରେ କେନ୍ଦ୍ର ସରକାର ସିଜିଏସ୍ଟି ବାବଦରେ ୩୬,୨୨୪ କୋଟି ଟଙ୍କା ଏବଂ ଆଇଜିଏସ୍ଟିରୁ ଏସଜିଏସ୍ଟି ବାବଦରେ ୩୦,୨୬୯ କୋଟି ଟଙ୍କା ସରକାର ପରିଶୋଧ କରିଛନ୍ତି। ଏପରିକି ୨୦୨୪ ଜୁନ୍‌ରେ ସରକାର ସିଜିଏସ୍ଟି ବାବଦକୁ ୬୭,୨୩୭ ଏବଂ ଏସ୍‌ଜିଏସ୍ଟି ବାବଦକୁ ୬୮,୫୬୧ କୋଟି ଟଙ୍କାର ସେଟଲମେଣ୍ଟ କରିଛନ୍ତି।

ଅପରପକ୍ଷରେ ଓଡ଼ିଶାରୁ ମଧ୍ୟ ଚଳିତ ଆର୍ଥିକ ବର୍ଷର ୩ୟ ମାସରେ ୪୯୮୭.୨୭ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲାବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଟିକସ ପରିମାଣ ୪୩୯୮ କୋଟି ଟଙ୍କା ଥିଲା, ଯାହା ଚଳିତ ଆର୍ଥିକ ବର୍ଷର ୩ୟ ମାସର ଅବଧି ମଧ୍ୟରେ ୧୦% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧।୭: (ଅଭୟ ଦାଶ)

ଦିନକପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନସେକ୍ସ ୪୪୩ (୪୪୩.୪୬) ପଏଣ୍ଟ ବଢି ୭୯,୪୭୬ (୭୯,୪୭୬.୧୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୩୧ (୧୩୧.୩୫) ପଏଣ୍ଟ ବୃଦ୍ଧିଘଟି ୨୪,୧୪୨ (୨୪,୧୪୧.୯୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## କମିଲା କମର୍ସିଆଲ ଗ୍ୟାସ୍ ଦର

ନୂଆଦିଲ୍ଲୀ,୧।୭: (ଅଭୟ ଦାଶ)



କ୍ରମାଗତ ଭାବେ ଘରୋଇ ବଜାରରେ କମର୍ସିଆଲ ଗ୍ୟାସ୍ (୧୯ କିଗ୍ରା) ଦର ହ୍ରାସ ପାଉଥିବାବେଳେ ଘରୋଇ ଗ୍ୟାସ୍ (୧୪.୨କିଗ୍ରା) ଦର ଦୀର୍ଘ ମାସ ହେବ ସ୍ଥିର ରହିଛି। ଏପରିକି ୨୦୨୪ ଜୁଲାଇରେ ଭୁବନେଶ୍ୱରର କମର୍ସିଆଲ ଗ୍ୟାସ (୧୯କିଗ୍ରା) ଦର ପ୍ରାୟ ୩୦ ( ୨୯.୫୦ ଟଙ୍କା) ଟଙ୍କା କମିଥିବାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ୍ ୩୦ ଟଙ୍କା ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ସୋମବାର ଚଳିତ ମାସର ଦର ସୂଚୀ (ନୂଆ ଦର) ଲାଗୁ ହୋଇଛି। ଏହି ସୂଚୀ ଅନୁଯାୟୀ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ (୧୯ କିଗ୍ରା) ଦର ୨୯.୫୦ ଟଙ୍କା କମି ୧୭୯୫ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ (ଗତ ମାସ) କମର୍ସିଆଲ ଗ୍ୟାସ (୧୯କିଗ୍ରା) ଦର ୧୮୨୪.୫୦ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨କିଗ୍ରା) ଦର ପୂର୍ବ ପରି ୮୨୯ ଟଙ୍କାରେ କାରବାର ହେଉଛି। ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ (୧୯କିଗ୍ରା) ଦର ୩୦ ଟଙ୍କା ହ୍ରାସ ଘଟି ୧୬୪୬ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ (୧୪.୨ କିଗ୍ରା) ଦର ୮୦୩ ଟଙ୍କାରେ ରହିଛି। କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ପ୍ରମୁଖ ସହରରେ କମର୍ସିଆଲ ଗ୍ୟାସ ଦର ଯଥାକ୍ରମେ ୧୭୫୬ଟଙ୍କା, ୧୬୯୮ଟଙ୍କା ଏବଂ ୧୮୦୯ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ସହରଗୁଡ଼ିକରେ ଘରୋଇ ଗ୍ୟାସ ଦର ଯଥାକ୍ରମେ ୮୨୯ ଟଙ୍କା, ୮୦୨.୫୦ଟଙ୍କା ଏବଂ ୮୧୮.୫୦ ଟଙ୍କାରେ କାରବାର ହେଉଛି। ବିମାନ ଇନ୍ଧନ ଦର ୧.୨% ବୃଦ୍ଧି ପ୍ରତି କିଲୋଲିଟର ପିଛା ୧,୧୭୯.୩୭ ଟଙ୍କାରେ କାରବାର ହେଉଛି।

## ସାଲିମାର ପେଣ୍ଟ୍‌ସର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧।୭: (ଅଭୟ ଦାଶ)

ଦେଶର ପ୍ରମୁଖ ପେଣ୍ଟ ବ୍ରାଣ୍ଡ୍ ତଥା ସାଲିମାର ପେଣ୍ଟ୍‌ସ ଲିମିଟେଡର ନୂତନ ଉତ୍ପାଦ ବା ଫ୍ଲାଗ୍‌ଶିପ ପ୍ରଡକ୍ଟ 'ହିରୋ'ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି କମ୍ପାନୀର ଅଭିନବ କ୍ୟାମ୍ପେନ ଅପ୍‌ଗ୍ରେଡ୍ କିୟା କ୍ୟା'ର ଏହା ଏକ ଅଂଶ ହୋଇ ରହିଛି, ଯାହା ଉପଭୋକ୍ତାମାନଙ୍କୁ ଉତ୍କୃଷ୍ଟମାନର ଟେକ୍ନୋଲୋଜି ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବା ପେଣ୍ଟଗୁଡିକ ସହ ନିଜର ଘରଗୁଡିକୁ ଉନ୍ନତ କରିବା ପାଇଁ ଅନୁପ୍ରାଣିତ କରୁଛି। ଏ ସମ୍ପର୍କରେ ସାଲିମାର ପେଣ୍ଟ୍‌ସର ସେଲ୍‌ସ ଓ ମାର୍କେଟିଂ ବିଭାଗର ନିର୍ଦ୍ଦେଶକ କୁଲଦୀପ ରାଇନା କହିଛନ୍ତି, ଏହି କାର୍ଯ୍ୟକ୍ରମ ଉଦ୍ଭାବନ ଓ ଉତ୍କର୍ଷତା ହାସଲ କରିବା ପ୍ରତି ସାଲିମାର ପେଣ୍ଟ୍‌ସର ନିରନ୍ତର ପ୍ରୟାସକୁ ସୂଚିତ କରୁଛି। ଆମେ ହିରୋ ସୁପର ପ୍ରିମିୟମ ଇଣ୍ଟେରିୟର ଇମଲ୍‌ସନର ସଫଳତା ଦ୍ୱାରା ଉତ୍ସାହିତ ଅଛୁ, ଯାହା ଏକ ବର୍ଷ ମଧ୍ୟରେ ଗ୍ରାହକଙ୍କ ମଧ୍ୟରେ ପ୍ରମୁଖ ପସନ୍ଦର ବିକଳ୍ପରେ ପରିଣତ ହୋଇଛି। ଉଡ୍ କୋଟିଂ ଓ ଜିରୋ ଡ୍ୟାମ୍ପ ୱାଟରପ୍ରୁଫିଂ ପ୍ରଡକ୍ଟ ସମେତ ଆମର ବିସ୍ତୃତ ଶୃଙ୍ଖଳା ବିଶେଷକରି ମୌସୁମୀ ଆସିଥିବାରୁ କାନ୍ଥଗୁଡିକୁ ଆର୍ଦ୍ରତା ଓ କ୍ଷତିରୁ ସୁରକ୍ଷିତ ରଖିବା ପାଇଁ ଉପଯୁକ୍ତ ଅଟେ। ଆମେ ନିଶ୍ଚିତ ଯେ ଏହି ନୂତନ ଉତ୍ପାଦଗୁଡିକୁ ଆମର ଗ୍ରାହକମାନେ ବହୁମାତ୍ରାରେ ଗ୍ରହଣ କରିବେ। ସେହିଭଳି ସାଲିମାର ପେଣ୍ଟ୍‌ସ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ଇଲାଷ୍ଟୋମେରିକ ଗୁଣ ଓ ଫାଇବରର ସୁଦୃଢ଼ତା ବିଶିଷ୍ଟ ୱାଟରପ୍ରୁଫିଂ ସଲ୍ୟୁଶନ୍‌ଗୁଡିକର ଏକ ଆଧୁନିକ କଲେକ୍ସନ ବୋଲି କୁହାଯାଉଛି। ଏପରିକି ଏହା ୱାଟର ସିପେଜ ଓ ଡାଞ୍ଚାଗତ କ୍ଷତିକୁ ରୋକିବା ପାଇଁ ଉତ୍କୃଷ୍ଟ କ୍ରାକ୍-ବ୍ରିଜିଂ କ୍ଷମତା ସୁନିଶ୍ଚିତ କରିଥିଲାବେଳେ ପ୍ରଭାବୀ ରୂପେ କ୍ଷୁଦ୍ରତମ ଫାଟଗୁଡିକୁ ମଧ୍ୟ ବନ୍ଦ ବା ସିଲ୍ ମଧ୍ୟ କରିଥାଏ। ସେହିପରି ସ୍ଥାୟିତ୍ୱ ପ୍ରତି କମ୍ପାନୀର ପ୍ରତିବଦ୍ଧତା ଜିରୋ ଡ୍ୟାମ୍ପ ଆଡ୍‌ଭାନ୍ସ ଓ ଜିରୋ ଡ୍ୟାମ୍ପ ସ୍ମାର୍ଟ ଭଳି ଉତ୍ପାଦଗୁଡିକରେ ପ୍ରଦର୍ଶିତ ହେଉଛି, ଯାହା ଡୁଆଲ ସିପେଜ ରେଜିଷ୍ଟାନ୍ସ ଦେଇଥାଏ।

## ପତଞ୍ଜଳି ଆୟୁର୍ବେଦକୁ ଅଧିଗ୍ରହଣ କରିବ ପିଏଫ୍ଏଲ୍

ଭୁବନେଶ୍ୱର,୧।୭(ଅନୁରାଧା ମହାରଣା)




ପତଞ୍ଜଳି ଫୁଡ୍ ଲିମିଟେଡ୍(ପିଏଫଏଲ) ବୋର୍ଡ ଏହାର ପ୍ୟାରେଣ୍ଟ କମ୍ପାନୀ ପତଞ୍ଜଳି ଆୟୁର୍ବେଦର 'ହୋମ୍ ଆଣ୍ଡ ପର୍ସନାଲ କେୟାର' ବ୍ୟବସାୟ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହି ବ୍ୟବସାୟ କିଣିବା ପାଇଁ ପତଞ୍ଜଳି ଫୁଡ୍ସ ଲମ୍ପସମ ମୂଲ୍ୟ ନିର୍ଦ୍ଧାରଣ ପାଇଁ ୧,୧୦୦ କୋଟି ଟଙ୍କା ଖର୍ଚ୍ଚ କରିବ। ପତଞ୍ଜଳି ଫୁଡସ୍ ଅଗ୍ରଣୀ ଏଫ୍ଏମସିଜି କମ୍ପାନୀ ହେବା ଲକ୍ଷ୍ୟରେ ଏହି ଅଧିଗ୍ରହଣ କରୁଛି। ପତଞ୍ଜଳି ଆୟୁର୍ବେଦ ଲିମିଟେଡ (ପାଲ)ର ହୋମ ଆଣ୍ଡ ପର୍ସନାଲ କେୟାର ବ୍ୟବସାୟରେ ଭାରତର ଏଫ୍ଏମସିଜି ସ୍ପେସରେ ଏକ ଦୃଢ଼ ବ୍ରାଣ୍ଡ ଇକ୍ୱିଟି ଅଛି। ଏହା ବ୍ୟତୀତ ସମଗ୍ର ଦେଶରେ ଏହାର ଏକ ବିଶ୍ୱସ୍ତ ଉପଭୋକ୍ତା ଆଧାର ଅଛି। ସୋମବାର କାରବାର ଶେଷ ହେବା ପରେ ପତଞ୍ଜଳି ଫୁଡ୍‌ସ ଲିମିଟେଡର ଶେୟାର ୭.୪୫% ବୃଦ୍ଧି ସହିତ ୧,୭୧୦ ଟଙ୍କା ବନ୍ଦ ହୋଇଯାଇଥିଲା। ଏହା ସହିତ କମ୍ପାନୀର ମାର୍କେଟ କ୍ୟାପ ୫୮.୫୪ ହଜାର କୋଟି ଟଙ୍କା ହୋଇଛି। ଗତ ଏକ ବର୍ଷ ମଧ୍ୟରେ କମ୍ପାନୀର ଶେୟାରଗୁଡିକ ଏହାର ନିବେଶକମାନଙ୍କୁ ୪୩.୪୯% ରିଟର୍ନ ଦେଇଛି। ପତଞ୍ଜଳି ଫୁଡ୍‌ସ୍ କହିଛି ଯେ, କମ୍ପାନୀ ଏବଂ ପତଞ୍ଜଳି ଆୟୁର୍ବେଦ ୩% କାରବାର ଭିତ୍ତିକ ଶୁଳ୍କ ତଥା ଅନ୍ୟାନ୍ୟ ସର୍ତ୍ତାବଳୀ ପାଇଁ ୨୦ ବର୍ଷର ଲାଇସେନ୍ସ ଚୁକ୍ତିରେ ସହମତ ହୋଇଛନ୍ତି। ଏହି ଅଧିଗ୍ରହଣ ପତଞ୍ଜଳି ବ୍ରାଣ୍ଡର ଏଫ୍ଏମସିଜି ଉତ୍ପାଦ ପୋର୍ଟଫୋଲିଓର ଏକୀକରଣକୁ ତ୍ୱରାନ୍ୱିତ କରିବ।

## ପ୍ରି-ସିଡ୍ ଫଣ୍ଡିଙ୍ଗ୍ ଜରିଆରେ ପାଣ୍ଠି ହାସଲ

ନୂଆଦିଲ୍ଲୀ,୧।୭: (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଷ୍ଟାର୍ଟଅପ୍ କମ୍ପାନୀ (ଭିଜୁଆଲ ଟେଲିମ୍ୟାଟିକ୍ସ ସ୍ପେଶ କ୍ଷେତ୍ରରେ 'କୌସିଓ' ହେଉଛି ଏକ ପ୍ରମୁଖ ଷ୍ଟାର୍ଟଅପ୍) 'କୌସିଓ' ପ୍ରି-ସିଡ ଫଣ୍ଡିଙ୍ଗ୍ ଜରିଆରେ ପାଣ୍ଠି ସଂଗ୍ରହ କରିଥିବା ସମ୍ପର୍କରେ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ନିକଟରେ ଆଣ୍ଟଲର, ୮ଆଇ ଓ ଏୟୁ ବ୍ୟାଙ୍କ ନେତୃତ୍ୱରେ ପ୍ରାୟ ୬.୩ କୋଟି ଟଙ୍କାର ଏକ ପ୍ରି-ସିଡ ପାଣ୍ଠି ହାସଲ କରିଛି। ଉଲ୍ଲେଖଯୋଗ୍ୟ, କୌସିଓର ପ୍ରାରମ୍ଭିକ ବିଶ୍ୱସନୀୟ ଗ୍ରାହକ ଓ ପ୍ରମୁଖ ଆଞ୍ଜେଲ ଇନ୍‌ଭେଷ୍ଟରମାନଙ୍କ ଅତିରିକ୍ତ ଅଂଶଗ୍ରହଣ ସହିତ ଇକ୍ୱିଟି ଓ ଡେବ୍‌ଟର ଏକ ମିଶ୍ରଣ ଏହି ଫଣ୍ଡିଙ୍ଗ୍‌କୁ ଆଣ୍ଟଲର, ୮ଆଇ ଭେଞ୍ଚର୍ସ ଓ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପରିଚାଳନା କରିଥିଲେ। ଅଙ୍କିତ ଆଚାର୍ଯ୍ୟ ଏବଂ ପ୍ରାଞ୍ଜଲ ନାଧାନିଙ୍କ ଦ୍ୱାରା ସ୍ଥାପିତ କୌସିଓ ଭାରତର ଯାତାୟାତ ଓ ପରିବହନ କ୍ଷେତ୍ରର ସୁରକ୍ଷା ଚିନ୍ତାଗୁଡିକୁ ଦୂର କରିବା ପାଇଁ ଉତ୍ସର୍ଗୀକୃତ ହୋଇଛନ୍ତି। ଏ ସମ୍ପର୍କରେ କୌସିଓର ସହ-ପ୍ରତିଷ୍ଠାତା ତଥା ସିଇଓ ଅଙ୍କିତ ଆଚାର୍ଯ୍ୟ କହିଛନ୍ତି, ଟେଲିମ୍ୟାଟିକ୍ସ ଦ୍ରୁତ ଗତିରେ ବିକଶିତ ହୋଇଛି। ଏପରିକି ଭାରତରେ କନେକ୍ଟିଭିଟିକୁ ଧାରଣ କରିବା ପାଇଁ ଜିପିଏସ୍, ବ୍ଲୁଟୁଥ୍ ଓ ପୋର୍ଟେବୁଲ ନାଭିଗେଶନରୁ ଆଗକୁ ବଢିଛି, ବର୍ତ୍ତମାନ ପର୍ଯ୍ୟନ୍ତ ସଡକ ସୁରକ୍ଷା ପଦକ୍ଷେପଗୁଡିକ ଉପରେ ଧ୍ୟାନ ଦିଆଯାଉଥିଲା କିନ୍ତୁ ବିଶେଷ କରି ଦେଶର ଉଚ୍ଚ ଦୁର୍ଘଟଣା ହାରକୁ ଦୃଷ୍ଟିରେ ରଖି ଏହାକୁ ବର୍ତ୍ତମାନ ସକ୍ରିୟ ବାସ୍ତବ-ସମୟ ପ୍ରତିକ୍ରିୟାଶୀଳତା ପାଇଁ ସ୍ଥାନାନ୍ତର କରାଯିବ। ଆଣ୍ଟଲର୍‌ରେ ପାର୍ଟନର ଥିବା ନୀତିନ ଶର୍ମା କହିଛନ୍ତି, କୌସିଓରେ ଆମର ନିବେଶ ପରିବହନ ଶିଳ୍ପରେ ଅଭିନବ ସମାଧାନକୁ ବିକଶିତ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚିତ କରୁଛି। ୮ଆଇ ଭେଞ୍ଚର୍ସରେ ଜେନେରାଲ ପାର୍ଟନର୍ ଥିବା ବିଶ୍ୱନାଥ ଭି କହିଛନ୍ତି, କୌସିଓର ସମାଧାନଗୁଡିକ ଭିଡିଓ ଟେଲିମ୍ୟାଟିକ୍ସର ବ୍ୟାପକ ଗ୍ରହଣୀୟତାର ପ୍ରତିଶ୍ରୁତି ଦେଉଛି।

**ରାଜ୍ୟ ଖବର**

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଲାଜୁକ ଷାଠିଆ**
**ପାନ ନାହିଁ ଗୁଆ ନାହିଁ**
**ଖାଲି ବଟୁଆ।**

ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ବଡ଼ଲୋକୀ ପଣିଆ ଶୋଭା ପାଇ ନ ଥାଏ। ନିଃସ୍ୱ ବ୍ୟକ୍ତି ଉପରକୁ ଚାକଚକ୍ୟ ଦେଖାଉଥିବା ଉପଲକ୍ଷେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଗନ ଗଛର ମୁଣ୍ଡି ହଳଦୀ ଲୋ**
**ଝିଙ୍କର ଗଛର ଛାଇ**
**ଆଡ଼ ହୋଇଯାଅ ଟୋକା ଦିଅରଲୋ**
**ମୁଁ ଯିବି ଚାଉଳ ଧୋଇ।**

ନୂଆକରି ଶାଶୁଘରେ ପାଦ ଦେଇଥିବା ବୋହୂ ମନରେ ଲାଜ ଓ ସଂକୋଚ ଭାବ ରହିଥାଏ। ଘରର ପୁରୁଷ ସଦସ୍ୟଙ୍କ ଆଗରେ ସେ ନିଜକୁ ଅସହଜ ମନେକରିଥାଏ। ଏପରିସ୍ଥଳେ ଚାଉଳ ଧୋଇବା ପାଇଁ ଯାଉଥିବା ବୋହୂଟି ବୟସ୍କ ଦିଅରକୁ ଆଡ଼ ହୋଇଯିବା ନେଇ ଅନୁରୋଧ କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଦୁର୍ଘଟଣା ନେଲା ୪ ଜୀବନ


## ପିକ୍‌ଅପ୍ ଧକ୍କାରେ ଦୁଇ ବାଇକ ଆରୋହୀ ମୃତ

ପାପଡ଼ାହାଣ୍ଡି,୧।୭
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ତୁମ୍ବର୍ଲା ଫାଣ୍ଡି ଝାଡ଼କୁସୁମୀ ଛକ ନିକଟରେ ସୋମବାର ପିକ୍‌ଅପ୍ ଭ୍ୟାନ ଧକ୍କାରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ପାପଡ଼ାହାଣ୍ଡି ବ୍ଲକ ପାତ୍ରଗୁଡାର ପ୍ରସାଦ ଭତରା ଓ ବାଲିଗୁଡ଼ା ଗ୍ରାମର ରେବତୀ ଯାନୀ। ସୂଚନାନୁଯାୟୀ, ମଇଦଲପୁର ପଟରୁ ଏକ ବାଇକ (ଓଡି-୨୪ଜେ -୦୦୮୩) ଯୋଗେ ଉଭୟ ପ୍ରସାଦ ଓ ରେବତୀ ପାପଡ଼ାହାଣ୍ଡି ଆଡକୁ ଆସୁଥିଲେ। ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ ସାମ୍ନା ପଟୁ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପ୍ରସାଦଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ରେବତୀଙ୍କୁ ଉଦ୍ଧାର କରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପାପଡାହାଣ୍ଡି ପୋଲିସ ପିକ୍‌ଅପ୍ ଡ୍ରାଇଭର ଓ ହେଲ୍‌ପରଙ୍କୁ ଥାନାରେ ଅଟକ ରଖିଛି। ଗାଡ଼ି ୨ଟିକୁ ଜବତ କରିବା ସହିତ କେସ୍ ନଂ. ୧୪୬/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## କଲଭର୍ଟର ୨୦ ଫୁଟ୍ ତଳକୁ ଖସିଲା କାର୍: ଜଣେ ମୃତ, ୩ ଗୁରୁତର

ମୁନିଗୁଡ଼ା,୧।୭
(ନନ୍ଦ କିଶୋର ପଟ୍ଟନାୟକ)



ଦୁର୍ଘଟଣାଗ୍ରସ୍ତ କାର୍

ଆନ୍ଧ୍ରପ୍ରଦେଶର କାକିନାଡ଼ା ସହରର ୫ ଜଣ ବ୍ୟକ୍ତି ବରଗଡ଼ ଜିଲାକୁ ବାହାଘର ଭୋଜିରେ ରୋଷେଇ କରିବାକୁ ଯାଇ ଏକ କାର୍ ଯୋଗେ ଫେରୁଥିଲେ। ରାୟଗଡ଼ା ଜିଲା ଅମ୍ବାଦଳା ଥାନା ଅନ୍ତର୍ଗତ ବନ୍ଧଗୁଡ଼ା ଗ୍ରାମ ନିକଟରେ ସୋମବାର ଭୋର ପ୍ରାୟ ୪ଟା ବେଳେ କାର୍ ଭାରସାମ୍ୟ ହରାଇ ଏକ କଲଭର୍ଟର ୨୦ ଫୁଟ୍ ତଳକୁ ଖସ ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କାକିନାଡ଼ାର ଡି.ମାଣିକାଣ୍ଟା। ଗୁରୁତର ଥିବା ବି.ଶୈଳେଶ, ନନ୍ଦ ରାଜୁ ଓ ଏ.ଶ୍ରୀନିବାସଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଏକ କାର୍‌ରେ ୫ଜଣ ବ୍ୟକ୍ତି ବରଗଡ଼ରୁ ଫେରିବା ସମୟରେ ଅମ୍ବାଦଳା ଥାନା ଅନ୍ତର୍ଗତ ବନ୍ଧଗୁଡ଼ା ଗ୍ରାମ ନିକଟରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ସାଇଡ୍ ଦେବାବେଳେ ବିପରୀତ ଦିଗରୁ ଏକ ଟ୍ରକ୍ ଆସିଯିବାରୁ କାର୍‌ଟି ଭାରସାମ୍ୟ ହରାଇ କଲଭର୍ଟ ନିକଟରେ ଥିବା ଖାଲ ଭିତରକୁ ଖସି ଓଲଟି ପଡ଼ିଥିଲା। ସେଠାରେ ଉପସ୍ଥିତ ଜଣେ ବ୍ୟକ୍ତି ଏହା ଦେଖି ପ୍ରଥମେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଖବରପାଇ ଅମ୍ବାଦଳା ପୋଲିସ, ମୁନିଗୁଡ଼ା ଅଗ୍ନିଶମ ବାହିନୀ ଏବଂ ଆମ୍ବୁଲାନ୍ସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କାର୍ ତଳେ ଚାପିହୋଇ ରହିଥିବା ବ୍ୟକ୍ତିଙ୍କୁ ଉଦ୍ଧାରକରି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାର୍ ଭିତରେ ଚାପିହୋଇ ରହିଥିବା ଅନ୍ୟ ୩ ଜଣଙ୍କୁ ଉଦ୍ଧାରକରି ପ୍ରଥମେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଗାଡ଼ିରେ ବସିଥିବା ସଞ୍ଜୀବ କୁମାର ନାମକ ବ୍ୟକ୍ତି ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଏ ନେଇ ଅମ୍ବାଦଳା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ବାଇକ୍ ପଛରେ ପିଟିଲା କାର୍: ଜଣେ ମୃତ, ୪ ଗୁରୁତର

ବାରିପଦା,୧।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଦାନ୍ତିଆମୁହାଁଠାରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସମସ୍ତଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟା ୭ଟା ସମୟରେ ବାରିପଦାରୁ ବେତନଟୀ ଅଭିମୁଖେ ଯାଉଥିବା ବାଇକ୍ ପଛ ପଟୁ ଏକ କାର୍ ଧକ୍କା ଦେଇଥିଲା। ଫଳରେ କାର୍ ଓ ବାଇକ୍ ଡିଭାଇଡରରେ ପିଟି ହୋଇଯାଇଥିଲା। ବାଇକ୍‌ରେ ବସିଥିବା ୩ ଜଣଙ୍କ ମଧ୍ୟରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କାର୍ ମଧ୍ୟରେ ଥିବା ୨ ଯାତ୍ରୀ ଗୁରୁତର ହୋଇଥିବା ସୂଚନା ମିଳିଛି।

## ହାତୀ ଆକ୍ରମଣରେ ୨ ମୃତ

ରାଉରକେଲା/ଟେନ୍‌ସା,୧।୭
(ସଙ୍ଗୀତା ଜେନା/ସମୀର ପାଢ଼ୀ)

ସୁନ୍ଦରଗଡ଼ ଜିଲାରେ ସୋମବାର ପୃଥକ୍ ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଦକ୍ଷିଣ ରାଉରକେଲା ଟାଙ୍ଗରପାଲୀ ଥାନା ସୋନାପର୍ବତ ଗଞ୍ଜୁଟୋଲା ଅଞ୍ଚଳର ଶୁକ୍ରମଣି ସମାସୀ(୬୯)। ଅନ୍ୟ ଜଣେ ହେଲେ କୋଇଡ଼ା ଫରେଷ୍ଟ ରେଞ୍ଜ କାଲଟା ପଞ୍ଚାୟତ ଝିରିପାଣି ନିକଟ ଦୋଲୋଡିହାର ସାମୁଏଲ ଆଇନ୍ଦ (୫୫)।

ଶୁକ୍ରମଣି ଭୋର ୫ଟାରେ ନିକଟସ୍ଥ ଜଙ୍ଗଲକୁ ମହୁଲ ଫଳ ଗୋଟାଇବା ପାଇଁ ଯାଇଥିଲେ। ସେହି ସମୟରେ ହାତୀ ହାବୁଡ଼ରେ ଶୁକ୍ରମଣି ପଡିଯିବାରୁ ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇ ପାଦରେ ଦଳି ଦେଇଥିଲା। ଶୁକ୍ରମଣିଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ପୋଲିସ ଓ ବନବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ବିକ୍ଷୋଭ କରିଥିଲେ। ବନବିଭାଗ ପକ୍ଷରୁ କ୍ଷତିପୂରଣ ମିଳିବାର ପ୍ରତିଶ୍ରୁତି ପରେ ଲୋକେ ଶାନ୍ତ ହୋଇଥିଲେ। ସେହିପରି ସାମୁଏଲ ସକାଳ ୬ଟାରେ ନିକଟସ୍ଥ ଜଙ୍ଗଲ ପାଖରେ ଥିବା ନାଳକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ଥିବା ଦନ୍ତା ହାତୀ ହାବୁଡ଼ରେ ପଡିଯାଇଥିଲେ। ସାମୁଏଲଙ୍କୁ ହାତୀ ଶୁଣ୍ଢରେ ଟେକି ନେଇ ପାଦରେ ଦଳି ଚକଟି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ କୋଇଡା ବନ କର୍ମଚାରୀ ଓ କୋଇଡା ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୋଇଡା ପଠାଇଛନ୍ତି। କ୍ଷତିପୂରଣ ବାବଦରେ ପରିବାରକୁ ଆର୍ଥିକ ସହାୟତା ମିଳିବ ବୋଲି କୋଇଡା ରେଞ୍ଜର ଗୌତମ ପ୍ରଧାନ ପ୍ରକାଶ କରିଛନ୍ତି।

## ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ମୁମ୍ବାଇ ପୋଲିସ

**ସାଇବର ଠକେଇ ମାମଲା**

ଭଦ୍ରକ(ସନାତନ ରାଉତ)/
ସୋସୋ(ସତ୍ୟବ୍ରତ ଜେନା),୧।୭

ଠକେଇ ମାମଲାରେ ମୁମ୍ବାଇ ସାଇବର ପୋଲିସ ଗିରଫ କରିଥିବା ୬ ଅଭିଯୁକ୍ତଙ୍କୁ ସୋମବାର ରିମାଣ୍ଡରେ ନେଇଛି। ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟରେ ହାଜର ପରେ ରବିବାର ଟାଉନ ଥାନା ହାଜତରେ ସମସ୍ତ ଅଭିଯୁକ୍ତଙ୍କୁ ରଖାଯାଇଥିଲା। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ସେମାନଙ୍କୁ ରିମାଣ୍ଡରେ ମୁମ୍ବାଇ ନିଆଯାଇଥିବା ଭଦ୍ରକ ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି। ସେମାନେ ହେଲେ ଚରମ୍ପା ଏରେଇଁର ପ୍ରମୋଦ କୁମାର ରବୀନ୍ଦ୍ର ବେହେରା(୨୬), କୁଆଁସର ରାକେଶ କୁମାର ହରିରାମ ଚୌଧୁରୀ(୨୫), ଚରମ୍ପା ବରାଳପୋଖରୀର ଶୁଭେନ୍ଦୁ ନିରାକାର ଦାସ(୩୦), ଭଦ୍ରକ ବ୍ଲକ ମୌଦା ବାସହପୁର ଅଞ୍ଚଳର ଜୟଦୀପ ଅମର କୁମାର ପରିଡ଼ା(୨୪), ମୌଦା ବାଲିପାଟଣାର ମନୋଜ କୁମାର ଅନାଦି ଚରଣ ରାଉତ(୨୯) ଏବଂ କେନ୍ଦୁଝର ଜିଲା ସୋସୋ ଥାନା ଅଞ୍ଚଳର ସତ୍ୟପ୍ରକାଶ ରାଉତ।

ପ୍ରକାଶ ଯେ, ସାଇବର ଠକେଇର ଶିକାର ହୋଇଥିବା ମୁମ୍ବାଇ ଅନ୍ଧେରୀ ଅଞ୍ଚଳର ବୀରଦେଶାଇ ରୋଡ୍‌ସ୍ଥିତ ନିଉ ଚନ୍ଦ୍ରା ହାଉସିଂ ସୋସାଇଟିର ୭୩ ବର୍ଷୀୟ ମୋସେସ୍ ଭିନ୍‌ସେଣ୍ଟ କାର୍ଡୋଜ୍ ମୁମ୍ବାଇସ୍ଥିତ ବିକେସି ସାଇବର ପୋଲିସ ଥାନାରେ ଅଭିଯୋଗ କରିଥିଲେ। ଋଣ କରାଇ ଦେବାକୁ କହି ସମସ୍ତ ବ୍ୟାଙ୍କ କାଗଜପତ୍ର ନେବା ପରେ ତାଙ୍କ ଆକାଉଣ୍ଟ ହ୍ୟାକ୍ କରି ପ୍ରାୟ ୫୬ଲକ୍ଷ ଟଙ୍କା ଉଠାଇ ନିଆଯାଇଥିବା ସେ ଦର୍ଶାଇଥିଲେ। ଏନେଇ ମାମଲା (ନଂ.୭/୨୪) ରୁଜୁ କରି ସାଇବର ପୋଲିସ ତଦନ୍ତ ଆରମ୍ଭ କରିଥିଲା। ମୁମ୍ବାଇ ସାଇବର ପୋଲିସର ୫ ଜଣିଆ ଟିମ୍ ରବିବାର ଭଦ୍ରକରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ......................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୦ ଉଇକେଟରେ ଜିତିଲା ଭାରତ



ଦକ୍ଷିଣ ଆଫ୍ରିକା ବିପକ୍ଷରେ ମହିଳା ଟେଷ୍ଟ ମ୍ୟାଚ ବିଜୟୀ ଭାରତୀୟ ଦଳ।

**ମହିଳା ଟେଷ୍ଟ**

**ସ୍ନେହ ରାଣା ପ୍ଲେୟର ଅଫ୍ ଦ ମ୍ୟାଚ୍**

ଚେନ୍ନାଇ,୧୭(ପି.ଟି.)

ଶେଫାଳିବର୍ମାଙ୍କ ଦ୍ୱିଶତକ ଓ ସ୍ନେହ ରାଣାଙ୍କ ୧୦ ଉଇକେଟ ସଫଳତା ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଏକମାତ୍ର ମହିଳା ଟେଷ୍ଟକୁ ୧୦ ଉଇକେଟରେ ଜିତି ନେଇଛି ଭାରତ। ଅନ୍ତିମ ଦିନରେ ଭାରତକୁ ବିଜୟ ପାଇଁ ୩୭ ରନ୍ ଆବଶ୍ୟକ ଥିବା ବେଳେ ଦଳ ବିନା କ୍ଷତିରେ ହାସଲ କରି ନେଇଥିଲା। ତୃତୀୟ ଦିନର ଅସମାପ୍ତ ସ୍କୋର ୨୩୨/୨ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ୩୭୩ ରନ୍‌ରେ ଅଲଆଉଟ ହୋଇଥିଲା। ଲୌରା ଓଲ୍ଭାର୍ଡ୍ଟ ୧୨୨ ରନ୍‌ର ଇନିଂସ ଖେଳିଥିଲେ।

ତୃତୀୟ ଦିନର ଅସମାପ୍ତ ୨୩୨/୨ରୁ ଖେଳ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଆଉ ୩୨ ରନ୍ ଯୋଡିବା ପରେ ମାରିଜେନ୍ କାପ୍(୩୧)ଙ୍କ ଉଇକେଟ ହରାଇଥିଲା। ପରବର୍ତ୍ତୀ ବ୍ୟାଟର ଡେଲମି ଟକର ଖାତା ଖୋଲିବା ଆଗରୁ ସ୍ନେହ ରାଣାଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଓପନର ଲୌରା ଓଲ୍ଭାର୍ଡ୍ଟ ୩୧୪ ବଲ୍‌ର ମାରାଥନ୍ ଇନିଂସ ଖେଳି ୧୮ ଚୌକା ମାରିଥିଲେ। ସେ ଆଉଟ ହେବା ପରେ ନାଡିନ୍ ଡି କ୍ଲର୍କ ୬୧ ରନ୍‌ର ଇନିଂସ ଖେଳି ଶେଷ ବ୍ୟାଟର ଭାବରେ ଆଉଟ ହୋଇଥିଲେ। କ୍ଲର୍କ ଆଉଟ ହେବା ଆଗରୁ ୧୮୫ ବଲ୍ ଖେଳି ୮ ଚୌକା ଓ ୧ ଛକା ମାରିଥିଲେ। ଭାରତ ପକ୍ଷରୁ ରାଜେଶ୍ୱରୀ ଗାଏକ୍ୱାଡ, ଦୀପ୍ତି ଶର୍ମା ଓ ସ୍ନେହ ରାଣା ୨ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂଜା ବସ୍ତ୍ରକାର, ଶେଫାଳି ବର୍ମା ଓ ହରମନପ୍ରୀତ୍ କୌର୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏହା ସହିତ ଦ୍ୱିତୀୟ ଭାରତୀୟ ଖେଳାଳି ଭାବରେ ଗୋଟିଏ ଟେଷ୍ଟରେ ୧୦ ଉଇକେଟ ସଫଳତା ନେଇଛନ୍ତି ସ୍ନେହ ରାଣା। ପ୍ରଥମ ଭାରତୀୟ ଭାବେ ଝୁଲଣ ଗୋସ୍ୱାମୀ ଏହି ସଫଳତା ହାସଲ କରିଥିଲେ।

ମାତ୍ର ୩୭ ରନ୍‌ର ବିଜୟ ଲକ୍ଷ୍ୟ ରହିଥିବା ବେଳେ ସ୍ମୃତି ମନ୍ଧାନାଙ୍କ ବଦଳରେ ଶୁଭା ସତୀଶ ଭାରତ ପକ୍ଷରୁ ଓପନ କରିଥିଲେ। ଶୁଭା ୧୩ ରନରେ ଅପରାଜିତ ରହିଥିବା ବେଳେ ଶେଫାଳି ୨୪ ରନ୍‌ରେ ଅପରଜିତ ରହି ଭାରତକୁ ବିଜୟୀ କରିଥିଲେ। ଭାରତ ମହିଳା ଟେଷ୍ଟ ଇତିହାସରେ ଦ୍ୱିତୀୟ ଥର ପାଇଁ ୧୦ ଉଇକେଟରେ ବିଜୟ ହାସଲ କରିଛି। ସ୍ନେହ ରାଣାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୧୧୫.୧ ଓଭରରେ ୬୦୩/୬। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ୮୪.୩ ଓଭରରେ ୨୬୬/୧୦। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ୧୫୪.୪ ଓଭରରେ ୩୭୩/୧୦ (ଲୌରା ଓଲ୍ଭାର୍ଡ୍ଟ-୧୨୨, ସୁନ୍ ଲୁସ୍-୧୦୯, ନାଡିନ୍ ଡି କ୍ଲର୍କ-୬୧, ଦୀପ୍ତି ଶର୍ମା-୨/୯୫, ରାଜେଶ୍ୱରୀ ଗାଏକ୍ୱାଡ-୨/୫୫, ସ୍ନେହ ରାଣା-୨/୧୧୧)।

# ସର୍ବଭାରତୀୟ ମହିଳା ରଗ୍‌ବୀ ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୭ (ତପନ ସ୍ୱାଇଁ)

ସର୍ବଭାରତୀୟ ସିନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ଚଳିତ ମାସ ୩ ଓ ୪ ତାରିଖରେ ମହାରାଷ୍ଟ୍ରର ପୁଣେସ୍ଥିତ ବେଲେୱାଡ଼ି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଥିବା ଓଡ଼ିଶା ଦଳର ଖେଳାଳି ତାଲିକା ସୋମବାର ଘୋଷଣା କରାଯାଇଛି। ମାନସ କୁମାର ଜେନା ଦଳର କୋଚ୍‌ଭାବେ ପୁଣେ ଯାତ୍ରା କରିବେ। ଓଡ଼ିଶା ଦଳ: ନିର୍ମାଲ୍ୟ ରାଉତ, ସୋନି ମାଣ୍ଡାଙ୍ଗି, ଆରତୀ ମୁର୍ମୁ, ଡୁମୁନି ମାରାଣ୍ଡି, ତରୁଲତା ନାୟକ, ହୁପି ମାଝି, ସନ୍ଧ୍ୟାରାଣୀ ଟୁଡୁ, ସୁନୀତା ହାଁସଦା, କବିତା କସ୍ତୁରୀ ପଡ଼ିହାରୀ, ମାଳିନ ସୟ, ପୁଷ୍ପାଞ୍ଜଳି ଭୋଇ, ତିଳୋତ୍ତମା ସାହୁ। କୋଚ୍: ମାନସ କୁମାର ଜେନା, ମ୍ୟାନେଜର ସଞ୍ଜୁକ୍ତା ମୁଣ୍ଡା, ଫିଜିଓ: ସୌମ୍ୟାଶ୍ରୀ ମିଶ୍ର।

# ଭାରତକୁ ମିଳିଲାନି ଆୟୋଜନ ଅଧିକାର

**ବିଶ୍ୱ ଚେସ୍ ଚାମ୍ପିୟନଶିପ୍**

**ସିଙ୍ଗାପୁରରେ ଖେଳିବେ ଡି.ଗୁକେଶ**

ନୂଆଦିଲ୍ଲୀ, ୧୭ (ପି.ଟି.)

ଗ୍ରାଣ୍ଡମାଷ୍ଟର ଡି. ଗୁକେଶଙ୍କ ପାଇଁ ଘରୋଇ ପରିବେଶରେ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନ ପାଇଁ ଭାରତର ଉଦ୍ୟମ ବିଫଳ ହୋଇଛି। ଭାରତ ପକ୍ଷରୁ ଦିଲ୍ଲୀ କିମ୍ବା ଚେନ୍ନାଇରେ ଏହି ପ୍ରତିଯୋଗିତା ଆୟୋଜନ ପାଇଁ ଦାବିଦାରୀ ଉପସ୍ଥାପିତ ହୋଇଥିଲା। ତାମିଲନାଡୁ ସରକାର ଓ ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ) ପକ୍ଷରୁ ପୃଥକ୍ ବିଡ୍ ଉପସ୍ଥାପନ କରାଯାଇଥିଲା। ମାତ୍ର ବିଶ୍ୱ ଚେସ୍‌ର ସର୍ବୋଚ୍ଚ ସଂସ୍ଥା (ଫିଡେ) ସିଙ୍ଗାପୁରକୁ ଆୟୋଜନ ଅଧିକାର ପ୍ରଦାନ କରିଛି। ଫଳରେ ଆଗାମୀ ପ୍ରିମିୟର ଚେସ୍ ପ୍ରତିଯୋଗିତା ସିଙ୍ଗାପୁରରେ ଅନୁଷ୍ଠିତ ହେବ। ଏଥିରେ ଭାରତର ଗୁକେଶ ଓ ଡିଫେଣ୍ଡିଂ ଚାମ୍ପିୟନ ଚାଇନାର ଡିଙ୍ଗ ଲିରେନଙ୍କ ମଧ୍ୟରେ ମୁକାବିଲା ହେବ। ଗୁକେଶ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟରଭାବେ ଲିରେନଙ୍କୁ ଚ୍ୟାଲେଞ୍ଜ ଦେବେ। ନଭେମ୍ବର ୨୦ରୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତା ପାଇଁ ୨.୫ ମିଲିୟନ ଆମେରିକୀୟ ଡଲାର (୨୦ କୋଟି, ୮୬ ଲକ୍ଷ, ୧୪,୭୫୦ ଟଙ୍କା)ର ପୁରସ୍କାର ରାଶି ରଖାଯାଇଛି। ''ବିଡ୍ ଗୁଡ଼ିକୁ ଅନୁଧାନ ସହ ସମ୍ଭାବ୍ୟ ଭେନ୍ୟୁ ଗୁଡ଼ିକର ବିଭିନ୍ନ ଦିଗକୁ ବିଚାରକୁ ନିଆଯିବାପରେ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ ସିଙ୍ଗାପୁରକୁ ଆୟୋଜନ ଅଧିକାର ପ୍ରଦାନ କରିଛି'' ବୋଲି ଫିଡେ ପକ୍ଷରୁ ପ୍ରକାଶ କରାଯାଇଛି। ୧୭ ବର୍ଷୀୟ ଗୁକେଶ ଇତିହାସ ରଚି ଗତ ଏପ୍ରିଲରେ ଅନୁଷ୍ଠିତ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟ ଜିତିବା ସହ ବିଶ୍ୱ ଟାଇଟଲ ପାଇଁ ସର୍ବକନିଷ୍ଠ ଚ୍ୟାଲେଞ୍ଜର ହୋଇ ଯାଇଥିଲେ। ଏ କ୍ଷେତ୍ରରେ ସେ କିମ୍ବଦନ୍ତୀ ଚେସ୍ ଖେଳାଳି ଗ୍ୟାରୀ କାସ୍ପୋରୋଭଙ୍କ ୪୦ ବର୍ଷର ରେକର୍ଡ ଭାଙ୍ଗିଥିଲେ। ଫିଡେ ଇତିହାସରେ ପ୍ରଥମଥରପାଇଁ ସିଙ୍ଗାପୁରରେ ବିଶ୍ୱ ଚାମ୍ପିୟନଶିପ୍ ହେବ।

# ଏସ୍.ଆର୍. ଚେସ୍ ପ୍ରତିଯୋଗିତା


ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୧୭ (ତପନ ସ୍ୱାଇଁ)

ସୋମବାର ଏସ୍. ଆର୍. ଚେସ୍ ସେଣ୍ଟର ଆନୁକୂଲ୍ୟରେ କଟକର ସିଡିଏ-୬ରେ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ରାକେଶ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନ ମୁଖ୍ୟ ସତ୍ୟ ରଞ୍ଜନ ପଟ୍ଟନାୟକ, ମୁଖ୍ୟ କୋଚ୍ ନାରାୟଣ ସ୍ୱାଇଁ, ଦିପ୍ତୀ ରଞ୍ଜନ ନାୟକ, ନିରୁପମା ପୃଷ୍ଟି, କ୍ରୀଡାପ୍ରେମୀ ଅବିଭାବକ ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ବହୁ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ। ଶେଷରେ ସମସ୍ତ ବିଜୟୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଆନନ୍ଦଙ୍କୁ ୧୦ମ ଲିଅନ୍ ମାଷ୍ଟର୍ସ

ଲିଅନ୍ (ସ୍ପେନ୍), ୧୭ (ପି.ଟି.)

୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ୧୦ମ ଥର ଲିଅନ୍ ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟ ଜିତିଛନ୍ତି। ଫାଇନାଲରେ ସେ ସ୍ପେନ୍‌ର ଜେମି ସାଣ୍ଟସ ଲାଟାସାଙ୍କୁ ୩-୧ରେ ହରାଇ ଦେଇଥିଲେ। ୫୪ବର୍ଷୀୟ ଆନନ୍ଦ ବହୁ ବର୍ଷ ଧରି ସ୍ପେନ୍‌ରେ ଅବସ୍ଥାନ କରିବା ପରେ ତାଙ୍କ ଜନ୍ମସ୍ଥାନ ଚେନ୍ନାଇକୁ ଫେରିଛନ୍ତି। ଏହା ତାଙ୍କ ଫେଭରାଇଟ୍ ଗ୍ରାଉଣ୍ଡ ବୋଲି ସେ ପୁଣି ପ୍ରମାଣିତ କରିଛନ୍ତି। ୨୮ବର୍ଷ ପୂର୍ବେ ୧୯୯୬ରେ ସେ ପ୍ରଥମଥର ଏଠାରେ ଟାଇଟଲ ଜିତିଥିଲେ। ଟୁର୍ନାମେଣ୍ଟର ଫର୍ମାଟ୍ ଅନୁସାରେ ଏଥିରେ ଭାରତର ଅର୍ଜୁନ ଏରିଗାସିଙ୍କ ସମେତ ୪ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟରେ ଭାଗନେଇଥିବା ଅନ୍ୟ ଜଣେ ଖେଳାଳି ହେଲେ ବୁଲ୍‌ଗେରିଆର ଭେସ୍‌ଲିନ୍ ଟୋପାଲୋଭ। ପ୍ରତି ରାଉଣ୍ଡରେ ୨୦ ମିନିଟ୍ ବିଶିଷ୍ଟ ୪ଟି ଗେମ୍ ଖେଳାଯାଇଥାଏ। ପ୍ରତିଟି ମୁଭ୍‌ରେ ୧୦ ସେକେଣ୍ଡ ଇନ୍‌କ୍ରିମେଣ୍ଟ ବ୍ୟବସ୍ଥା ରହିଛି। ସାଣ୍ଟସ ଲାଟାସା ବିପକ୍ଷ ଦ୍ୱିତୀୟ ସେମିଫାଇନାଲ ଅର୍ଜୁନ ୧.୫-୨.୫ ସ୍କୋରରେ ହାରିଯାଇଥିଲେ। ପୂର୍ବରୁ ପ୍ରଥମ ସେମିଫାଇନାଲରେ ୨ କିମ୍ବଦନ୍ତୀ ଖେଳାଳି ଟୋପାଲୋଭ ଓ ଆନନ୍ଦଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଖେଳାଳି ତୃତୀୟ ଗେମ୍‌ରେ ବିଜୟ ଲାଭ କରିଥିଲେ। ଏହା ୪୫ଟି ମୁଭ୍‌ରେ ଶେଷ ହୋଇଥିବାବେଳେ ଅବଶିଷ୍ଟ ତିନୋଟି ଗେମ୍ ଡ୍ର' ରହିଥିଲା।

# ଗେମ୍ସ ଅଫ୍ ଦ ସେକେଣ୍ଡ ଅଲିମ୍ପିଆଡ୍

ଅଲିମ୍ପିକ୍ସର ଦ୍ୱିତୀୟ ସଂସ୍କରଣ ପ୍ୟାରିସ୍‌ରେ ୧୯୦୦ରେ ଆୟୋଜିତ ହୋଇଥିଲା। ଏହାକୁ ପ୍ୟାରିସ୍ ଅଲିମ୍ପିକ୍ସ ବା ଗେମ୍ସ ଅଫ୍-ସେକେଣ୍ଡ ଅଲିମ୍ପିଆଡ୍ ବୋଲି ମଧ୍ୟ କୁହାଯାଇଥିଲା। ଏହି ଅଲିମ୍ପିକ୍ସରେ ସମୁଦାୟ ୧୯ଟି କ୍ରୀଡ଼ା ଇଭେଣ୍ଟକୁ ସାମିଲ କରାଯାଇଥିଲା। ୨୬ ଦେଶ ଅଂଶଗ୍ରହଣ କରିଥିବା ବେଳେ ସମୁଦାୟ ଅଂଶଗ୍ରହଣକାରୀ ଆଥଲେଟଙ୍କ ସଂଖ୍ୟା ୧୨୨୬ ରହିଥିଲା। ତେବେ ଏହି ଅଲିମ୍ପିକ୍ସରେ ପଦକ ବ୍ୟବସ୍ଥା ରହି ନ ଥିଲା। ଫଳରେ ବିଜେତାମାନଙ୍କୁ କପ୍ ଓ ଟ୍ରଫିରେ ସମ୍ମାନିତ କରାଯାଉଥିଲା। ଏହି ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ଆଙ୍ଗଲିଙ୍ଗ, ମୋଟର ରେସିଂ, ବେଲୁନିଙ୍ଗ, କ୍ରିକେଟ, କ୍ରୋକ୍ୱେଟ, ବାସ୍କ ପେଲୋଟା, ୨୦୦ ମିଟର ସୁଇମିଂ ଅବଷ୍ଟାକଲ୍ ଓ ଅଣ୍ଡରୱାଟର ସୁଇମିଂ ଭଳି ଇଭେଣ୍ଟକୁ ପ୍ରଥମ ଥର ସାମିଲ




କରାଯାଇଥିଲା। ଆଥଲେଟିକ୍ସରେ ମୋଟ ୯୯୭ ଜଣ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ଫ୍ରାନ୍ସ ପକ୍ଷରୁ କେବଳ ୭୨୦ ଜଣ ଆଥଲେଟ ଭାଗ ନେଇଥିଲେ। ପ୍ରଥମ ଥର ପାଇଁ ପ୍ୟାରିସ୍ ୧୯୦୦ରେ ମହିଳାମାନଙ୍କୁ ଭାଗ ନେବାର ସୁଯୋଗ ମିଳିଥିଲା। ଆମେରିକାର ଆଲଭିନ୍ କ୍ରେଞ୍ଜଲେନ ଏହି ଅଲିମ୍ପିକ୍ସରେ ଏକାକୀ ୪ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଏହା ବର୍ତ୍ତମାନ ସୁଦ୍ଧା ଏକ ବିଶ୍ୱ ରେକର୍ଡ ହୋଇ ରହିଛି। ଆଲଭିନ୍ ୬୦ ମିଟର, ୧୧୦ ମିଟର ବାଧାଦୌଡ, ୨୦୦ ମିଟର ବାଧାଦୌଡ ଓ ଲଙ୍ଗଜମ୍ପ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୦୦ ଅଲିମ୍ପିକ୍ସ ପରେ ୬୦ ମିଟର ଇଭେଣ୍ଟକୁ ବନ୍ଦ କରାଯାଇଥିବା ବେଳେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିବାରେ ସେ ବିଶ୍ୱର ଦ୍ୱିତୀୟ ଖେଳାଳି ରହିଛନ୍ତି। ଆମେରିକାର ସେଲର ହେଲେନ୍ ଡି ପୋର୍ଟୁଲେସ୍ ସୁଇଜରଲାଣ୍ଡର ପ୍ରତିନିଧିତ୍ୱ କରି ପ୍ରଥମ ମହିଳା ଭାବରେ ୧-୨ଟନ୍ ସେଲିଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ବ୍ରିଟେନର ଚାର୍ଲୋଟ୍ କୁପର ପ୍ରଥମ ମହିଳା ଭାବରେ ଅଲିମ୍ପିକ୍ସ ଓ ଗ୍ରାଣ୍ଡସ୍ଲାମ ୱିମ୍ବେଲଡନ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅଲିମ୍ପିକ୍ସର ମହିଳା ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୨ ମାସ ପରେ ୱିମ୍ବେଲଡନ୍ ଟାଇଟଲ ବିଜୟୀ ହୋଇଥିଲେ।

ମାରାଥନ୍‌ରେ ଫ୍ରାନ୍ସର ୩ ଜଣ ପ୍ରତିଯୋଗୀ ପ୍ରଥମ ୩ ସ୍ଥାନରେ ରହିଥିବା ବେଳେ ଆମେରିକା ପ୍ରତିଯୋଗୀମାନେ ଏହାକୁ ବିରୋଧ କରିଥିଲେ। ଅନ୍ୟ ପ୍ରତିଯୋଗୀଙ୍କ ଅପକ୍ଷୋ ୩ ଖେଳାଳି ଶର୍ଟକଟ୍ ଆପଣେଇଥିବା ଅଭିଯୋଗ ହେଇଥିଲା।

**ପ୍ୟାରିସ୍ ଅଲିମ୍ପିକ୍ସ**

PARiS 2024

**ଆଉ ୨୪ ଦିନ**

# ପ୍ୟାରିସ୍ ଡାଇମଣ୍ଡ ଲିଗ୍‌ରୁ ଓହରିଲେ ନୀରଜ

ନୂଆଦିଲ୍ଲୀ, ୧୭ (ପି.ଟି.)

ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ଜାଭେଲିନ ଥ୍ରୋ ଷ୍ଟାର ନୀରଜ ଚୋପ୍ରା ପ୍ୟାରିସ ଡାଇମଣ୍ଡ ଲିଗ୍‌ରୁ ଓହରିଯାଇଛନ୍ତି। ଖବର ଅନୁସାରେ ତାଙ୍କ ଗୋଡ଼ରେ ୨ମାସ ହେଲା ସମସ୍ୟ ଦେଖାଦେଇଛି। ଆଗକୁ ପ୍ୟାରିସ ଅଲିମ୍ପିକ୍ସ ଥିବାରୁ ସେ ବର୍ତ୍ତମାନ ଟ୍ରେନିଂ ଓ ଇଞ୍ଜୁରିରେ ସୁଧାର ଆଣିବା ଦିଗରେ ଧ୍ୟାନ ଦେବେ। ପ୍ୟାରିସ ଅଲିମ୍ପିକ୍ସ ପରେ ସେ ବିଭିନ୍ନ ଡାକ୍ତରଙ୍କ ପରାମର୍ଶ ସହ ସ୍ଥାୟୀ ଉପଚାର କରିବେ। ସୂଚନାଯୋଗ୍ୟ, ଗତ ମାସରେ ଫିନ୍‌ଲାଣ୍ଡର ଟୁର୍କୁଠାରେ ଅନୁଷ୍ଠିତ ପାଭୋ ନୁର୍ମି ଗେମ୍ସରେ ୮୫.୯୭ ମିଟର ଥ୍ରୋ ସହ ଶୀର୍ଷରେ ରହିଥିଲେ।

# କଳିଙ୍ଗ କପ୍‌ରେ ଭାଗନେବେ ୩୨ ଦଳ



ଆୟୋଜକମାନେ ସୋମବାର ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୧୭ (ତପନ ସ୍ୱାଇଁ)

ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ କଳିଙ୍ଗ କ୍ରିକେଟ ପ୍ରିମିୟର ଲିଗର ୩ୟ ସଂସ୍କରଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆୟୋଜକଙ୍କ ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଏ ସମ୍ପର୍କରେ ସୂଚନା ଦିଆ ଯାଇଛି। ପ୍ରତିଯୋଗିତା ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୁବନେଶ୍ୱର ଗୋପବନ୍ଧୁ ପଡିଆରେ ମ୍ୟାଚ ଗୁଡ଼ିକ ଖେଳାଯିବ। ଚଳିତ ବର୍ଷ ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ୩୨ଟି ଅଂଶଗ୍ରହଣ କରିବେ। ଦଳଗୁଡ଼ିକ ପାଇଁ କୌଣସି ଏଣ୍ଟ୍ରି ଫି' ରଖା ଯାଇନାହିଁ। ଚାମ୍ପିୟନ ଦଳକୁ ୧ ଲକ୍ଷ, ରନରଅପ୍‌କୁ ୬୦,୦୦୦ ଓ ଶୃଙ୍ଖଳିତ ଦଳକୁ ୧୫ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଟୁର୍ନାମେଣ୍ଟ ଟେନିସ୍ ବଲରେ ଖେଳାଯିବାକୁ ଥିବା ବେଳେ ଲିଗ୍ ପର୍ଯ୍ୟାୟ ମ୍ୟାଚ ଗୁଡ଼ିକ ୧୦ ଓଭର ଏବଂ ସେମିଫାଇନାଲ ଓ ଫାଇନାଲ ୧୫ ଓଭର ବିଶିଷ୍ଟ ହେବ। ସମ୍ମିଳନୀରେ କ୍ଲବର ଏମଡି ମୋସିନ, ସତ୍ୟ ନାରାୟଣ ସେଠି, ସମୀର ଦାସ, ନବଘନ ମିଶ୍ର, ଦେବାଶିଷ ପଟ୍ଟନାୟକ ସୋମନାଥ ଦାସ, ଦେବ ପ୍ରସାଦ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।


# Classified Everyday
0674-2580101, 2549949


REAL ESTATE

SALE

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048. D-632

Gharabadi boundary plot at ପୁରୀ ମାଳତୀ ପାଟପୁର sqft.-1200/-, 40ft. road, near Bus Stand & Rly Station. 7008067338, 9090746445. D-75971

କଟକ- ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar ଏବଂ Sum-2 ହସ୍ପିଟାଲଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-75970

ଭୁବନେଶ୍ୱର KEC ନିକଟ ଗୁଡ଼ିଆପୋଖରି ଛକରୁ 1.5 K.M. ମଧ୍ୟରେ 1380sqft. ଘରବାରି, Boundary, 30' road, Electricpoll ଥାଇ North facing plot ତୁରନ୍ତ ବିକ୍ରି ହେବ। Direct owner- 9078726651. D-75968

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-268




Monalisa massage Club: All types Body massage with hiprofile smart lady rooms service available. 9708545108. D-621

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Fully relaxed body massage trained therapist. Central SPA. 9556483961. D-75757

Relax refreshment body massage therapy by experience lady therapist. 7008773793. D-76129

Newly open Jyoti SPA positively health benefits (Expert therapist). 8458067955. D-76130

Kerala body Massage best Therapist Bhubaneswar. 9337672475. D-614

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

Relax, Refresh your body, Mind at Saikrupa SPA with best therapies. 8984068077. D-527

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75754

LOST

I, Prafulla Kumar Dash, S/o Late Padmalochan Dash, R/o- Plot No.- GL/03, V S S Nagar Housing Society, Bhubaneswar, have lost somewhere my original Lease-Deed of OSHB- No.-3093 of 1999. If anybody find it, then kindly contact Prafulla Kumar Dash, Mobile No- 9568007858. D-634

AFFIDAVIT

I, Sahil Kumar Patro, S/o- Sanjeeb Kumar Patro, resident of Alien Royal Plaza, Flat- 303, Plot No.-590 (P), Jaydev Vihar, Bhubaneswar, PIN- 751013, Odisha declare by this affidavit No.-68AA168083, dtd- 27.06.2024 that now onwards my father shall be known as SANJIB KUMAR PATRO for all future purposes. D-635

By virtue of an affidavit sworn before the Executive Magistrate, Sambalpur dated 27.06.2024, I, Seema Kumari Pandit, Address- Kainsir Road, Ainthapali, Sambalpur declare that I have changed my daughter's name from Anu Pandit to DHANVI PANDIT. Henceforth, she shall be known as DHANVI PANDIT for all purposes.
SEEMA KUMARI PANDIT
D-630

I, Geet Gourav Ghadei, S/o- Madhaba Nanda Ghadai, resident of Biswal sahi, Khalari, P.O.- Khalari, P.S./Dist.- Angul, PIN- 759132, Odisha declare by this affidavit No.- 2391 dtd.23.06.2024 that now onwards I shall be known as GEET GOURAV GHADAI for all future purposes. D-633

# ଆନିଭର୍ସାରି ଗିଫ୍ଟ



ବିବାହ ପରେ ପ୍ରଥମ ଆନିଭର୍ସାରିକୁ ମେମୋରେବଲ୍ କରିବାକୁ ଆଜିକାଲି ସବୁ କପଲଙ୍କର ଇଚ୍ଛା ରହିଛି । ତେଣୁ ଏହି ଦିନଟିକୁ କିପରି ସ୍ପେଶାଲ କରିବେ ଭାବିଭାବି ସମୟ ପଳାଏ, ହେଲେ ଡିସାଇଡ୍ କରିପାରନ୍ତିନି ଯେ କ'ଣ କରିବେ,କ'ଣ ସ୍ୱାମୀଙ୍କୁ ଗିଫ୍ଟ ଦେବେ । ଯଦି ଆପଣ ଏପରି କିଛି ପ୍ଲାନ୍ କରୁଥାନ୍ତି ଏବଂ ଲାଇଫ୍ ପାର୍ଟନରଙ୍କୁ ଖୁସି କରିବାକୁ ଚାହୁଁଥାନ୍ତି ତେବେ ଏମିତି କିଛି ଗିଫ୍ଟ ଦିଅନ୍ତୁ ଯାହା ତାଙ୍କୁ ପସନ୍ଦ ଆସିବ । ଜାଣନ୍ତୁ , ଏ ସମ୍ପର୍କରେ କେତୋଟି ଟିପ୍ସ...

**ଫଟୋ କ୍ୟାଲେଣ୍ଡର:** ନିଜର ପ୍ରଥମ ଆନିଭର୍ସାରିରେ ଆପଣ ଲାଇଫ୍ ପାର୍ଟନରଙ୍କୁ ନିଜ ଜୀବନ ସହ ଜଡ଼ିତ ଫଟୋ କ୍ୟାଲେଣ୍ଡର ଗିଫ୍ଟ କରନ୍ତୁ। ଏହା ଆପଣଙ୍କ ପାଇଁ ସ୍ମରଣୀୟ ମୁହୂର୍ତ୍ତ ହେବ ଯାହାକୁ ଆପଣ ଏକ ଫ୍ରେମ୍ ଭିତରେ ସାଇତି ରଖିପାରିବେ। ବଜାରରେ ଏଇଭଳି ଲାଇଟ୍ ଥିବା ଫଟୋଫ୍ରେମ୍ ମିଳୁଛି ଯାହା ଦେଖିବାକୁ ଷ୍ଟାଇଲିଶ୍ ଲାଗିଥାଏ।

**ପରଫ୍ୟୁମ୍ :** ଯଦି ଆପଣ ନିଜ ସ୍ୱାମୀଙ୍କୁ ଆନିଭର୍ସାରିରେ କିଛି ଗିଫ୍ଟ ଦେବାକୁ ଚାହୁଁଛନ୍ତି ତେବେ ତାଙ୍କ ପାଇଁ ପରଫ୍ୟୁମ୍ ଭଲ ଅପ୍ସନ ରହିବ। ଯାହାକୁ ସେ ଅଫିସ୍ ଯିବା ସମୟରେ ପକାଇ ଯାଇପାରିବେ। ଏହାକୁ ସେ ଯେକୌଣସି ସମୟରେ ବି ବ୍ୟବହାର କରିପାରିବେ। କେତେ ଜଣ ଆରମ୍ଭରୁ ତାଙ୍କ ଲିଷ୍ଟରେ ମନରେ ରଖିଥାନ୍ତି ଯେ ଏହାକୁ ଗିଫ୍ଟ ଦେବେ ବୋଲି।

**ୱାଚ୍:** ବେଳେବେଳେ କୌଣସି ବି ଅକେଜନ୍‌ରେ ମହିଳାମାନେ ନିଜ ପାର୍ଟନରଙ୍କୁ ୱାଚ୍ ଗିଫ୍ଟ କରିଥାନ୍ତି। ସେ ଆନିଭର୍ସାରି ହେଉ କି ଜନ୍ମଦିନ। ଯଦି ଆପଣ ବି ୱାଚ୍ ଦେବାକୁ ଚିନ୍ତା କରୁଥାନ୍ତି ତେବେ ମାର୍କେଟ୍‌ରେ ବିଭିନ୍ନ ପ୍ରକାର ବ୍ରାଣ୍ଡର ୱାଚ୍ ମିଳୁଛି ତାହାକୁ ଦେଇପାରିବେ।

# ରୋଷେଇଘରେ କରନ୍ତୁନି ଏପରି ଭୁଲ୍



■ଆଜିକାଲି ସମସ୍ତେ ରୋଷେଇଘରେ ଡଷ୍ଟବିନ୍ ରଖିଥାନ୍ତି । ଯଦି ଆପଣ ଏହାକୁ ରୋଷେଇଘରେ ରଖୁଛନ୍ତି ଆପଣ ରୋଗରେ ବୁଡ଼ି ରହିବେ। ଏଥିପାଇଁ ଯେତେ ସମ୍ଭବ ଏହାକୁ କିଚେନ୍ ବାହାରେ ରଖନ୍ତୁ।


■ରୋଷେଇଘର କାନ୍ଥର ରଙ୍ଗ ପ୍ରତି ବିଶେଷ ରୂପେ ଧ୍ୟାନରଖନ୍ତୁ। ରଙ୍ଗ ମଧ୍ୟରେ ନୀଳ,ସବୁଜ ଏବଂ ଧଳା ନ କରିବା ଭଲ। ଏହା ବ୍ୟତୀତ କିଚେନ୍‌ର କାନ୍ଥର ରଙ୍ଗ ହଳଦିଆ, ନାରଙ୍ଗୀ ଏବଂ ଅଫ୍ ହ୍ୱାଇଟ୍ କଲର କରିପାରିବେ।

■ରୋଷେଇଘର ପାଖରେ ବାଥରୁମ୍ କରନ୍ତୁ ନାହିଁ ଏପରି କରିବା ଦ୍ୱାରା ଏହାର କୁପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ, ଯାହା ଫଳରେ ନିଜେ ରୋଗରେ ବୁଡ଼ି ରହିବେ।

■କିଚେନ୍‌ର ପାଣି ନଳ ସବୁବେଳେ ଯେପରି ବନ୍ଦ ରହେ ସେଥିପ୍ରତି ନଜର ଦିଅନ୍ତୁ। ସବୁବେଳେ ପାଣି ଝରିଲେ ଘରେ ଆର୍ଥିକ ଅନଟନ ଦେଖାଦିଏ।

■ବହୁ ଜଣଙ୍କ ଘରେ ଦେଖିବାକୁ ମିଳେ, ଖାଇବା ପରେ ଅଇଁଠା ବାସନକୁ ପକାଇ ରଖିବା । ଏପରି ନ କରି ସବୁ ଅଇଁଠା ବାସନକୁ ରାତିରେ ମାଜି ରଖିବା ଆବଶ୍ୟକ।


■ରୋଷେଇଘରେ ମା' ଲକ୍ଷ୍ମୀଙ୍କର ବାସସ୍ଥାନ । ଏଥିପାଇଁ ନିଜ କିଚେନ୍‌କୁ ସବୁବେଳେ ସଫାସୁତୁରା ରଖନ୍ତୁ।



# ପିଲାଙ୍କୁ ଖୁଆଉଥିଲେ...

ପିଲାଟିଏ ଜନ୍ମହେବା ପରେ ତାହାର ଲାଳନପାଳନ ଦାୟିତ୍ୱ ମା'ଙ୍କୁ ହିଁ ନେବାକୁ ପଡ଼ିଥାଏ। କାରଣ ଶିଶୁଟିକୁ ଠିକ୍ ସମୟରେ ଖୁଆଇବା ସହ ତାହାର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା ଉପରେ ଜନ୍ମଦାତ୍ରୀ ମା'ଙ୍କୁ ତୀକ୍ଷଣ ନଜର ରଖିବାକୁ ପଡ଼ିଥାଏ। ତେବେ ପିଲାଟିର ଖାଦ୍ୟପେୟ ବିଷୟରେ ମା'ମାନେ କେତେକ ବିଷୟ ପ୍ରତି ଧ୍ୟାନଦେବା ନିହାତି ଜରୁରୀ। ଜାଣନ୍ତୁ ସେ ସମ୍ପର୍କରେ...

ଶିଶୁଟିଏ ଜନ୍ମହେବା ପରେ ତାହାର ପ୍ରଥମ ଖାଦ୍ୟ ହେଲା ମା'ର କକ୍ଷୀର ବା କୋଲୋଷ୍ଟ୍ରମ । ତା'ପରେ ମା' କ୍ଷୀର ହିଁ ହେଉଛି ତାହାର ମୁଖ୍ୟ ଖାଦ୍ୟ। ବୟସ ବଢ଼ିବା ସହ ପିଲାଟି ତରଳ, ଅର୍ଦ୍ଧତରଳ ଏବଂ ପରେ ସାଧାରଣ ଖାଦ୍ୟ ଖାଇବା ଆରମ୍ଭ କରିଥାଏ। କେତେଜଣ ମା' ପିଲାକୁ ଖୁଆଇବା ସମୟରେ ଭାବନ୍ତି ଯେ, ପିଲାଟି ଯଦି ଏକାଥରେ ପୁଳାଏ ଖାଇଦେବ ତା'ହେଲେ ସେ ହୃଷ୍ଟପୁଷ୍ଟ ହେବ। ହେଲେ ଏଭଳି ଧାରଣା ଠିକ୍ ନୁହେଁ। ଜଣେ ପିଲାକୁ ଆବଶ୍ୟକ ପୁଡାବକ ଖାଦ୍ୟ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଖୁଆଇବା ଦରକାର।





**ଖାଦ୍ୟପେୟ :** ମା' କ୍ଷୀର ଖାଇବା ପରେ ପିଲାଟି ଯେତେବେଳେ ସାଧାରଣ ଖାଦ୍ୟ ଖାଇବା ଆରମ୍ଭକରେ, ସେ କ'ଣ କ'ଣ ଖାଇବା ଦରକାର ତାହା ପ୍ରଥମେ ମା' ଭଲ ଭାବରେ ଅବଗତ ହେବା ଦରକାର। ଏହି ସମୟରେ ସେ ଏଭଳି ଖାଦ୍ୟ ଖାଇବା ଦରକାର, ଯାହା ଠିକ୍ ଭାବରେ ହଜମ ହେଉଥିବା ଦରକାର। ଜବରଦସ୍ତି ଯଦି ପିଲାଟିକୁ ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖୁଆଯାଏ, ତେବେ ପିଲାଟି ଖାଇବାକୁ ଅରୁଚିବୋଧ କରିଥାଏ। ବେଳେବେଳେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଲେ ପିଲାଟି ଖାଦ୍ୟବାନ୍ତିପରି ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଏପରି କି ଯଦି ଏହି ସମସ୍ୟା ଜଟିଳ ଆକାର ଧାରଣକରେ ତେବେ ପିଲାଟିକୁ ହସ୍ପିଟାଲରେ ଆଡ୍‌ମିଶନକରି ଚିକିତ୍ସା କରିବାକୁ ପଡ଼ିଥାଏ। ତେଣୁ ପିଲାଟିକୁ ଖୁଆଇବା ବେଳେ ସେ ଥରକେ କେତେ ଖାଦ୍ୟ ଖାଇବ ପ୍ରଥମେ ତାହା ସ୍ଥିର କରନ୍ତୁ। ଶାନ୍ତ ମନରେ ଧୀରସ୍ଥିର ଭାବରେ ପିଲାଟିକୁ ଖୁଆଇଲେ ଖାଦ୍ୟ ପ୍ରତି ତାହାର ଆଗ୍ରହ ବଢ଼ିଥାଏ ଏବଂ ପରବର୍ତ୍ତୀ ସମୟରେ ସେ ଖାଦ୍ୟ ଖାଇବାକୁ ନିଜ ପଟରୁ ଆଗ୍ରହ ପ୍ରକାଶ କରେ।

**କିପରି ପିଲାକୁ ଖୁଆଇବେ :** ଛୋଟ ପିଲାଟିଏ ଯେ ସହଜରେ ଖାଇଦେବ-ଏଭଳି ଧାରଣା ପ୍ରଥମେ ନିଜ ମନରୁ ଦୂରେଇ ଦିଅନ୍ତୁ। କାରଣ ପ୍ରାରମ୍ଭରେ ପିଲାଟି ସାଧାରଣ ଖାଦ୍ୟ ପ୍ରତି ଅଭ୍ୟସ୍ତ ନ ଥାଏ। ତେଣୁ ସେଭଳି ଖାଦ୍ୟ ଦେଖିଲେ ସେ ଖାଇବାକୁ ସମସ୍ୟା ସୃଷ୍ଟି କରିଥାଏ। ଏହି ସମୟରେ ମା'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପିଲାଟିକୁ ଗପ କହି, ବୁଲାଇ, ଖେଳାଇ ତାହାର ମନକୁ ପ୍ରଥମେ ଖାଦ୍ୟ ପ୍ରତି ଆକର୍ଷିତ କରନ୍ତୁ। ପିଲାଟି ଯଦି ଖାଇବାକୁ ଆଗ୍ରହ ପ୍ରକାଶ କରୁନାହିଁ, ତାକୁ କିଛି ଖେଳନା ଦିଅନ୍ତୁ। ସେ ଖେଳିବା ଅବସ୍ଥାରେ ତାକୁ ଖାଦ୍ୟ ଖୁଆନ୍ତୁ। କଦାପି ପିଲାକୁ ବାଧ୍ୟକରି ଖାଦ୍ୟ ଖୁଆନ୍ତୁ ନାହିଁ। କାରଣ ଏହାଦ୍ୱାରା ସେ ନ ଖାଇବାକୁ ଜିଦ୍ ଧରିଥାଏ। ତେଣୁ ପିଲାଟିକୁ ଖୁଆଇବା ପୂର୍ବରୁ ତାକୁ ଏଭଳି ମାହୋଲ ଭିତରେ ରଖନ୍ତୁ, ଯେମିତି ସେ ସହଜରେ ଖାଦ୍ୟ ଖାଇପାରିବ।

**ସମୟ ନିର୍ଘଣ୍ଟ :** ପିଲାଟି କେତେବେଳେ ଖାଇବ ତାହାର ସମୟ ନିର୍ଘଣ୍ଟ ବିଷୟରେ ମା' ଅବଗତ ହେବା ନିହାତି ଦରକାର। ଘଣ୍ଟାଏ ୨ଘଣ୍ଟା ପୂର୍ବରୁ ପିଲାଟି ଖାଇଥିବ, ସେହି ସମୟରେ କେତେଜଣ ମା' ଭାବନ୍ତି ଯେ ଆହା, ପିଲାଟିକୁ ପୁଣି ଭୋକ କରିବଣି। ତେଣୁ ତାକୁ ପୁଣି ଖୁଆଇ ଥାଆନ୍ତି। ପିଲାଟିର ଖାଇବାର ସମୟ ନିର୍ଘଣ୍ଟ ବିଷୟରେ ଶିଶୁରୋଗ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ସବୁଠାରୁ ବଡ଼ କଥା ହେଲା, ପିଲାଟି ଏହି ସମୟରେ କେଉଁ ଖାଦ୍ୟ ଖାଇଲେ ତାହାର ଶାରୀରିକ ସହ ମାନସିକ ବିକାଶ ଘଟିବ ସେ ନେଇ ଜାଣିବା ଦରକାର। ତେଣୁ ଏ ବିଷୟରେ ସମ୍ପୃକ୍ତ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ।

**ବାଧ କରନ୍ତୁ ନାହିଁ :** କେତେଜଣ ମା' ଯେତେବେଳେ ପିଲାଟି ନ ଖାଇବାକୁ ଜିଦ୍ ଧରୁଛି ତାହାକୁ ଜବରଦସ୍ତି ଖୁଆଇଥାଆନ୍ତି। ଏପରିକି ନିଜେ ଅସ୍ଥିର ହୋଇପଡ଼ି ପିଲାଟିକୁ ମାରଧର କରନ୍ତି। କିନ୍ତୁ ପିଲାଙ୍କୁ ଖୁଆଇବାର ଏହା ଉଚିତ ଉପାୟ ନୁହେଁ। ପିଲାମାନେ ଚପଳମତି। ସେମାନଙ୍କୁ ବୁଝାଇଶୁଝାଇ ଖୁଆନ୍ତୁ। ସେମାନଙ୍କ ଉପରେ ବିରକ୍ତ ପ୍ରକାଶକଲେ ପିଲାଟି ଧୀରେ ଧୀରେ ଜିଦିଆ ହୋଇଯିବା ଆଶଙ୍କା ରହିଛି। ତେଣୁ ପ୍ରଥମେ ପିଲାକୁ ଏଭଳି ପରିବେଶ ଭିତରକୁ ଆଣନ୍ତୁ ଯେମିତି ତା'ର ଆଗ୍ରହ ଖାଦ୍ୟ ପ୍ରତି ଆସିବ। ଛୋଟ ପିଲାଟି ଯେ ସାଙ୍ଗେ ସାଙ୍ଗେ ଖାଇଦେବ-ଏ ଧାରଣା ମନରୁ ଦୂରକରନ୍ତୁ। ତାହାକୁ ଖୁଆଇବା ବେଳେ ଯେତେ ସମୟ ଆବଶ୍ୟକ ହେଉଛି ଦିଅନ୍ତୁ। ଦେଖିବେ, ଖାଦ୍ୟ ଖାଇବା ପ୍ରତି ତାହାର ଆଗ୍ରହ ଆସିଗଲେ ସେ ଆଉ ସମସ୍ୟା ସୃଷ୍ଟି କରିବ ନାହିଁ। ତେଣିକି ଆପଣ ଆରାମରେ ପିଲାଟିକୁ ଖୁଆଇପାରିବେ।

**ବୟସ ଅନୁପାତରେ ଖାଦ୍ୟ :** ପିଲାଟି ବୟସ ଅନୁପାତରେ ହିଁ ଖାଦ୍ୟ ଖାଇଥାଏ। କେଉଁ ବୟସରେ ପିଲାଟି କେଉଁ ଖାଦ୍ୟ କେତେ ପରିମାଣରେ ଖାଇବ ତାହା ପ୍ରଥମେ ମା' ଭଲ ଭାବରେ ଜାଣିବା ଦରକାର। ପିଲାଟିର ଶାରୀରିକ ବିକାଶ ପାଇଁ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖୁଆନ୍ତୁ। ଯଦି ଫୁଡ୍ ସପ୍ଲିମେଣ୍ଟ ଖୁଆଉଛନ୍ତି ତେବେ ଏ ନେଇ ଶିଶୁରୋଗ ଡାକ୍ତରଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।

**ସ୍ୱାସ୍ଥ୍ୟ ସମସ୍ୟା :** ପିଲାଟି ଖାଦ୍ୟ ଖାଇବା ସହ ତାହାର ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଅବଗତ ରୁହନ୍ତୁ। ପିଲାଟି ଯେତେବେଳେ ଅସୁସ୍ଥ ଅଛି ସେତେବେଳେ କ'ଣ ଖାଇବ ତାହା ଜାଣିବା ଦରକାର।

**ଛୋଟ ପିଲାଙ୍କୁ ଖୁଆଉଥିଲେ :** ଯେତେବେଳେ ୬ମାସର ଶିଶୁଟି ଖାଦ୍ୟ ଖୁଆଇବା ଆରମ୍ଭ କରିବେ ସେତେବେଳେ ତାକୁ ଅଳ୍ପ ଅଳ୍ପ କରି ଖୁଆନ୍ତୁ। ଖୁଆଇବା ସମୟରେ ଯଦି ସେ ବାରମ୍ବାର ପାଟିରୁ କାଢ଼ି ଦେଉଛି ତେବେ ବାଧ୍ୟରେ ଖୁଆନ୍ତୁ ନାହିଁ। ଏହି ସମୟରେ ପିଲାର ଶରୀରକୁ କେତେ ଖାଦ୍ୟ ଆବଶ୍ୟକ ସେ ସେହି ଅନୁଯାୟୀ ଖାଇଥାଏ। ଆବଶ୍ୟକତାଠାରୁ ଯଦି ସବୁବେଳେ ତାକୁ ଅଧିକ ଖାଦ୍ୟ ଖୁଆନ୍ତି, ତେବେ ପରବର୍ତ୍ତୀ ସମୟରେ ପିଲାଟି ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି।

### ପିଲାଙ୍କୁ ଜବରଦସ୍ତ ଖୁଆଇବା ଠିକ୍ ନୁହେଁ

ସାଧାରଣତଃ ଅଧିକାଂଶ ମା'ବାପାଙ୍କର ଅଭିଯୋଗ ସେମାନଙ୍କ ଶିଶୁ ଆଦୌ ଖାଉନାହିଁ। ଯଦି ଶିଶୁର ଓଜନ ଠିକ୍ ଅଛି,ଝାଡ଼ା ପରିସ୍ରା ଠିକ୍ ଭାବରେ ହେଉଛି ,ଶିଶୁ ଖୁସିରେ ଖେଳାଖେଳି,ଡିଆଁ ଡିଇଁ କରୁଛି ତେବେ ଆଦୌ ଚିନ୍ତିତ ହେବା ଉଚିତ ନୁହେଁ। ଶିଶୁକୁ ୩/୪ଘଣ୍ଟା ଅନ୍ତରରେ ଖାଇବାକୁ ଦେବା ଦରକାର। ମଝିରେ ପାଣି ବ୍ୟତୀତ ଅନ୍ୟ କିଛି ଖାଇବାକୁ ଦେବା ଉଚିତ ନୁହେଁ। ଶିଶୁଙ୍କୁ ଭୋକ ଲାଗିଲେ ସେ ଆପେ ଆପେ ଖାଇବ। ଯଦି ଶିଶୁ ଅସୁସ୍ଥ ଥାଏ ତେବେ ଭୋକ ଟିକେ କମ୍ ହେବ। ଭୋକ ନ ଥିବା ବେଳେ ଜବରଦସ୍ତ ଖୁଆଇବା ଅନୁଚିତ। ଶିଶୁକୁ ଭୁଲାଇ,ପଶୁପକ୍ଷୀ ବା ଖେଳନା ଦେଖାଇ ଖୁଆଇବା ଦରକାର। ଫୋନ୍ ବା ଟିଭି କେବେ ଖୁଆଇବା ବେଳେ ଦେଖାଇବେ ନାହିଁ। ଭୋକ ପାଇଁ କୌଣସି ଔଷଧ ଲେଖିବାକୁ ଡାକ୍ତରଙ୍କୁ ବାଧ୍ୟ କରନ୍ତୁ ନାହିଁ।

*-ଡା. ନୀଳମାଧବ ଜେନା (ଶିଶୁରୋଗ ବିଶେଷଜ୍ଞ, ପୂର୍ବତନ ସଭାପତି, ଭାରତୀୟ ଶିଶୁ ଚିକିତ୍ସକ ସଂଘ)*





ସୌନ୍ଦର୍ଯ୍ୟ

# କର୍ମଜୀବୀ ଓ କେଶ



ଯଦି ଆପଣ କର୍ମଜୀବୀ ଏବଂ ଠିକ୍ ଭାବରେ କେଶର ଦେଖାଶୁଣା କରିପାରୁନାହାନ୍ତି ,କେତୋଟି ଉପାୟକୁ ଆପଣାଇପାରନ୍ତି ଏହାଦ୍ୱାରା କମ୍ ସମୟରେ କେଶକୁ ମେଣ୍ଟେନ୍ କରିପାରିବେ ଏବଂ କେଶ ସୁନ୍ଦର ଦେଖାଯିବ ସେ ସମ୍ପର୍କରେ କେତୋଟି ଟିପ୍ସ...

»ସମୟ ବଞ୍ଚାଇବାକୁ ହେଲେ କେଶକୁ ଓଦା ହେବାଠାରୁ ଦୂରେଇ ରଖନ୍ତୁ।

»ଅଫିସ୍ ଏବଂ ଘର ଦୁଇଟିକୁ ଚଳାଇବା ସମୟରେ ସେଲ୍ଫ କେୟାର ନେବା ପାଇଁ ସମୟ ବାହାର କରନ୍ତୁ। ନିଜର ସ୍ୱାସ୍ଥ୍ୟ ବ୍ୟତୀତ କେଶର ଯତ୍ନ ନିଅନ୍ତୁ। ଠିକ୍ ଦେଖାଶୁଣା ଅଭାବରୁ କେଶ ଝଡ଼ିବାକୁ ଲାଗେ ଏବଂ ଡ୍ରାଏ ହେବାକୁ ଲାଗେ। ଏମିତିରେ ଏହାକୁ ମ୍ୟାନେଜ କରିବା ବହୁ କଷ୍ଟକର ହୋଇଥାଏ।

»ପ୍ରତିଦିନ କେଶ ଧୋଇବାରୁ ଦୂରେଇ ରୁହନ୍ତୁ

»ଆପଣ କେଶକୁ ସପ୍ତାହରେ ୩ଦିନ ସାମ୍ପୋ କରନ୍ତୁ। ନ ହେଲେ ଏହାକୁ ମ୍ୟାନେଜ୍ କରିବା ଲାଗି ଆପଣଙ୍କୁ କିଛି ସମୟ ଲାଗିପାରେ।

»ଗାଧୋଇବା ପୂର୍ବରୁ କେଶକୁ ଭଲ ଭାବରେ କୁଣ୍ଡାନ୍ତୁ।

»ମୁଣ୍ଡ ଧୋଇବା ପୂର୍ବରୁ କେଶକୁ ଭଲଭାବେ କୁଣ୍ଡାଇ ଦିଅନ୍ତୁ। ନଖ ଉଷୁମ ପାଣିରେ ମୁଣ୍ଡ ଧୁଅନ୍ତୁ।

»ଯଦି ଆପଣ କେଶରେ କେତେକ ପ୍ରକାର ପ୍ରଡକ୍ଟ ବ୍ୟବହାର କରୁଛନ୍ତି ତେବେ ଭଲ ହେବ ଆପଣ ନଖ ଉଷୁମ ପାଣିରେ ଧୁଅନ୍ତୁ। ଏପରି କରିବା ଦ୍ୱାରା କେମିକାଲ ପ୍ରଡକ୍ଟ ଯେମିତିକି ସେରମ୍,ଏସେସିୟଲ ଅଏଲ, କୌଣସି ପ୍ରକାର କେମିକାଲ ପ୍ରଡକ୍ଟ ବହୁତ ସହଜରେ କେଶରୁ ଛାଡ଼ିଯିବ।

»ସାମ୍ପୋ ପୂର୍ବରୁ ସାଧାରଣତଃ ହେୟାର କଣ୍ଡିସନିଂ କରାଯାଇଥାଏ। ଯଦି ଆପଣ ଜଲ୍‌ଦି କେଶକୁ କଣ୍ଡିସନିଂ କରିବାକୁ ଚାହାନ୍ତି ତେବେ ସଙ୍ଗେ ସଙ୍ଗେ କେଶରେ ତେଲ ଲଗାଇ ଦିଅନ୍ତୁ । ଏହାଦ୍ୱାରା ସାମ୍ପୋ କରିବା ପରେ କେଶରେ କଣ୍ଡିସନର ଲଗାଇବା ଅପେକ୍ଷା କରିବାକୁ ପଡ଼ିବନି। କେବଳ ଏତିକି ନୁହେଁ, କେଶ ଗ୍ରିସି ବି ଲାଗିବ ନାହିଁ।



ଖାଦ୍ୟରୁଚି

# ପନୀର ସାଣ୍ଡଉଇଚ୍

**ଆବଶ୍ୟକ ସାମଗ୍ରୀ**

୪ଟି ବ୍ରେଡ୍ ସ୍ଲାଇସ୍, ସ୍ୱାଦ ଅନୁସାରେ ଲୁଣ ୧ଚାମଚ, ୧/୮ଗୋଲମରିଚ ପାଉଡର, ଅଧାକପ୍ ପନୀର କଦୁକସ୍ କରାହୋଇଥିବା, କଟା ହୋଇଥିବା କଞ୍ଚାଲଙ୍କା,୧ ବଡ଼ ଚାମଚ କଟା ଧନିଆପତ୍ର,୧ ଚାମଚ ବଟର।



**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଏକ ପାତ୍ର ନିଅନ୍ତୁ। ସେଥିରେ ପନୀର,ଗୋଲମରିଚ ପାଉଡର,କଞ୍ଚାଲଙ୍କା, ଧନିଆଁ ପତ୍ରକୁ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ବ୍ରେଡ୍ ସ୍ଲାଇସ ରେଡ଼ି କରି ରଖନ୍ତୁ। ଏହି ବ୍ରେଡ୍ ସ୍ଲାଇସ୍ ଉପରେ ବଟରର ଏକ ପତଳା ଲେୟାର ଦେଲା ପରେ ଏହା ଉପରେ ଟମାଟୋସସ୍ ନିଅନ୍ତୁ ଏବଂ ପୁରା ବ୍ରେଡ୍ ଉପରେ ପକାଇ ଦିଅନ୍ତୁ। ଏକ ଫ୍ଲେବର ପାଇବାକୁ ହେଲେ ରସୁଣ ପେଷ୍ଟ ଟିକେ ପକାଇ ଘାଣ୍ଟି ଦିଅନ୍ତୁ। ଏହିପରି ଅନ୍ୟ ବ୍ରେଡ୍ ସ୍ଲାଇସ୍ ମଧ୍ୟ ପ୍ରସ୍ତୁତ ରଖନ୍ତୁ। ଟିକେ ରାଗ ଲାଗିବା ପାଇଁ ଉପରେ ଲଙ୍କାଗୁଣ୍ଡ ପାଉଡର ପକାଇପାରିବେ। ଏବେ ପ୍ରିଲିଙ୍କୁ ବ୍ରେଡ୍ ସ୍ଲାଇସ୍ ଉପରେ ଦିଅନ୍ତୁ। ଏହାକୁ ଭଲଭାବେ ସେଟ୍‌କରି ଅନ୍ୟ ବ୍ରେଡ୍‌କୁ ତା'ଉପରେ ଥୋଇଦିଅନ୍ତୁ। ଏବେ ବ୍ରେଡ୍‌କୁ ସେକିବା ଲାଗି ଦୁଇପଟରେ ବଟର ଲଗାଇ ଦିଅନ୍ତୁ। ଏବେ ଏହାକୁ ସେକିବା ଲାଗି ସାଣ୍ଡଉଇଚ୍ ମେକରରେ ଥୋଇ ସେକି ଦିଅନ୍ତୁ। ଏହା ହୋଇଗଲା ପରେ ତାକୁ କାଢ଼ି ଟ୍ରାଙ୍ଗଲ ସେପ୍‌ରେ କାଟି ଦିଅନ୍ତୁ। ଏବେ ଏହାକୁ ଟମାଟୋ ସସ୍ କିମ୍ବା ଗ୍ରୀନ୍ ଚଟଣି ସହ ଖାଇପାରିବେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨/୨୦୨୪ Bhubaneswar, Tuesday, July 2/ 2024



ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଆମେରିକାର ମ୍ୟାକକର୍ଟନେ କେସଲେରଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳିବା ଅବସରରେ ଗ୍ରୀସ୍‌ର ମାରିଆ ସାକାରି।

# ସିଡେଡ୍ ଖେଳାଳିଙ୍କ ବିଜୟ ଅଭିଯାନ

## ୱିମ୍ବେଲଡନ୍ ଟେନିସ୍

**ଲଣ୍ଡନ,୧୭**

ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ୍ ଇଭେଣ୍ଟ ୱିମ୍ବେଲଡନ୍ ସୋମବାର ଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନର ଖେଳରେ ଏକାଧିକ ସିଡେଡ ଖେଳାଳି ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ବର୍ଗରେ ଡିଫେଣ୍ଡିଂ ଚାମ୍ପିୟନ କାର୍ଲୋସ ଅଲକାରାଜ ଗାର୍ଫିଆ, ଡାନିଲ୍ ମେଡଭେଡେଭ, କାସ୍ପର ରୁଡ୍, ଡେନିସ ଶାପୋଭାଲୋଭ ବିଜୟ ହାସଲ କରିଛନ୍ତି। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ସ୍ପେନର କାର୍ଲୋସ ଅଲକାରାଜ ଗାର୍ଫିଆ ୭-୬(୬/୩), ୭-୫ ଓ ୬-୨ ସେଟରେ ଅଣସିଡେଡ ଇସ୍ତୋନିଆର ମାର୍କ ଲଜାଲଙ୍କୁ ପରାସ୍ତ କରିଛନ୍ତି। ୫ ନମ୍ବର ସିଡ ରୁଷିଆର ଡାନିଲ ମେଡଭେଡେଭ ୬-୩, ୬-୪ ଓ ୬-୨ ସେଟ୍‌ରେ ଆମେରିକାର ଆଲେକଜାଣ୍ଡାର କୋଭାସେଭିକଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୮ ନମ୍ବର ସିଡ୍ ନରୱେର କାସ୍ପର ରୁଡ୍ ୭-୬(୭/୨), ୬-୪ ଓ ୬-୪ ସେଟରେ ସ୍ଥାନୀୟ ଖେଳାଳି ଆଲେକ୍ସ ବୋଲ୍ଟଙ୍କୁ ପରାସ୍ତ କରିଛନ୍ତି। ସେହିପରି କାନାଡାର ଡେନିସ ଶାପୋଭାଲୋଭ ୬-୧, ୭-୫ ଓ ୬-୪ ସେଟରେ ଚିଲିର ନିକୋଲାସ ଜାରିଙ୍କୁ ପରାସ୍ତ କରିଛନ୍ତି।

ମହିଳା ଖେଳାଳିଙ୍କ ମଧ୍ୟରେ ଗ୍ରୀସ୍‌ର ମାରିଆ ସାକ୍କାରି, ଫ୍ରେଞ୍ଚ ଓପନ ରନର ଅପ୍ ଜସ୍‌ମିନ ପାଓଲିନି, ଏଲେନ୍ ମର୍ଟେନ୍ସ ଓ ଦାରିଆ କାସାଟକିନା ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୯ ନମ୍ବର ସ୍ଥାନରେ ଥିବା ମାରିଆ ସାକ୍କାରି ୬-୩, ୬-୧ ସେଟରେ ଆମେରିକାର ମ୍ୟାକକର୍ଟନେ କେସଲେର, ୭ ନମ୍ବର ସିଡ୍ ଜସ୍‌ମିନ ପାଓଲିନି ୭-୫, ୬-୩ ସେଟରେ ସ୍ପେନର ସାରା ସୋରିବେସ୍ ଟର୍ମିଙ୍କୁ, ଏଲେନ୍ ମର୍ଟେନ୍ସ ୨-୬, ୬-୨, ୬-୪ ସେଟରେ ଜାପାନର ନାଓ ହିବିନୋଙ୍କୁ ଓ ୧୪ ନମ୍ବର ସିଡ୍ ଦାରିଆ କାସାଟକିନା ୬-୩, ୬-୦ ସେଟରେ ଚାଇନାର ଶୁଆଇ ଝାଙ୍ଗଙ୍କୁ ପରାସ୍ତ କରିଛନ୍ତି।



ବିଜୟରେ ଉଲ୍ଲସିତ କାର୍ଲୋସ ଅଲକାରାଜ ଗାର୍ଫିଆ।

# ଅଟକିରହିଛି ଭାରତୀୟ କ୍ରିକେଟ ଦଳ

## ବାର୍ବାଡୋସରେ ଝଡ଼ ତୋଫାନ

**ବ୍ରିଜଟାଉନ୍, ୧୭ (ପି.ଟି.)**

ସୋମବାର ପ୍ରତ୍ୟୁଷରେ ବାର୍ବାଡୋସରେ ଝଡ଼ ତୋଫାନ ଯୋଗୁ ଟି୨୦ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ ଦଳ ସେଠାରେ ଅଟକି ରହିଛି। ଫଳତଃ ସେମାନେ ଅତିକମ୍‌ରେ ଆଉ ଏକ ଦିନ ବିଳମ୍ବରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ଶନିବାର ରାତିରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ବିଶ୍ୱକପ୍ ଫାଇନାଲ ଜିତିବାପରଠାରୁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ଏକ ପଞ୍ଚ ତାରକା ହୋଟେଲରେ ଅବସ୍ଥାନ କରୁଛନ୍ତି। ବାର୍ବାଡୋସର ଜନସଂଖ୍ୟା ହେଉଛି ପାଖାପାଖି ୩ ଲକ୍ଷ। ରବିବାର ସନ୍ଧ୍ୟାରୁ ଏକ ପ୍ରକାର ଲକଡାଉନ୍‌ରେ ରହିଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଦେଶର ମୁଖ୍ୟ ବିମାନ ବନ୍ଦର ବନ୍ଦ ରହିଛି। ବିଦ୍ୟୁତ ସେବା ଓ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି, ସ୍ଥାନୀୟ ଲୋକଙ୍କ ଭଳି ଆମେ ଏଠାରେ ଫସିଯାଇଛୁ। ବର୍ତ୍ତମାନ ଆମେ କିପରି ଶୀଘ୍ର ସୁରକ୍ଷିତ ଭାବେ ଏଠାରୁ ମୁକୁଳିବୁ ସେ କଥା ଚିନ୍ତା କରାଯାଉଛି। ଭାରତରେ ପହଞ୍ଚିବା ପରେ ସମ୍ବର୍ଦ୍ଧନା କଥା ଚିନ୍ତା କରାଯିବ।

## ଆଇସିସି ଟି୨୦ ଟିମ୍‌ରେ ୬ ଭାରତୀୟ

**ଦୁବାଇ, ୧୭ (ପି.ଟି.)**

ନିକଟରେ ଶେଷ ହୋଇଥିବା ଟି୨୦ ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏହାର 'ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ' ଘୋଷଣା କରିଛି। ଏଥିରେ ୬ ଭାରତୀୟ ସ୍ଥାନ ପାଇଛନ୍ତି। କିନ୍ତୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ମ୍ୟାଚ ବିଜୟୀ ଇନିଂସ ଖେଳିଥିବା ବିରାଟ କୋହଲିଙ୍କୁ ଏଥିରେ ନିଆଯାଇ ନାହିଁ। ଆଇସିସି ଏକାଦଶରେ ସ୍ଥାନ ପାଇଥିବା ଭାରତୀୟ ଖେଳାଳିମାନେ ହେଲେ ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ ଓ ୨ପେସ୍ ବୋଲର ଯଶ୍‌ପ୍ରୀତ ବୁମ୍‌ରା ଓ ଅର୍ଶଦୀପ ସିଂ। ସେମିଫାଇନାଲ ଫିନିଶ କରିଥିବା ଆଫଗାନିସ୍ତାନର ୩ଜଣ ଖେଳାଳି ଆଇସିସି ଟିମ୍‌ରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଫଜଲହକ୍ ଫାରୁକି, ରହମାନୁଲ୍ଲା ଗୁରବାଜ ଓ ରଶିଦ ଖାଁ। ୧୧ଜଣିଆ ଦଳରେ ସ୍ଥାନ ପାଇଥିବା ଅନ୍ୟ ୨ ଖେଳାଳି ହେଲେ ଅଷ୍ଟ୍ରେଲିଆର ମାର୍କସ ଷ୍ଟୋଇନିସ ଓ ୱେଷ୍ଟଇଣ୍ଡିଜର ନିକୋଲାସ ପୁରନ। ରନର ଅପ୍ ଦକ୍ଷିଣ ଆଫ୍ରିକାର ଜଣେ ହେଲେ ଖେଳାଳି ଆଇସିସି ଏକାଦଶରେ ସ୍ଥାନ ପାଇନାହାନ୍ତି। ତେବେ ପେସ୍ ବୋଲର ଏନ୍‌ରିଚ୍ ନର୍ଜେଙ୍କୁ ଦ୍ୱାଦଶ ଖେଳାଳି ଭାବେ ନିଆଯାଇଛି।

**ଆଇସିସି ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ:** ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଯଶ୍‌ପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂ (ସମସ୍ତେ ଭାରତୀୟ) ; ରହମାନୁଲ୍ଲା ଗୁରବାଜ, ରଶିଦ ଖାନ୍, ଫଜଲହକ୍ ଫାରୁକି (ଆଫଗାନିସ୍ତାନ) ; ମାର୍କସ ଷ୍ଟୋଇନିସ (ଅଷ୍ଟ୍ରେଲିଆ) ଓ ନିକୋଲାସ ପୁରନ (ୱେଷ୍ଟଇଣ୍ଡିଜ) ; ଦ୍ୱାଦଶ ଖେଳାଳି: ଏନ୍‌ରିଚ୍ ନର୍ଜେ।

# କାର୍ତ୍ତିକ ଆର୍‌ସିବିର ବ୍ୟାଟିଂ କୋଚ୍ ଓ ମେଣ୍ଟର

**ବେଙ୍ଗାଲୁରୁ, ୧୭ (ପି.ଟି.):** ଭାରତର ପୂର୍ବତନ ଉଇକେଟକିପର ଦୀନେଶ କାର୍ତ୍ତିକ ସୋମବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ବ୍ୟାଟିଂ କୋଚ୍ ଓ ମେଣ୍ଟର ଭାବେ ନିଯୁକ୍ତି ପାଇଛନ୍ତି। କାର୍ତ୍ତିକ ଗତ ମାସରେ କ୍ରିକେଟର ସମସ୍ତ ଫର୍ମାଟ୍‌ରୁ ତାଙ୍କର ଇସ୍ତଫା ପ୍ରଦାନ କରିଛନ୍ତି। କାର୍ତ୍ତିକ ନୂଆ ଅବତାରରେ ଦଳକୁ ଫେରିଥିବାରୁ ଆର୍‌ସିବି ତରଫରୁ 'ଏକ୍ସ'ରେ ତାଙ୍କୁ ସ୍ୱାଗତ କରାଯାଇଛି। ଗତ ସିଜନରେ ଆର୍‌ସିବି ତରଫରୁ ତାଙ୍କ ପ୍ରଦର୍ଶନ ଦର୍ଶନୀୟ ରହିଥିଲା। ସେ ଫିନିଶର ଭୂମିକା ନିର୍ବାହକରି ୩୬.୨୨ ଆଭରେଜରେ ୩୨୬ ରନ୍ ସଂଗ୍ରହ କରିଥିଲେ। ତାଙ୍କ ଷ୍ଟ୍ରାଇକ୍ ରେଟ୍ ୧୮୭.୩୬ ରହିଥିଲା। ଆର୍‌ସିବି ଏଲିମିନେଟରରେ ରାଜସ୍ଥାନ ରୟାଲ୍ସଠାରୁ ହାରିଯିବା ପରେ ତାଙ୍କୁ ଭାବାବେଗପୂର୍ଣ୍ଣ ବିଦାୟ ଦିଆଯାଇଥିଲା। ସେ ଆଇପିଏଲ୍‌ରେ ୫ଟି ଫ୍ରାଞ୍ଚାଇଜରୁ ପ୍ରତିନିଧିତ୍ୱ କରିଛନ୍ତି। ସେ କୋଲକାତା ନାଇଟ୍ ରାଇଡର୍ସ, ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ ଡେୟାର ଡେଭିଲ୍ସ, କିଙ୍ଗ୍ସ ଏକାଦଶ ପଞ୍ଜାବ ଓ ଆର୍‌ସିବି ତରଫରୁ ଖେଳିଛନ୍ତି। ସେ ୨୬.୩୨ ଆଭରେଜରେ ୪,୮୪୨ ରନ ସଂଗ୍ରହ କରିଛନ୍ତି। ଭାରତ ତରଫରୁ ସେ ୯୪ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳି ୨ ଅର୍ଦ୍ଧଶତକ ସହ ୧,୭୫୨ ରନ ସଂଗ୍ରହ କରିଛନ୍ତି। କାର୍ତ୍ତିକ ୨୬ଟି ଟେଷ୍ଟ ମ୍ୟାଚରେ ବାଂଲାଦେଶ ବିପକ୍ଷରେ ଏକ ଶତକ ସମେତ ୧,୦୨୫ ରନ ସଂଗ୍ରହ କରିଛନ୍ତି। ଏହାଛଡ଼ା ସେ ୬୦ ଅନ୍ତର୍ଜାତୀୟ ଟି୨୦ ଖେଳି ୧୪୨ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ୍ ରେଟ୍‌ରେ ୨୬.୩୮ ଆଭରେଜ ସହ ୬୮୬ରନ ସଂଗ୍ରହ କରିଥିଲେ।

# ୟୁରୋ କପ୍: କ୍ୱାର୍ଟରରେ ଇଂଲଣ୍ଡ, ସ୍ପେନ୍

**ଗ୍ଲେସେନକିର୍ଚେନ,୧୭(ପି.ଟି.)**

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ଫୁଟବଲ ୨୦୨୪ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଇଂଲଣ୍ଡ ଓ ସ୍ପେନ। ଇଂଲଣ୍ଡ ଅତିରିକ୍ତ ସମୟରେ ସ୍ଲୋଭାକିଆକୁ ୨-୧ରେ ହରାଇଥିବା ବେଳେ ସ୍ପେନ ୪-୧ରେ ଜର୍ଜିଆକୁ ପରାସ୍ତ କରିଥିଲା।

ବେଲିଙ୍ଗହାମଙ୍କ ଗୋଲରେ ଇଂଲଣ୍ଡ ବିଜୟୀ: ସ୍ଲୋଭାକିଆ ବିପକ୍ଷ ୟୁରୋ କପ୍ ରାଉଣ୍ଡ ଅଫ୍ ୧୬ ମୁକାବିଲାକୁ ୨-୧ରେ ଜିତି ନେଇଥିଲା ଇଂଲଣ୍ଡ। ଭେଲ୍ଟିନ୍ସ ଆରେନାରେ ଖେଳା ଯାଇଥିବା ମ୍ୟାଚ୍‌ରେ ଇଂଲଣ୍ଡ ୬୩ ପ୍ରତିଶତ ସମୟ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲା। ତେବେ ୨୫ ତମ ମିନିଟରେ ସ୍ଲୋଭାକିଆର ଇଭାନ୍ ସ୍ରାଞ୍ଜ ଏକ ଗୋଲ ଦେଇଥିଲେ। ୯୦ ମିନିଟ ପର୍ଯ୍ୟନ୍ତ ଇଂଲଣ୍ଡ ସ୍କୋର କରିବା ପ୍ରୟାସରେ ନିଷ୍ଫଳ ହୋଇଥିଲା। ମ୍ୟାଚ୍ ଶେଷ ହେବାକୁ ୨୦-୩୦ ସେକେଣ୍ଡ ସମୟ ବାକି ରହିଥିବା ବେଳେ ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍ ଏକ ଗୋଲ୍ ଦେଇଥିଲେ। ମ୍ୟାଚ୍ ସମାନ୍ତର ସ୍ଥିତିକୁ ଆସିବା ପରେ ଏହା ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟରେ ୨୧ ବର୍ଷୀୟ ଜୁଡ୍ ବେଲିଙ୍ଗହାମ୍ ଏକ ଚମତ୍କାର ଗୋଲ କରି ଦଳକୁ ବିଜୟୀ କରିଥିଲେ। କାଇଲ୍ ୱାକର ଏକ ଲମ୍ବା ପାଶ ଦେଇଥିବା ବେଳେ ବକ୍ସ ମଧ୍ୟରେ ଥିବା ବେଲିଙ୍ଗହାମ୍ ଚମତ୍କାର ଓଭରହେଡ୍ ଶଟ୍ ସହ ଏହାକୁ ଗୋଲରେ ପରିଣତ କରିଥିଲେ। ଇଂଲଣ୍ଡ କ୍ୱାର୍ଟର ଫାଇନାଲରେ ସୁଇଜରଲାଣ୍ଡକୁ ଭେଟିବ।

ସ୍ପେନ୍୪, ଜର୍ଜିଆ-୧: ଆତ୍ମଘାତୀ ଗୋଲ ବଳରେ ପଛୁଆ ରହିଥିଲେ ମଧ୍ୟ ଏଥିରୁ ପ୍ରତ୍ୟାବର୍ତ୍ତନ କରି ୪-୧ ଗୋଲରେ ବିଜୟୀ ହୋଇଛି ସ୍ପେନ୍। ପ୍ରଥମ ଥର ୟୁରୋ କପ୍ ଖେଳିଥିବା ଜର୍ଜିଆକୁ ଦଳ ୪-୧ରେ ପରାସ୍ତ କରିଥିଲା। ୧୮ ତମ ମିନିଟରେ ରବିନ ଲେ ନର୍ମାଣ୍ଡଙ୍କ ଆତ୍ମଘାତୀ ଗୋଲ କାରଣରୁ ୧-୦ରେ ଆଗୁଆ ହୋଇଥିଲା। ତେବେ ରୋଡ୍ରି ୩୯ ତମ ମିନିଟରେ ଏକ ଗୋଲ ଦେଇ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପ୍ରଥମାର୍ଦ୍ଧ ୧-୧ରେ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଫାବିଆନ୍ ରୁଇଜ(୫୧), ନିକୋ ୱିଲିୟମ୍ସ(୭୫) ଓ ଡାନି ଓଲ୍‌ମୋ(୮୩) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ସ୍ପେନକୁ ବିଜୟୀ କରିଥିଲେ। ଏହା ସହ ଶୁକ୍ରବାର ଷ୍ଟୁଟଗାର୍ଟରେ ଆୟୋଜକ ଜର୍ମାନୀ ବିପକ୍ଷରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବ ସ୍ପେନ୍।



ଅତିରିକ୍ତ ସମୟରେ ଓଭରହେଡ୍ କିକ୍ ମାରି ଗୋଲ ସ୍କୋର କରିବା ଅବସରରେ ଇଂଲଣ୍ଡର ଜୁଡ୍ ବେଲିଙ୍ଗହାମ।

# ମହୀତୋଷଙ୍କୁ ଦ୍ୱିତୀୟ ଆଇଏମ୍ ନର୍ମ

**ଭୁବନେଶ୍ୱର, ୧୭ (ତପନ ସ୍ୱାଇଁ)**

ରାଜ୍ୟର ଅନ୍ୟତମ ଉଦୀୟମାନ ଚେସ୍ ପ୍ରତିଭା ମହୀତୋଷ ଦେ ନିଜ ଲକ୍ଷ୍ୟ ପଥରେ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି। ପୋଲାଣ୍ଡର କ୍ରାକୋଠାରେ ଜୁନ୍ ୨୨ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ୧୨ଶ କ୍ରାକୋ ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ଦ୍ୱିତୀୟ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ନର୍ମ ହାସଲ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୬୪ତମ ସ୍ଥାନରୁ ଖେଳିବା ଆରମ୍ଭ କରିଥିବା ଏହି ଚେସ୍ ପ୍ରତିଭା ୩ ବିଜୟ, ୪ ଡ୍ର ଓ ୨ ପରାଜୟ ସହ ୨୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ୨୨୩୨ ରେଟିଂରେ ଥିବା ମହୀତୋଷ ଚାମ୍ପିୟନଶିପ୍‌ରୁ ୫୧ ଏଲୋ ରେଟିଂ ହାସଲ କରିଥିଲେ। ସେ ଆଗକୁ ଆଇଏମ୍ ଏବଂ ଗ୍ରାଣ୍ଡମାଷ୍ଟର (ଜିଏମ୍) ଟାଇଟଲ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସରକାରୀ କିମ୍ବା ବେସରକାରୀ ପ୍ରୋତ୍ସାହନ ମିଳିଲେ ତାଙ୍କ ପାଇଁ ଏହିସବୁ ଟାଇଟଲ ଜିତିବା ଅଧିକ ସହଜ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଭୁବନେଶ୍ୱରର ମହୀତୋଷଙ୍କ ନାମ ଅପର୍ଣ୍ଣା ସାମଲ ଓ ବାପା ମଧୁସୂଦନ ଦେ। ରାଜ୍ୟର ପ୍ରତିଷ୍ଠିତ କୋଚ୍ ସତ୍ୟ ରଞ୍ଜନ ପଟ୍ଟନାୟକ ଓ ରବୀନ୍ଦ୍ର କୁମାର ଓଝାଙ୍କଠାରୁ କୋଚିଂ ନେଇ ନିଜ ପ୍ରତିଭାକୁ ବିକଶିତ କରିଥିଲେ ମହୀତୋଷ। ଏବେ ସେ ୟୁକ୍ରେନର ଫାରୁଖ ଆମାନୋଟୋଭଙ୍କଠାରୁ ଅନ୍‌ଲାଇନ୍‌ରେ କୋଚିଂ ନେଉଛନ୍ତି ବୋଲି ତାଙ୍କ ବାପା ମଧୁସୂଦନ ଦେ ପ୍ରକାଶ କରିଛନ୍ତି। ନିଜର ପ୍ରଥମ ଆଇଏମ୍ ନର୍ମ ସେ ୨୦୨୨ରେ ସର୍ବିୟାରେ ଅନୁଷ୍ଠିତ ଟୁର୍ନାମେଣ୍ଟରୁ ହାସଲ କରିଥିଲେ।



ଦ୍ୱିତୀୟ ଆଇଏମ୍ ନର୍ମ ପ୍ରମାଣପତ୍ର ସହ ମହୀତୋଷ ଦେ।

# ସିନିୟର ଖେଳିବେ ଚାମ୍ପିୟନ୍ସ ଟ୍ରଫି ଓ ଟେଷ୍ଟ ଚାମ୍ପିୟନଶିପ୍

**ବ୍ରିଜଟାଉନ୍, ୧୭ (ପି.ଟି.)**

ଆସନ୍ତାବର୍ଷ ଚାମ୍ପିୟନ୍ସ ଟ୍ରଫି ଏବଂ ଭାରତ ଯଦି ଯୋଗ୍ୟତା ଅର୍ଜନ କରେ ତେବେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲରେ ସିନିୟର ଖେଳାଳିଙ୍କୁ ନିଆଯିବ। ଏଠାରେ ଗଣମାଧ୍ୟମକୁ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଏକଥା ପ୍ରକାଶ କରିଛନ୍ତି। ରୋହିତ ଶର୍ମା ଅବସର ନେଇଥିବାରୁ ତାଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ ଟି୨୦ ଦଳର ଅଧିନାୟକ ହେବେ କି ବୋଲି ଏକ ପ୍ରଶ୍ନର ଉତ୍ତରରେ ଶାହା କହିଥିଲେ, ଏହି ବ୍ୟାପାରରେ କେବଳ ଚୟନକର୍ତ୍ତାମାନେ ଯାହା ନିଷ୍ପତ୍ତି ନେଇପାରିବେ। ଟି୨୦ ବିଶ୍ୱକପ୍ ସଫଳତା ପଛରେ ସିନିୟରମାନଙ୍କ ଭୂମିକାକୁ ଶାହା ଉଚ୍ଚ ପ୍ରଶଂସା କରିଥିଲେ। ଟୁର୍ନାମେଣ୍ଟ ଶେଷରେ ଅଧିନାୟକ ରୋହିତ, ସିନିୟର ବ୍ୟାଟିଂ ଷ୍ଟାର ବିରାଟ କୋହଲି ଏବଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଅନ୍ତର୍ଜାତୀୟ ଟି୨୦ରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ୩ ମହାନ୍ ଖେଳାଳିଙ୍କ ଅବ୍ୟାହତି ପରେ ପରବର୍ତ୍ତୀ ଯୋଜନା କ'ଣ ବୋଲି ପ୍ରଶ୍ନ ହେବାରୁ ସେ କହିଥିଲେ, ଦଳ ଅଗ୍ରଗତି କରୁଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଓ ଚାମ୍ପିୟନ୍ସ ଟ୍ରଫି ଜିତିବା ହେଉଛି ଆମର ପରବର୍ତ୍ତୀ ଟାର୍ଗେଟ। ସେଠାରେ ମଧ୍ୟ ଏକ ସମାନ ଦଳ ଖେଳିବ। ଦଳରେ ସିନିୟରମାନେ ମଧ୍ୟ ରହିବେ। ଆସନ୍ତାବର୍ଷ ଫେବୃଆରୀ-ମାର୍ଚ୍ଚରେ ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି ଖେଳାଯିବ। ଏହା ପୂର୍ବରୁ ଖେଳାଯିବାକୁଥିବା ୯ ଅନ୍ତର୍ଜାତୀୟ ଦିନିକିଆ ପାଇଁ ସିନିୟର ଖେଳାଳିମାନେ ଉପଲବ୍ଧ ହେବେ ବୋଲି ସେ ଆଶା କରୁଛନ୍ତି। କାର୍ଯ୍ୟସୂଚୀ ଅନୁସାରେ ଶ୍ରୀଲଙ୍କା (ଆୱେ), ନ୍ୟୁଜିଲାଣ୍ଡ (ହୋମ୍) ଓ ଇଂଲଣ୍ଡ (ହୋମ୍) ବିପକ୍ଷରେ ତିନୋଟି ଲେଖାଏଁ ମ୍ୟାଚ ଖେଳିବ। ବିଶ୍ୱକପ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଚମତ୍କାର ପ୍ରଦର୍ଶନ କରିଛନ୍ତି। ରୋହିତଙ୍କ ସ୍ଥାନରେ ତାଙ୍କୁ ସୁଯୋଗ ଦିଆଯିବ କି ବୋଲି ପଚରାଯିବାରେ ଅଧିନାୟକତ୍ୱ କାହାକୁ ଦିଆଯିବ ତାହା ଚୟନକର୍ତ୍ତାମାନେ ସ୍ଥିର କରିବେ। ସେମାନଙ୍କ ସହ ଆଲୋଚନା ପରେ ଆମେ ବିଧିବଦ୍ଧ ଭାବେ ନାମ ଘୋଷଣା କରିବୁ। ହାର୍ଦ୍ଦିକଙ୍କ ଫର୍ମକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। କିନ୍ତୁ ଚୟନକର୍ତ୍ତାମାନେ ତାଙ୍କ ଉପରେ ଭରସା କରିଥିଲେ। ସେ ନିଜେ ତାହା କାର୍ଯ୍ୟରେ କରି ଦେଖାଇଲେ। ପାଣ୍ଡ୍ୟା ଆହୁରି ମଧ୍ୟ ଏହି ଫର୍ମାଟ୍‌ରେ ରୋହିତଙ୍କ ଡେପୁଟି ଭାବେ କାର୍ଯ୍ୟ କରିଛନ୍ତି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ